ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ବୁଧବାର, ଏପ୍ରିଲ ୯/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, April 9/2025 | Page 14 | ₹ 7.00
୫୧ଶ ଭାଗ ୧୩୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 134 | ମୂଲ୍ୟ ₹୭/-



**'ରେଡ୍ ୨': ରିତେଶ, ଅଜୟ୍ ଟକ୍କର**

ଅଭିନେତା ଅଜୟ୍ ଦେବଗନ ଓ ରିତେଶ ଦେଶମୁଖଙ୍କ ଆଗାମୀ ଫିଲ୍ମ 'ରେଡ୍ ୨'ର ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି।

୦୨

୧୪

**ପ୍ରିୟାଂଶଙ୍କ ଶତକ**

ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଶତକ ହାସଲ କରିଛନ୍ତି ପଞ୍ଜାବ କିଙ୍ଗ୍ସର ପ୍ରିୟାଂଶ ଆର୍ଯ୍ୟ।










କେନ୍ଦ୍ରୀୟ ଫିଲିପାଇନ୍ସସ୍ଥିତ କାନ୍‌ଲାଓନ୍ ଆଗ୍ନେୟଗିରି ମଙ୍ଗଳବାର ଉଦ୍‌ଗିରଣ ହୋଇଛି। ଏହାର ପ୍ରଭାବରେ ଆକାଶ ୪ କି.ମି. ଉଚ୍ଚତା ପର୍ଯ୍ୟନ୍ତ ପାଉଁଶରେ ଆଚ୍ଛାଦିତ ହୋଇଯାଇଛି।

# ମେ' ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ପରୀକ୍ଷାଫଳ

କଟକ,୮।୪(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷା ଖାତାଦେଖା କାର୍ଯ୍ୟ ଶେଷ ହେବାକୁ ଆଉ ୨ ଦିନ ସମୟ ଲାଗିବ। ପରେ ସମସ୍ତ ପ୍ରକ୍ରିୟା ଶେଷ କରାଯାଇ ଆସନ୍ତା ମେ' ଦ୍ୱିତୀୟ ସପ୍ତାହରେ ମାଟ୍ରିକ୍ ପରୀକ୍ଷାଫଳ ପ୍ରକାଶ ପାଇବ। ଏକସଙ୍ଗେ ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷାଫଳ ମଧ୍ୟ ପ୍ରକାଶିତ ହେବ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ମଙ୍ଗଳବାର ସୂଚନା ଦେଇଛନ୍ତି। ସେହିପରି ବିଜ୍ଞାନ ବିଷୟରେ ୪ ମାର୍କ ପ୍ରଶ୍ନ କମ୍ ଥିବା ପରୀକ୍ଷାର୍ଥୀଙ୍କୁ ଗ୍ରେସ୍ ମାର୍କ ଦିଆଯିବା ସମ୍ପର୍କରେ ଖୁବ୍‌ଶୀଘ୍ର ବୋର୍ଡର ପରୀକ୍ଷା ପରିଚାଳନା ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ତରାଇ କହିଛନ୍ତି।

ପ୍ରକାଶ ଯେ, ଗତ ମାର୍ଚ୍ଚ ୧୯ ତାରିଖରୁ ମାଟ୍ରିକ୍ ଖାତା ଦେଖା ଆରମ୍ଭ ହୋଇଛି। ରାଜ୍ୟର ୫୧ଟି ମୂଲ୍ୟାୟନ କେନ୍ଦ୍ରରେ ଖାତାଦେଖା ହୋଇଛି। ମୋଟ୍ ୧୧,୮୦୦ ଜଣ ପରୀକ୍ଷକ ଖାତାଦେଖା କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। କଡ଼ା ସୁରକ୍ଷା ବ୍ୟବସ୍ଥାରେ ମାଟ୍ରିକ୍, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ଦେଖାଯାଉଛି। ମାଟ୍ରିକ୍ ପରୀକ୍ଷା ଖାତାଦେଖା ପାଇଁ ୪୭ଟି ମୂଲ୍ୟାୟନ କେନ୍ଦ୍ର ହୋଇଥିବାବେଳେ ୨ଟି କେନ୍ଦ୍ରରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ଓ ୨ଟି କେନ୍ଦ୍ରରେ ମଧ୍ୟମା ପରୀକ୍ଷାର ଖାତା ମୂଲ୍ୟାୟନ ହେଉଛି। ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଖାତା ଦେଖା ହେଉଛି। ବିଭିନ୍ନ ଜିଲାରେ ଜିଲା ଶିକ୍ଷାଧିକାରୀ ମୂଲ୍ୟାୟନ ବ୍ୟବସ୍ଥାକୁ ପ୍ରତ୍ୟକ୍ଷ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ବଦଳୁ ବ୍ୟବସ୍ଥା**

# ମୂଳ ଲକ୍ଷ୍ୟ କଂଗ୍ରେସକୁ ନ ଯାଆନ୍ତୁ

ଭୁବନେଶ୍ୱର,୮।୪(ସୁନିତ୍ ମିଶ୍ର)

କେନ୍ଦ୍ରୀୟ ଭାଜପା ନେତୃତ୍ୱ ବୁଝିସାରିଲେଣି ନବୀନ-ପାଣ୍ଡିଆନ ବର୍ତ୍ତମାନ ଏକଘରିକିଆ ହୋଇଗଲେଣି। ତୃଣମୂଳସ୍ତର କର୍ମୀ ଆଉ ତାଙ୍କ ଉପରେ ଭରସା ରଖୁନାହାନ୍ତି କି ସେମାନଙ୍କ ପାଖରେ ରହିବେ ନାହିଁ। ୨୦୨୪ ସାଧାରଣ ନିର୍ବାଚନରେ ୨୪ ବର୍ଷୀୟ ବିଜେଡି ସରକାରର ବିପର୍ଯ୍ୟୟ ହେଲା। ଏହାପରେ ମଧ୍ୟ କେନ୍ଦ୍ର ଭାଜପା ବିଜେଡି ସବଳ ରହୁ ବୋଲି ଚାହୁଁଥିଲା। ଓଡ଼ିଶାରେ କଂଗ୍ରେସର ଯେପରି ଉତ୍ଥାନ ନ ହେବ ସେଥିଲାଗି ବିଜେଡିକୁ ସବଳ ରଖିବା ଭାଜପା ଶୀର୍ଷ ନେତୃତ୍ୱ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ଏଥିଲାଗି ରାଜ୍ୟରେ ଭାଜପା ସରକାରକୁ ୧୦ ମାସ ପୂରିବା ସତ୍ତ୍ୱେ ବିଜେଡିର ଦୁର୍ନୀତି ବିରୋଧରେ ସେଭଳି କୌଣସି ତଦନ୍ତ ରାଜ୍ୟ ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ ଗ୍ରହଣ କରାଯାଇ ନାହିଁ। ହେଲେ ପ୍ରଥମେ ଗତ ବିଧାନସଭା ଅଧିବେଶନ ସମୟରେ କଂଗ୍ରେସ ପକ୍ଷରୁ ଓଡ଼ିଶାରେ ସରକାର ବିରୋଧରେ ମାତ୍ରାଧିକ କାର୍ଯ୍ୟକ୍ରମ କରାଯିବା, ୱାକ୍‌ଫ ବିଲ୍‌କୁ ନେଇ ପ୍ରଥମେ ଏମ୍‌ପି ଦେବାଶିଷ ସାମନ୍ତରାୟଙ୍କ ବିବୃତି ଓ ପରେ ଏମ୍‌ପି ମୁଜିବୁଲ୍ଲା (ମୁନ୍ନା) ଖାଁଙ୍କ ସମର୍ଥକମାନେ ନବୀନ ନିବାସ ଭିତରେ ପାଣ୍ଡିଆନ ବିରୋଧୀ ସ୍ଲୋଗାନ ଦେବା ପରେ ଭାଜପା କେନ୍ଦ୍ରୀୟ ନେତୃତ୍ୱଙ୍କ ପୂର୍ବ ଆଭିମୁଖ୍ୟରେ ପରିବର୍ତ୍ତନ ଘଟିଛି। ସେମାନେ ବୁଝିଲେଣି ବିଜେଡିର ଆଉ ପୁରୁଣା ସ୍ଥିତି ନାହିଁ। ଦଳକୁ ନବୀନ-ପାଣ୍ଡିଆନ ଆଉ ସମ୍ଭାଳିପାରିଲା ଭଳି ସମ୍ଭାବନା ସେମାନେ ଦେଖିପାରୁ ନାହାନ୍ତି। ଏଠାରେ ସ୍ୱୀକାର କରିବାକୁ ହେବ ଯେ, ଏହି ରାଜନୈତିକ ଅପରେଶନକୁ କୌଣସି ସମ୍ପୃକ୍ତ ଦଳ ସ୍ୱୀକାର କରିବେ ନାହିଁ। ଏହାର ଏକ ଅନ୍ୟ କାରଣ ମଧ୍ୟ ହୋଇଥାଇପାରେ ଯେ, ଅତି ଉଚ୍ଚସ୍ତରରେ ଏହି କାର୍ଯ୍ୟ କରାଯାଉଥିବାରୁ ପ୍ରବକ୍ତାମାନଙ୍କ ସ୍ତରରେ ଏହା ପହଞ୍ଚିପାରି ନାହିଁ। ଏହି ପରିସ୍ଥିତି ଗତ ୪୮ରୁ ୭୨ ଘଣ୍ଟା ଭିତରେ ଘଟିବା ଆରମ୍ଭ ହୋଇଯାଇଛି। ୧୯୯୭ ମସିହା ଭଳି ବିଜେଡିକୁ ଭାଙ୍ଗି ଆଉ ଏକ ଆଞ୍ଚଳିକ ଦଳ ସୃଷ୍ଟି କରିବା ନିମନ୍ତେ ଏକ ବିଧିବଦ୍ଧ ପ୍ରକ୍ରିୟା ☞ପୃଷ୍ଠା-୧୧

# ବିଲ୍ ଚାପିପାରିବେନି ରାଜ୍ୟପାଳ

ନିର୍ବାଚିତ ସରକାରଙ୍କ ଦ୍ୱାରା ବିଧାନସଭାରେ ପାରିତ ବିଲ୍‌କୁ ରାଜ୍ୟପାଳ କୌଣସି ଆଳ ଦେଖାଇ ଚାପିପାରିବେ ନାହିଁ। ସେ ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ବିଧେୟକଗୁଡ଼ିକ ଉପରେ ସ୍ୱାକ୍ଷର କରିବାକୁ ବାଧ୍ୟ ବୋଲି ମଙ୍ଗଳବାର ସୁପ୍ରିମକୋର୍ଟ ସମ୍ବିଧାନର ଅନୁଚ୍ଛେଦ ୧୪୨ର ପ୍ରୟୋଗ କରି ଐତିହାସିକ ରାୟ ଦେଇଛନ୍ତି। ତାମିଲନାଡୁ ବିଧାନସଭାରେ ୨୦୨୦ରେ ଗୋଟିଏ ଏବଂ ୨୦୨୧ରୁ ୨୦୨୩ ମଧ୍ୟରେ ଗୃହୀତ ୯ଟି ବିଧେୟକ ଉପରେ ରାଜ୍ୟପାଳ ଆର୍.ଏନ୍. ରବି ମୋହର ଦେଇ ନ ଥିବାରୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୩ ନଭେମ୍ବର ୧୦ରେ ଭାରତର ତତ୍କାଳୀନ ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ ଅଚଳାବସ୍ଥାକୁ ଦୃଷ୍ଟିରେ ରଖି ରାଜ୍ୟପାଳଙ୍କ କାର୍ଯ୍ୟକୁ ଭର୍ତ୍ସନା କରିବା ସହ 'ନିଆଁ ସହ ଖେଳନାହିଁ' ବୋଲି ତାଙ୍କୁ ଚେତାବନୀ ଦେଇଥିଲେ। ଏହାସତ୍ତ୍ୱେ ରବି ସମ୍ପୃକ୍ତ ବିଧେୟକଗୁଡ଼ିକୁ ଅଣଦେଖା କରିଚାଲିଥିଲେ। ଜଷ୍ଟିସ୍ ଜେ.ବି. ପର୍ଦ୍ଦିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ୨୦୨୫ ଏପ୍ରିଲ ୮ରେ ଏହା ଉପରେ ରାୟ ପ୍ରକାଶ କରି ରାଜ୍ୟପାଳ ରବିଙ୍କୁ ଭର୍ତ୍ସନା କରିଛନ୍ତି। ସର୍ବୋଚ୍ଚ ଅଦାଲତ କହିଛନ୍ତି, ରାଜ୍ୟପାଳ ୧୦ ବିଲ୍‌କୁ ରାଷ୍ଟ୍ରପତିଙ୍କ ନିକଟକୁ ବିଚାର ସକାଶେ ପଠାଯିବ କହି ଚାପିରଖିବା ମନମୁଖି, ବେଆଇନ ଓ ଅସାମ୍ବିଧାନିକ କାର୍ଯ୍ୟ। ଏହି ବିଧେୟକଗୁଡ଼ିକ ରାଜ୍ୟପାଳଙ୍କ ସମ୍ମୁଖରେ ପୁନଃ ଉପସ୍ଥାପିତ ହେବା ଦିନଠାରୁ ସେଗୁଡ଼ିକୁ ମଞ୍ଜୁରୀପ୍ରାପ୍ତ ବୋଲି ଧରାଯିବ। କାରଣ ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁସାରେ ରାଜ୍ୟପାଳଙ୍କ ହାତରେ କୌଣସି ବିଶେଷାଧିକାର କିମ୍ବା ନିରଙ୍କୁଶ ଭିଟୋ କ୍ଷମତା ନାହିଁ। ତାଙ୍କୁ ମନ୍ତ୍ରୀ ପରିଷଦର ପରାମର୍ଶ ଓ ସହଯୋଗ କ୍ରମେ ହିଁ କାର୍ଯ୍ୟ କରିବାକୁ ପଡ଼ିଥାଏ। ରାଜ୍ୟପାଳ ଫାଇଲ ଅଟକାଇ ଅବରୋଧକ ସାଜିବା ଅନୁଚିତ। ପୁନର୍ବିଚାର ପାଇଁ ବିଧାନସଭା ଦ୍ୱାରା ପୁନଃ ଉପସ୍ଥାପନ କରାଯିବାର ମାସକ ଭିତରେ ସେ ବିଲ୍‌ରେ ସ୍ୱାକ୍ଷର କରିବାକୁ ବାଧ୍ୟ। ଏଥିରେ ଅବହେଳା କଲେ ରାଜ୍ୟପାଳଙ୍କ କାର୍ଯ୍ୟ ଅଦାଲତଙ୍କ ନ୍ୟାୟିକ ସମୀକ୍ଷାର ପରିସରଭୁକ୍ତ ହେବ ବୋଲି ସୁପ୍ରିମକୋର୍ଟ ଚେତାଇ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ବିହାରର ପାଟନାରେ ଜନ୍ମିତ ରବି ୧୯୭୬ରେ ଭାରତୀୟ ପୋଲିସ ସେବା (ଆଇପିଏସ୍)ରେ କେରଳ କ୍ୟାଡର ଅଧିକାରୀ ଭାବେ ଯୋଗଦେଇଥିଲେ। ନିଜ ଚାକିରି ଜୀବନରେ ସେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ଗୋଇନ୍ଦା ବ୍ୟୁରୋ (ଆଇବି) ଅଫିସର ରୂପେ କାର୍ଯ୍ୟ କରିଥିଲେ।

## ତାମିଲନାଡୁ ରାଜ୍ୟପାଳଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

**ସମ୍ବିଧାନର ଅନୁଚ୍ଛେଦ ୧୪୨ ବଳରେ ୧୦ ବିଧେୟକକୁ ମଞ୍ଜୁରୀ**



ଆର୍.ଏନ୍. ରବି



ନୂଆଦିଲ୍ଲୀ,୮।୪

ରାଜ୍ୟ ବିଧାନସଭାରେ ଗୃହୀତ ହୋଇଥିବା ବିଲ୍‌କୁ ରାଜ୍ୟପାଳ ମଞ୍ଜୁରୀ ନ ଦେଇ ଚାପି ରଖିପାରିବେ ନାହିଁ କିମ୍ବା ନିରଙ୍କୁଶ ଭିଟୋ କ୍ଷମତା ପ୍ରୟୋଗ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର କହିବା ସହ ଏଥିପାଇଁ ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କୁ ଭର୍ତ୍ସନା କରିଛନ୍ତି। ପ୍ରଥମ ଥର ଫେରାଇଥିବା ୧୦ ବିଲ୍ ବିଧାନସଭାରେ ଦ୍ୱିତୀୟ ଥର ଗୃହୀତ ହେବା ପରେ ମଧ୍ୟ ରାଜ୍ୟପାଳ ସେଗୁଡ଼ିକୁ ☞ପୃଷ୍ଠା-୪

## ଅନୁଚ୍ଛେଦ ୧୪୨ କ'ଣ କହୁଛି

ସୁପ୍ରିମକୋର୍ଟ ମଙ୍ଗଳବାର ତାମିଲନାଡୁ ରାଜ୍ୟପାଳ ଆର୍.ଏନ୍. ରବିଙ୍କ ଉଦ୍ଦେଶ୍ୟରେ କହିଛନ୍ତି, ଏହି ୧୦ ବିଲ୍‌କୁ ମଞ୍ଜୁରୀ ମିଳିସାରିଛି ବୋଲି ଘୋଷଣା କରିବା ସକାଶେ ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୧୪୨ ଦ୍ୱାରା ପ୍ରଦତ୍ତ କ୍ଷମତା ପ୍ରୟୋଗ କରିବା ବ୍ୟତୀତ ଆମ ପାଖରେ ଅନ୍ୟ କୌଣସି ବିକଳ୍ପ ନାହିଁ। ସର୍ବୋଚ୍ଚ ଅଦାଲତଙ୍କ ଏହି ଟିପ୍ପଣୀ ପରେ ଅନୁଚ୍ଛେଦ ୧୪୨କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଅନୁଚ୍ଛେଦ ୧୪୨ ସୁପ୍ରିମକୋର୍ଟଙ୍କୁ ଅଦାଲତରେ ବିଚାରାଧୀନ କୌଣସି ମାମଲାରେ ସମ୍ପୂର୍ଣ୍ଣ ନ୍ୟାୟ ☞ପୃଷ୍ଠା-୪

# କାର୍ଯ୍ୟକାରୀ ହେଲା ୱାକ୍‌ଫ ଆଇନ

ନୂଆଦିଲ୍ଲୀ,୮।୪

ୱାକ୍‌ଫ ସଂଶୋଧନ ଆଇନ, ୨୦୨୫ ମଙ୍ଗଳବାରଠାରୁ କାର୍ଯ୍ୟକାରୀ ହୋଇଛି। ଏନେଇ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ମଙ୍ଗଳବାର ବିଜ୍ଞପ୍ତି ଜାରି ହୋଇଛି। ୱାକଫ୍ ଆଇନର ଧାରା ୧(୨) ଅନୁଯାୟୀ, ଏଥିରେ ରହିଥିବା ବ୍ୟବସ୍ଥାଗୁଡ଼ିକ ଏପ୍ରିଲ ୮ରୁ କାର୍ଯ୍ୟକାରୀ ହେବ ବୋଲି ଉଲ୍ଲେଖ କରାଯାଇଛି। ଗତ ସପ୍ତାହରେ ପାର୍ଲାମେଣ୍ଟରେ ୱାକ୍‌ଫ ସଂଶୋଧନ ବିଲ୍ ଗୃହୀତ ହେବା ପରେ ୫ ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହାକୁ ମଞ୍ଜୁରୀ ପ୍ରଦାନ କରିଥିଲେ।

ଅନ୍ୟପକ୍ଷରେ ୱାକ୍‌ଫ ସଂଶୋଧନ ଆଇନର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିବାବେଳେ ଆସନ୍ତା ୧୫ରେ ସେଗୁଡ଼ିକର ଶୁଣାଣି ହେବ।

# ୧.୦୩ ଲକ୍ଷ କୋଟିର ପୁଞ୍ଜି ନିବେଶ ପାଇଁ ୧୩ ଚୁକ୍ତି

ଭୁବନେଶ୍ୱର,୮।୪
(ଅନୁରାଧା ମହାରଣା)

**ଓଡ଼ିଶାରେ ୯୫,୯୧୫ ନିଯୁକ୍ତି ସୁଯୋଗ ସୃଷ୍ଟି ଆଶା**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇଦିନିଆ ଦିଲ୍ଲୀ ଗସ୍ତରେ ଯାଇ ଦେଶର ବହୁ ଶିଳ୍ପ ନେତୃତ୍ୱଙ୍କ ସହ ଆଲୋଚନା କରିଛନ୍ତି। ମଙ୍ଗଳବାର ରାଜ୍ୟରେ ପୁଞ୍ଜିନିବେଶ ନେଇ ୧୩ କମ୍ପାନୀ ସହ ମୁଖ୍ୟମନ୍ତ୍ରୀ ଚୁକ୍ତି ସ୍ୱାକ୍ଷର କରିଛନ୍ତି। ବିଭିନ୍ନ କମ୍ପାନୀ ସହ ହୋଇଥିବା ଏହି ଚୁକ୍ତି ୧,୦୩,୦୯୦ କୋଟି ଟଙ୍କାର ପୁଞ୍ଜି ଆକର୍ଷିତ କରିଥିବାବେଳେ ୯୫,୯୧୫ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

ଗସ୍ତର ଦ୍ୱିତୀୟ ଦିନରେ ଓଡ଼ିଶା ଇନ୍‌ଭେଷ୍ଟର୍ସ ମିଟ୍ ଅବସରରେ ଆୟୋଜିତ ଚୁକ୍ତି ସ୍ୱାକ୍ଷର ସମାରୋହରେ ମୁଖ୍ୟମନ୍ତ୍ରୀ ଶିଳ୍ପନେତୃତ୍ୱଙ୍କୁ ସମ୍ବୋଧିତ କରି କହିଛନ୍ତି, ଶିଳ୍ପକ୍ଷେତ୍ରରେ ଅଗ୍ରଗତି ପାଇଁ ଓଡ଼ିଶା ପ୍ରସ୍ତୁତ ଅଛି। ରାଜ୍ୟର ଉଜ୍ଜ୍ୱଳ ଭବିଷ୍ୟତ ସକାଶେ ନିବେଶ କରିବା ପାଇଁ ଏହା ହିଁ ପ୍ରକୃଷ୍ଟ ସମୟ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ ଇଣ୍ଡିଆନ୍ ଅଏଲ୍ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ), ପେଟ୍ରୋନେଟ୍ ଏଲ୍‌ଏନ୍‌ଜି, ଇଣ୍ଡିଆନ୍ ଷ୍ଟ୍ରାଟେଜିକ୍ ପେଟ୍ରୋକେମିକାଲ ରିଜର୍ଭସ୍ ଲିମିଟେଡ୍ ଏବଂ ଅନ୍ୟାନ୍ୟ କମ୍ପାନୀ ସହ ନିବେଶ ସଂକ୍ରାନ୍ତ ଆଲୋଚନା ☞ପୃଷ୍ଠା-୪

# ପୋଲିସ ବାରାକ୍‌ରେ ମହିଳା କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ

■ ଅବସାଦପୂର୍ଣ୍ଣ ହ୍ୱାଟ୍ସଆପ୍ ଷ୍ଟାଟସ୍‌କୁ ନେଇ ଚର୍ଚ୍ଚା



ଯଶୋଦା ଦାସ

ବାଲେଶ୍ୱର,୮।୪(ବାଞ୍ଛାନିଧି ଦେ)

'ବେଳେବେଳେ ମଣିଷ ହୀରାକୁ ଖୋଜିବାକୁ ଯାଇ ମୂଲ୍ୟବାନ ସୁନାକୁ ହାତ ମୁଠାରେ ପାଇ ମଧ୍ୟ ଫିଙ୍ଗି ଦେଇଥାଏ। ଯେତେବେଳେ ହୀରା ଖୋଜି ଖୋଜି ଥକିଯାଏ ସେବେ ସେ ବୁଝିପାରେ ଫିଙ୍ଗିଥିବା ସୁନାର ମୂଲ୍ୟ କେତେ କ'ଣ'। ଏପରି ଅବସାଦଭରା ବାର୍ତ୍ତା ହ୍ୱାଟ୍ସଆପ୍ ଷ୍ଟାଟସ୍‌ରେ ରଖିବା ପରେ ଆତ୍ମହତ୍ୟା କରିଛନ୍ତି ଜଣେ ମହିଳା କନଷ୍ଟେବଲ। ବାଲେଶ୍ୱର ପୋଲିସ ବାରାକ୍‌ର ନିଜ ରୁମ୍‌ରୁ ତାଙ୍କ ଝୁଲନ୍ତା ମୃତଦେହକୁ ମଙ୍ଗଳବାର ☞ପୃଷ୍ଠା-୧୧

# ୨ କ୍ଷୁଦ୍ରତାରା ଧକ୍କାରେ ଚନ୍ଦ୍ରଠାରୁ ୧୦ଗୁଣା ଉଜ୍ଜ୍ୱଳ ବିସ୍ଫୋରଣ ହେବ

ଲଣ୍ଡନ, ୮।୪

ଜ୍ୟୋତିର୍ବିଜ୍ଞାନୀମାନେ ପୃଥିବୀଠାରୁ ମାତ୍ର ୧୫୦ ଆଲୋକ ବର୍ଷ ଦୂରରେ ଏକ ବିରଳ ଉଚ୍ଚ ବହୁଳତା ବିଶିଷ୍ଟ ବାଇନାରି ଷ୍ଟାର୍ ସିଷ୍ଟମକୁ ଚିହ୍ନଟ କରିଛନ୍ତି, ଯେଉଁଥିରେ ୨ଟି କ୍ଷୁଦ୍ରତାରା ପରସ୍ପର ଆଡ଼କୁ ଅଗ୍ରସର ହେଉଛନ୍ତି। ୨,୩୦୦ କୋଟି ବର୍ଷ ପରେ ଉଭୟ କ୍ଷୁଦ୍ରତାରା ଧକ୍କାହେବା ସହ ଏକ ବିନାଶକାରୀ ଏବଂ ଚମକପ୍ରଦ 'ଟାଇପ ୧ଏ ସୁପରନୋଭା' ବିସ୍ଫୋରଣରେ ପରିଣତ ହେବେ। ଏହି



ବିସ୍ଫୋରଣ ଏତେ ଉଜ୍ଜ୍ୱଳ ହେବ ଯେ, ଏହା ଚନ୍ଦ୍ର ଅପେକ୍ଷା ୧୦ ଗୁଣା ଆଲୋକ ବିସ୍ତାର କରିବ ଏବଂ ସମ୍ପୂର୍ଣ୍ଣ ଆକାଶ ଗଙ୍ଗା (ମିଲ୍କି) ଛାୟାପଥକୁ କିଛି ମୁହୂର୍ତ୍ତ ପାଇଁ ଚମକାଇଦେବ। ଗତ ୪ ତାରିଖରେ ନେଚର ଆଷ୍ଟ୍ରୋନୋମି ପତ୍ରିକାରେ ଏହି ଆବିଷ୍କାରକୁ ପ୍ରକାଶ କରାଯାଇଛି।

ଜ୍ୟୋତିର୍ବିଜ୍ଞାନୀଙ୍କ ଅନୁଯାୟୀ, ଉକ୍ତ ବାଇନାରି ଷ୍ଟାର୍ ସିଷ୍ଟମରେ ୨ଟି ଧଳା ରଙ୍ଗର କ୍ଷୁଦ୍ର ତାରା ରହିଛି, ଯାହା ଧୀରେ ଧୀରେ ପରସ୍ପର ଆଡ଼କୁ ଟାଣିହୋଇ ଆସୁଛି। ଉଭୟ କ୍ଷୁଦ୍ର ତାରାର ମୋଟ ବସ୍ତୁତ୍ୱ ସୂର୍ଯ୍ୟ ତୁଳନାରେ ୧.୫୬ ଗୁଣା ଅଧିକ, ଯାହା ସେମାନଙ୍କୁ ☞ପୃଷ୍ଠା-୪

SIKSHA 'O' ANUSANDHAN
SAAT-2025
Empowering students for a brighter future
EMERGING B.TECH PROGRAMMES IN COMPUTING
- Computer Science and Engineering (AI and ML)
- Computer Science and Engineering (Cyber Security)
- Computer Science and Engineering (Data Science)
- Computer Science and Engineering (Internet of Things)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in

**କାର୍ ମଡ଼ାଇଦେଲେ କଂଗ୍ରେସ ନେତା: ୩ ମୃତ**

ଜଣେ ମଦ୍ୟପ ଡ୍ରାଇଭରଙ୍କ କାର ପଥଚାରୀଙ୍କ ଉପରେ ମାଡ଼ିଯାଇ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୬ ଜଣ ଗୁରୁତର ଆହତ ହୋଇଛନ୍ତି। ଡ୍ରାଇଭର ଜଣକ କଂଗ୍ରେସର ଜୟପୁର ଜିଲା ଉପସଭାପତି ଉସ୍ମାନ ଖାନ୍ (୬୨)। ନହରଗଡ଼ ଅଞ୍ଚଳର ଏମ୍ଆଇ ରୋଡ୍‌ରେ ଏହି ଦୁର୍ଘଟଣା ଘଟିଛି। ଉତ୍ତ୍ୟକ୍ତ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରୋକ କରିଛନ୍ତି।

# ଭାଜପା ନେତାଙ୍କ ଘରେ ଗ୍ରେନେଡ୍ ମାଡ଼



ପୋଲିସ ଓ ଫୋରେନ୍‌ସିକ ଟିମ୍ ବିସ୍ଫୋରଣ ସ୍ଥଳ ଯାଞ୍ଚ କରୁଛନ୍ତି।

## ପାକିସ୍ତାନୀ ସମେତ ୨ ଗିରଫ
## ଆଇଏସ୍ଆଇ ମାଷ୍ଟରମାଇଣ୍ଡ

ଚଣ୍ଡିଗଡ଼,୮।୪

ପଞ୍ଜାବର ଭାଜପା ନେତା ମନୋରଞ୍ଜନ କାଲିଆଙ୍କ ଜଳନ୍ଧରସ୍ଥିତ ଘର ବାହାରେ ଗ୍ରେନେଡ୍ ମାଡ଼ ଘଟଣାରେ ପଞ୍ଜାବ ପୋଲିସ ମଙ୍ଗଳବାର ଜଣେ ପାକିସ୍ତାନୀଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଇଣ୍ଟର ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ଏବଂ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଏହା ପଛର ମାଷ୍ଟରମାଇଣ୍ଡ ବୋଲି ପୋଲିସ କହିଛି। ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳ ଅନୁଧ୍ୟାନ କରିବା ସହ ଆକ୍ରମଣରେ ବ୍ୟବହୃତ ଅଟୋରିକ୍ସାକୁ ଜବତ କରିଛି। ଆକ୍ରମଣ ପଛରେ ଆଇଏସ୍ଆଇ ଏବଂ ବିଷ୍ଣୋଇ ଗ୍ୟାଙ୍ଗର ଷଡ଼ଯନ୍ତ୍ର ରହିଛି। ବେଆଇନ ଖଲିସ୍ତାନୀ ସଂଗଠନ ବିକେଆଇ (ବାବର ଖାଲ୍‌ସା ଇଣ୍ଟରନ୍ୟାଶନାଲ)ର ସମ୍ପୃକ୍ତି ଥିବା ନେଇ ମଧ୍ୟ ତଦନ୍ତ ଜାରି ରହିଛି। ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବକୁ ଭଙ୍ଗୁର କରିବା ଲକ୍ଷ୍ୟରେ ଏହା ଏକ ବଡ଼ ଷଡ଼ଯନ୍ତ୍ର ଥିଲା ବୋଲି ଅତିରିକ୍ତ ପୋଲିସ ଡିଜି ଅର୍ପିତ ଶୁକ୍ଲା କହିଛନ୍ତି। ବିକେଆଇ ସହ ସେମାନଙ୍କ ସମ୍ପୃକ୍ତି ନେଇ ପୋଲିସ ତଦନ୍ତ ଚଳାଇଥିବା ଶୁକ୍ଲା କହିଛନ୍ତି।

ସୋମବାର ରାତି ୧ଟା ବେଳେ ପୂର୍ବତନ ମନ୍ତ୍ରୀ କାଲିଆଙ୍କ ଘର ବାହାରେ ବିସ୍ଫୋରଣ ହୋଇଥିଲା। ସେତେବେଳେ କାଲିଆ ଘରେ ଥିଲେ ମଧ୍ୟ ତାଙ୍କର କୌଣସି କ୍ଷତି ହୋଇନାହିଁ। ତେବେ ବିସ୍ଫୋରଣରେ ଝରକା କାଚ ଭାଙ୍ଗିବା ସହ ଗୋଟିଏ ଏସ୍‌ୟୁଭି ଏବଂ ଗୋଟିଏ ମୋଟରସାଇକେଲ କ୍ଷତିଗ୍ରସ୍ତ ହୋଇଛି। ଆକ୍ରମଣକାରୀ ଏକ ଇ-ରିକ୍ସାରେ ଆସି ଆକ୍ରମଣ ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ବିସ୍ଫୋରଣ ଘଟଣାରେ ବିରୋଧୀ ଦଳଗୁଡ଼ିକ ରାଜ୍ୟର ଆପ୍ ସରକାରଙ୍କୁ ନିନ୍ଦା କରିଛନ୍ତି। ଏହି ସରକାର ଅମଳରେ ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବାରୁ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦିଅନ୍ତୁ ବୋଲି ସେମାନେ ଦାବି କରିଛନ୍ତି। ପଞ୍ଜାବ ସରକାରଙ୍କ ଗୋଇନ୍ଦା ବିଭାଗ, ଡିଜପି ଏବଂ ଗୃହ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ମାନ୍‌ଙ୍କ ଅପାରଗତାରୁ ଏହି ବିସ୍ଫୋରଣ ଘଟିଲା ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଜଣେ ବରିଷ୍ଠ ହିନ୍ଦୁ ନେତାଙ୍କ ବିରୋଧରେ ଏହା ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ବୋଲି କେନ୍ଦ୍ରମନ୍ତ୍ରୀ ରଭନୀତ ସିଂ ବିଟ୍ଟୁ ଅଭଯୋଗ କରିଛନ୍ତି। ଆପ୍ ସରକାର ବିରୋଧରେ ଭାଜପା ବିଭିନ୍ନ ସ୍ଥାନରେ ବିକ୍ଷୋଭ କରିଛି। ଗତ ୪/୫ ମାସ ମଧ୍ୟରେ ଅମୃତସର, ଗୁରୁଦାସପୁର ସମେତ ବିଭିନ୍ନ ସ୍ଥାନରେ ପୋଲିସ ପୋଷ୍ଟକୁ ଟାର୍ଗେଟ କରି ବିସ୍ଫୋରଣ କରାଯାଇଥିବାବେଳେ ପ୍ରଥମ ଥର ପାଇଁ ଜଣେ ପୂର୍ବତନ ମନ୍ତ୍ରୀଙ୍କ ଘରକୁ ଟାର୍ଗେଟ କରାଯାଇଛି। ଗତ ମାସରେ ଅମୃତସର ମନ୍ଦିର ବାହାରେ ବିସ୍ଫୋରଣ ହୋଇଥିଲା।

# ୧୫ରେ ୱକ୍‌ଫ ଶୁଣାଣି

## କ୍ୟାଭିଟ୍ ଦାଖଲ କଲା କେନ୍ଦ୍ର

ନୂଆଦିଲ୍ଲୀ,୮।୪

ୱକ୍‌ଫ ସଂଶୋଧନ ଆଇନ, ୨୦୨୫ର ସମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟରେ ଅନେକ ପିଟିଶନ ଦାଏର ହୋଇଥିବାବେଳେ ଆସନ୍ତା ୧୫ରେ ସେଗୁଡ଼ିକର ଶୁଣାଣି ହେବ। କେନ୍ଦ୍ର ସରକାର ମଧ୍ୟ ମଙ୍ଗଳବାର ସର୍ବୋଚ୍ଚ ଅଦାଲତରେ ଏକ କ୍ୟାଭିଟ୍ ଦାଖଲ କରିଛନ୍ତି। ଏହି ମାମଲାରେ କୌଣସି ନିର୍ଦ୍ଦେଶ ଦେବା ପୂର୍ବରୁ କ୍ୟାଭିଟ୍‌ର ଶୁଣାଣି ପାଇଁ କେନ୍ଦ୍ର ପକ୍ଷରୁ ନିବେଦନ କରାଯାଇଛି। ଅଲ୍ ଇଣ୍ଡିଆ ପର୍ସୋନେଲ ଲ' ବୋର୍ଡ (ଏଆଇଏମ୍‌ପିଏଲ୍‌ବି), ଜମାଏତ୍ ଉଲମା-ଇ-ହିନ୍ଦ୍, ବିଭିନ୍ନ ରାଜନେତାଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଆବେଦନକାରୀ ନୂଆ ଆଇନକୁ ଚ୍ୟାଲେଞ୍ଜ କରି ପିଟିଶନ ଦାଏର କରିଥିଲେ। ୧୫ରେ ସେଗୁଡ଼ିକର ଶୁଣାଣି ହେବ ବୋଲି ପିଟିଶନ ସହ ଜଡ଼ିତ ଜଣେ ଆଇନଜୀବୀ କହିଛନ୍ତି। ତେବେ ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଶୁଣାଣି ସମ୍ପର୍କିତ କୌଣସି ତାରିଖ ଦର୍ଶାଯାଇନାହିଁ। ପିଟିଶନଗୁଡ଼ିକର ଶୁଣାଣି ପାଇଁ ତାଲିକାଭୁକ୍ତ କରାଯିବାକୁ ବିଚାର କରାଯାଉଥିବା ସୋମବାର ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ ବରିଷ୍ଠ ଆଇନଜୀବୀ କପିଲ ସିବଲଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ଜେଲ ଯିବେନି ମେଧା ପାଟେକର

## ମାନହାନି ମାମଲା

ନୂଆଦିଲ୍ଲୀ,୮।୪

ଦିଲ୍ଲୀ ଉପରାଜ୍ୟପାଳ ଭି.କେ. ସାକ୍ସେନାଙ୍କ ମାନହାନି କରିଥିବା ସାମାଜିକ କର୍ମୀ ମେଧା ପାଟେକର ଜେଲରେ ରହିବେ ନାହିଁ ବୋଲି ଦିଲ୍ଲୀର ଏକ କୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ମେଧା ଜଣେ ଖ୍ୟାତନାମା ସୋସିଆଲ ଆକ୍ଟିଭିଷ୍ଟ ଏବଂ ତାଙ୍କ କାର୍ଯ୍ୟ ପାଇଁ ଅନେକ ପୁରସ୍କାର ପାଇଛନ୍ତି। ସେ ସେଭଳି ଗମ୍ଭୀର ଅପରାଧ କରି ନ ଥିବା ସାକେତ କୋର୍ଟର ଅତିରିକ୍ତ ଦୌରା ଜଜ୍ (ଏଏସ୍‌ଜି) ବିଶାଲ ସିଂ କହିବା ସହ ତାଙ୍କୁ ଗୋଟିଏ ବର୍ଷ ପ୍ରୋବେଶନରେ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ମାଜିଷ୍ଟ୍ରେଟ୍ କୋର୍ଟ ମେଧାଙ୍କୁ ୫ ମାସ ଜେଲଦଣ୍ଡ ସହ ୧୦ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଏସ୍‌ଜି ଜରିମାନା ପରିମାଣକୁ ୧ ଲକ୍ଷ ଟଙ୍କାକୁ ହ୍ରାସ କରିଛନ୍ତି। ମେଧା ଉପରାଜ୍ୟପାଳ ସାକ୍ସେନାଙ୍କୁ ଭୀରୁ କହିବା ସହ ସେ ହାୱାଲା କାରବାରରେ ସମ୍ପୃକ୍ତ ବୋଲି ଅଭିଯୋଗ କରିଥିଲେ।

# କଶ୍ମୀର ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଶ୍ରୀନଗର,୮।୪

ନିକଟରେ ପାର୍ଲାମେଣ୍ଟରେ ଗୃହୀତ ହୋଇଥିବା ୱକ୍‌ଫ ସଂଶୋଧନ ଆଇନ, ୨୦୨୫ ଉପରେ ଜମ୍ମୁ-କଶ୍ମୀର ବିଧାନସଭାରେ ଆଲୋଚନା ପାଇଁ ବାଚସ୍ପତି ଅବଦୁଲ ରହିମ ରାଠେର ଅନୁମତି ଦେଇ ନ ଥିବାରୁ ତାଙ୍କ ବିରୋଧରେ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଏବଂ ପିପୁଲ୍ସ କନ୍‌ଫରେନ୍ସ ମଙ୍ଗଳବାର ଅନାସ୍ଥା ପ୍ରସ୍ତାବ ଆଣିଛନ୍ତି। ବାଚସ୍ପତିଙ୍କ ବହିଷ୍କାର ଦାବିକରି ପିପୁଲ୍ସ କନ୍‌ଫରେନ୍ସ ଅଧ୍ୟକ୍ଷ ତଥା


ଅବଦୁଲ ରହିମ ରାଠେର

ବିଧାୟକ ସାଜଦ ଗନି ଲୋନ୍ ଏବଂ ପିଡିପି ବିଧାୟକ ମିର୍ ମହମ୍ମଦ ଫୟେଜ ଓ ରଫିକ ଅହମଦ ନାଏକ ରୁଲ୍ ୨୧୫(ଏ) ଅନୁଯାୟୀ, ଅନାସ୍ଥା ନୋଟିସ୍ ଦେଇଛନ୍ତି। ମୁଲତବୀ ପ୍ରସ୍ତାବ ଉପରେ ଆଲୋଚନା ଅନୁମତି ନ ଦେବା ସମେତ ବିଭିନ୍ନ କାର୍ଯ୍ୟକୁ ନେଇ ବାଚସ୍ପତି ଗୃହରେ ବିରୋଧର ସମ୍ମୁଖୀନ ହୋଇଥିଲେ। ବାଚସ୍ପତିଙ୍କ ଏଭଳି ବ୍ୟବହାର ଗଣତାନ୍ତ୍ରିକ ସିଦ୍ଧାନ୍ତ ଏବଂ ବିଧାନସଭା ପରିଚାଳନା ପ୍ରକ୍ରିୟାର ଅବମାନନା କରୁଥିବା ଅନାସ୍ଥା ନୋଟିସ୍‌ରେ କୁହାଯାଇଛି। ୱକ୍‌ଫ ସଂଶୋଧନ ଆଇନକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିବାରୁ ତାହା ଅଦାଲତଙ୍କ ବିଚାରାଧୀନ ରହିଛି। ତେଣୁ ଜମ୍ମୁ-କଶ୍ମୀର ବିଧାନସଭାରେ ଏହା ଉପରେ ଆଲୋଚନା ପାଇଁ ଅନୁମତି ଦିଆଯାଇପାରିବ ନାହିଁ ବୋଲି ବାଚସ୍ପତି କହିଥିଲେ। ତାଙ୍କର ଏଭଳି ନିଷ୍ପତ୍ତିକୁ ବିରୋଧୀ ଦଳ ସମେତ ସରକାରୀ ଦଳର ସଦସ୍ୟମାନେ ମଧ୍ୟ ପ୍ରତିବାଦ ଜଣାଇଥିଲେ।

# ପ୍ରତିରକ୍ଷା ସହଯୋଗ ବଢ଼ାଇବେ ଭାରତ, ୟୁଏଇ

ନୂଆଦିଲ୍ଲୀ, ୮।୪

ଦୁବାଇର କ୍ରାଉନ ପ୍ରିନ୍ସ ଶେଖ୍ ହମଦାନ ବିନ୍ ମହମ୍ମଦ ବିନ୍ ରାଶିଦ୍ ଅଲ୍ ମକତୁମ ମଙ୍ଗଳବାର ୨ ଦିନିଆ ଭାରତ ଗସ୍ତରେ ଆସି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ତାଙ୍କୁ ନୂଆଦିଲ୍ଲୀସ୍ଥିତ ବିମାନ ବନ୍ଦରରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ରାଷ୍ଟ୍ରମନ୍ତ୍ରୀ ସୁରେଶ ଗୋପୀ ସ୍ୱାଗତ କରିଥିଲେ। ମଙ୍ଗଳବାର ଭାରତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସମ୍ପର୍କକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦୁବାଇ କ୍ରାଉନ ପ୍ରିନ୍ସ ଶେଖ୍ ହମଦାନ ବିନ୍ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି। ଏହି ଅବସରରେ ଉଭୟ ଦେଶ ପରସ୍ପର ସହ ପ୍ରତିରକ୍ଷା ଏବଂ ତଟରକ୍ଷୀ ବାହିନୀ ସହଯୋଗକୁ ବୃଦ୍ଧି କରିବାକୁ ରାଜି ହୋଇଛନ୍ତି। ସେହିପରି ଏହି ଆଲୋଚନାରେ ବାଣିଜ୍ୟ, ପ୍ରଯୁକ୍ତିବିଦ୍ୟା, ସଂଯୋଗ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ମଜଭୁତ କରିବା ପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ବିଚାର ବିମର୍ଶ ହୋଇଛି। କ୍ରାଉନ ପ୍ରିନ୍ସ ଶେଖ୍ ହମଦାନ ବିନ୍‌ଙ୍କର ଏହି ଗସ୍ତ ଭାରତ ଏବଂ ୟୁଏଇ ମଧ୍ୟରେ ଦୃଢ଼ ଦ୍ୱିପାକ୍ଷିକ ସହଯୋଗ ପାଇଁ ପଥ ପ୍ରସ୍ତୁତ କରିଛି ବୋଲି ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି। ପ୍ରକାଶ ଯେ, ଶେଖ୍ ହମଦାନ ବିନ୍ ହେଉଛନ୍ତି ୟୁଏଇର ଉପ ପ୍ରଧାନମନ୍ତ୍ରୀ ଏବଂ ପ୍ରତିରକ୍ଷା ମନ୍ତ୍ରୀ। ତାଙ୍କ ସହ ଏହି ଭାରତ ଗସ୍ତରେ ୟୁଏଇର ଏକ ପ୍ରତିନିଧି ଦଳ ରହିଛନ୍ତି, ଯେଉଁଥିରେ ୟୁଏଇର ଅନେକ ମନ୍ତ୍ରୀ ଏବଂ ଶୀର୍ଷ ବାଣିଜ୍ୟିକ ନେତା ସାମିଲ ଅଛନ୍ତି।


ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦୁବାଇ କ୍ରାଉନ ପ୍ରିନ୍ସ ଶେଖ୍ ହମଦାନ ବିନ୍ ଆଲୋଚନା କରୁଛନ୍ତି।

## ୨୦୦୮ ଜୟପୁର ବିସ୍ଫୋରଣ
# ୪ ଦୋଷୀଙ୍କୁ ଆଜୀବନ

ଜୟପୁର, ୮।୪

୨୦୦୮ ଜୟପୁର ସିରିଏଲ୍ ବିସ୍ଫୋରଣ ମାମଲାରେ ଦୋଷୀସାବ୍ୟସ୍ତ ୪ ଜଣ ଆତଙ୍କବାଦୀଙ୍କୁ ମଙ୍ଗଳବାର ଜୟପୁରର ସ୍ୱତନ୍ତ୍ର ଅଦାଲତ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଜଷ୍ଟିସ୍ ରମେଶ କୁମାର ଜୋଷୀଙ୍କ ଖଣ୍ଡପୀଠ ୪ ଆତଙ୍କବାଦୀ ସରୱର ଆଜମୀ, ସୈଫୁର ରହମାନ, ମହମ୍ମଦ ଶୈଫ, ଶାହବାଦ ଅହମ୍ମଦଙ୍କୁ ଏହି ଦଣ୍ଡ ଶୁଣାଇଛନ୍ତି। ଗତ ୪ତାରିଖରେ ଜୟପୁରର ସ୍ୱତନ୍ତ୍ର ଅଦାଲତ ଉକ୍ତ ୪ ଆତଙ୍କବାଦୀଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ। ୨୦୦୮ ଏପ୍ରିଲ ୧୩ ସିରିଏଲ ବିସ୍ଫୋରଣରେ ୭୧ ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୧୮୫ ଜଣ ଆହତ ହୋଇଥିଲେ। ଘଟଣାର ୧୭ ବର୍ଷ ପରେ ଦଣ୍ଡ ଘୋଷଣା କରାଯାଇଛି।

# ବହିଷ୍କାର ନିର୍ଦ୍ଦେଶ ପରେ ଆମେରିକା ଛାଡ଼ି ନ ଥିଲେ ଦିନକୁ ୯୯୮ ଡଲାର ଜରିମାନା

ୱାଶିଂଟନ,୮।୪

ବହିଷ୍କାର ନିର୍ଦ୍ଦେଶ ପରେ ଯେଉଁ ଆପ୍ରବାସୀମାନେ ଆମେରିକା ଛାଡ଼ି ନ ଥିବେ, ସେମାନଙ୍କ ଉପରେ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଦୈନିକ ୯୯୮ ଡଲାର ଜରିମାନା ଲଗାଇବେ ବୋଲି ଯୋଜନା କରିଛି। ଯଦି ସେମାନେ ଜରିମାନା ପୈଠ ନ କରନ୍ତି, ତେବେ ସେମାନଙ୍କ ସମ୍ପତ୍ତି ଜବତ କରାଯିବ ବୋଲି ଏକ ଦସ୍ତାବିଜ୍‌ରୁ ଜଣାପଡ଼ିଛି। ୧୯୯୬ ଆଇନର ଜରିମାନା ବ୍ୟବସ୍ଥା, ଯାହାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କ ପ୍ରଥମ ପାଳି ସରକାର ସମୟରେ ୨୦୧୮ରେ ପ୍ରଥମ ଥର ଲାଗୁ କରିଥିଲେ, ତାହାକୁ ପୁଣିଥରେ ୫ ବର୍ଷ ପର୍ଯ୍ୟନ୍ତ ଲାଗୁ କରିବାକୁ ଯୋଜନା କରିଛନ୍ତି। ଏହା ଦ୍ୱାରା ୧ ନିୟୁତ ଡଲାରରୁ ଊର୍ଦ୍ଧ୍ୱ ଜରିମାନା ଆଦାୟ କରାଯାଇପାରିବ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ଯେଉଁମାନେ ବେଆଇନ ଭାବେ ଆମେରିକାରେ ରହିଛନ୍ତି, ସେମାନେ ଏବେ ସ୍ୱେଚ୍ଛାକୃତ ଭାବେ ଦେଶ ଛାଡ଼ି ପଳାଇଯାଆନ୍ତୁ, ନଚେତ ପରିଣାମର ସମ୍ମୁଖୀନ ହେବେ ବୋଲି ଆମେରିକା ହୋମ୍‌ଲ୍ୟାଣ୍ଡ ସୁରକ୍ଷା ବିଭାଗ ମୁଖପାତ୍ର ଟ୍ରିସିଆ ମାକ୍‌ଲୁଘଲିନ୍ କହିଛନ୍ତି। ଚୂଡ଼ାନ୍ତ ବହିଷ୍କାର ନିର୍ଦ୍ଦେଶ ପରେ ରହିଥିବା ଲୋକମାନଙ୍କୁ ଦୈନିକ ୯୯୮ ଡଲାର ଜରିମାନା ଦେବାକୁ ପଡ଼ିବ। ଏଥିପାଇଁ ଏକ ନୂଆ ଟ୍ୟାବ୍ ଖୋଲିବାକୁ ହୋମ୍‌ଲ୍ୟାଣ୍ଡ ସୁରକ୍ଷା ବିଭାଗ କହିଛି।

# ସିବିଆଇ ତଦନ୍ତ ନିର୍ଦ୍ଦେଶ ସୁପ୍ରିମକୋର୍ଟରେ ଖାରଜ

## ପଶ୍ଚିମବଙ୍ଗ କ୍ୟାବିନେଟ୍ ଦ୍ୱାରା ଅତିରିକ୍ତ ପଦବୀ ସୃଷ୍ଟି

ନୂଆଦିଲ୍ଲୀ,୮।୪(ପି.ଟି.)

ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଏବଂ ଅନୁଦାନପ୍ରାପ୍ତ ସ୍କୁଲ୍‌ଗୁଡ଼ିକରେ ଅତିରିକ୍ତ ପଦବୀ ସୃଷ୍ଟି ପାଇଁ ପଶ୍ଚିମବଙ୍ଗ କ୍ୟାବିନେଟ ନେଇଥିବା ନିଷ୍ପତ୍ତି ଉପରେ ସିବିଆଇ ତଦନ୍ତ ନିମନ୍ତେ କୋଲକାତା ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ମଙ୍ଗଳବାର ଉକ୍ତ ନିଷ୍ପତ୍ତିକୁ ଖାରଜ କରିଦେଇଛନ୍ତି। ତେବେ ରାଜ୍ୟର ସରକାରୀ ଏବଂ ଅନୁଦାନପ୍ରାପ୍ତ ସ୍କୁଲ୍‌ଗୁଡ଼ିକର ୨୫,୭୫୩ ଜଣ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ନିଯୁକ୍ତି ସମ୍ପର୍କିତ ଅନ୍ୟାନ୍ୟ ଦିଗ ଉପରେ ତଦନ୍ତ ଚାଲିବ ବୋଲି ପ୍ରଧାନ ବିଚାରପତି ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ଜଣେ କର୍ମଚାରୀ ନିୟମିତ ପଦବୀ ପାଇଁ ହକ୍‌ଦାର, କିନ୍ତୁ ତାହା ଉପଲବ୍ଧ ନ ଥିଲେ ତାଙ୍କୁ ଥଇଥାନ କରିବା ନିମନ୍ତେ ଅତିରିକ୍ତ ପଦବୀ ସୃଷ୍ଟି କରାଯାଇଥାଏ, ଯାହାକି ସାମୟିକ ପଦବୀ।

ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ପରିଚାଳିତ ଶିକ୍ଷକ ଓ ଅନ୍ୟ ସ୍କୁଲ୍ କର୍ମଚାରୀ ନିଯୁକ୍ତି ଲାଗି ହୋଇଥିବା ସମ୍ପୂର୍ଣ୍ଣ ପ୍ରକ୍ରିୟା କଳୁଷିତ ବୋଲି ଦର୍ଶାଇ ଗତ ୩ ତାରିଖରେ ସୁପ୍ରିମକୋର୍ଟ ୨୫,୭୫୩ ଜଣ ଶିକ୍ଷକ ଓ ଅନ୍ୟ କର୍ମଚାରୀଙ୍କ ନିଯୁକ୍ତିକୁ ଅବୈଧ ଘୋଷଣା କରିଥିଲେ। ଅତିରିକ୍ତ ପଦବୀ ସୃଷ୍ଟି ନିଷ୍ପତ୍ତି ଉପରେ ସିବିଆଇ ତଦନ୍ତ ନିର୍ଦ୍ଦେଶ ବିରୋଧରେ ପଶ୍ଚିମବଙ୍ଗ ସରକାର କରିଥିବା ଆବେଦନକୁ ଅଲଗା ବିଚାର କରାଯିବ ବୋଲି ଖଣ୍ଡପୀଠ କହିଥିଲେ। ମଙ୍ଗଳବାର ଖଣ୍ଡପୀଠ ଏହାର ବିଚାର କରି କ୍ୟାବିନେଟ୍ ନିଷ୍ପତ୍ତି ଉପରେ ସିବିଆଇ ତଦନ୍ତ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେବା ଯଥାର୍ଥ ନୁହେଁ ବୋଲି କହିଛନ୍ତି। କ୍ୟାବିନେଟ ନିଷ୍ପତ୍ତିର ସାମ୍ବିଧାନିକ ଯୋଜନାକୁ ଦୃଷ୍ଟିରେ ରଖି ଏହାକୁ ଆଇନ ଅଦାଲତରେ ପ୍ରଶ୍ନ କରାଯାଇ ପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି।

# ନିଜକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କଲେ ତେଜସ୍ୱୀ

ପାଟନା,୮।୪

ଆଗାମୀ ବିହାର ବିଧାନସଭା ନିର୍ବାଚନ ପାଇଁ ଆର୍‌ଜେଡି ନେତା ତେଜସ୍ୱୀ ଯାଦବ ମଙ୍ଗଳବାର ନିଜକୁ ବିରୋଧୀ ମହାମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଛନ୍ତି। ପାଟନାର ମୁସାହାର-ଭୁଇୟା ମହାରାଲିରେ ଉଦ୍‌ବୋଧନ ଦେଇ ତେଜସ୍ୱୀ କହିଛନ୍ତି, ଆର୍‌ଜେଡି ନେତୃତ୍ୱରେ ମହାମେଣ୍ଟ କ୍ଷମତାକୁ ଆସିଲେ ଏବଂ ସେ ମୁଖ୍ୟମନ୍ତ୍ରୀ ହେଲେ ମାଇ-ବେହନ ସମ୍ମାନ ଯୋଜନାରେ ଆର୍ଥିକ ପଛୁଆ ବର୍ଗର ଲୋକମାନଙ୍କୁ ସୁବିଧା ଯୋଗାଇ ଦିଆଯିବ। ଗରିବଙ୍କୁ ପକ୍କାଘର ନିର୍ମାଣ ପାଇଁ ଜମି ଓ ନିଯୁକ୍ତି ଯୋଗାଇ ଦିଆଯିବ। ବୟସ କମ୍ ହେଲେ ମଧ୍ୟ ଦେଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରିବି ବୋଲି ତେଜସ୍ୱୀ ପରୋକ୍ଷରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଆକ୍ଷେପ କରି କହିଛନ୍ତି।

# ଆଜିଠୁ ଚାଇନା ଉପରେ ଟ୍ରମ୍ପଙ୍କ ୧୦୪% ଟାରିଫ୍

ୱାଶିଂଟନ,୮।୪

ଚାଇନା ଉପରେ ଅତିରିକ୍ତ ୫୦ ପ୍ରତିଶତ ଶୁଳ୍କ ଲାଗୁ କରାଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର କହିଥିଲେ। ବେଜିଂ ଯଦି ୩୪ ପ୍ରତିଶତ ଜବାବୀ ଶୁଳ୍କ ପ୍ରତ୍ୟାହାର ନକରେ ତେବେ ପୂର୍ବରୁ ଘୋଷିତ ଶୁଳ୍କ ସହ ଅତିରିକ୍ତ ୫୦ ପ୍ରତିଶତ ଶୁଳ୍କ ଲାଗିବ ବୋଲି କୁହାଯାଇଥିଲା। ୱାଶିଂଟନର ବ୍ଲାକ୍‌ମେଲ୍ ବିରୋଧରେ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ ବୋଲି ବେଜିଂ କହିବା ପରେ ୨ ଦେଶ ମଧ୍ୟରେ ବାଣିଜ୍ୟ ଯୁଦ୍ଧ ତୀବ୍ରତର ହୋଇଛି। ୫୦% ଅତିରିକ୍ତ ଶୁଳ୍କକୁ ମିଶାଇ ଚାଇନା ସାମଗ୍ରୀ ଉପରେ ମୋଟ ୧୦୪ ପ୍ରତିଶତ ଟାରିଫ୍ ବୁଧବାରଠାରୁ ଲାଗୁ ହେବାକୁ ଯାଉଥିବା ହ୍ୱାଇଟ୍ ହାଉସ୍ ଘୋଷଣା କରିଛି।

# ଆଇଏସ୍ଏସ୍‌ରେ ପହଞ୍ଚିଲେ ୩ ମହାକାଶଚାରୀ

ମସ୍କୋ, ୮।୪

ଆମେରିକୀୟ ମହାକାଶ ସଂସ୍ଥା (ନାସା)ର ଜନି କିମ୍‌ଙ୍କ ସହ ରୁଷୀୟ ମହାକାଶ ସଂସ୍ଥା (ରୋସ୍କୋସ୍‌ମୋସ୍)ର ୨ ମହାକାଶଚାରୀ ସର୍ଗି ରିଜିକୋଭ ଓ ଆଲେକ୍ସି ଜୁବ୍ରିଟସ୍କି ମଙ୍ଗଳବାର ଏକ ରୁଷୀୟ ମହାକାଶ ଯାନରେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ରେ ପହଞ୍ଚିଛନ୍ତି। ରୁଷିଆର 'ସୋୟୁଜ୍ ଏମ୍ଏସ୍-୨୭' ମିଶନ ଅନ୍ତର୍ଗତ କାଜ୍‌ଖସ୍ତାନସ୍ଥିତ ବୈକୋନୁର ପ୍ରକ୍ଷେପଣ କେନ୍ଦ୍ରରୁ ଏହି ୩ ଆଷ୍ଟ୍ରୋନଟ୍‌ଙ୍କୁ ଧରି ସୋୟୁଜ ବୁଷ୍ଟର ରକେଟ ଉଡ଼ାଣ ଭରିଥିଲା। ଆଇଏସ୍ଏସ୍‌ରେ ୩ ମହାକାଶଚାରୀ ପ୍ରାୟ ୮ ମାସ ବିତାଇବେ। ଭବିଷ୍ୟତର ମହାକାଶ ମିଶନ ପାଇଁ କ୍ରୁଙ୍କୁ ପ୍ରସ୍ତୁତ ହେବା ପାଇଁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଏହି ୩ ଆଷ୍ଟ୍ରୋନଟ ଆଇଏସ୍ଏସ୍‌ରେ ବିଭିନ୍ନ ବୈଜ୍ଞାନିକ ଏବଂ ପ୍ରଯୁକ୍ତିବିଦ୍ୟା ସମ୍ବନ୍ଧିତ ପରୀକ୍ଷଣ କରିବେ।



# ବିଲୁପ୍ତିର ୧୨ ହଜାର ବର୍ଷ ପରେ ଡାୟାର ୱଲ୍ଫ ସୃଷ୍ଟି କଲେ ବୈଜ୍ଞାନିକ

ୱାଶିଂଟନ, ୮।୪

ଆମେରିକାର ବୈଜ୍ଞାନିକମାନେ ଜେନେଟିକ୍ ଇଞ୍ଜିନିୟରିଂ ମାଧ୍ୟମରେ ୧୨ ହଜାର ବର୍ଷ ତଳେ ବିଲୁପ୍ତ ହୋଇଯାଇଥିବା ଡାୟାର ୱଲ୍ଫ (ଆମେରିକାରେ ଦେଖାଯାଉଥିବା ଏକ ପ୍ରଜାତିର ଗଧିଆ) ପରି ୩ଟି ଗଧିଆ ଶାବକ ସୃଷ୍ଟି କରିଛନ୍ତି। ଏହି ଶାବକମାନେ ଏବେ ୬ ମାସର ହୋଇଥିବାବେଳେ ସେମାନଙ୍କୁ ଏକ ଗୁପ୍ତ ଏବଂ ନିରାପଦ ସ୍ଥାନରେ ରଖାଯାଇଛି। ବିଲୁପ୍ତ ପ୍ରଜାତିଙ୍କୁ ପୁନଃ ପ୍ରବର୍ତ୍ତନ କରିବା ପାଇଁ କାର୍ଯ୍ୟ କରୁଥିବା ଆମେରିକାର ଟେକ୍ସାସ୍‌ସ୍ଥିତ ବାୟୋ ଟେକ୍ନୋଲୋଜି କମ୍ପାନୀ କୋଲୋସଲ୍ ବାୟୋ ସାଇନ୍ସେସ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି।

ଡାୟାର ୱଲ୍ଫ ଉପରେ ଗବେଷଣା କରୁଥିବା ବୈଜ୍ଞାନିକମାନେ କହିଛନ୍ତି, ଏହି ୩ ଗଧିଆ ଶାବକଙ୍କ ନାମ ରୋମୁଲସ, ରେମସ ଏବଂ ଖଲିସି ରଖାଯାଇଛି। ସେମାନଙ୍କର କେଶ ଲମ୍ବା ଏବଂ ଧଳା ରହିଛି। କୋଲୋସଲର ମୁଖ୍ୟ ବୈଜ୍ଞାନିକ ବେଥ୍ ସାପିରୋ କହିଛନ୍ତି, ବୈଜ୍ଞାନିକମାନେ ପ୍ରାଚୀନ ଜୀବାଶ୍ମରୁ ଡାୟାର ୱଲ୍ଫର ଡିଏନ୍ଏ ବାହାର କରିଥିଲେ। ଆମେରିକାର ଓହିୟୋରୁ ମିଳିଥିବା ଡାୟାର ୱଲ୍ଫର ୧୨ ହଜାର ବର୍ଷର ପୁରୁଣା ଦାନ୍ତ ଏବଂ ଇଦାହୋରୁ ମିଳିଥିବା ୭୨ ହଜାର ବର୍ଷର ପୁରୁଣା ଖପୁରି ଖଣ୍ଡରୁ ଗଧିଆଙ୍କ ଏହି ବିଲୁପ୍ତ ପ୍ରଜାତିର ବିଶେଷ ଗୁଣ ସମ୍ପର୍କରେ ବୈଜ୍ଞାନିକମାନେ ଜାଣିବାକୁ ପାଇଥିଲେ।



# 'ରେଡ୍ ୨': ରିତେଶ, ଅଜୟ ଟକ୍କର

ମୁମ୍ବାଇ




ଅଭିନେତା ଅଜୟ ଦେବଗନ ଓ ରିତେଶ ଦେଶମୁଖଙ୍କ ଆଗାମୀ ଫିଲ୍ମ 'ରେଡ୍ ୨'ର ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି। ୨୦୧୮ରେ ରିଲିଜ୍ ହୋଇଥିବା 'ରେଡ୍' ଫିଲ୍ମର ଏହା ହେଉଛି ସିକ୍ୱେଲ। ଫିଲ୍ମରେ ଅଜୟ ପୁଣିଥରେ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଧିକାରୀ ଅମୟ ପଟ୍ଟନାୟକଙ୍କ ଭୂମିକାରେ ନଜରକୁ ଆସିବେ। ତେବେ ଚଳିତ ଥର ତାଙ୍କର ସାମ୍‌ନା ରିତେଶଙ୍କ ସହ ହେବ। ରିତେଶଙ୍କୁ ଏହି ଫିଲ୍ମରେ ଦାଦା ମନୋହର ଭାଇ ନାମକ ଜଣେ ଦୁର୍ନୀତିଗ୍ରସ୍ତ ରାଜନେତାଙ୍କ ଭୂମିକାରେ ଦେଖିବାକୁ ମିଳିବ।

ଫିଲ୍ମର ଟ୍ରେଲରକୁ ଦର୍ଶକ ଖୁବ୍ ପସନ୍ଦ କରିଛନ୍ତି। ଟ୍ରେଲରର ଆରମ୍ଭ ଏକ ଆଇକନିକ୍ ଦୃଶ୍ୟରୁ ହେଉଛି, ଯେଉଁଥିରେ ଅଜୟ ନିଜର ପୂରା ଟିମ୍ ସହ ରିତେଶଙ୍କ ଘରେ ଚଢ଼ାଉ କରିବାକୁ ପହଞ୍ଚିଛନ୍ତି। ରିତେଶଙ୍କ ନାମରେ ୱାରେଣ୍ଟ ରହିଛି ବୋଲି ଅଜୟ ରିତେଶଙ୍କ ଘରେ ଥିବା ଚୌକିଦାରଙ୍କୁ କହୁଛନ୍ତି। ଅଜୟ ଓ ତାଙ୍କ ଟିମ୍ ରିତେଶଙ୍କ ଘରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କଲା ପରେ ମଧ୍ୟ ସେମାନଙ୍କୁ ନିରାଶ ହେବାକୁ ପଡ଼ିଛି। ଏହାପରେ ରିତେଶ ଅଜୟଙ୍କୁ ଚେତାବନୀ ଦେଇ କହିଛନ୍ତି, ସବୁଠାରୁ ବଡ ଜିନିଷ ଆପଣଙ୍କ ସାମ୍‌ନାରେ ରହିଛି, କିନ୍ତୁ ଆପଣ ତାହା ଖୋଜିବାକୁ ସମର୍ଥ ହେବେ ନାହିଁ। ଟ୍ରେଲରରେ ଉଭୟ ଅଜୟ ଓ ରିତେଶ ନିଜ ନିଜ ଅଭିନୟ ଶୈଳୀ ସହ ପରସ୍ପରକୁ ଟକ୍କର ଦେଉଥିବା ନେଇ ସିନେସମୀକ୍ଷକ କହିଛନ୍ତି।




## ହଳଧରଙ୍କୁ ରାଜ୍ୟ ସଂଗ୍ରହାଳୟର ସୁପରିଣ୍ଟେଣ୍ଡେଣ୍ଟ ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,୮।୪(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓଏସ୍‌ଡି ହଳଧର ନାୟକ(ଓଏଏସ୍)ଙ୍କୁ ଅତିରିକ୍ତ ଦାୟିତ୍ୱ ମିଳିଛି। ଏ ସଂକ୍ରାନ୍ତରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରୁ ଭାଗ୍ୟଲିପି ମଲ୍ଲ ଫେବୃଆରୀ ୨୮ରେ ଅବସର ଗ୍ରହଣ କରିଥିବାବେଳେ ହଳଧରଙ୍କୁ ସଂଗ୍ରହାଳୟର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।

# କୁପୋଷଣ ଚିହ୍ନଟରେ ଏଆଇ ବ୍ୟବହାର

### ଓଡ଼ିଶା ଦେଶରେ ପ୍ରଥମ

**ଶିଶୁଙ୍କ ଉଚ୍ଚତା, ଓଜନ ନିରୀକ୍ଷଣରେ ସହାୟକ ହେବ**

ଭୁବନେଶ୍ୱର,୮।୪(ରବିନାରାୟଣ ଜେନା)

କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଆଧାରିତ ଟେକ୍ନୋଲୋଜିକୁ ବ୍ୟବହାର କରି ଏବେ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁଙ୍କ ଆନ୍ଥ୍ରୋପୋମେଟ୍ରି ତଥା ଓଜନ ଏବଂ ଉଚ୍ଚତା ମାପ କରାଯିବା ସହ କୁପୋଷଣକୁ ପ୍ରାରମ୍ଭିକ ଅବସ୍ଥାରେ ହିଁ ଚିହ୍ନଟ କରାଯାଇପାରିବ। ଯଦ୍ୱାରା ଶିଶୁଙ୍କ ଓଜନ ଏବଂ ଉଚ୍ଚତା ବୃଦ୍ଧିକୁ ଗୁରୁତ୍ୱ ଦିଆଯିବା ସହ ରାଜ୍ୟରୁ କୁପୋଷଣ ଦୂର ହୋଇପାରିବ। ଏହି ଅଭିନବ ପଦକ୍ଷେପକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ହେଉଛି ସମଗ୍ର ଦେଶରେ ପ୍ରଥମ ବୋଲି ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପ୍ରମୁଖ ସଚିବ ଶୁଭା ଶର୍ମା କହିଛନ୍ତି।

ସୋମବାର ଏକ ପାଞ୍ଚଦିନିଆ ତାଲିମ କର୍ମଶାଳାକୁ ଉଦ୍‌ଘାଟନ କରି ଶୁଭା କହିଥିଲେ, କର୍ମଶାଳାରେ କ୍ଷେତ୍ର ଅନୁସନ୍ଧାନକାରୀମାନେ ନିର୍ଦ୍ଧାରିତ ପ୍ରୋଟୋକଲ ବ୍ୟବହାର କରି ଶିଶୁମାନଙ୍କ ଓଜନ ଓ ଉଚ୍ଚତା ସୂଚକ ମାପ କରିବା ଉପରେ ବ୍ୟାପକ ତାଲିମ୍ ପାଇପାରିବେ। ଆଇସିଏମ୍ଆର୍, ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ନ୍ୟୁଟ୍ରିଶନ(ଏନ୍‌ଆଇଏନ୍), ଆର୍‌ଏମ୍ଆର୍‌ସି ଭୁବନେଶ୍ୱର ଏବଂ ୱାଧୱାନୀ ଏଆଇର ବିଶେଷଜ୍ଞ ପ୍ରଶିକ୍ଷକମାନେ ତାଲିମ ପ୍ରଦାନ କରିବେ। ତାଲିମ ପରେ କ୍ଷେତ୍ର ଅନୁସନ୍ଧାନକାରୀମାନେ ପାଇଲଟ୍ କାର୍ଯ୍ୟକ୍ରମର ମୂଲ୍ୟାଙ୍କନ ଏବଂ କାର୍ଯ୍ୟକାରିତା ପାଇଁ ବାଲେଶ୍ୱର, କଟକ, ଗଞ୍ଜାମ, ଯାଜପୁର, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାଗୁଡ଼ିକରେ ୩ରୁ ୪ ମାସ ଧରି ତଥ୍ୟ ସଂଗ୍ରହ ଓ ଆକଳନ କରିବେ। ଭୁବନେଶ୍ୱରର ଆଇସିଏମ୍ଆର ଅଡିଟୋରିୟମ ହଲ୍‌ରେ ଭାରତ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରଣାଳୟ, ୱାଧୱାନୀ ଏଆଇ, ଆର୍‌ଏମ୍ଆର୍‌ସି ଭୁବନେଶ୍ୱର ଓ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗଙ୍କ ମିଳିତ ସହଭାଗିତାରେ ଶିଶୁମାନଙ୍କ ଅଭିବୃଦ୍ଧି ନିରୀକ୍ଷଣ ନିମନ୍ତେ ଏଆଇ ଉପକରଣ ଶୀର୍ଷକ ପାଞ୍ଚ ଦିନିଆ ତାଲିମ ତଥା କର୍ମଶାଳାରେ ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଆରଏମଆରସି ନିର୍ଦ୍ଦେଶିକା ଡକ୍ଟର ସଂଘମିତ୍ରା ପତି, ଜାତୀୟ କାର୍ଯ୍ୟକ୍ରମର ମୁଖ୍ୟ ଡକ୍ଟର ସ୍ନେହା ନିକମ, ଭୁବନେଶ୍ୱର ଆର୍‌ଏମ୍ଆର୍‌ସି ବୈଜ୍ଞାନିକ ଡକ୍ଟର ଶୁଭେନ୍ଦୁ କୁମାର ଆଚାର୍ଯ୍ୟ, ୱାଧୱାନୀ ଏଆଇର ମୁଖ୍ୟ ଡକ୍ଟର ମକରନ୍ଦ ତପସ୍ୱୀ, ରାଜ୍ୟ ମହିଳା ଓ ଶିଶୁ ବିକାଶର ଅତିରିକ୍ତ ସଚିବ ଏନ୍. ସି. ଜ୍ୟୋତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ନିଯୁକ୍ତି ନାମରେ ମିଥ୍ୟା ରିପୋର୍ଟ

### ସିଏଜି ରିପୋର୍ଟ

**ଖଣି ପ୍ରଭାବିତ ଯୁବତୀଯୁବକ ଦକ୍ଷତା ବିକାଶ ତାଲିମରୁ ବଞ୍ଚିତ**

ଯାଜପୁର,୮।୪
(ହର୍ଷବର୍ଦ୍ଧନ ବେହେରା)




ନିଯୁକ୍ତି ଓ ସ୍ଥାନୀୟ ଅଞ୍ଚଳର ବିକାଶ କଥା କହି ସରକାର ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ହେଲେ ତାଲିମ ପାଇଥିବା ଯୁବତୀଯୁବକଙ୍କ ମଧ୍ୟରୁ କାହାକୁ କେଉଁ ଶ୍ରେଣୀରେ କେତେ ନିଯୁକ୍ତି ମିଳିଲା ତାହା ବୁଝିବାକୁ କାହାରି ସମୟ ନାହିଁ। ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ (ଓଏମ୍‌ବିଏଡିସି) ପାଣ୍ଠିରେ ଅନୁସୂଚିତ ଜନଜାତି (ଏସ୍‌ଟି) ଏବଂ ଅନୁସୂଚିତ ଜାତି(ଏସ୍‌ସି) ବର୍ଗର ୨୦୦ ଯୁବତୀଯୁବକଙ୍କୁ ପ୍ରଦାନ କରାଯାଇଥିବା ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଓଏମ୍‌ବିଏଡିସି ନିଷ୍ପତ୍ତିକୁ ଉଲ୍ଲଂଘନ କରାଯାଇ ୨୦୦ ଜଣ ଯୁବତୀଯୁବକଙ୍କ ମଧ୍ୟରୁ ୧୯୧ ଜଣଙ୍କୁ ରାଜ୍ୟର ଖଣି ପ୍ରଭାବିତ ଅଞ୍ଚଳରୁ ଚୟନ କରାଯାଇନାହିଁ। ଏହାସହ ବିଭାଗୀୟ ରିପୋର୍ଟ ଅନୁସାରେ ତାଲିମପ୍ରାପ୍ତ ଯୁବତୀଯୁବକଙ୍କ ମଧ୍ୟରୁ କେହି ମଧ୍ୟ ଖ୍ୟାତି ସମ୍ପନ୍ନ ଶିଳ୍ପସଂସ୍ଥାରେ ନିଯୁକ୍ତି ପାଇନାହାନ୍ତି। ତାଲିମଦାତା ସଂସ୍ଥା ସେଞ୍ଚୁରିଆନ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟ (ସିୟୁଟିଏମ୍) ଠିକ୍ ସୂଚନା ନ ରଖି ମିଥ୍ୟା ରିପୋର୍ଟ ଦେଇଥିଲା ବୋଲି ଗତ ୨ ତାରିଖ ବିଧାନସଭାରେ ଉପସ୍ଥାପିତ ଭାରତର ମହାଲେଖା ନିୟନ୍ତ୍ରକ ଓ ପରୀକ୍ଷକ(ସିଏଜି) ସମୀକ୍ଷା ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି।

ରାଜ୍ୟ ସରକାର ୨୦୧୪ରୁ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ କାର୍ଯ୍ୟକାରୀ କରିଛନ୍ତି। ତଦନୁଯାୟୀ ଅନୁସୂଚିତ ଜନଜାତି ଏବଂ ଅନୁସୂଚିତ ଜାତି ବିକାଶ, ସଂଖ୍ୟାଲଘୁ ଓ ପଛୁଆବର୍ଗ ଉନ୍ନୟନ ବିଭାଗ ପକ୍ଷରୁ ୨୦୧୬ରୁ ୨୦୦ ଯୁବତୀଯୁବକଙ୍କୁ ୨ ବର୍ଷ ପାଇଁ ଫିଟର ଏବଂ ଇଲେକ୍ଟ୍ରିକାଲ ବିଷୟରେ ବିଭିନ୍ନ ପର୍ଯ୍ୟାୟରେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିପାଇଁ ୨.୯୨ କୋଟି ଟଙ୍କା ଖର୍ଚ୍ଚ ଧାର୍ଯ୍ୟ ହୋଇଥିଲା। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ଆର୍ଥିକ ବିକାଶ ନିଗମ(ଓଏସ୍‌ଏଫ୍‌ଡିସି) ଅଧୀନରେ ସିୟୁଟିଏମ୍‌କୁ ଏହି କାର୍ଯ୍ୟ ପାଇଁ ନିୟୋଜିତ କରାଯାଇଥିଲା। ରାଜ୍ୟର ଖଣି ପ୍ରଭାବିତ ଅଞ୍ଚଳରୁ ପ୍ରାର୍ଥୀ ଚୟନ କରାଯିବାର ସର୍ତ୍ତ ରଖି ଓଏମ୍‌ବିଏଡିସି ଏହି ପ୍ରକଳ୍ପକୁ ଅନୁମୋଦନ କରିଥିଲା। ତେବେ ସିଏଜି ସମୀକ୍ଷାବେଳେ ଓଏସ୍‌ଏଫ୍‌ଡିସି ରେକର୍ଡ ଯାଞ୍ଚରୁ ଜଣାଗଲା ଯେ, ୨୦୦ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୯୧ ଜଣ ପ୍ରାର୍ଥୀ(୯୫.୫%) ରାଜ୍ୟର ଖଣି ପ୍ରଭାବିତ ଅଞ୍ଚଳରୁ ଚିହ୍ନଟ ହୋଇ ନ ଥିଲେ। ତେଣୁ ଖଣି ପ୍ରଭାବିତ ଅଞ୍ଚଳର ଯୋଗ୍ୟ ଏସ୍‌ସି/ଏସ୍‌ଟି ଯୁବତୀଯୁବକମାନେ ଦକ୍ଷତା ବିକାଶ ତାଲିମ ପାଇବାରୁ ବଞ୍ଚିତ ହୋଇଥିଲେ। ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଝାରସୁଗୁଡା, କେନ୍ଦୁଝର, କୋରାପୁଟ, ମୟୂରଭଞ୍ଜ ଏବଂ ସୁନ୍ଦରଗଡ଼ ଜିଲାର ୨୦୪ ଜଣ ୫ମ ପର୍ଯ୍ୟାୟ ପର୍ଯ୍ୟନ୍ତ ନାମ ଲେଖାଇଥିଲେ। ସେଥିମଧ୍ୟରୁ ୧୮୮ ଜଣ ୨୦୨୨ ମାର୍ଚ୍ଚ ସୁଦ୍ଧା ଦୁଇବର୍ଷର ପାଠ୍ୟକ୍ରମ ସମାପ୍ତ କରିଥିଲେ। ଚୁକ୍ତି ଅନୁସାରେ ପ୍ରତି ଯୁବତୀଯୁବକଙ୍କ ପିଛା ତାଲିମ ଖର୍ଚ୍ଚ ୫୦ ହଜାର ଟଙ୍କା ଏବଂ ରହିବା ଓ ଖାଇବା ଖର୍ଚ୍ଚ ବାବଦକୁ ୯୬ ହଜାର ଟଙ୍କା ଧାର୍ଯ୍ୟ ହୋଇଥିଲା। ତାଲିମ ସମାପ୍ତ ହେବାର ୨ ମାସ ପରେ ସିୟୁଟିଏମ୍ ଦ୍ୱାରା ଖ୍ୟାତିସମ୍ପନ୍ନ ଶିଳ୍ପଗୁଡ଼ିକରେ ୮୦ ପ୍ରତିଶତ ନିଯୁକ୍ତି ଦିଆଯିବାକୁ ସର୍ତ୍ତ ରହିଥିଲା। ତେବେ ସିଏଜି ସମୀକ୍ଷାରେ ଦେଖାଗଲା ଯେ, ପ୍ରଥମ ଓ ଦ୍ୱିତୀୟ ବ୍ୟାଚ୍‌ର ତାଲିମପ୍ରାପ୍ତ ୧୪୩ ଜଣଙ୍କ ମଧ୍ୟରୁ ୧୨୯ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ଦିଆଯାଇଥିବା ଦର୍ଶାଯାଇଥିଲା। ହେଲେ ଓଏସ୍‌ଏଫ୍‌ଡିସିର ନିଯୁକ୍ତି ଯାଞ୍ଚ କମିଟି କେବଳ ନିଯୁକ୍ତି ପାଇଥିବା ୩୦ ଜଣ ତାଲିମଧାରୀଙ୍କ ସହ ଯୋଗାଯୋଗ କରିବାରେ ସକ୍ଷମ ହୋଇଥିଲା। ସିୟୁଟିଏମ୍ ଦ୍ୱାରା ଦର୍ଶାଯାଇଥିବା କୌଣସି ତାଲିମଧାରୀ ସମ୍ପୃକ୍ତ ସଂସ୍ଥାରେ ନିୟୋଜିତ ନ ଥିଲେ। ଏଭଳି ଭାବେ ଏହା ପ୍ରମାଣିତ ହେଲା ଯେ, ସିୟୁଟିଏମ୍ ଠିକ ସୂଚନା ରଖି ନ ଥିଲା କିମ୍ବା ଓଏସ୍‌ଏଫ୍‌ଡିସିକୁ ମିଥ୍ୟା ରିପୋର୍ଟ ପ୍ରଦାନ କରିଥିଲା ବୋଲି ସିଏଜିର ସମୀକ୍ଷା ରିପୋର୍ଟରେ ଦର୍ଶାଯାଇଛି। ଏହାପରେ ଓଏସ୍‌ଏଫ୍‌ଡିସିର ଯାଞ୍ଚ କମିଟି ତାଲିମଦାତା ସଂସ୍ଥା ସିୟୁଟିଏମ୍ କର୍ତ୍ତୃପକ୍ଷଙ୍କୁ ୨୦୨୧ ଅକ୍ଟୋବରରେ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ତାଲିମ ମୂଲ୍ୟର ଅଷ୍ଟମ କିସ୍ତି ଦେୟକୁ ଅଟକାଇ ଦେଇଥିଲା। ପରବର୍ତ୍ତୀ ସମୟରେ କୌଣସି ଅନୁସନ୍ଧାନ ନ କରି ଅଷ୍ଟମ କିସ୍ତି ପ୍ରଦାନ କରାଯାଇଥିଲା। ତୃତୀୟ ବ୍ୟାଚ୍‌ର ୨୨ଜଣ ତାଲିମପ୍ରାପ୍ତ ପ୍ରାର୍ଥୀଙ୍କୁ କୌଣସି ଶିଳ୍ପ ସଂସ୍ଥାରେ ନିଯୁକ୍ତି ଦିଆଯାଇ ପାରିଲା ନାହିଁ। ତଥାପି ସିୟୁଟିଏମ୍‌କୁ ୨୭.୬୫ ଲକ୍ଷ ଟଙ୍କା ଦେୟ ପ୍ରଦାନ କରାଯାଇଥିଲା। ତେବେ ତଥ୍ୟଗୁଡ଼ିକୁ ପ୍ରମାଣ କରିବାକୁ ଓଏସ୍‌ଏଫ୍‌ଡିସି ଏବଂ ସିୟୁଟିଏମ୍ ସହିତ ଏକ ମିଳିତ ଯାଞ୍ଚ ହୋଇଥିଲା। ଏହି ଯାଞ୍ଚରେ ମଧ୍ୟ ସନ୍ତୋଷଜନକ ନିଯୁକ୍ତି ଦିଆଯାଇ ପାରି ନ ଥିବା ଜଣାପଡ଼ିଥିଲା ବୋଲି ସିଏଜି ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ ରହିଛି।

# ଲଘୁଚାପ: ୧୯ ଜିଲାରେ ବର୍ଷିବ

ଭୁବନେଶ୍ୱର,୮।୪
(ଅନୁରାଧା ମହାରଣା)

ବଙ୍ଗୋପସାଗରରେ ସୋମବାର ସୃଷ୍ଟି ହୋଇଥିବା ଲଘୁଚାପକ୍ଷେତ୍ର ମଙ୍ଗଳବାର ଆହୁରି ଘନୀଭୂତ ହୋଇ ଦକ୍ଷିଣ-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ସ୍ପଷ୍ଟଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଏହା ଆଗାମୀ ୧୨ଘଣ୍ଟା ପର୍ଯ୍ୟନ୍ତ ନିଜର ତୀବ୍ରତା ବଜାୟ ରଖିବା ସହ ପଶ୍ଚିମକେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ପରବର୍ତ୍ତୀ ୧୨ଘଣ୍ଟାରେ ଗତିର ଦିଗ ପରିବର୍ତ୍ତନ ସହ ଉତ୍ତର-ଉତ୍ତର ପୂର୍ବ ଦିଗରେ ଗତି କରି କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଧୀରେ ଧୀରେ ଦୁର୍ବଳ ହୋଇପାରେ। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କେନ୍ଦୁଝର, ଦେଓଗଡ଼, ରାୟଗଡ଼ା, ସୁନ୍ଦରଗଡ଼, କୋରାପୁଟ, ଅନୁଗୋଳ, ଢେଙ୍କାନାଳ ଆଦି ୧୯ଟି ଜିଲାରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାକୁ ଘଡ଼ଘଡ଼ି ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ପବନ ହେବା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ଇସ୍ରାଏଲ ଯୁଦ୍ଧକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ବିରୋଧ

ଭୁବନେଶ୍ୱର,୮।୪
(ସୁଚିସ୍ମିତା ସାହୁ)

ଗାଜା ଉପରେ ଇସ୍ରାଇଲ ବୋମାମାଡ଼ କରିଚାଲିଛି। ଫଳରେ ହଜାର ହଜାର ଶିଶୁ ଓ ବୃଦ୍ଧଙ୍କ ଜୀବନ ଯାଉଛି। ଇସ୍ରାଏଲର ଏହି ଯୁଦ୍ଧକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର କେନ୍ଦ୍ରୀୟ କମିଟି ପକ୍ଷରୁ ତୀବ୍ର ବିରୋଧ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭୁବନେଶ୍ୱର ଜିଲା ସାଙ୍ଗଠନିକ କମିଟି ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଭୁବନେଶର ଜିଲା ସାଙ୍ଗଠନିକ କମିଟିର ସଦସ୍ୟ ନିରଞ୍ଜନ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା, ଓଡ଼ିଶା ରାଜ୍ୟ କମିଟି ସଦସ୍ୟ ରାଜେନ୍ଦ୍ର ବର୍ମା, ସୁବାସ ଚନ୍ଦ୍ର ନାୟକ, ଜିଲା ସାଙ୍ଗଠନିକ କମିଟି ସଦସ୍ୟ ପ୍ରଭାମଞ୍ଜୁଳା ବ୍ରହ୍ମ, ନସିମ ସରକାର, ବିଜୟଲକ୍ଷ୍ମୀ ପାତ୍ର ପ୍ରମୁଖ ବକ୍ତବ୍ୟ ରଖି ପାଲେଷ୍ଟାଇନବାସୀଙ୍କ ପ୍ରତି ସମବେଦନା ଜଣାଇଥିଲେ।




# 'ଓଡ଼ିଶାରେ ୨୭% ଓବିସି ସଂରକ୍ଷଣ କରାଯାଉ'

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲା ଓବିସି ଫୋରମ

ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)

କେନ୍ଦ୍ର ସରକାର ୧୯୯୦ ମସିହାରେ ସରକାରୀ ଚାକିରି କ୍ଷେତ୍ରରେ ୨୭% ପଛୁଆବର୍ଗ ସଂରକ୍ଷଣ ଲାଗୁ କରିଥିଲେ। ଅନେକ ରାଜ୍ୟ ସରକାର ମଧ୍ୟ ଏହି ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିଥିଲେ। ତେବେ ଓଡ଼ିଶା ସରକାର ଏହି ସୁପାରିସକୁ ଲାଗୁ କଲେ ନାହିଁ। ଆଇଆଇଟି, ଆଇଆଇଏମ୍ ଏବଂ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନାମଲେଖା କ୍ଷେତ୍ରରେ ଦୀର୍ଘ ୨୦ ବର୍ଷ ହେଲା କେନ୍ଦ୍ର ସରକାର ଓବିସି ଛାତ୍ରୀଛାତ୍ରଙ୍କୁ ସଂରକ୍ଷଣ ଦେଇଥିବା ବେଳେ ଓଡ଼ିଶା ସରକାର ଆଜିପର୍ଯ୍ୟନ୍ତ ତାହା ଲାଗୁ କରିନାହାନ୍ତି। ସୁପ୍ରିମକୋର୍ଟ ମଧ୍ୟପ୍ରଦେଶ ମାମଲା ପରିପ୍ରେକ୍ଷୀରେ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ ହେବାରେ କୌଣସି ବାଧା ନାହିଁ ବୋଲି ରାୟ ଦେବା ପରେ ଓଡ଼ିଶାରେ ପଛୁଆବର୍ଗଙ୍କ ପାଇଁ ତୁରନ୍ତ ୨୭% ସଂରକ୍ଷଣ ଲାଗୁ କରିବାକୁ ଓବିସି ଫୋରମ୍ ଦାବି କରିଛି। ଫୋରମର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏ ନେଇ ଚିଠି ଲେଖି ଓଡ଼ିଶାରେ ଓବିସିଙ୍କ ପାଇଁ ନିଯୁକ୍ତି ଓ ନାମଲେଖା କ୍ଷେତ୍ରରେ ୨୭% ଲାଗି ସଂରକ୍ଷଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏହାବ୍ୟତୀତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମଧ୍ୟ ରାଜ୍ୟର ପଛୁଆବର୍ଗଙ୍କୁ ୨୭% ସଂରକ୍ଷଣ ଦେବାକୁ ସେ ଦାବି କରିଛନ୍ତି। ପୂର୍ବ ସରକାର ସମୟରେ ପଛୁଆବର୍ଗ କମିଶନ ପକ୍ଷରୁ ଯେଉଁ ଓବିସି ସଂରକ୍ଷଣ କରାଯାଇଥିଲା, ତାହାର ରିପୋର୍ଟ ସାର୍ବଜନୀନ କରିବାକୁ ମଧ୍ୟ ଦାବି କରାଯାଇଛି। ରାଜ୍ୟରେ ନୂଆ ସରକାର ଆସିବାର ୯ ମାସ ମଧ୍ୟରେ ୨.୬ ହଜାର ପିଲାଙ୍କୁ ସରକାରୀ ଚାକିରି ଦିଆଯାଇଛି ବୋଲି ସରକାର କହୁଛନ୍ତି, କିନ୍ତୁ ରାଜ୍ୟରେ ଓବିସିଙ୍କ ପାଇଁ ୨୭ଭାଗ ସଂରକ୍ଷଣ ଲାଗୁ ହୋଇ ନ ଥିବାରୁ ୧୦ ହଜାରରୁ ଊର୍ଦ୍ଧ୍ୱ ପିଲା ଚାକିରି ହରାଇଲେଣି। ଏପ୍ରିଲ ୧୩ରେ ମଣ୍ଡଳ କମିଶନର ଅଧ୍ୟକ୍ଷ ବି.ପି. ମଣ୍ଡଳଙ୍କ ଶ୍ରାଦ୍ଧ ଦିବସ ଏବଂ ୧୪ରେ ସମ୍ବିଧାନ ପ୍ରଣେତା ଭାରତରତ୍ନ ବାବା ସାହେବ ଆମ୍ବେଡକରଙ୍କ ଜନ୍ମଦିବସ ପରିପ୍ରେକ୍ଷୀରେ ରାଜ୍ୟରେ ପଛୁଆବର୍ଗଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ନିଶ୍ଚିତ କରିବାକୁ ଫୋରମ ଅଧ୍ୟକ୍ଷ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ରନ୍ଧନ ଗ୍ୟାସ ଦର ବୃଦ୍ଧି ପ୍ରତିବାଦରେ ସିପିଆଇର ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ନିଖିଳ ଓଡ଼ିଶା ଶିକ୍ଷକ କର୍ମଚାରୀ ପେନ୍‌ସନରର୍ସ ମହାସଂଘ ପକ୍ଷରୁ ପେନ୍‌ସନରର୍ସମାନଙ୍କ ଜରୁରୀ ଦାବି ସମ୍ପର୍କିତ ବୈଠକ, ସ୍ଥାନ: ସିଆଇଟିୟୁ ଅଫିସ୍, ଖାରବେଳ ନଗର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଓଡ଼ିଶା ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ରିସର୍ଚ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଓୟୁଟିଆର୍, ସମୟ: ମଧ୍ୟାହ୍ନ ୧୨ଟା ୪୫ ।
- ଓଡ଼ିଆ ମହୋତ୍ସବ ଓ ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ତଥା ଓଡ଼ିଆ ମହୋତ୍ସବ ସମ୍ମାନ ସମ୍ପର୍କିତ ଖବରଦାତା ସମ୍ମିଳନୀ, ସ୍ଥାନ: ଏକାମ୍ର ହାଟ, ସମୟ: ଅପରାହ୍ନ ୫ଟା ।
- ଶ୍ରୀ ପତିତପାବନ ଦେବ ରାମଲୀଳା ନାଟ୍ୟ ପରିଷଦ ଆନୁକୂଲ୍ୟରେ ରାମଲୀଳାର ନାଟକ 'ରାମ ବନବାସ' ପରିବେଷଣ, ସ୍ଥାନ: ପତିତପାବନ ମନ୍ଦିର ପରିସର, କାକଟ୍ରୁଦ୍ରପୁର, ସମୟ: ରାତି ୧୧ଟା ।
- ରାମଲୀଳାର ନାଟକ 'ସୀତା ବିବାହ' ପରିବେଷଣ, ସ୍ଥାନ: ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ଗୋଡ଼ଲବିନ୍ଧା, ସମୟ: ରାତି ୧୧ଟା ।
- ଶ୍ରୀ ନୀଳକଣ୍ଠେଶ୍ୱର ରାମଲୀଳା ପ୍ରଚାର ସମିତି ପକ୍ଷରୁ ୪୭ତମ ବାର୍ଷିକ ରାମଲୀଳାର ନାଟକ 'ସୀତା ସ୍ୱୟଂମ୍ବର ଓ ପର୍ଶୁରାମ ଭେଟ', ସ୍ଥାନ: ରାମଲୀଳା ପଡ଼ିଆ, ବେଣୁପୁର, ସମୟ: ରାତି ୧୧ଟା ।
- ରାମଲୀଳାର ନାଟକ 'ରାମ ବନବାସ' ପରିବେଷଣ, ସ୍ଥାନ: ରାମଲୀଳା ପଡ଼ିଆ, ବଇରୁଆ ଗ୍ରାମ, ସମୟ: ରାତି ୧୧ଟା ।

## କଟକ
- ମୋ କଟକ ସୁରକ୍ଷା ମଞ୍ଚ ପକ୍ଷରୁ ବନ୍ଧୁମିଳନ, ସ୍ଥାନ: ପ୍ରମିଳା ମଣ୍ଡପ, ମଧୁପାଟଣା, ସମୟ: ପୂର୍ବାହ୍ନ ୧୧ଟା ।
- ଓକିଲ ସଂଘର ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥଗ୍ରହଣ କାର୍ଯ୍ୟକ୍ରମ, ସ୍ଥାନ: ତିଗିରିଆ ଓକିଲ ସଂଘ ଗୃହ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା ।
- ସଂସ୍କୃତି ବିହାର ପକ୍ଷରୁ ଗୁରୁ ସ୍ୱର୍ଗତ ନାରାୟଣ ସିଂହଙ୍କ ସ୍ମୃତିରେ ଗୀତିନାଟ୍ୟ କର୍ଣ୍ଣବଧ ମଞ୍ଚସ୍ଥ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ : ସନ୍ଧ୍ୟା ୬ଟା ୩୦ ।
- ଚିନ୍ମୟ ମିଶନ କଟକ ଆନୁକୂଲ୍ୟରେ ସ୍ୱାମୀ ସଦାନନ୍ଦ ସରସ୍ୱତୀଙ୍କ ସୁନ୍ଦରାକାଣ୍ଡ ପ୍ରବଚନର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଫିରିଙ୍ଗିବଜାର ଚିନ୍ମୟ ମିଶନ ପରିସର, ସମୟ: ସନ୍ଧ୍ୟା ୭ଟା ।

## ଖୋର୍ଦ୍ଧା
- ଶ୍ରୀରାମଚରିତ ନବାହ୍ନ ପାରାୟଣ କାର୍ଯ୍ୟକ୍ରମ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସକାଳ ୬ଟା ।
- ମା'ତାରିଣୀଙ୍କ ବାର୍ଷିକୋତ୍ସବ, ସ୍ଥାନ: କଡ଼ାମଲ୍ଲ, ବେଗୁନିଆ ଉପକଣ୍ଠ, ସମୟ: ସକାଳ ୭ଟା ।
- ମହାପାଟଦେଇ କାଳିକା ଦେବୀ ମହୋତ୍ସବ, ସ୍ଥାନ: ବେଗୁନିଆ ଦୁର୍ଗାଦେବୀ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀରାମଚରିତ ମାନସ ପାରାୟଣ, ସ୍ଥାନ: ଶ୍ରୀରାମ ମନ୍ଦିର ନିକଟ, ଶ୍ରୀରାମ ନଗର, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା ।
- ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ପାଟଣାହାଟ, ବେଗୁନିଆ, ସମୟ: ସନ୍ଧ୍ୟା ୭ଟା ।
- ରାମାୟଣ ନାଟ୍ୟ ଉତ୍ସବ, ସ୍ଥାନ: ବାଘମାରୀ ତଳସାହି, ସମୟ: ରାତି ୮ଟା ।
- ରାମାୟଣ ନାଟ୍ୟ ମହୋତ୍ସବ, ସ୍ଥାନ: କଡ଼ାମଲ୍ଲ, ବେଗୁନିଆ ଉପକଣ୍ଠ, ସମୟ: ରାତି ୮ଟା ।

## ପୁରୀ
- ମା' ଝାଡ଼ମଲ୍ଲୀ ଠାକୁରାଣୀ ପ୍ରାଙ୍ଗଣରେ ଅଖଣ୍ଡ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଚକଲଙ୍ଗା, ବଳଙ୍ଗା, ସମୟ: ସନ୍ଧ୍ୟା ୬ଟା ।

## ବାଲେଶ୍ୱର
- ଭୂଷଣ୍ଡେଶ୍ୱର ମହାଦେବଙ୍କ ପ୍ରସିଦ୍ଧ କାମିନୀ ବିବାହ, ସ୍ଥାନ: ଭୂଷଣ୍ଡେଶ୍ୱର ମନ୍ଦିର ପରିସର, ଭୋଗରାଇ, ସମୟ: ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ।
- ସିଏମ୍ ଟ୍ରଫି ଜିଲାସ୍ତରୀୟ ଫୁଟବଲ ଚାମ୍ପିୟନଶିପ୍ ତୃତୀୟ ଦିବସ, ସ୍ଥାନ: ସ୍ପୋର୍ଟ୍ସ ହଷ୍ଟେଲ ଗ୍ରାଉଣ୍ଡ, ଭୀମପୁରା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା ।

## ଭଦ୍ରକ
- ରାଜ୍ୟସ୍ତରୀୟ ସମୀର ମେମୋରିଆଲ ଉତ୍କଳିକା କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଅଟଳ ବିହାରୀ ମହାବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା ।
- ଭାଜପାର ବାଇକ୍ ଶୋଭାଯାତ୍ରା, ସ୍ଥାନ: ଖେରଙ୍ଗ ବଜାର, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦୁଝର
- ରଜତ ଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ପାଟଣା ବ୍ଲକ ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମୟ: ପୂର୍ବାହ୍ନ ୧୦ଟା ।

## ମୟୂରଭଞ୍ଜ
- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ରଘୁନାଥ ଏମ୍‌ଜିସି ସହିତ ଶାନ୍ତି ନିକେତନ ୟାଇସିର ମ୍ୟାଚ, ସ୍ଥାନ: ଷ୍ଟାଡ଼ିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା ।
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା ।
- ଜଗନ୍ନାଥ ମିଶ୍ର ସ୍ମାରକୀ ଦିବାରାତ୍ର ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ମଧୁବନ ମିନି ଷ୍ଟାଡ଼ିୟମ, ବାରିପଦା,ସମୟ: ଅପରାହ୍ନ ୩ଟା ।
- ସିଏମ୍ ଟ୍ରଫି-୨୦୨୫ ଫୁଟବଲ ଟୁର୍ନାମେଣ୍ଟରେ ଡ୍ରାଗନ ଯୁବକ ସଂଘ ସହିତ ଆରପିଜେଜେ କ୍ଲବର ମ୍ୟାଚ, ସ୍ଥାନ:ଷ୍ଟାଡ଼ିୟମ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୪ଟା ।

## ଗଜପତି
- ପଠାଣି ସାମନ୍ତ ମେଧାବୃତ୍ତି, ସ୍ଥାନ: ମୋହନା ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ହାଇସ୍କୁଲ, ସମୟ: ସକାଳ ୭ ଟା ।

## ରାୟଗଡ଼ା
- ଘଣ୍ଟ ପର୍ବ ଉଦ୍‌ଯାପନୀ ଦିବସ, ସ୍ଥାନ: ଡ଼ାଙ୍ଗସୋରଡ଼ା ଠାକୁରାଣୀ ମନ୍ଦିର ପରିସର, ଚନ୍ଦ୍ରପୁର, ସମୟ: ସକାଳ ୮ଟା ।
- ମା' ମଝିଘରିଆଣୀଙ୍କ ଷୋଡ଼ଶ ଉପଚାର ପୂଜା, ଚଣ୍ଡୀ ହୋମ, ସ୍ଥାନ: ମଝିଘରିଆଣୀ ମନ୍ଦିର ପରିସର, ରାୟଗଡା, ସକାଳ: ୮ଟା ୪୦ରୁ ଆରମ୍ଭ ।

## ନବରଙ୍ଗପୁର
- ସଙ୍କଟମୋଚନ ହନୁମାନ ମନ୍ଦିର ରତ୍ନମୁଦ ଓ ବିଗ୍ରହଙ୍କ ପ୍ରାଣ ପ୍ରତିଷ୍ଠା ,ମନ୍ଦିରରେ ପ୍ରବେଶ, ନାମ ସଂକୀର୍ତ୍ତନ, ସ୍ଥାନ: ତେନ୍ତୁଳିଖୁଣ୍ଟି, ସମୟ: ସକାଳ ୬ଟା ।
- ଦିବ୍ୟାଙ୍ଗ ମାନଙ୍କ ନିମନ୍ତେ ସହାୟକ ଉପକରଣ ବଣ୍ଟନ, ସ୍ଥାନ: ଡାବୁଗାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।

## କୋରାପୁଟ
- ବ୍ଲକ ସ୍ତରୀୟ ପଠାଣି ସାମନ୍ତ ଗଣିତ ବୃତ୍ତି ପରୀକ୍ଷା, ସ୍ଥାନ: ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୬ଟା ୪୫ ।
- କୋରାପୁଟରେ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ପ୍ରତିଯୋଗିତା, ସ୍ଥାନ: ସ୍ପୋର୍ଟସ କମ୍ପ୍ଲେକ୍ସ, କୋରାପୁଟ, ସମୟ: ସକାଳ ୮ ଟା ।

## ଜଗତ୍‌ସିଂହପୁର
- ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ(ଓମ୍ପା)ର କର୍ମକର୍ତ୍ତା ନିର୍ବାଚନ, ସ୍ଥାନ: ଓମ୍ପା ବୈଠକ ହଲ, ଲକ୍‌ପଡା, ଅଠରବାଙ୍କୀ, ପାରାଦୀପ, ସମୟ: ସକାଳ ୭ଟା ।
- କୁଜଙ୍ଗ ଗାନ୍ଧୀ ନାରାୟଣ ବୀରବର ସାମନ୍ତଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ଭିତ୍ତିପ୍ରସ୍ତର ଉତ୍ସବ, ସ୍ଥାନ: ଅନନ୍ତପୁର, କୁଜଙ୍ଗ, ସମୟ: ସକାଳ ୮ଟା ।
- ପାରାଦୀପ ବନ୍ଦର ଆର୍ଥିକ ବର୍ଷ ସଫଳତା ଉପଲକ୍ଷେ ଅଧିକାରୀ ଓ ଖବରଦାତାଙ୍କୁ ନେଇ ବନ୍ଧୁମିଳନ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ ସମୟ: ମଧ୍ୟାହ୍ନ ୧୨ଟା ।
- କୁଜଙ୍ଗ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ବନ ବିହାରୀ ହାଇସ୍କୁଲ ପଡ଼ିଆ, କୁଜଙ୍ଗ, ସମୟ: ସନ୍ଧ୍ୟା ୬ଟା ।

## କେନ୍ଦ୍ରାପଡ଼ା
- ଶ୍ରୀସଙ୍କଟମୋଚନ ହନୁମାନ ବିଗ୍ରହ ପ୍ରତିଷ୍ଠା ଓ ରତ୍ନମୁଦ ମହୋତ୍ସବ, ସ୍ଥାନ: ତେନ୍ତୁଳିଖୁଣ୍ଟି, ରାଜନଗର, ସମୟ: ପୂର୍ବାହ୍ନ ୧୧ଟା ।
- ଶ୍ରୀଭାଗବତ ପାରାୟଣ ଓ ଗୀତା ମହଯଜ୍ଞ, ସ୍ଥାନ: ସିଦ୍ଧ ମହାପୁରୁଷ ଯଜ୍ଞ ପୀଠ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା ।
- ରାଜକନିକା ବ୍ଲକ କଳାସଂସ୍କୃତି ସଂଘ ପକ୍ଷରୁ ଲୋକକଳା ମହୋତ୍ସବ, ଗିରିଆ ମେଳଣ ପଡ଼ଆ, ରାଜକନିକା, ସମୟ: ସନ୍ଧ୍ୟା ୬ଟା ।
- ଶ୍ରୀମଦ୍ ଭାଗବତ ପାରାୟଣ ମହୋତ୍ସବ, ସ୍ଥାନ: ଦୋଉତି ନାହାକାଣୀ ପୀଠ, ଅଢ଼ାଯୋଡ଼ି, ରାଜନଗର, ସମୟ: ସନ୍ଧ୍ୟା ୬ଟା ।

## ଯାଜପୁର
- ରାଜ୍ୟସ୍ତରୀୟ ଡିଫା କପ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଧର୍ମଶାଳା ବାଣୀ ପୀଠ ଖେଳପଡ଼ିଆ, ସମୟ: ଅପରାହ୍ନ ୪ଟା ।

## ନୟାଗଡ଼
- ୧୩ ଦଣ୍ଡଙ୍କ ମିଳନ ଉତ୍ସବ, ସ୍ଥାନ:ଖଣ୍ଡପଡ଼ା ନୀଳକଣ୍ଠେଶ୍ୱର ପୀଠ, ସମୟ:ଅପରାହ୍ନ ୫ଟା ।
- ୧୫୬ ପାଟ ଦଣ୍ଡ ମିଳନ, ସ୍ଥାନ:ଖଣ୍ଡପଡ଼ା ବ୍ଲକ୍ ବେଣାଗାଡ଼ିଆ ପଞ୍ଚାୟତର କାଦୁଆ, ସମୟ:ଅପରାହ୍ନ ୩ଟା ।

## ସମ୍ବଲପୁର
- ଜିଲାପ୍ରଶାସନ ଆୟୋଜିତ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ବହିଟିଏ କିଣିବା କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା ।
- ଶ୍ରୀରାମ ନବମୀ ଉତ୍ସବରେ ବେଶ କାର୍ଯ୍ୟକ୍ରମ, ସ୍ଥାନ: ରାମଜୀ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା ।
- ରୋଟାରୀ କ୍ଲବ ଆୟୋଜିତ ଆନ୍ତର୍ଜାତୀୟ ଟ୍ରେଡ ଫେୟାର, ସ୍ଥାନ : ଅଇଁଠାପାଲି ସ୍ଥିତ ପିଏଚ୍‌ଡି ପଡିଆ, ସମୟ : ଅପରାହ୍ନ ୩ଟା ।
- କଲମ ପରିବାର ଆୟୋଜନରେ କବିତା ପାଠୋତ୍ସବ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ଅପରାହ୍ନ ୫ଟା ।

## ବଲାଙ୍ଗୀର
- ବଲାଙ୍ଗୀର ଚାମ୍ପିୟନ ଲିଗ୍ ଡ୍ୟୁଜ୍ ବଲ କ୍ରିକେଟ୍ ମ୍ୟାଚ୍ ସ୍ଥାନ: ଗାନ୍ଧୀ ଷ୍ଟାଡ଼ିୟମ, ବଲାଙ୍ଗୀର, ସମୟ: ସକାଳ ୮ ଟା ୩୦ ମିନିଟ ।
- ବ୍ରାହ୍ମଣ ମହାସଭା ପକ୍ଷରୁ ସାମୁହିକ ବ୍ରତୋପନୟନ,ସ୍ଥାନ: ନୃସିଂହ ମନ୍ଦିର, ବଲାଙ୍ଗୀର,ସମୟ: ସକାଳ ୯ଟା ।

## ରାଉରକେଲା
- ଶିଶୁ ବିଦ୍ୟାମନ୍ଦିରରେ ସଙ୍ଗୀତ କଳା କର୍ମଶାଳା, ସ୍ଥାନ: ସେକ୍ଟର-୬, ସମୟ: ପୂର୍ବାହ୍ନ ୧୦ଟା ।
- ବାସନ୍ତୀ ପରିଷଦର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ନୃତ୍ୟ ସଙ୍ଗୀତ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୩, ସମୟ: ସନ୍ଧ୍ୟା ୬ଟା ।

## ସୁନ୍ଦରଗଡ଼
- ଓଡ଼ିଆ ପକ୍ଷ ପାଳନ ଅବସରରେ ଆସ ବହିଟିଏ କିଣିବା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ, ସମୟ: ପୂର୍ବାହ୍ନ ୧୦ଟା ।
- ରାମ ନବମୀର ଚତୁର୍ଥ ସନ୍ଧ୍ୟାରେ ପଣ୍ଡିତ ଗୌରହରି ଦାଶ ମହାରାଜଙ୍କ ଦ୍ୱାରା ରାମାୟଣ ଉପରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ରାମଜୀ ମନ୍ଦିର, ସୁନ୍ଦରଗଡ, ସମୟ: ସନ୍ଧ୍ୟା ୭ଟା ।

## ବରଗଡ଼
- ଜିଲା ଭାରତ ସ୍କାଉଟସ, ଗାଇଡସ କ୍ୟାମ୍ପୋରୀ, ସ୍ଥାନ: ସରକାରୀ ହାଇସ୍କୁଲ, ଭଟଲି, ସମୟ: ସନ୍ଧ୍ୟା ୫ଟା ।
- ସର୍ବଭାରତୀୟ ରାତ୍ରିକାଳୀନ କ୍ରିକେଟ, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼,ସମୟ:ସନ୍ଧ୍ୟା ୭ଟା ।

## କଳାହାଣ୍ଡି
- ଲଳିତକଳା ପ୍ରଦର୍ଶନୀ ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱ ବିଦ୍ୟାଳୟ, ସମୟ: ଅପରାହ୍ନ ୪ଟା ।
- ୨୭% ସଂରକ୍ଷଣ ଦାବିରେ ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ଜିଲାପାଳଙ୍କ ଅଫିସ ଆଗରେ ଆନ୍ଦୋଳନ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ।

## ବୌଦ୍ଧ
- ବୌଦ୍ଧ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଚତୁର୍ଥ ଦିନ ନାଟକ ଖର, ଦୂଷଣ, ତ୍ରିସିରା ବଧ, ସ୍ଥାନ: ରଘୁନାଥ ମନ୍ଦିର ପ୍ରାଙ୍ଗଣ ପଡିଆ, ବୌଦ୍ଧ, ସମୟ: ରାତି ୯ଟା ।
- ବହିରା ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ରାମଲୀଳା ଯାତ୍ରାର ଚତୁର୍ଥ ଦିବସ ନାଟକ ରାମ ବନବାସ, ସ୍ଥାନ: ବହିରା ରାମଲୀଳା ମଣ୍ଡପ, ବହିରା, ସମୟ: ରାତି ୯ଟା ।

## ଦେବଗଡ଼
- ସିଧାସଳଖ ଧାନ ବିହନ ବୁଣାଯନ୍ତ୍ର ସାହାଯ୍ୟ ଚାଷ ସମ୍ପର୍କିତ ଜିଲାସ୍ତରୀୟ ତାଲିମ ଶିବିର, ସ୍ଥାନ: ସିଡିଏଓ କାର୍ଯ୍ୟାଳୟ ନୂଆ ବାଲିରୋଇ, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ଆନ୍ତଃ କ୍ଲବ୍ ଜିଲାସ୍ତରୀୟ ଫୁଟ୍‌ବଲ୍ ଚାମ୍ପିୟନଶିପ୍ ଫର୍ ସିଏମ୍ ଟ୍ରଫି, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡ଼ିୟମ, ଦେବଗଡ଼, ସମୟ: ଅପରାହ୍ନ ୪ଟା ।

## ସୁବର୍ଣ୍ଣପୁର
- ଚାରିଶମ୍ଭୁ ମେଳଣ ଉତ୍ସବ, ସ୍ଥାନ: ବୀରମହାରାଜପୁର ଚମ୍ପାପୁର ପାରେନିଅର୍ ପବ୍ଲିକ ସ୍କୁଲ ପଡ଼ିଆ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା ।
- ମୁଖ୍ୟମନ୍ତ୍ରୀ ଆନ୍ତଃକ୍ଲବ ଫୁଟବଲ୍ ଚାମ୍ପିୟନଶିପ୍‌ର ତୃତୀୟ ଦିବସ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡ଼ିୟମ, ସମୟ: ଅପରାହ୍ନ ୪ଟା ।

## ନୂଆପଡ଼ା
- ଆସ ବହିଟିଏ କିଣିବା ଅଭିଯାନ, ସ୍ଥାନ: ଜିଲା ସାହିତ୍ୟ ଓ ସଂସ୍କୃତି ବିଭାଗ କାର୍ଯ୍ୟାଳୟ ନୂଆପଡ଼ା, ସମୟ: ସକାଳ ୮ଟା ।
- ଅନୁସୂଚିତ ଜାତି ଓ ଜନଜାତି ଦ୍ୱାରା ପରିଚାଳିତ ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଖଡ଼ିଆଳ ବ୍ଲକ ନେହେନା ଗାଁ, ସମୟ: ପୂର୍ବାହ୍ନ ୧୧ଟା ।

## ଝାରସୁଗୁଡ଼ା
- ଶନି ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଅମାପାଲି, ସମୟ: ସକାଳ ୮ଟା ।
- ଅଂଶୁଘାତ ମୁକାବିଲା ପାଇଁ ସଚେତନତା ଶିବିର, ସ୍ଥାନ: ତିଳେଇ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା ।

ପ୍ରଥମ ପୃଷ୍ଠାରୁ...

## ବିଲ୍ ଚାପିପାରିବେନି...

ଅନୁମୋଦନ ନ କରି ଆଇନ ବିରୋଧରେ କାର୍ଯ୍ୟ କରିଛନ୍ତି। ସେହି ବିଲ୍‌ଗୁଡ଼ିକ ମଞ୍ଜୁର ହୋଇଥିବା ଅଦାଲତ ଘୋଷଣା କରିଛନ୍ତି। ରାଜ୍ୟ ବିଧାନସଭାରେ ପୁନର୍ବାର ବିଚାରବିମର୍ଶ ପରେ ବିଲ୍ ରାଜ୍ୟପାଳଙ୍କ ନିକଟରେ ଉପସ୍ଥାପନ କରାଗଲେ, ତାକୁ ଅନୁମୋଦନ କରିବାକୁ ସେ ବାଧ୍ୟ। କେବଳ ବିଲ୍ ଭିନ୍ନ ହୋଇଥିଲେ ସେ ସ୍ୱୀକୃତି ଦେବାକୁ ମନା କରିପାରନ୍ତି। ରାଷ୍ଟ୍ରପତିଙ୍କ ପାଖକୁ ନ ପଠାଇ ୧୦ଟି ବିଲ୍‌କୁ ପକାଇ ରଖିଥିବାରୁ ରାଜ୍ୟପାଳଙ୍କ ଏଭଳି କାର୍ଯ୍ୟ ବେଆଇନ ଏବଂ ମନମାନି ବୋଲି ଜଷ୍ଟିସ୍ ଜେ.ବି. ପର୍ଡିୱାଲା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ କହିବା ସହ ତାଙ୍କର ଏଭଳି କାର୍ଯ୍ୟକୁ ରଦ୍ଦ କରିଛନ୍ତି। ରାଜ୍ୟପାଳଙ୍କ ନିକଟରେ ପୁନଃ ଉପସ୍ଥାପନ କରାଯିବା ଦିନ ହିଁ ବିଲ୍‌ଗୁଡ଼ିକୁ ମଞ୍ଜୁରୀ ମିଳିବା ଆବଶ୍ୟକ ବୋଲି ଅଦାଲତ କହିଛନ୍ତି।

ରାଜ୍ୟପାଳ ଉତ୍ତର ଆସ୍ଥାର ସହ କାର୍ଯ୍ୟ କରିନାହାନ୍ତି। ସେ ବିଲ୍‌ଗୁଡ଼ିକୁ ଦୀର୍ଘଦିନ ଚାପିରଖିବା ପରେ ପଞ୍ଜାବ ରାଜ୍ୟପାଳଙ୍କ ମାମଲାରେ ସୁପ୍ରିମକୋର୍ଟଙ୍କ ରାୟ ପରେ ରାଷ୍ଟ୍ରପତିଙ୍କ ପାଖକୁ ପଠାଇଥିଲେ। ବିଲ୍ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେଇ ରାଜ୍ୟପାଳମାନେ ମଞ୍ଜୁରୀକୁ ଅଟକାଇ ରଖିପାରିବେ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ରାଜ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକରେ କୁଳପତି ନିଯୁକ୍ତି ସମେତ ବିଧାନସଭାରେ ଗୃହୀତ ଅନେକ ବିଲ୍‌କୁ ରାଜ୍ୟପାଳ ରବି ମଞ୍ଜୁରୀ ପ୍ରଦାନ କରୁ ନ ଥିବାରୁ ଏହା ବିରୋଧରେ ତାମିଲନାଡୁ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଷ୍ଟିସ୍ ପର୍ଡିୱାଲା ଲେଖିଥିବା ରାୟରେ କହିଛନ୍ତି, ସମ୍ବିଧାନ ରାଜ୍ୟପାଳମାନଙ୍କୁ ନିରଙ୍କୁଶ ଭିଟୋ କିମ୍ବା ପକେଟ ଭିଟୋ ଅନୁମତି ଦେଇନାହିଁ। ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ, ବିଲ୍ ଉପରେ ରାଜ୍ୟପାଳମାନଙ୍କର କେବଳ ୩ଟି ବିକଳ୍ପ ରହିଛି। ତାହା ହେଲା ମଞ୍ଜୁରୀ ପ୍ରଦାନ କରିବା, ମଞ୍ଜୁରୀ ନ ଦେବା କିମ୍ବା ରାଷ୍ଟ୍ରପତିଙ୍କ ବିଚାର ପାଇଁ ପଠାଇବା। ବିଲ୍ ପ୍ରଥମ ଥର ଉପସ୍ଥାପନ ହୋଇଥିଲେ, ରାଜ୍ୟପାଳ ତାହାକୁ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ପାଇଁ ପଠାଇପାରିବେ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ତେଣୁ କିଛି ନ କରି ବିଲ୍‌କୁ ପକାଇ ରଖିବାର ଅନୁମତି ଅନୁଚ୍ଛେଦ ୨୦୦ରେ ନିଆଯାଇ ନାହିଁ। ତେଣୁ ରାଜ୍ୟପାଳଙ୍କୁ ୩ଟି ବିକଳ୍ପ ମଧ୍ୟରୁ ଗୋଟିଏକୁ ଗ୍ରହଣ କରିବାକୁ ହେବ। ବିଲ୍‌କୁ ରାଜ୍ୟପାଳ ଚାପିରଖି ପାରିବେ ନାହିଁ କିମ୍ବା ପକେଟ ଭିଟୋ କ୍ଷମତା ପ୍ରୟୋଗ କରିପାରିବେ ନାହିଁ ବୋଲି ଅଦାଲତ କହିଛନ୍ତି। ୧୦ ବିଲ୍ ମଧ୍ୟରୁ କେତେକ ୨୦୨୦ ଜାନୁଆରୀରୁ ପଡ଼ିରହିଛି। ବିଧାନସଭାରେ ପୁନର୍ବାର ଗୃହୀତ ହେବା ପରେ ସେଗୁଡ଼ିକୁ ରାଷ୍ଟ୍ରପତିଙ୍କ ପାଖକୁ ପଠାଯାଇଛି, ଯାହାକି ବେଆଇନ ଏବଂ ତ୍ରୁଟିପୂର୍ଣ୍ଣ।

ବିଲ୍ ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାଜ୍ୟପାଳମାନଙ୍କ ପାଇଁ ସର୍ବୋଚ୍ଚ ଅଦାଲତ ସମୟସୀମା ଧାର୍ଯ୍ୟ କରିଛନ୍ତି। ଯଦି ରାଜ୍ୟପାଳ ବିଲ୍ ଉପରେ ସହମତ ହୁଅନ୍ତି, ତେବେ ଗୋଟିଏ ମାସ ମଧ୍ୟରେ ନିଷ୍ପତ୍ତି ଜଣାଇବେ। ଯଦି ପୁନର୍ବିଚାର ପାଇଁ ବିଲ୍‌କୁ ଫେରାଇବାକୁ ଚାହୁଁଥାନ୍ତି, ତେବେ ତାହା ୩ ମାସ ମଧ୍ୟରେ ହେବା ଆବଶ୍ୟକ। ଯଦି ବିଲ୍‌କୁ ରାଷ୍ଟ୍ରପତିଙ୍କ ପାଖକୁ ପଠାଇବାକୁ ଥାଏ, ତେବେ ତାହା ମଧ୍ୟ ୩ ମାସ ମଧ୍ୟରେ ହେବା ଜରୁରୀ ବୋଲି ଖଣ୍ଡପୀଠ କହିଛନ୍ତି। ଯଦି ରାଜ୍ୟପାଳ ଏହି ସମୟସୀମା ଅନୁପାଳନ ନ କରନ୍ତି, ତାଙ୍କ ନିଷ୍ପତ୍ତିକୁ ଅଦାଲତରେ ଚ୍ୟାଲେଞ୍ଜ କରାଯାଇପାରିବ। ରାଜ୍ୟପାଳ ସମ୍ବିଧାନକୁ ଅନୁପାଳନ କରିବା ସହ ରାଜ୍ୟ ବିଧାନସଭାକୁ ସମ୍ମାନ ଦେବା ଆବଶ୍ୟକ। ରାଜନୈତିକ କାରଣକୁ ଆଧାର କରି ସେ କାର୍ଯ୍ୟ କରିପାରିବେ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି।

ପ୍ରକାଶଯୋଗ୍ୟ, କେନ୍ଦ୍ର ସରକାରଙ୍କ ପରାମର୍ଶକ୍ରମେ ରାଜ୍ୟଗୁଡ଼ିକରେ ରାଜ୍ୟପାଳମାନଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେଇଥାନ୍ତି। ତେଣୁ ବିରୋଧୀ ଶାସିତ ରାଜ୍ୟଗୁଡ଼ିକର ରାଜ୍ୟପାଳମାନେ କେନ୍ଦ୍ରରେ କ୍ଷମତାସୀନ ଦଳକୁ ସୁହାଇଲା ଭଳି ପଦକ୍ଷେପ ନେଉଥିବା ଅଭିଯୋଗ ବଢ଼ିବାରେ ଲାଗିଛି। ଏଭଳି ସ୍ଥିତିରେ ପୂର୍ବରୁ ମଧ୍ୟ ବିଧାନସଭା ଏବଂ ରାଜଭବନ ମୁହାଁମୁହିଁ ହୋଇଥିବାରୁ ରବିଙ୍କ ସମେତ ଆଉ କେତେକ ରାଜ୍ୟର ରାଜ୍ୟପାଳଙ୍କ ଭୂମିକା ଓ କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠିସାରିଛି।




## ୧.୦୩ ଲକ୍ଷ କୋଟିର...

ପରେ ପୁଞ୍ଜିନିବେଶ ନେଇ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଆଇଓସିଏଲ୍ ସହ ଚୁକ୍ତି ଅନୁଯାୟୀ ୫୮,୦୪୨ କୋଟି ଟଙ୍କାର ପୁଞ୍ଜି ନିବେଶ ଦ୍ୱାରା ପାରାଦୀପରେ ଡୁଆଲ୍ ଫିଡ୍ ନାପଥା କ୍ରାକର ଏବଂ ଡାଉନ୍‌ଷ୍ଟ୍ରିମ୍ ୟୁନିଟ୍ ସ୍ଥାପନ ପୂର୍ବକ ଶିଳ୍ପ ଅଭିବୃଦ୍ଧିରେ ସହାୟକ ହେବ। ଏହି ପ୍ରକଳ୍ପ ୨୪ ହଜାର ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିବ। ପୂର୍ବୋଦୟ ଯୋଜନା ଅଧୀନରେ ପୂର୍ବଭାରତ ବିଶେଷକରି ଓଡ଼ିଶାରେ ଥିବା ଶିଳ୍ପ ସମ୍ଭାବନାକୁ ନୂଆ ରୂପ ଦେବାରେ ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତ ସହାୟକ ହେବ ବୋଲି ଆଶା କରାଯାଉଛି। ଏଥିସହ ରାଜ୍ୟରେ କେମିକାଲ, ପେଟ୍ରୋକେମିକାଲ ଓ ଖାଦ୍ୟ ଶିଳ୍ପ ସୁଦୃଢ଼ୀକରଣ ଆଶା ଉଜ୍ଜୀବିତ ହୋଇଛି। ସେହିପରି କିରି ଇଣ୍ଡଷ୍ଟ୍ରିଜ୍ ପାରାଦୀପରେ ସ୍ୱତନ୍ତ୍ର କେମିକାଲ ୟୁନିଟ୍ ସ୍ଥାପନ କରିବାକୁ ଥିବାବେଳେ ଏସ୍‌ଏଲ୍‌ଏମ୍‌ଜି ବେଭେରେଜ୍‌ସ ପ୍ରାଇଭେଟ ଲିମିଟେଡ୍ ରାଜ୍ୟରେ ବେଭେରେଜ ମ୍ୟାନୁଫାକ୍ଚରିଂ ୟୁନିଟ୍ ସ୍ଥାପନ ପାଇଁ ଆଗ୍ରହ ପ୍ରକାଶ କରିଛି। ଏହାବ୍ୟତୀତ ଜଳଜାହାଜ ନିର୍ମାଣ ଓ ମରାମତି ସୁବିଧା ଓଡ଼ିଶାରେ ଉପଲବ୍ଧ କରାଇବା ପାଇଁ ଚୌଗୁଲେ ଗ୍ରୁପ୍ ପ୍ରସ୍ତୁତ ଅଛି। ଅନ୍ୟ କମ୍ପାନୀଗୁଡ଼ିକ ମଧ୍ୟରେ ହିମାଦ୍ରି ସ୍ପେଶିଆଲିଟି ବାଲେଶ୍ୱରରେ ଟାୟାର ମ୍ୟାନୁଫାକ୍ଚରିଂ ୟୁନିଟ୍ ସ୍ଥାପନ କରିବ। ଆଇନକ୍ସ ଜିଏଫ୍‌ଏଲ୍ କେମିକାଲ ୟୁନିଟ୍ ଏବଂ ବମ୍ବେ ଡାଇଙ୍ଗ ମ୍ୟାନୁଫାକ୍ଚରିଂ କୋ. ଲିମିଟେଡ୍ ଟେକ୍ସଟାଇଲ କ୍ଷେତ୍ରରେ ପୁଞ୍ଜି ନିବେଶ କରିବ। ଏହାବ୍ୟତୀତ ଆସୋସିଏଶନ ଅଫ୍ ଇଣ୍ଡିଆନ ମାନ୍ୟୁଫାକ୍ଚର୍ସ ଅଫ୍ ମେଡିକାଲ ଡିଭାଇସେସ୍ (ଏଆଇଏମ୍‌ଇଡି), ଟଏ ଆସୋସିଏଶନ ଅଫ୍ ଇଣ୍ଡିଆ, ୟୁନାଇଟେଡ୍ ଷ୍ଟେଟ୍‌ସ ଇଣ୍ଡିଆ ବିଜନେଶ୍ କାଉନସିଲ୍ ଏବଂ ଅନ୍ୟାନ୍ୟ କମ୍ପାନୀ ସହ ଆଲୋଚନା ଫଳପ୍ରଦ ହୋଇଛି। ଏହା ରାଜ୍ୟରେ ଶିଳ୍ପ ଭିତ୍ତିଭୂମି ବିକାଶ କରିବା ସହ ଅର୍ଥନୀତି ଅଭିବୃଦ୍ଧିକୁ ନୂଆରୂପ ଦେବ। ସେହିପରି ବିପୁଳ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଦକ୍ଷତା ବୃଦ୍ଧିରେ ମଧ୍ୟ ସହାୟକ ହେବ। କେମିକାଲ, ପେଟ୍ରୋକେମିକାଲ, ବସ୍ତ୍ର ଓ ଅନ୍ୟାନ୍ୟ କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ ସ୍ଥାପନ କରି ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ରପ୍ତାନି ବୃଦ୍ଧି କରିବ।

ଚୁକ୍ତି ସ୍ୱାକ୍ଷର ସମାରୋହରେ ଓଡ଼ିଶାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଆଇଓସିଏଲ୍ ଚେୟାରମ୍ୟାନ ଏ. ଏସ୍. ସାହାଣୀ ମତ ରଖିଥିଲେ। ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା ଭିଡିଓ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। ଶିଳ୍ପମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ଏବଂ ହରଦୀପ ସିଂହ ପୁରୀ ପ୍ରମୁଖ ରାଜ୍ୟରେ ଶିଳ୍ପ ସମ୍ଭାବନା ସମ୍ପର୍କରେ ଆଲୋଚନା କରିଥିଲେ।

## ଅନୁଚ୍ଛେଦ ୧୪୨......

ପ୍ରଦାନ ସକାଶେ ରାୟ ପ୍ରକାଶ କରିବାକୁ କ୍ଷମତା ଦେଇଛି, ଯାହାକି ସାରା ଦେଶରେ ଲାଗୁ ହେବ। ଏପରି କି ପାର୍ଲାମେଣ୍ଟରେ ପ୍ରଣୀତ ଆଇନ ଭଳି ସୁପ୍ରିମକୋର୍ଟଙ୍କ ଉକ୍ତ ରାୟକୁ କାର୍ଯ୍ୟକାରୀ କରାଯାଇପାରିବ। ଯେତେବେଳେ ପ୍ରଚଳିତ ଆଇନ ପର୍ଯ୍ୟାପ୍ତ ହୋଇ ନ ଥାଏ କିମ୍ବା ବ୍ୟବସ୍ଥାପିକା ଓ କାର୍ଯ୍ୟପାଳିକା ନିଜ ଦାୟିତ୍ୱ ତୁଲାଇବାରେ ବିଫଳ ହୋଇଥାଏ, ସେତେବେଳେ ନ୍ୟାୟପାଳିକା ନ୍ୟାୟ ସୁନିଶ୍ଚିତ କରିବା ପାଇଁ ଅନୁଚ୍ଛେଦ ୧୪୨ର ପ୍ରୟୋଗ କରିଥାଏ। କାର୍ଯ୍ୟସ୍ଥଳରେ ମହିଳାମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଗାଇଡ୍‌ଲାଇନ୍ ଜାରି ବେଳେ ସୁପ୍ରିମକୋର୍ଟ ଏହାର ପ୍ରୟୋଗ କରିଥିଲେ। ସେହିପରି ୧୯୮୪ର ଭୋପାଳ ଗ୍ୟାସ୍ ଟ୍ରାଜେଡି ମାମଲାରେ ମଧ୍ୟ ପୀଡ଼ିତଙ୍କୁ କ୍ଷତିପୂରଣ ପ୍ରଦାନ ସକାଶେ କୋର୍ଟ ଅନୁଚ୍ଛେଦ ୧୪୨ର ଉପଯୋଗ କରିଥିଲେ।

## ମେ' ଦ୍ୱିତୀୟ ସପ୍ତାହରେ...

ଭାବେ ତଦାରଖ କରୁଛନ୍ତି। ଖାତାଦେଖା ପ୍ରକ୍ରିୟାକୁ ସହଜ କରିବା ପାଇଁ କେତେକ ୟୁନିଟ୍ ଗଠନ କରାଯାଇଛି। ପ୍ରତି ୟୁନିଟ୍‌ରେ ଜଣେ ମୁଖ୍ୟ ପରୀକ୍ଷକ, ଦୁଇଜଣ ଉପ ପରୀକ୍ଷକ, ଦୁଇ ସ୍କ୍ରୁଟିନାଇଜର, ତଦାରଖ ନିମନ୍ତେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ସୁପରଭାଇଜର ଭାବେ ନିୟୋଜିତ କରାଯାଇଛି। ବୋର୍ଡ ପକ୍ଷରୁ ଜଣେ କ୍ୟାମ୍ପ ଅଫିସର ମଧ୍ୟ ଦାୟିତ୍ୱରେ ରହିଛନ୍ତି। ପ୍ରତିଦିନ ମୂଲ୍ୟାୟନ ପରେ ନମ୍ବର ଅନ୍‌ଲାଇନ୍‌ରେ ଅପ୍‌ଲୋଡ୍ କରାଯାଉଛି। ଏଥିପାଇଁ ବୋର୍ଡ ପକ୍ଷରୁ ୩୦୦ରୁ ଊର୍ଦ୍ଧ୍ୱ ଡାଟାଏଣ୍ଟ୍ରି ଅପରେଟରଙ୍କୁ ନିୟୋଜିତ କରାଯାଇଛି। ନମ୍ବର ଏଣ୍ଟ୍ରି ସମୟରେ ଯେପରି ତ୍ରୁଟି ନ ରୁହେ ଏଥିପ୍ରତି ଯତ୍ନବାନ ରହିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଛି। ଉଲ୍ଲେଖଯୋଗ୍ୟ, ଚଳିତବର୍ଷ ମାଟ୍ରିକ୍ ପରୀକ୍ଷା ପାଇଁ ୫,୧୦,୭୭୮ ଜଣ ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିଲେ। ରାଜ୍ୟର ମୋଟ୍ ୨,୯୭୯ କେନ୍ଦ୍ରରେ ପରୀକ୍ଷା ହୋଇଛି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ପାଇଁ ୭,୭୬୬ ଜଣ ଫର୍ମ ପୂରଣ କରିଥିବାବେଳେ ୧୦୨ଟି କେନ୍ଦ୍ରରେ ପରୀକ୍ଷା ହୋଇଛି। ଏଥିସହ ମଧ୍ୟମା ପରୀକ୍ଷା ପାଇଁ ୩,୭୯୨ ଜଣ ଫର୍ମ ପୂରଣ କରିଥିବାବେଳେ ୫୨ଟି କେନ୍ଦ୍ରରେ ପରୀକ୍ଷା ହୋଇଛି।

## ୨ କ୍ଷୁଦ୍ରତାରା ଧକ୍କାରେ...

'ଟାଇପ୍ ୧ଏ ସୁପରନୋଭା' ବିସ୍ଫୋରଣ ପାଇଁ ଉପଯୁକ୍ତ କରିଥାଏ। ସମ୍ପ୍ରତି ଉଭୟ ତାରା ୧୪ ଘଣ୍ଟାରେ ନିଜର ଗୋଟିଏ ଘୂର୍ଣ୍ଣନ ସମାପ୍ତ କରୁଛନ୍ତି। ଆଗାମୀ ୨,୩୦୦ କୋଟି ବର୍ଷ ପରେ ଯେତେବେଳେ, ଉଭୟେ କ୍ଷୁଦ୍ର ତାରା ପରସ୍ପରକୁ ଧକ୍କାହେବେ ସେତେବେଳେ ସେମାନଙ୍କର ଗତି ଅତ୍ୟନ୍ତ ତୀବ୍ର ହୋଇଥିବ। ସେତେବେଳେ ସେମାନେ ୩୦ରୁ ୪୦ ସେକେଣ୍ଡ ମଧ୍ୟରେ ଗୋଟିଏ ଘୂର୍ଣ୍ଣନ ସମାପ୍ତ କରିବେ। ଛାୟାପଥରେ ଏହିପରି ବିସ୍ଫୋରଣ ୫୦୦ ବର୍ଷରେ ଥରେ ହୋଇଥାଏ ବୋଲି ଜ୍ୟୋତିର୍ବିଜ୍ଞାନୀ କହିଛନ୍ତି।

ଜ୍ୟୋତିର୍ବିଜ୍ଞାନୀଙ୍କ ଅନୁଯାୟୀ ୪ଟି ଚରଣରେ ଏହି ବିସ୍ଫୋରଣ ହେବ। ପ୍ରଥମ ଚରଣରେ ଏକ ତାରା ନିଜ ସାଥୀ ତାରାର ବସ୍ତୁକୁ ଟାଣିବ। ଦ୍ୱିତୀୟ ଚରଣରେ ଉକ୍ତ ତାରାର ମୂଳ ଅଂଶରେ ବିସ୍ଫୋରଣ ହେବ ଏବଂ ଏଥିରେ ଥିବା ସାମଗ୍ରୀଗୁଡ଼ିକ ବିଭିନ୍ନ ଦିଗରେ ବିସ୍ତାରିତ ହେବ। ତୃତୀୟ ଚରଣରେ ଏହି ସାମଗ୍ରୀ ଅନ୍ୟ ଏକ ତାରା ସହ ଧକ୍କାହେବ ଫଳରେ ପୁଣିଥରେ ବିସ୍ଫୋରଣ ହେବ। ଅନ୍ତିମ ଚରଣରେ ଉଭୟ ତାରା ସମ୍ପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯିବେ ଏବଂ ଏକ ଉଜ୍ଜ୍ୱଳ ସୁପରନୋଭାରେ ପରିଣତ ହେବେ। ଏହି ବିସ୍ଫୋରଣର ଶକ୍ତି ସବୁଠାରୁ ଶକ୍ତିଶାଳୀ ମାନବ ନିର୍ମିତ ପରମାଣୁ ବୋମା ଅପେକ୍ଷା ହଜାର ଟ୍ରିଲିୟନ ଗୁଣା ଅଧିକ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀ କହିଛନ୍ତି। ତେବେ ପୃଥିବୀଠାରୁ ବହୁ ଦୂରରେ ଥିବାରୁ ଏହା ଲୋକଙ୍କୁ କ୍ଷତି ପହଞ୍ଚାଇବ ନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପାରିବାରିକ କ୍ଷେତ୍ରରେ ମତାନ୍ତରଜନିତ ଅଶାନ୍ତ ପରିସ୍ଥିତିରୁ ଡିପ୍ରେସନ ଲାଗି ରହିବ। ଦୂରଦର୍ଶିତାବିହୀନ କାର୍ଯ୍ୟ ଓ ପୁରାତନ ରୋଗ ଯୋଗୁ ମାନସିକ ସୁସ୍ଥତା ହରାଇବେ। ବାଣିଜ୍ୟ, ବ୍ୟବସାୟ, ପାରିବାରିକ ସ୍ଥିତି କେତେକାଂଶରେ ଭଲ ରହିବ। ରଚନାତ୍ମକ କାମରେ ସାମାଜିକ ସ୍ୱୀକୃତି ଲାଭ କରିବା ସଙ୍ଗକୁ ପ୍ରଶଂସିତ ମଧ୍ୟ ହେବେ।

**ବୃଷ**
ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ହେବାରୁ ଆଶ୍ୱସ୍ତି ଲାଭକରିବେ। ଆଜିର ଯାତ୍ରା ସମୟରେ ଅନ୍ୟମନସ୍କ ହେତୁ କେତେକ ବ୍ୟତିକ୍ରମ ଦେଖାଦେଇପାରେ। ଅର୍ଥ ସଙ୍କଟ କାରଣରୁ ଆଶା ଓ ଅଭିଳାଷ ଅପୂରଣ ରହିଯିବ। କର୍ମକ୍ଷେତ୍ର, ମକଦ୍ଦମା,ଲେଖାପଢ଼ା,ଜମିଜମା କାରବାର ପ୍ରଭୃତି କ୍ଷେତ୍ରରେ ଆଶାନୁରୂପ ସଫଳତା ହାସଲ କରିବେ।

**ମିଥୁନ**
ପାରିବାରିକ ପରିସ୍ଥିତି ସଙ୍ଗକୁ ଅର୍ଥସଂକଟଜନିତ ଭାବପ୍ରବଣତା ବୃଦ୍ଧି ପାଇବ। ବାଣିଜ୍ୟ, ପରିବହନ, ନିର୍ମାଣ ଓ ସଭାସମିତିରେ କାମ ଶୃଙ୍ଖଳିତ ହେବ। ପଡ଼ୋଶୀ କାର୍ଯ୍ୟଦକ୍ଷତାର ପ୍ରଶଂସା କରିପାରନ୍ତି। ପ୍ରକାଶନ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ଅର୍ଥ ଓ ସମ୍ମାନ ସଙ୍ଗକୁ ଆନୁଷ୍ଠାନିକ କ୍ଷେତ୍ରରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ।

**କର୍କଟ**
ଅସମୟ ଭୋଜନ କାରଣରୁ ପେଟ ଗୋଳମାଳରୁ ପୀଡ଼ା ଅନୁଭବ କରିପାରନ୍ତି। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହୋଇଯିବ। ସାମାଜିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟ ବିସ୍ତାର କରିବାରେ ପଛେଇ ଯିବେ। ଶିଳ୍ପ, ବାଣିଜ୍ୟ, ପରିବହନ ସକାଶେ କୌଣସି ଅସୁବିଧା ହେବ ନାହିଁ।

**ସିଂହ**
ପାରିବାରିକ କ୍ଷେତ୍ରର ସମସ୍ୟା ମୁଣ୍ଡବିନ୍ଧାର କାରଣ ହେବ। ସହକର୍ମୀ ବିରୁଦ୍ଧାଚରଣ କରିବା ସକାଶେ ଚେଷ୍ଟା କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, କଳା, ସଙ୍ଗୀତ, ଗବେଷଣା, ଅନୁସନ୍ଧାନ ଓ ରାଜନୀତିରେ ଚେଷ୍ଟା ସଫଳ ହେବେ।

**କନ୍ୟା**
ବିଭିନ୍ନ ପୁରୁଣା ସମସ୍ୟା ଲାଗିରହିଥିବା ଯୋଗୁ ମାନସିକ ସୁସ୍ଥତା ରହି ନ ପାରେ। ଆଲୋଚନା କ୍ଷେତ୍ରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଭୁଲ୍ ବୁଝାମଣା ଯୋଗୁ ବହୁତ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କଳା, କ୍ରୀଡ଼ା, ଚଳଚ୍ଚିତ୍ର ଓ ସାହିତ୍ୟରେ ଜନ ସମାଜରେ ପ୍ରଶଂସିତ ହେବେ।

**ତୁଳା**
ସକାଳୁ ସକାଳୁ କୌଣସି ଖୁସି ଖବର ସଙ୍ଗକୁ ଆର୍ଥିକ ସାହାଯ୍ୟ ପାଇବେ। ଉପରିସ୍ଥ କର୍ମଚାରୀ ନାହିଁ ନାହିଁ କରୁଥିଲେ ମଧ୍ୟ ପରିଶେଷରେ କାମଟି କରିଦେବେ। ସାମାଜିକ ସ୍ତରରେ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିବ, କିନ୍ତୁ ବିଶେଷ ଗୁରୁତର ହେବ ନାହିଁ। ପାରିବାରିକ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବରେ ଶାନ୍ତିର ବାତାବରଣ ଆସି ନ ପାରେ।

**ବିଛା**
କର୍ମକ୍ଷେତ୍ରରେ ବହୁଦିଗରୁ ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ଦୀର୍ଘ ଦିନରୁ ରହିଯାଇଥିବା ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି। ଶିଳ୍ପ, ନିର୍ମାଣ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ କ୍ଷତିର ଆଶଙ୍କା ରହିଛି। କଳା,ସାହିତ୍ୟ ତଥା ଆନୁଷ୍ଠାନିକ କାମରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ**
ପରିବାରରେ ଭୁଲ୍ ବୁଝାମଣା ହେତୁ ସହଯୋଗ ନ ପାଇ କାମ ହାସଲରେ ଅସୁବିଧାର ସମ୍ମୁଖୀନ ହେବେ। ଜଣେ ବନ୍ଧୁଙ୍କ ସାହାଯ୍ୟରେ ବହୁତ ଦିନହେଲା ପଡ଼ିରହିଥିବା କାମଟିକୁ ପୂର୍ଣ୍ଣାଙ୍ଗ ରୂପ ଦେବେ। ବିଶ୍ୱସ୍ତ ସୂତ୍ରରୁ ଭୁଲ୍ ଖବରଟିଏ ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଦୀର୍ଘ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ।

**ମକର**
ବନ୍ଧୁଙ୍କ ପରାମର୍ଶରେ ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଈର୍ଷାପରାୟଣ ହୋଇ ଖଳଲୋକ ଅପପ୍ରଚାର କଲେ ମଧ୍ୟ କିଛି ଅସୁବିଧା ହେବ ନାହିଁ। ପାରିବାରିକ ସମସ୍ୟା ବୃଦ୍ଧିରୁ କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ। କର୍ମଜଞ୍ଜାଳର ଆଧିକ୍ୟ ହେତୁ ଖାଦ୍ୟପେୟର ଅନିୟମିତତା ସ୍ୱାସ୍ଥ୍ୟହାନିର କାରଣ ହେବ।

**କୁମ୍ଭ**
ଅଧିକାଂଶ ସମୟ ଅନ୍ୟମନସ୍କ ରହିବା କାରଣରୁ ପ୍ରକୃତ ଆନନ୍ଦକୁ ଉପଭୋଗ କରିପାରିବେ ନାହିଁ। ଆଲୋଚନା କାଳରେ ଅପ୍ରିୟ ସତ୍ୟ କଥା ବନ୍ଧୁଙ୍କ ମନରେ ଦୁଃଖ ଦେଇପାରେ। ପରିବାରରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ବ୍ୟବସାୟ, ପରିବହନ, ସାମ୍ବାଦିକତାରେ ସୁଫଳ ମିଳିବ।

**ମୀନ**
ସମସ୍ୟା ହେତୁ ଦୁର୍ଭାବନା ବଢ଼ିଚାଲିବ, ଫଳରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। ପ୍ରଶାସନ, ଯୋଗାଯୋଗ, ପରିବହନ, ବ୍ୟବସାୟରେ ପ୍ରତିବନ୍ଧକ ସୃଷ୍ଟି ହେବ। ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିପାରନ୍ତି। ସହନଶୀଳତାର ଅଭାବ ଓ ସ୍ୱେଚ୍ଛାଚାରିତା ମନୋଭାବ ଅଶାନ୍ତିର କାରଣ ହୋଇପାରେ।

ଆଜି ଏପ୍ରିଲ ୯ ତାରିଖ, ବୁଧବାର, ଶ୍ରୀମନ୍ଦିରରେ ବନବାସ ଓ କନ୍ଦର୍ପ ଅଧିବାସ, ଚୈତ୍ରଶୁକ୍ଳପକ୍ଷର ବୈଷ୍ଣବ ସମ୍ମତ ପକ୍ଷବର୍ଦ୍ଧିନୀ ଏକାଦଶୀ ଉପବାସ, ରାଶି/ନକ୍ଷତ୍ର-ଦିବା ଘ.୦୯.୫୭ମି. ଗତେ ପୂର୍ବାଫାଲଗୁନୀ/ସିଂହ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୩୭ମି. ଗତେ ୦୭.୧୬ମି. ମଧ୍ୟେ, ସକାଳ ଘ.୧୦.୧୫ମି. ଗତେ ଘ.୧୧.୨୩ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୮ମି. ଗତେ ଘ.୦୧.୨୧ମି. ମଧ୍ୟେ ରାହୁ କାଳ।

# ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚିତ

## ସଭାପତି ହେଲେ ଅଶୋକ କୁମାର ମହାନ୍ତି

ଭୁବନେଶ୍ୱର,୮।୪ (ବନ୍ଦନା ସେଠୀ)

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା କର୍ମଚାରୀ ସଂଘର ନୂତନ କର୍ମକର୍ତ୍ତା ମଣ୍ଡଳୀ ନିର୍ବାଚିତ ହୋଇଯାଇଛି। ସଭାପତି ଅଶୋକ କୁମାର ମହାନ୍ତି, ଉପସଭାପତି ସ୍ୱାଧୀନ କୁମାର ଶିଶୁଗୋସ୍ୱାମୀ, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ପାତ୍ର, ଯୁଗ୍ମ ସମ୍ପାଦିକା କ୍ଷେତ୍ରମଣି ସେଠୀ, କୋଷାଧ୍ୟକ୍ଷ ଭାବେ ଇନ୍ଦ୍ରମଣି ପାଣି ଏବଂ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଶ୍ରୀନିବାସ ମିଶ୍ର, କବି ପ୍ରସାଦ ସାମନ୍ତରାୟ, ରତ୍ନାକର ଭଞ୍ଜ, ପ୍ରତାପ କୁମାର ପ୍ରଧାନ, ବିଚିତ୍ର କୁମାର ଜେନା, ସର୍ବେଶ୍ୱର ସାହୁ ଏବଂ ନିଶାମଣି ମିଶ୍ର ନିର୍ବାଚିତ ହୋଇଛନ୍ତି। ଏହି କ୍ରମରେ ନିର୍ବାଚିତ ସଦସ୍ୟମାନଙ୍କୁ ଆୟୋଜିତ ଉତ୍ସବରେ ସଂଘର ମୁଖ୍ୟ ନିର୍ବାଚନ ଅଧିକାରୀ ଦୟାନିଧି ଫାଡୁକର ଶପଥ ପାଠ କରାଇଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଗଙ୍ଗାଧର ନାୟକ ଯୋଗଦେଇ କହିଲେ, କର୍ମଚାରୀଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାର ସଂଘ ପାଇଁ ଉନ୍ମୁକ୍ତ ରହିବ। ଆଗାମୀ ଦିନରେ ଗୃହ ନିର୍ମାଣ ସଂସ୍ଥାର କାର୍ଯ୍ୟକୁ ସାରା ରାଜ୍ୟରେ ବ୍ୟାପକ ଭାବେ ପ୍ରସାରିତ କରାଯିବ। ସେଥିପାଇଁ ସମସ୍ତ କର୍ମଚାରୀ ନିଜ ନିଜ କ୍ଷେତ୍ରରେ ଦାୟିତ୍ୱସମ୍ପନ୍ନ ହୋଇ କର୍ତ୍ତବ୍ୟ ସମ୍ପାଦନ କରିବା ଆବଶ୍ୟକ ବୋଲି ସେ ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍ଥାର ସଚିବ ରଶ୍ମିତାରାଣୀ ତରାସିଆ, ସମ୍ମାନିତ ଅତିଥି ଭାବେ ମୁଖ୍ୟଯନ୍ତ୍ରୀ ପ୍ରଭାତ କୁମାର ମାହାଲି ଯୋଗଦେଇଥିଲେ। ରତ୍ନାକର ଟୁଡୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରମୁଖ ଶକ୍ତିପୀଠକୁ ନେଇ ହେବ ଶକ୍ତି କରିଡର: ଉପମୁଖ୍ୟମନ୍ତ୍ରୀ



ତାରାତାରିଣୀ ପୀଠରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା।

ପୁରୁଷୋତ୍ତମପୁର,୮।୪(ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲାର ଆରାଧ୍ୟା ଦେବୀ ମା’ ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଯାତ୍ରା ସରିଛି। ଶେଷ ପାଳିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର,ଆସିକା ବିଧାୟକ ସରୋଜ ପାଢୀ ଆସି ମା’ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ପରିଡା କହିଥିଲେ, ଆଗାମୀ ଦିନରେ ଓଡିଶାର ପ୍ରମୁଖ ଶକ୍ତିପୀଠଗୁଡ଼ିକୁ ନେଇ ଏକ ଶକ୍ତି କରିଡର କରାଯିବ। ଯାଜପୁର ବିରଜାଙ୍କ ପୀଠରୁ ଆରମ୍ଭ କରି କାକଟପୁର ମା’ ମଙ୍ଗଳା, ବାଣପୁର ମା ଭଗବତୀ, ଉଗ୍ରତାରା, ତାରାତାରିଣୀ, କାଳିଜାଇ, ଭୈରବୀ ଆଦି ପୀଠକୁ ନେଇ ଶକ୍ତି କରିଡର ଘୋଷଣା କରାଯିବ। ଏହାଦ୍ୱାରା ଭକ୍ତଙ୍କୁ ସହଜରେ ମା’ଙ୍କ ଦର୍ଶନ କରିବାର ସୁଯୋଗ ମିଳିବ।

ପୂର୍ବରୁ ପର୍ଯ୍ୟଟନ ବିଭାଗ ପକ୍ଷରୁ ତାରାତାରିଣୀ ପୀଠ ପାଇଁ ୮ କୋଟି, ତପ୍ତପାଣି ପାଇଁ ୧୧ କୋଟି, ଜିଲାର ଥିବା ନାରାୟଣୀ ପୀଠ ପାଇଁ ବି ଅର୍ଥ ବ୍ୟବସ୍ଥା କରାଯାଇଛି। ପର୍ଯ୍ୟଟନ ବିଭାଗ ୬୦ କୋଟିରୁ ଅଧିକ ଟଙ୍କା ଚଳିତବର୍ଷ ଗଞ୍ଜାମ ଜିଲାକୁ ଦେଇଛି। ଏହାବାଦ ପୂର୍ତ୍ତ ଓ ପର୍ଯ୍ୟଟନ ବିଭାଗ ମିଳିତ ଭାବେ ଏହି ଶକ୍ତି କରିଡର ପ୍ରତିଷ୍ଠା କରିବା ଦାୟିତ୍ୱ ବହନ କରିବେ। ପୂର୍ବରୁ ମନ୍ତ୍ରୀମାନଙ୍କ ପକ୍ଷରୁ ଏ ନେଇ ଦାବି ଥିଲା ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ମନ୍ତ୍ରୀ ଜେନା କହିଥିଲେ ଯେ, ଆଧ୍ୟାତ୍ମିକ ଶକ୍ତି ପୀଠଗୁଡ଼ିକୁ ସଂଯୋଗୀକରଣ ନେଇ ଯୋଜନା ହୋଇଛି। ଶ୍ରଦ୍ଧାଳୁମାନେ ସବୁ ଶକ୍ତିପୀଠକୁ ଅଳ୍ପ ସମୟରେ ସୁବିଧାରେ ଦର୍ଶନ କରିପାରିବା ଭଳି ବ୍ୟବସ୍ଥା ହେବ। ପ୍ରସାଦ ବ୍ୟବସ୍ଥା ମଧ୍ୟ କରାଯାଇଛି। ଚଳିତବର୍ଷ ଏକ ଡକୁମେଣ୍ଟାରୀ ଫିଲ୍ମ ବି ନିର୍ମାଣ ହୋଇଛି ବୋଲି ସେ କହିଥିଲେ। ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ, ଓଡ଼ିଶାର ପ୍ରମୁଖ ଶକ୍ତିପୀଠକୁ ନେଇ ଶକ୍ତି କରିଡର ଭାବେ ଯୋଡିବା ଯୋଜନା ରହିଛି। ଓଡ଼ିଶାରୁ ଆସୁଥିବା ବାହାର ପର୍ଯ୍ୟଟକମାନଙ୍କୁ ସହଜରେ ଦର୍ଶନ କରିବା ଭଳି ସୁଯୋଗ ମିଳିବ। ପର୍ଯ୍ୟଟନ ବିଭାଗ ଏନେଇ କାର୍ଯ୍ୟକ୍ରମ ଜାରି ରଖିଛି। ପୂର୍ତ୍ତବିଭାଗ ମଧ୍ୟ ସେହି ଅନୁସାରେ ଯୋଜନା ପ୍ରସ୍ତୁତ କରିଛି। ପୀଠଗୁଡିକର ଐତିହାସିକ ବିକାଶ ଓ ଉନ୍ନତିକରଣ ଏବଂ ସଂଯୋଗୀକରଣ କରାଗଲେ ସ୍ଥାନୀୟ ଓ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ ପାଇଁ ଦର୍ଶନ ସୁବିଧା ହେବ। ହେଲିକପ୍ଟର ଯୋଗେ ଶକ୍ତିପୀଠଗୁଡିକର ସଂଯୋଗୀକରଣ କରିବା ଯୋଜନା ରହିଛି। ସମ୍ପୃକ୍ତ ବିଭାଗଗୁଡିକୁ ନିର୍ଦ୍ଦେଶ ଦିଆଯାଇ ଆସନ୍ତା ୨ ବର୍ଷ ଭିତରେ ଏହାକୁ ସମ୍ପୂର୍ଣ୍ଣ ରୂପ ଦେବାକୁ ଯୋଜନା ରହିଛି ବୋଲି ଆଇନ ମନ୍ତ୍ରୀ କହିଥିଲେ। ଶ୍ରଦ୍ଧାଳୁ ଯେଭଳି ବିନା ଦ୍ୱିଧାରେ ମା’ଙ୍କ ମନ୍ଦିରକୁ ଯାଇ ଦର୍ଶନ କରିପାରିବେ ସେଥିନିମନ୍ତେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା କହିଥିଲେ। ଏସପି ଶୁଭେନ୍ଦୁ କୁମାର ପାତ୍ର, ପୁରୁଷୋତ୍ତମପୁର ଏସଡିପିଓ ଡ.ଦୀପକ କୁମାର ମିଶ୍ରଙ୍କ ସମେତ ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

# ଆଜିଠାରୁ ମା’ତାରିଣୀଙ୍କ ଚଇତି ପର୍ବ



## ୧୫ ପର୍ଯ୍ୟନ୍ତ ସକାଳୁ ରାତି ପାହିବା ଯାଏ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ

ଘଟଗାଁ,୮।୪ (ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁସ୍ଥିତ ପ୍ରସିଦ୍ଧ ମା’ ତାରିଣୀଙ୍କ ୮୯ ତମ ଚଇତି ପର୍ବ ବୁଧଠାରୁ ଆରମ୍ଭ ହେବ। ଏହା ୧୫ ତାରିଖ ପର୍ଯ୍ୟନ୍ତ ସାତ ଦିନ ଧରି ଅନୁଷ୍ଠିତ ହେବ। ଏହି ଅବସରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ସହ ସାତ ଦିନ ଧରି ମା’ ସୁନା ବେଶରେ ସଜ୍ଜିତ ହେବେ। ସେହିପରି ତାରିଣୀ ବେଦାରେ ପ୍ରତ୍ୟେକ ଦିନ ବ୍ରାହ୍ମ ମୁହୂର୍ତ୍ତରୁ ଦେବୀ ସ୍ତୁତି ଓ ଗୀତା, ଭାଗବତ,ଚଣ୍ଡୀପାଠ ଓ ପାଲା ମଣ୍ଡପରେ ସତ୍ୟନାରାୟଣ ପୂଜା ଅନୁଷ୍ଠିତ ହେବ। ଏହି ଅବସରରେ ପାଲା ପରିବେଷଣ, ପ୍ରବଚନ, ଘୋଡା ନାଚ, ବିଭିନ୍ନ ଗ୍ରୁପ୍ ଦ୍ୱାରା ଓଡ଼ିଶୀ,ସମ୍ବଲପୁରୀ ନୃତ୍ୟ ପରିବେଷଣ ସହ ବିଶିଷ୍ଟ କଳାକାରଙ୍କ ଦ୍ୱାରା ସଙ୍ଗୀତ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ। ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଦିନସାରା ଅଖଣ୍ଡ ଭଜନ ସମାରୋହ ଚାଲିବ। ଏହି ଉପଲକ୍ଷେ ୫୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ନିୟୋଜିତ ହେବା ସହ, ପଣା, ଚକୁଳି ପ୍ରସାଦ ବିତରଣ, ପାନୀୟ ଜଳ ଯୋଗାଣ, ପାର୍କିଂ ଆଦି ବିଭିନ୍ନ ବ୍ୟବସ୍ଥା କରାଯାଇଛି। ମନ୍ଦିର ବିଭିନ୍ନ ପାର୍ଶ୍ୱରେ ଆକର୍ଷଣୀୟ ତୋରଣ ନିର୍ମାଣ ହୋଇଛି। ଏଥିସହ ପ୍ରତ୍ୟହ ମାଗଣା ଅନ୍ନ ପ୍ରସାଦ ବିତରଣ ହେବ ବୋଲି ମନ୍ଦିର ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି।

# ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଭଞ୍ଜଙ୍କ ପରଲୋକ

ଢେଙ୍କାନାଳ,୮।୪(ରତନ ନାୟାର)



ଢେଙ୍କାନାଳ ଜିଲା ପୂର୍ବ ଗଁଦିଆ ବିଧାନସଭା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ କୁମାର ଭଞ୍ଜଙ୍କର ସୋମବାର ବିଳମ୍ବିତ ରାତିରେ ତାଙ୍କର ମୀନାବଜାରସ୍ଥିତ ନିଜସ୍ୱ ବାସଭବନର ପରଲୋକ ହୋଇଯାଇଛି । ତାଙ୍କୁ ୮୭ବର୍ଷ ହୋଇଥିଲା । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର କନିଷ୍ଠ ପୁତ୍ର ପ୍ରଶାନ୍ତ ଭଞ୍ଜଙ୍କ ସମେତ ପରିବାର ସଦସ୍ୟମାନେ ଉପସ୍ଥିତ ଥିଲେ। ଖବରପାଇ ପୂର୍ବତନ ବିଧାୟକ ସରୋଜ କୁମାର ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ତାଙ୍କ ବାସଭବନକୁ ଯାଇ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣକରି ଶେଷଦର୍ଶନ କରିଥିଲେ। ସେ ୧୯୭୯ରୁ ୧୯୮୪ ପର୍ଯ୍ୟନ୍ତ ଢେଙ୍କାନାଳ ପୌର ପରିଷଦର ଅଧ୍ୟକ୍ଷ ଥିଲେ । ୧୯୮୫ରୁ ୧୯୯୦ ପର୍ଯ୍ୟନ୍ତ କଂଗ୍ରେସ ଦଳ ପକ୍ଷରୁ ଗଁଦିଆର ବିଧାୟକ ଥିଲେ । ସେହିପରି ଅବିଭକ୍ତ ଢେଙ୍କାନାଳ ଜିଲାର ୩ ଥର ଜିଲା କଂଗ୍ରେସ ସଭାପତି ଦାୟିତ୍ୱରେ ରହିଥିଲେ । ୧୯୯୬ରୁ ୧୯୯୯ ପର୍ଯ୍ୟନ୍ତ ସେ ଓଡ଼ିଶା ବ୍ରିଜ୍ କନଷ୍ଟ୍ରକଶନର ଅଧ୍ୟକ୍ଷ ଥିଲେ। ସେ ଗଁଦିଆ ନିର୍ବାଚନମଣ୍ଡଳୀରେ ବିଧାୟକ ଥିବା ସମୟରେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ସେ ମଧ୍ୟ ଜଣେ ବିଶିଷ୍ଟ ହକି ଖେଳାଳି ଥିଲେ । ଉତ୍କଳ ବିଶ୍ୱବିଦ୍ୟାଳୟର ହକି ଦଳରେ ସେ ସାମିଲ ହୋଇ ବହୁ ସୁନାମ ଅର୍ଜନ କରିଥିଲେ । ଜିଲା କ୍ରୀଡ଼ା ସଂସଦର ସଦସ୍ୟ ରହିଥିଲେ । ଏଥିସହ ମୀନାବଜାର ଲକ୍ଷ୍ମୀପୂଜା କମିଟିର ଦୀର୍ଘଦିନ ଧରି ଅଧ୍ୟକ୍ଷ ରହିଥିଲେ । ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ଜିଲା କ୍ରୀଡା ସଂସଦ, ପୌର କାର୍ଯ୍ୟାଳୟ ଆଦିକୁ ନିଆଯିବା ପରେ ସୁଆଗୀ ଶ୍ମଶାନଠାରେ ଅନ୍ତିମ ସଂସ୍କାର କରାଯାଇଥିଲା।

# କମୁଛି ଧାନ କ୍ଷେତ | ମାଣ୍ଡିଆ ପ୍ରତି ବଢୁଛି ଆଗ୍ରହ

ଭୁବନେଶ୍ୱର,୮।୪ (ରବିନାରାୟଣ ଜେନା)

ସଂପ୍ରତି ରାଜ୍ୟରେ ଅନ୍ନଦାତାମାନେ ଆଉ ଧାନଚାଷକୁ ଗୁରୁତ୍ୱ ଦେଉ ନାହାନ୍ତି। ଏହା ବଦଳରେ ମାଣ୍ଡିଆ ତଥା ତୈଳବୀଜ ଚାଷକରି କିଭଳି ଅଧିକ ଉତ୍ପାଦନ ହୋଇପାରିବ ସେଥିପ୍ରତି ମନ ବଳାଉଛନ୍ତି। ଆଶା କରାଯାଉଛି ଚାଷୀଙ୍କ ଆୟ ବଢ଼ିବ ଏବଂ ସେମାନଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧିପାଇବ। ହେଲେ ଏବେ ବି ଜାତୀୟ ହାର ତୁଳନାରେ ବହୁତ ପଛରେ ଓଡ଼ିଶା ଚାଷୀଙ୍କ ଆୟ ରହିଛି। ଜାତୀୟସ୍ତରରେ ୨୦୨୧-୨୨ରେ ଚାଷୀଙ୍କ ମାସିକ ଆୟ ୧୦ହଜାର ଟଙ୍କାରୁ ଅଧିକ ରହିଥିବାବେଳେ ଓଡ଼ିଶାରେ ଏହା ମାତ୍ର ୫୧୧୨ ଟଙ୍କାରେ ସୀମିତ ରହିଛି। ଏହାକୁ ନେଇ ବିଧାନସଭାଠାରୁ ଆରମ୍ଭ କରି ରାଜରାସ୍ତାରେ ଶାସକ-ବିରୋଧୀ ମୁହାଁମୁହିଁ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଚାଷୀଙ୍କୁ ଧାନ କୁଇଣ୍ଟାଲ ପିଛା ଇନପୁଟ୍ ସବ୍‌ସିଡି ବାବଦକୁ ୮୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଏହାଦ୍ୱାରା ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଇବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। କୃଷି ବିଭାଗର ତଥ୍ୟ ଅନୁଯାୟୀ, ରାଜ୍ୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ୩୭୦୦.୭୪ ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥିବାବେଳେ ୨୦୨୪-୨୫ ବେଳକୁ ଏହା ହ୍ରାସ ପାଇ ୩୪୩୪ .୩୦ ହଜାର ହେକ୍ଟରରେ ପହଞ୍ଚିଛି। ଚାଷୀମାନେ ଧାନଚାଷ ଅପେକ୍ଷା ମାଣ୍ଡିଆ ଓ ତୈଳବୀଜ ଭଳି ଅନ୍ୟାନ୍ୟ ଫସଲକୁ ଗୁରୁତ୍ୱ ଦେଉଛନ୍ତି। ରାଜ୍ୟରେ ଫସଲର ବିବିଧକରଣ ଯୋଜନା ଅଧୀନରେ ଧାନ ପରିବର୍ତ୍ତେ ୧, ୮୨, ୭୪୦.୪୫ହେକ୍ଟର ଜମିରେ ଅଣଧାନ ଚାଷ ହୋଇଛି। ୨୦୨୩-୨୪ ବର୍ଷ ତୁଳନାରେ ୫୪, ୮୨୦.୭୬ହେକ୍ଟର ଅଧିକ ଜମିରେ ଅଣଧାନ ଚାଷ ହୋଇଛି। ୨ଲକ୍ଷ ୯୩ହଜାର ୧୦ଜଣ ହିତାଧିକାରୀ ଉପକୃତ ହୋଇଛନ୍ତି। କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ବିଧାନସଭାରେ ଦେଇଥିବା ତଥ୍ୟ ଅନୁଯାୟୀ, ଅନୁଗୋଳ ଜିଲାରେ ୧୨୦.୦୨ ହଜାର ହେକ୍ଟର ଧାନଚାଷ ୨୦୨୩-୨୪ରେ ହୋଇଥିବାବେଳେ ୨୦୨୪-୨୫ରେ ଏହା ୮୧.୬୮ହଜାର ହେକ୍ଟରକୁ ଖସି ଆସିଛି। ସେହିପରି ବରଗଡ଼ ଜିଲାରେ ୨୪୯.୪୦ ହଜାର ହେକ୍ଟର ଧାନଚାଷ ଜମିରୁ ୨୨୦.୬୫ହଜାର ହେକ୍ଟରକୁ ଖସି ଆସିଥିବାବେଳେ ବୌଦ୍ଧରେ ୬୨.୧୦ହଜାର ହେକ୍ଟରରୁ ୫୫.୧୪, ଦେବଗଡ଼ରେ ୩୮.୪୪ହଜାର ହେକ୍ଟରରୁ ୩୨.୧୫, ଗଜପତିରେ ୩୯.୬୩ହଜାର ହେକ୍ଟରରୁ ୨୫.୨୬, ଗଞ୍ଜାମରେ ୨୮୯.୧୯ହଜାର ହେକ୍ଟରରୁ ୧୭୮.୨୯, କଳାହାଣ୍ଡିରେ ୧୯୩.୦୯ହଜାର ହେକ୍ଟରରୁ ୧୭୬.୫୪, ମୟୂରଭଞ୍ଜରେ ୨୯୭.୩୧ହଜାର ହେକ୍ଟରରୁ ୨୭୯.୭୭ ହଜାର ହେକ୍ଟର ଜମିକୁ ଧାନଚାଷ ଖସି ଆସିଛି।

ସେହିପରି ନୂଆପଡାରେ ୧୦୫.୦୮ ହଜାର ହେକ୍ଟରରୁ ୮୬.୨୯ ହଜାର ହେକ୍ଟର ଚାଷ ଜମିକୁ ଖସି ଆସିଥିବାବେଳେ ସମ୍ବଲପୁରରେ ୧୦୯.୨୫ହଜାର ହେକ୍ଟରରୁ ୧୦୫.୭୨, ସୁବର୍ଣ୍ଣପୁରରେ ୧୦୪.୫୯ରୁ ୮୦.୦୭ ହଜାର ହେକ୍ଟର ଧାନଚାଷ ହୋଇଥିଲା। ଅନ୍ୟପକ୍ଷରେ ଶ୍ରୀ ଅନ୍ନ ଅଭିଯାନ ଅଧୀନରେ ୨୦୧୭-୧୮ ବର୍ଷରେ ରାଜ୍ୟରେ ୩୩୩୩.୫ ହେକ୍ଟର ଜମିରେ ମାଣ୍ଡିଆ ଚାଷ ହେଉଥିବାବେଳେ ଏହା ବଢ଼ି ଏବେ ୨୦୨୪-୨୫ରେ ୧ଲକ୍ଷ ୮ହଜାର ୧୯୫.୫ ହେକ୍ଟର ଚାଷଜମିରେ ପହଞ୍ଚିଛି। ଗତବର୍ଷ ମାଣ୍ଡିଆ ଉତ୍ପାଦନ ୧୦୮୩ହଜାର ୨୪୪.୫ କୁଇଣ୍ଟାଲ ଉତ୍ପାଦନ ହୋଇଛି। କେବଳ ମାଣ୍ଡିଆ ଚାଷ ଓ ଉତ୍ପାଦନ ବଢ଼ିଛି ତାହା ନୁହେଁ, ଗତବର୍ଷ ୫୮୬୧୬.୩ ହେକ୍ଟର ଜମିରେ ଡାଲି ଜାତୀୟ ଫସଲ ହୋଇଥିବାବେଳେ ୧୮,୨୦୩.୭ ହେକ୍ଟର ଜମିରେ ଚିନାବାଦାମ, ୧୬,୬୦୪.୧ ହେକ୍ଟର ଜମିରେ ରାଶି/ ଅଳସୀ, ୨୦,୫୬୦ ହେକ୍ଟର ଜମିରେ ମକା, ୧୪,୮୭୦ ହେକ୍ଟର ଜମିରେ କପା ଓ ୪୫,୮୮୭.୨୫ ହେକ୍ଟର ଜମିରେ ପନିପରିବା ଓ ମସଲା ଜାତୀୟ ଫସଲ ହୋଇଥିବା କୃଷି ବିଭାଗ ପକ୍ଷରୁ କୁହାଯାଇଛି।

# ବାଂଶପାଳରୁ ଜାପାନ ଯାତ୍ରା

## ଆଦିବାସୀ ଛାତ୍ର ସମ୍ମିତଙ୍କ ସଫଳତା

କେନ୍ଦୁଝର(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ), ୮।୪



ସମ୍ମିତ ମୁଣ୍ଡା

ଦଶମ ଶ୍ରେଣୀ ଆଦିବାସୀ ଛାତ୍ର ସମ୍ମିତ ମୁଣ୍ଡା ୭ ଦିନିଆ ଜାପାନ ଯାତ୍ରା କରିବାକୁ ସୁଯୋଗ ପାଇଛନ୍ତି। କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଗଦାଧରପୁରଠାରେ ଥିବା ଶ୍ରୀଗୁରୁକୁଳ ସ୍କୁଲରେ ହୋଇଥିବା ଏକ ରାଷ୍ଟ୍ରୀୟ ପ୍ରତିଯୋଗିତାରେ ଭାଗ ନେଇ ଶ୍ରେଷ୍ଠ ବିଜେତା ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ଚଳିତମାସ ୧୯ ତାରିଖରେ ସେ ଯାତ୍ରା କରିବେ। ଯେଉଁଥିରେ ଛାତ୍ରୀଛାତ୍ରୀମାନେ ଜାପାନର ଶିକ୍ଷା, ସଂସ୍କୃତି ଏବଂ ଆଧୁନିକ ପ୍ରଯୁକ୍ତି ସମ୍ପର୍କରେ ଅଧିକ ଜାଣିପାରିବେ। ଉଲ୍ଲେଖଯୋଗ୍ୟ ଯେ, ମେଟା ଲର୍ନ ଇନସ୍ପାୟାର ପ୍ରାଇଭେଟ ଲିମିଟେଡ ଦ୍ୱାରା ଆୟୋଜିତ ଇଣ୍ଡୋ-ଜାପାନ ଏକ୍ସଚେଞ୍ଜ ପ୍ରୋଗ୍ରାମରେ ସମ୍ମିତ ଭାଗ ନେଇଥିଲେ।

# ନିର୍ଦ୍ଦେଶକୁ ବାଁଏ ବାଁଏ ଉଡ଼ାଇଦେଲେ

ଭୁବନେଶ୍ୱର, ୮।୪(ସୁନିତ୍ ମିଶ୍ର)

■ପୁଣି ଏକାଠି ହେଲେ ପୂର୍ବତନ ବିଧାୟକଙ୍କ ପୁଅ, ଆଜି ନବୀନଙ୍କୁ ଦେବେ ଦାବିପତ୍ର

ୱାକ୍ଫ ବିଲ୍ ପ୍ରସଙ୍ଗରେ ବିଜେଡି ଭାଗ ହୋଇଯାଉଥିବା ଦେଖିବାକୁ ମିଳୁଛି। ପାଣ୍ଡିଆନ୍‌ଙ୍କୁ ସୁରକ୍ଷା ଦେବାକୁ ଗୋଟିଏ ଗୋଷ୍ଠୀ ଲାଗିପଡ଼ିଛନ୍ତି। ଅନ୍ୟପଟେ ପାଣ୍ଡିଆନ୍‌ଙ୍କ ହାତରୁ ବିଜେଡି ସାଙ୍ଗଠନିକ ଦାୟିତ୍ୱ ରଖେଇ ନ ଦେବା ଲାଗି ତୃଣମୂଳସ୍ତରରୁ ଆରମ୍ଭକରି ରାଜ୍ୟସ୍ତର ପର୍ଯ୍ୟନ୍ତ ବହୁ ଭାଗରେ ବିଜେଡି ନେତାମାନେ ଏକାଠି ହେବାରେ ଲାଗିପଡ଼ିଛନ୍ତି। ଗୋଟିଏ ପଟେ ୱାକ୍ଫ ବିଲ୍‌କୁ ନେଇ ଦଳରେ ହୋଇଥିବା କ୍ଷତି ପାଇଁ ପାଣ୍ଡିଆନ୍ ଦାୟୀ ନୁହନ୍ତି ଏକଥା ପ୍ରମାଣ କରିବା ଲାଗି ଜୋର୍‌ଦାର ଉଦ୍ୟମ ଚାଲିଛି। ଅନ୍ୟପଟେ କେତେଜଣ ପୂର୍ବତନ ବିଧାୟକ ଏବଂ ଏବର ବିଧାୟକ ଏକାଠି ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଅଧିକାଂଶ ପୂର୍ବତନ ବିଧାୟକ ଓ ମନ୍ତ୍ରୀଙ୍କ ପୁଅ ରହିଛନ୍ତି। ଏଥିରୁ ସ୍ପଷ୍ଟ ବୁଝାପଡୁଛି ଦଳରେ ଯେଉଁ ପାଣ୍ଡିଆନ୍ ସୁରକ୍ଷା ଅଭିଯାନ ଆରମ୍ଭ ହୋଇଛି ସେହି କଥାରେ ବହୁ ନେତା ସହମତ ନାହାନ୍ତି। ଏପରିକି ଏଭଳି ଏକାଠି ନ ହେବାକୁ ଦିଆଯାଇଥିବା ନିର୍ଦ୍ଦେଶକୁ ବାଁଏ ବାଁଏ ଉଡ଼ାଇ ଦେଇଛନ୍ତି। ମଙ୍ଗଳବାର ବୈଠକ କରିଥିବା ବିଜେଡିର ଗୋଟିଏ ଗୋଷ୍ଠୀ ଏନେଇ ବୁଧବାର ଏକ ଦାବିପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ବିଜେଡି ନେତା ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ଦିନ ୧୨ଟାରେ ଏକ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବିଧାୟକ ସୁନୀଲ ମହାନ୍ତି, ପୂର୍ବତନ ବିଧାୟକ ସମ୍ମିତ ରାଉତରାୟ, ଚନ୍ଦ୍ରସାରଥି ବେହେରା, ପ୍ରଣବ ବଳବନ୍ତରାୟ, ବିଷ୍ଣୁବ୍ରତ ରାଉତରାୟ ପ୍ରମୁଖ ଏକାଠି ହୋଇଥିବା ଜଣାପଡ଼ିଛି। ବୈଠକରେ ମୁଖ୍ୟତଃ ୱାକ୍ଫ ବିଲ୍ ପ୍ରସଙ୍ଗ ନେଇ ଆଲୋଚନା ହୋଇଥିବା କୁହାଯାଉଛି। ଏଥିରେ ଯୋଗଦେଇଥିବା ଜଣେ ବିଧାୟକ ନିଜ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଦଳର ମୂଳ ବିଷୟ ନେଇ ଆଲୋଚନା ହୋଇଛି। ୱାକ୍ଫ ବିଲ୍ ବିଷୟରେ ମଧ୍ୟ ଚର୍ଚ୍ଚା କରାଯାଇଛି। ଏହାଦ୍ୱାରା ତୃଣମୂଳସ୍ତରରେ ଦଳର ବ୍ୟାପକ କ୍ଷତି ହୋଇଛି। ନିର୍ବାଚନମଣ୍ଡଳୀରେ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନେ ବିଜେଡିଠାରୁ ମୁହଁ ଫେରାଉଛନ୍ତି। ଏକଥାକୁ ପ୍ରଶମିତ କରିବା ଲାଗି ଆଗକୁ କ’ଣ କରାଯିବ ସେ ବିଷୟରେ ଆଲୋଚନା ହୋଇଥିବା ସମ୍ପୃକ୍ତ ନେତା କହିଛନ୍ତି।

# ଫାଲ୍‌କନାମା ଏକ୍ସପ୍ରେସ୍‌ର ୨ ବଗି ଅଲଗା ହୋଇଗଲା

ବ୍ରହ୍ମପୁର,୮।୪(ସୁବାସ ଚନ୍ଦ୍ର ପାଢ଼ୀ)



ଆନ୍ଧ୍ରପ୍ରଦେଶର ପଲାସା ଥାନା ଅନ୍ତର୍ଗତ ସୁମାଦେବୀ -ମଞ୍ଜୁସା ରେଳ ଧାରଣାରେ ଯାଉଥିବା ସିକନ୍ଦରାବାଦ ସୁପରଫାଷ୍ଟ ‘ଫାଲ୍‌କନାମା ଏକ୍ସପ୍ରେସ’ ମଙ୍ଗଳବାର ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛି। ଦୁଇଟି ବଗିର କ୍ଲିପିଂ କଟିଯିବାରୁ ଟ୍ରେନଟି ଦୁଇ ଭାଗ ହୋଇଯାଇଥିଲା। ଏଥିରେ କୌଣସି ଯାତ୍ରୀ କିମ୍ବା କର୍ମଚାରୀ ଆହତ ହୋଇନାହାନ୍ତି। ପଲାସା ଡିଭିଜନ ରେଳ ବିଭାଗର ସି ଆଣ୍ଡ ଇର କର୍ମଚାରୀମାନେ ପହଞ୍ଚି ମରାମତି କରିଥିଲେ। ଏ-୧ ଏସି ବଗିରେ ଯାତ୍ରା କରୁଥିବା ପ୍ରାୟ ୪୬ ଜଣ ଯାତ୍ରୀଙ୍କୁ ଅନ୍ୟ ଏକ ଏସି ବଗିରେ ବସିବାକୁ କୁହାଯାଇଥିଲା। ଟ୍ରେନଟି ସେଠାରେ ପ୍ରାୟ ୩ ଘଣ୍ଟା ଅଟକି ରହିଥିଲା। ମରାମତି ସରିବା ପରେ ଗନ୍ତବ୍ୟ ସ୍ଥଳକୁ ବାହାରିଥିଲା ବୋଲି ପଲସା ଜିଆରପି ଥାନାଧିକାରୀ ଶେଖ ସରିଫ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସିକନ୍ଦରାବାଦରୁ ହାୱଡା ଅଭିମୁଖେ ବାହାରିଥିବା ଫାଲକନାମା ଏକ୍ସପ୍ରେସ ମଙ୍ଗଳବାର ସକାଳ ୭ଟାରେ ପଲସା ରେଳ ଷ୍ଟେଶନ ଛାଡିଥିଲା। ସୁମାଦେବୀ -ମଞ୍ଜୁସା ମଧ୍ୟରେ ଟ୍ରେନଟି ଦୁଇ ଭାଗ ହୋଇଯାଇଥିଲା। ଟ୍ରେନଟି ଏ-୧ ବଗି ଛାଡି ଚାଲିଯାଇଥିଲା। ସେଥିରେ ବସିଥିବା ଯାତ୍ରୀମାନେ ଏହି ଦୃଶ୍ୟ ଦେଖି ଭୟଭୀତ ହୋଇଯାଇଥିଲେ। ଯାତ୍ରୀ ମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରେଳ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଥିଲା ବୋଲି ସୂଚନା ଦିଆଯାଇଛି।

# ମେରାମଣ୍ଡଳୀ ରେଳଷ୍ଟେଶନରେ ଆଧୁନିକୀକରଣ କାର୍ଯ୍ୟ

ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)

ବୁଢ଼ାପଙ୍କ-ଶାଳଗାଁ ୩ୟ ଏବଂ ୪ର୍ଥ ରେଳଲାଇନ ପ୍ରକଳ୍ପ ଅନ୍ତର୍ଗତ ଢେଙ୍କାନାଳ-ଅନୁଗୋଳ ରେଳ ସେକ୍ସନରେ ହିନ୍ଦୋଳ ରୋଡ଼ ଏବଂ ମେରାମଣ୍ଡଳୀ ରେଳଷ୍ଟେଶନ ମଧ୍ୟରେ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି। ୨୭.୨୮ କିଲୋମିଟର ଦୀର୍ଘ ଏହି ରେଳଲାଇନରେ ଟ୍ରାକ୍ ଲିଙ୍କିଙ୍ଗ୍ ଏବଂ ନନ-ଇଣ୍ଟରଲକିଙ୍ଗଜନିତ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଚାଲୁରହିଛି। ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଟ୍ରେନ ସେବାକୁ ସାମୟିକ ଭାବେ ପରିବର୍ତ୍ତନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଅନେକ ଟ୍ରେନ୍ ଏପ୍ରିଲ୧୩ରୁ ୨୪ ତାରିଖ ମଧ୍ୟରେ ନିର୍ଦ୍ଧାରିତ ଦିନଗୁଡ଼ିକରେ ବାତିଲ ଏବଂ ମାର୍ଗ ପରିବର୍ତ୍ତନ କରିବ। ବାତିଲ ହେବାକୁ ଥିବା ଟ୍ରେନଗୁଡ଼ିକ ମଧ୍ୟରେ ୦୨୮୩୨/୦୨୮୩୧ ଭୁବନେଶ୍ୱର-ଧାନବାଦ-ଭୁବନେଶ୍ୱର ସ୍ପେଶାଲ, ୧୮୪୨୨/୧୮୪୨୧ ସୋନପୁର-ପୁରୀ-ସୋନପୁର ଏକ୍ସପ୍ରେସ, ୨୦୮୧୩/୨୦୮୧୪ ପୁରୀ-ଯୋଧପୁର-ପୁରୀ ଏକ୍ସପ୍ରେସ, ୧୨୧୪୫/୧୨୧୪୬ ଏଲ୍‌ଟିଟି-ପୁରୀ-ଏଲ୍‌ଟିଟି ଏକ୍ସପ୍ରେସ, ୧୨୯୯୩/୧୨୯୯୪ ଗାନ୍ଧୀଧାମ-ପୁରୀ-ଗାନ୍ଧୀଧାମ ଏକ୍ସପ୍ରେସ, ୨୨୮୦୫/୨୨୮୦୬ ଭୁବନେଶ୍ୱର-ଆନନ୍ଦ ବିହାର-ଭୁବନେଶ୍ୱର ସୁପର ଫାଷ୍ଟ ଏକ୍ସପ୍ରେସ, ୨୦୯୧୭/୨୦୯୧୮ ଇନ୍ଦୋର-ପୁରୀ-ଇନ୍ଦୋର ଏକ୍ସପ୍ରେସ୍, ୧୮୧୧୭/୧୮୧୧୮ ରାଉରକେଲା-ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍, ୨୦୮୩୨/୨୦୮୩୧ ସମ୍ବଲପୁର-ଶାଳିମାର-ସମ୍ବଲପୁର ଏକ୍ସପ୍ରେସ୍, ୨୦୮୦୪/୨୦୮୦୩ ସମ୍ବଲପୁର-ଶାଳିମାର-ସମ୍ବଲପୁର ସାପ୍ତାହିକ ଏକ୍ସପ୍ରେସ୍ ରହିଛି। ମାର୍ଗ ପରିବର୍ତ୍ତନ ହୋଇଥିବା ଟ୍ରେନଗୁଡ଼ିକ ମଧ୍ୟରେ ୧୨୮୮୦ ଭୁବନେଶ୍ୱର-ଏଲ୍‌ଟିଟି ଏକ୍ସପ୍ରେସ୍, ୨୨୮୬୬ ପୁରୀ-ଏଲ୍‌ଟିଟି ଏକ୍ସପ୍ରେସ୍ ଏବଂ ୨୦୪୭୨ ପୁରୀ-ଲାଲଗଡ଼ (ବିକାନେର) ଏକ୍ସପ୍ରେସ, ୧୨୮୭୯ ଏଲ୍‌ଟିଟି-ଭୁବନେଶ୍ୱର ଏକ୍ସପ୍ରେସ୍, ୨୦୪୭୧ ଲାଲଗଡ଼-ପୁରୀ ଏକ୍ସପ୍ରେସ ଆଦି ଟ୍ରେନ ରହିଛି।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
PVC/HDPE Factory in Bhubaneswar having ISI Licence wish to recruit experienced (3 years above) Staff in Office/ Production/Sales (Part Time/ Commission Basis Welcome).
Contact: 9439008838
Email: konarkgroup583@gmail.com

APPOINTMENT
Digitomesh, a leading Software Company required TECHNICAL / NON TECHNICAL, RETIRED OFFICIALS.
Contact : 8093008289
Bhubaneswar, Puri

A Reputed Garment Distribution House needs the following people:
● SENIOR MARKETING MANAGER - 1
● MARKETING EXECUTIVE - 2 ● MASTER IN MIS & AI - CHAT GPT - 1 ● PERSONAL SECRETARY - 1
● CRM EXECUTIVE - 1 ● DRIVER - 1
Walk in Interview on 11th April, 12 P.M. to 6 P.M.
SUNCITY, PCH - C-01, Grand Bazar,
Beside Nayara Petrol Pump, Phulnakhara, Contact - 8328899459

JOB OPPORTUNITIES

| Sr. No. | Post | Qualification | Sex | Experience | Nos |
|---|---|---|---|---|---|
| 1 | Office Co-ordinator | PGDCA & Tally (Good Computer Skill) | F/M | 1 year / Fresher | 1 |
| 2 | Office Co-ordinator | DTP (Good Typing Skill) | F/M | 1 year | 1 |
| 3 | Care Taker | | M | 1 year | 2 |
| 4 | Room service | | M | 1 year | 2 |
| 5 | Receptionist | Graduation | M/F | 1 year (Hotel Industry) | 2 |

Cont. Details : KM Convention (Wedding Hall), Bhubaneswar
Send Your resume by mail or Whatsapp (Whatsapp no - 8249579908 & 9556924496)
Mail Id : khatamitha717@gmail.com
Cont. No. - 8249579908 (Cont. between 11:30 A.M. to 5.30 P.M.)

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427
ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2025-26/02

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଡିନ, ଏସ୍ ବି ଆଇ ଏଲ କୋଲକାତା | 01 | ଚୁକ୍ତିନାମା |
| 2 | ଏକ୍ସଟାରନାଲ ଫ୍ୟାକଲ୍ଟି, ଏସ୍ ବି ଆଇ ଏଲ କୋଲକାତା | 03 | ଚୁକ୍ତିନାମା |
| 3 | ମାର୍କେଟିଂ ଏକ୍ଜିକ୍ୟୁଟିଭ୍, ଏସ୍ ବି ଆଇ ଏଲ କୋଲକାତା | 01 | ଚୁକ୍ତିନାମା |

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ ।

• ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 02.04.2025 ରୁ 22.04.2025 ପର୍ଯ୍ୟନ୍ତ ।

ସ୍ଥାନ: ମୁମ୍ବାଇ
ତାରିଖ: 02.04.2025
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

"ଯେଉଁ ଶକ୍ତି ସବୁ ସାଧନ କରିପାରିବ- ତାହା ଅଛି। କିନ୍ତୁ ତାହା ଆମ ଭିତରେ ଏକ ଗୁପ୍ତ କୋଠରି ଭିତରେ ଲୁଚିକରି ଅଛି। ଏବଂ ସେହି ରୁଦ୍ଧ ପ୍ରକୋଷ୍ଠର ଚାବି ଅଛି ଈଶ୍ୱରଙ୍କ ହାତରେ। ଆସ- ଈଶ୍ୱରଙ୍କୁ ଖୋଜି ପାଇବା ଓ ତାଙ୍କଠାରୁ ସେ ଚାବି ହାସଲ କରିବା। -ଶ୍ରୀଅରବିନ୍ଦ



# ବଦଳୁ ବ୍ୟବସ୍ଥା

ରାଜ୍ୟପାଳ ହେଉଛନ୍ତି ରାଜ୍ୟର ସାମ୍ବିଧାନିକ ମୁଖ୍ୟ ଓ ରାଷ୍ଟ୍ରପତିଙ୍କ ପ୍ରତିନିଧି ଭାବେ କାମ କରିଥାନ୍ତି। ରାଜ୍ୟରେ ନିର୍ବାଚିତ ସଂଖ୍ୟାଗରିଷ୍ଠ ଦଳର ମୁଖ୍ୟଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ନିଯୁକ୍ତ କରିଥାନ୍ତି। ଏଣୁ ରାଜ୍ୟରେ ନିର୍ବାଚିତ ସରକାର ଓ ରାଜ୍ୟପାଳଙ୍କ ମଧ୍ୟରେ ସମନ୍ୱୟ ଓ ସୁସମ୍ପର୍କ ରହିଲେ ଶାସନ ଠିକ୍ ବାଟରେ ଚାଲେ। ଯେବେ ରାଜ୍ୟପାଳ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ଲାଗି ରହେ, ସେବେ ଶାସନ ବାଟବଣା ହେବା ଥୟ। ତାମିଲନାଡୁରେ ଏମ୍.କେ. ଷ୍ଟାଲିନ୍‌ଙ୍କ ନେତୃତ୍ୱାଧୀନ ଡିଏମ୍‌କେ ସରକାର ୭ ମେ ୨୦୨୧ରେ କ୍ଷମତାକୁ ଆସିବା ପରେ ରାଜ୍ୟପାଳ ଆର୍.ଏନ୍. ରବିଙ୍କ ମଧ୍ୟରେ ବିବାଦ ଲାଗିରହିଛି। ରାଜ୍ୟପାଳ ମଧ୍ୟ ତାମିଲନାଡୁ ବିଧାନସଭାରେ ବିଭିନ୍ନ ସମୟରେ ପାରିତ ହୋଇଥିବା ୧୦ଟି ବିଲ୍‌କୁ ମଞ୍ଜୁରୀ ନ ଦେଇ ପକାଇ ରଖିଥିଲେ। ଫଳରେ ତାମିଲନାଡୁ ସରକାର ଏହା ବିରୋଧରେ ୨୦୨୩ରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଡିଏମ୍‌କେ ସରକାରଙ୍କ ଅଭିଯୋଗର ଶୁଣାଣିକରି ଜଷ୍ଟିସ୍ ଜି.ବି. ପର୍ଡିୱାଲା ଏବଂ ଆର୍. ମହାଦେବନ୍‌ଙ୍କ ଖଣ୍ଡପୀଠ ୧୦ ଫେବୃଆରୀରେ ରାୟ ସଂରକ୍ଷିତ ରଖିଥିଲେ। ଏପ୍ରିଲ ୮ରେ ଏହି ରାୟ ପ୍ରକାଶକରି ଶୀର୍ଷ ଅଦାଲତ କହିଛନ୍ତି, ରାଜ୍ୟପାଳ କୌଣସି ବିଲ୍‌କୁ ରୋକିପାରିବେ ନାହିଁ। ରାଜ୍ୟପାଳ ତାହାକୁ ମଞ୍ଜୁରୀ ଦେଇପାରନ୍ତି କିମ୍ବା ରାଷ୍ଟ୍ରପତିଙ୍କ ନିକଟକୁ ବିଚାର ପାଇଁ ପଠାଇପାରନ୍ତି। କିନ୍ତୁ ବିଧେୟକକୁ ଦ୍ୱିତୀୟ ଥର ରାଷ୍ଟ୍ରପତିଙ୍କ ପାଖକୁ ପଠାଇବାକୁ କହି ତାହାକୁ ରୋକିପାରିବେ ନାହିଁ। ଏହା ସହ କୋର୍ଟ ଦର୍ଶାଇଛନ୍ତି, ରାଜ୍ୟପାଳ ବିଲ୍‌ଗୁଡ଼ିକୁ ମଞ୍ଜୁରୀ ନ ଦେବା ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ଏବଂ ୧୦ଟି ବିଲ୍‌କୁ ଅନୁମୋଦନ ନ କରିବା ବେଆଇନ ଓ ମନମୁଖି କାମ। ଉଲ୍ଲେଖଯୋଗ୍ୟ, ସମ୍ବିଧାନର ଅନୁଚ୍ଛେଦ ୨୦୦ ଅନୁଯାୟୀ କୌଣସି ରାଜ୍ୟ ବିଧାନସଭା ଦ୍ୱାରା ପାରିତ ବିଲ୍‌କୁ ସହମତି ପାଇଁ ରାଜ୍ୟପାଳଙ୍କ ନିକଟକୁ ପଠାଇବାର ନିୟମ ରହିଛି। ଏହା ଉପରେ ରାଜ୍ୟପାଳ ସହମତି ଦେଇପାରିବେ କିମ୍ବା ବିଲ୍‌କୁ ସ୍ଥଗିତ ରଖିପାରିବେ ଅବା ରାଷ୍ଟ୍ରପତିଙ୍କ ଦ୍ୱାରା ବିଚାର ପାଇଁ ବିଧେୟକକୁ ସଂରକ୍ଷିତ ରଖିପାରିବେ। ଏଥିସହ ରାଜ୍ୟପାଳ ଅର୍ଥ ବିଲ୍ ଭିନ୍ନ ଯେକୌଣସି ବିଲ୍‌ର ପୁନର୍ବିଚାର ପାଇଁ ବିଧାନସଭାକୁ ଫେରାଇପାରିବେ। ଯଦି ବିଧାନସଭା ସେହି ବିଧେୟକକୁ ସଂଶୋଧନ କିମ୍ବା ବିନା ସଂଶୋଧନରେ ପୁନର୍ବାର ରାଜ୍ୟପାଳଙ୍କ ନିକଟକୁ ପଠାଏ, ସେଭଳି କ୍ଷେତ୍ରରେ ରାଜ୍ୟପାଳଙ୍କୁ ସମ୍ମତି ପ୍ରଦାନ କରିବାକୁ ପଡ଼ିବ। ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି ସେଥିରେ ତାମିଲନାଡୁ ରାଜ୍ୟପାଳ ଅନେକାଂଶରେ ତାଙ୍କ କ୍ଷମତା ବହିର୍ଭୂତ ନିଷ୍ପତ୍ତି ନେଇଥିବା ଦର୍ଶାଇଛନ୍ତି। ତେଣୁ ଶୀର୍ଷ ଅଦାଲତଙ୍କ ଏହି ରାୟକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ଐତିହାସିକ କହିବା ସହ ଏହା କେବଳ ତାମିଲନାଡୁର ନୁହେଁ, ବରଂ ସବୁ ରାଜ୍ୟର ବିଜୟ ବୋଲି ଦର୍ଶାଇଛନ୍ତି। ଏହା କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରିବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଓ ଭାରତର ସଂଘୀୟ ବ୍ୟବସ୍ଥାରେ ତାମିଲନାଡୁ ସଂଘର୍ଷର ଏହା ଏକ ଉଲ୍ଲେଖନୀୟ ବିଜୟ।

କେରଳ କ୍ୟାଡରର ପୂର୍ବତନ ଭାରତୀୟ ପୋଲିସ ସେବା(ଆଇପିଏସ୍) ଅଧିକାରୀ ଆର୍.ଏନ୍. ରବି ତାମିଲନାଡୁର ରାଜ୍ୟପାଳ ଭାବେ ୯ ସେପ୍ଟେମ୍ବର ୨୦୨୧ରେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହା ପୂର୍ବରୁ ସେ ମେଘାଳୟ ଓ ନାଗାଲାଣ୍ଡର ରାଜ୍ୟପାଳ ରହିଥିଲେ। କିନ୍ତୁ ତାମିଲନାଡୁରେ ଦାୟିତ୍ୱ ନେବା ପରଠାରୁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍‌ଙ୍କ ସହ ବିବାଦ ଆରମ୍ଭ ହୋଇଥିଲା। ଏଥିରୁ ବୁଝାପଡ଼ିଥିଲା ଯେ, କେନ୍ଦ୍ର ଭାଜପା ସରକାରର ଇଙ୍ଗିତରେ ରବି ପ୍ରତ୍ୟେକଟି କାର୍ଯ୍ୟ କରୁଛନ୍ତି। ସଂଘୀୟ ବ୍ୟବସ୍ଥାରେ ରାଜ୍ୟପାଳଙ୍କର ଭୂମିକା ଅତ୍ୟନ୍ତ ସୀମିତ। ଏହା ସତ୍ୟ ଯେ, ସମ୍ବିଧାନରେ ରାଜ୍ୟପାଳଙ୍କର କ୍ଷମତାକୁ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ଯେଉଁଥିରେ ସେହି ପଦବୀରେ ମନୋନୀତ ହୋଇଥିବା ବ୍ୟକ୍ତି ନିର୍ବାଚିତ ମନ୍ତ୍ରିମଣ୍ଡଳର ସୁପାରିସକୁ ସମ୍ପୂର୍ଣ୍ଣ ଭାବେ ଶୁଣିବା ପାଇଁ ବାଧ୍ୟନୁହନ୍ତି। ଅନ୍ୟପଟେ ଏହା ମଧ୍ୟ ମାନିକରି ଚଳିବାକୁ ହେବ ଯେ, ଏହିସବୁ ପଦପଦବୀରେ ଥିବା ବ୍ୟକ୍ତିମାନଙ୍କୁ ଦରମା ସାଧାରଣ ନାଗରିକଙ୍କଠାରୁ ଆଦାୟ କରାଯାଇଥିବା ଟିକସରୁ ଦିଆଯାଉଛି। ସେଥିପାଇଁ ସବୁ ରାଜ୍ୟରେ ସାଧାରଣ ନାଗରିକଙ୍କ ଭୋଟରେ ଜିତି ସରକାର ଗଢ଼ିଥିବା ଦଳ ସେହିମାନଙ୍କର ଇଚ୍ଛା ପୂରଣ କରିବା ପାଇଁ କାର୍ଯ୍ୟ କରିଥାଏ। କୌଣସି ରାଜନୈତିକ ଦଳ ଲୋକ ବିରୋଧୀ ଆଭିମୁଖ୍ୟ ରଖି ସରକାର ଚଳାଇପାରିବ ନାହିଁ। ତେଣୁ ସମ୍ବିଧାନର ଊର୍ଦ୍ଧ୍ୱକୁ ଯାଇ ଦୃଷ୍ଟି ପକାଇଲେ ଏହା ସ୍ପଷ୍ଟ ହୁଏ ଯେ, ରାଜ୍ୟପାଳଙ୍କର ପ୍ରତ୍ୟେକଟି କାର୍ଯ୍ୟ ତାଙ୍କ ରାଜ୍ୟର ମନ୍ତ୍ରିମଣ୍ଡଳର କହିବା ଅନୁଯାୟୀ ହେବା ଦରକାର। ରବିଙ୍କ ଭଳି ଆଜୀବନ ଚାକିରି କରିଆସିଥିବା ବ୍ୟକ୍ତି ନିଜକୁ ସ୍ୱାଧୀନ ଭାବିବା ଅସମ୍ଭବ। ତେଣୁ ତାଙ୍କର ପ୍ରତ୍ୟେକଟି କାର୍ଯ୍ୟ ନିର୍ଦ୍ଦେଶ ଦ୍ୱାରା ହୋଇଥାଏ। ସେହିଭଳି ରାଜ୍ୟପାଳ କେବଳ ଆଜିର ଭାଜପା ସରକାର ବେଳେ ସୀମିତ ନୁହେଁ। ପୂର୍ବରୁ କଂଗ୍ରେସ ସରକାର ସମୟରେ ମଧ୍ୟ ରାଜ୍ୟପାଳମାନେ ବିଭିନ୍ନ ରାଜ୍ୟରେ ଅଗଣତାନ୍ତ୍ରିକ କାର୍ଯ୍ୟ କରିଥିବାର ଉଦାହରଣ ରହିଛି।

କିଛି ଦଶନ୍ଧି ପୂର୍ବେ ରାଜ୍ୟପାଳ ପଦବୀକୁ ଉଠାଇଦେବା ପାଇଁ କେତେଜଣ ରାଜନୈତିକ ନେତା ମତ ଦେଇଥିଲେ। ଏହି ମତକୁ ସବୁ ଜାତୀୟ ଦଳ ମିଳିତ ଭାବେ ବିରୋଧକରିବା ପଛରେ ସେମାନଙ୍କର ମନ୍ଦ ଉଦ୍ଦେଶ୍ୟ ବୁଝାପଡ଼ିଥିଲା। ଆଜିର ସ୍ଥିତିରେ ତାମିଲନାଡୁ ସହ କେରଳ, ପଶ୍ଚିମବଙ୍ଗ ଏବଂ ପଞ୍ଜାବ ଭଳି ରାଜ୍ୟର ରାଜ୍ୟପାଳମାନେ ଅନୁରୂପ ଚରିତ୍ର ପ୍ରଦର୍ଶନ କରୁଛନ୍ତି। ଏଥିରୁ ବୁଝିବାକୁ ହେବ ଯେ, କୌଣସି ଦଳ କେନ୍ଦ୍ରରେ ଶାସନରେ ରହିବ, ତାହା ଦ୍ୱାରା ମନୋନୀତ ରାଜ୍ୟପାଳମାନେ ସରକାରଙ୍କୁ ହଇରାଣ କରିବା କଥା ଏକ ପ୍ରକାର ଥୟ। ସେଥିପାଇଁ ଏହି ବ୍ୟବସ୍ଥାରେ ଅତିଶୀଘ୍ର ପରିବର୍ତ୍ତନ ଅଣାଯିବାର ଆବଶ୍ୟକତା ଦେଖାଦେଲାଣି।

# ଛଦ୍ମ ଭିକାରି



ବୈକୁଣ୍ଠନାଥ ମିଶ୍ର

ଓଡ଼ିଶା ଏକ କୃଷିଭିତ୍ତିକ ରାଜ୍ୟ। ସମୟ ଥିଲା, କୃଷିଜୀବୀମାନେ ଥିଲେ ଏ ଦେଶର ପୃଷ୍ଠପୋଷକ। କୃଷକଟି ବିଲରେ ଖଟି ହିଡ଼ମାଟି ହିଡ଼ରେ ଲଦି ଯାହା ଅମଳ କରୁଥିଲା, ସେଥିରେ ଯେନତେନ ପ୍ରକାରେ ଚଳିଯାଉଥିଲା। ବର୍ଷତମାମ କୃଷି କର୍ମରେ ଲିପ୍ତ ରହି ମଧ୍ୟ ଅଭାବ ମେଣ୍ଟୁ ନ ଥିଲା। ଆବଶ୍ୟକସ୍ଥଳେ ଜମିଦାର, ସାହୁକାର ଓ ମହାଜନଠାରୁ ଋଣ କରୁଥିଲା। ମୂଳକଥା ଛାଡ଼ ସୁଧ ଗଣ୍ଡାକ ମଧ୍ୟ ପଇଠ କରିବାରେ ସେ ଥିଲା ଅକ୍ଷମ। ମହାଜନ ଚକ୍ରବୃଦ୍ଧି ସୁଧ ଆଦାୟ କରି କୁବେର ପାଲଟୁଥିବା ବେଳେ ବିଚାରା ଚାଷୀଟି ସର୍ବସ୍ୱାନ୍ତ ହେଉଥିଲା। ତା' ସହ ମହାଜନ ଓ ଜମିଦାରଙ୍କର ଅଜବ ହିସାବ ଥିଲା କୃଷକର ଦାରିଦ୍ର୍ୟର ଅନ୍ୟତମ କାରଣ। ଉଦାହରଣ ସ୍ୱରୂପ ଜମିଦାର ଶହେଟଙ୍କା ଦେଇ କହୁଥିଲା- 'ମୁଁ ଦେଲି ଶହେ, ତୁ ନେଲୁ ଶହେ'। ସମୁଦାୟ ହେଲା ଦୁଇଶହ। ଚାଲିଲା ଦୁଇଶହ ଟଙ୍କାର ହିସାବ। ବିଚାରା କୃଷକ ସେ ହିସାବ ବୁଝିପାରୁ ନ ଥିଲା କିମ୍ବା ବୁଝିଲେ ମଧ୍ୟ ନିରୁପାୟ ଭାବେ ନୀରବ ରହୁଥିଲା। ଶେଷରେ ଜମିବାଡ଼ି, ଏପରିକି ଘରଡିହ ଖଣ୍ଡକ ହାତଛଡ଼ା ହେଉଥିଲା। ଜମିଦାରଙ୍କ କ୍ଷେତରେ ଖଟି ଦୁଃଖରେ ଚଳୁଥିଲା। କବି ସଚ୍ଚି ରାଉତରାୟ ତାଙ୍କର ପ୍ରସିଦ୍ଧ କବିତା 'ଛୋଟ ମୋର ଗାଆଁ ଟି'ରେ ଏହାକୁ ସୁନ୍ଦର ଭାବେ ପରିବେଷଣ କରିଛନ୍ତି:-

ପ୍ରତାପଶାଳୀ ସାମନ୍ତରାୟ-
ଗାଁରେ କଲେ ଏମନ୍ତରାୟ
ଦେଏଣାଭାରେ ସକଳେ ହାୟ-
ରେଙ୍ଗୁନ୍ ଭୂଇଁ ଧାଆନ୍ତି
ଛୋଟ ମୋର ଗାଆଁ ଟି ॥

କୃଷକଟି ନିଃସ୍ୱ ହେଲା ପରେ ବାଧ୍ୟ ହୋଇ ପେଟ ପୋଷିବା ପାଇଁ ବିଦେଶ ପଳାଉଥିଲା। ସେ ସମୟରେ ମଣିଷ ଏତେ କଷ୍ଟରେ ଥାଇ ସୁଦ୍ଧା ଅଭାବ ପାଇଁ ସ୍ୱଭାବ ହରାଉ ନ ଥିଲା। ଚୋରି କରୁ ନ ଥିଲା କି ଭିକ ମାଗୁ ନ ଥିଲା। ଭିକ୍ଷାବୃତ୍ତିକୁ ମର୍ଯ୍ୟାଦାହୀନ, ଅସମ୍ମାନଜନକ ଓ ଘୃଣ୍ୟ ବୋଲି ବିବେଚନା କରୁଥିଲା। ମାଗି ଖାଇବା ଅପେକ୍ଷା ଲାଗି ଖାଇବାକୁ , ଲୁଟି ଖାଇବା ଅପେକ୍ଷା ଖଟି ଖାଇବାକୁ ସେ ପସନ୍ଦ କରୁଥିଲା। କିନ୍ତୁ ସମୟର ବିଘଟନ ଓ ପାରିବେଶିକ ଅସନ୍ତୁଳନ ପ୍ରଭାବରୁ କ୍ରମେ ଏ ଜାତି ତା' ମହାନ୍ ସ୍ୱାଭିମାନଭରା ପରମ୍ପରାରୁ ବିଚ୍ୟୁତ ହେଲା। ଲୁଟିବା, ଠକିବା ଏପରିକି ଛଦ୍ମ ଭାବରେ ଭିକ୍ଷାବୃତ୍ତିକୁ ଆଦରି ନେବାରେ କୁଣ୍ଠାବୋଧ କଲାନାହିଁ। କେବଳ କିଛି ଭିନ୍ନକ୍ଷମ, ରୋଗଗ୍ରସ୍ତ ବ୍ୟକ୍ତି ଭିକ୍ଷା କରୁଥିଲେ, ଯାହାଙ୍କ ପ୍ରତି ସମାଜ ସମ୍ବେଦନଶୀଳ ଥିଲା। ଶାସ୍ତ୍ର କହେ -

ବାଣିଜ୍ୟେ ବସତେ ଲକ୍ଷ୍ମୀ ତଦର୍ଦ୍ଧଂ କୃଷି କର୍ମଣି
ତଦର୍ଦ୍ଧଂ ରାଜସେବୟାଂ ଭିକ୍ଷାଂ ନୈବ ଚ ନୈବ ଚ।

ଅର୍ଥାତ୍ ବାଣିଜ୍ୟ ବ୍ୟବସାୟରେ ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି। ତା'ର ଅର୍ଦ୍ଧେକ କୃଷି କର୍ମରେ। ତା'ର



ଅର୍ଦ୍ଧେକ ରାଜସେବାରେ। କିନ୍ତୁ ଭିକ୍ଷା ଯାଚନାରେ ଆଦୌ ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି ନାହିଁ। ହେଲେ ସମ୍ପ୍ରତି କେତେକ ସୁସ୍ଥ ସବଳ ବ୍ୟକ୍ତି ଭିକ୍ଷାବୃତ୍ତିକୁ ଆପଣେଇଛନ୍ତି। ୨୦୧୧ ଜନଗଣନା ରିପୋର୍ଟ ଅନୁସାରେ, ଭାରତରେ ମୋଟ ଭିକାରି ସଂଖ୍ୟା ଥିଲା ୪ ଲକ୍ଷ ୧୩ ହଜାର ୬୭୦। ସେହି ରିପୋର୍ଟ କହେ, ଓଡ଼ିଶାରେ ଭିକାରି ସଂଖ୍ୟା ଥିଲା ୬ ହଜାର ୯୭୦, ଯାହା ୨୦୨୧ରେ ଓଡ଼ିଶା ବିଧାନସଭାରେ ସ୍ପଷ୍ଟ ହୋଇଥିଲା। ସେହି ରିପୋର୍ଟ ଅନୁସାରେ ପଶ୍ଚିମବଙ୍ଗରେ ସବୁଠାରୁ ଅଧିକ ଓ ତା' ତଳକୁ ଉତ୍ତରପ୍ରଦେଶରେ ଦ୍ୱିତୀୟ ସର୍ବାଧିକ ଭିକାରି ଥିଲେ। ୨୦୨୧ ପରଠାରୁ ଭିକାରିଙ୍କ ଥଇଥାନ ଓ ସେମାନଙ୍କ ଆର୍ଥିକ ବିକାଶ ଲାଗି ସରକାରୀ ଯୋଜନାମାନ ହାତକୁ ନିଆଗଲା। ୨୦୨୩ରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନ ଭିକାରିମୁକ୍ତ ଅଭିଯାନ ଆରମ୍ଭ କରି ଆଂଶିକ ସଫଳତା ପ୍ରାପ୍ତ ହୋଇଥିଲା। ୨୦୨୪ରେ କେନ୍ଦ୍ର ସରକାର (ନ୍ୟାୟ ଓ ସଶକ୍ତୀକରଣ ବିଭାଗ) ଦେଶର କେତେକ ସହରକୁ ୨୦୨୬ ସୁଦ୍ଧା ଭିକାରିମୁକ୍ତ କରିବାର ସଂକଳ୍ପ ନେଲେ। ଏଥିରେ ଅଯୋଧ୍ୟା, ଅମୃତସର, ଶିମ୍ଲା, ଇନ୍ଦୋର ପ୍ରଭୃତି ୩୦ଟି ସହର ଅନ୍ତର୍ଭୁକ୍ତ ହୋଇଛନ୍ତି। ମଧ୍ୟପ୍ରଦେଶର ଇନ୍ଦୋର ଜିଲା ପ୍ରଶାସନ ଆଉ ପାଦେ ଆଗକୁ ଯାଇ ଯେଉଁମାନେ ଭିକାରିଙ୍କୁ ଭିକ ଦେବେ, ସେମାନଙ୍କ ବିରୋଧରେ ଏତଲା ଦାଏର କରାଯିବ ବୋଲି ଘୋଷଣା କରିଛି।

ଭିକାରିମୁକ୍ତ ଅଭିଯାନ ଏକ କ୍ଷଣସ୍ଥାୟୀ ଅଭିଯାନ ନୁହେଁ। ଏହା ଦୀର୍ଘସ୍ଥାୟୀ। କାରଣ କେବଳ କ୍ଷୁଧାତୁର ବ୍ୟକ୍ତି ଭିକ୍ଷା ଯାଚନା କରୁଥିଲେ ସେମାନେ ହୁଏତ ସରକାରୀ ଯୋଜନା ବଳରେ ଭିକ୍ଷାବୃତ୍ତି ତ୍ୟାଗ କରିପାରନ୍ତି। ମାତ୍ର ଅଭ୍ୟାସବଶତଃ ଅଧିକ ଧନୀ ହେବା ଲକ୍ଷ୍ୟରେ ଯେଉଁମାନେ ଛଳନା ମାଧ୍ୟମରେ ଭିକ୍ଷାବୃତ୍ତି କରନ୍ତି, ସେମାନଙ୍କ ପଥରୋଧ କରିବା ଏକ ଦୁରୂହ ବ୍ୟାପାର। ଭାରତବର୍ଷରେ କୋଟିପତି ମଧ୍ୟ ଭିକ୍ଷା ଯାଚନା କରନ୍ତି। ମୁମ୍ବାଇ ସହରରେ ବାସ କରନ୍ତି 'ଭରତ ଜୈନ'। ତାଙ୍କ ନିକଟରେ ଅଛି ଅମାପ ସମ୍ପତ୍ତି। ମୁମ୍ବାଇ ଭଳି ସହରରେ ତାଙ୍କର ଅଛି ଦୁଇଟି ମୂଲ୍ୟବାନ୍ ଫ୍ଲାଟ, ଦୁଇଟି ଅତ୍ୟାଧୁନିକତାରେ ବିମଣ୍ଡିତ ଫ୍ଲାଟ୍ ଓ ମାର୍କେଟ କମ୍ପ୍ଲେକ୍ସରେ ୩ଟି ଘର, ଯାହା ବ୍ୟବସାୟ ପ୍ରତିଷ୍ଠାନ ହିସାବରେ ଭଡ଼ାସୂତ୍ରରେ ଦିଆଯାଇଛି। ତାଙ୍କର ନିଜର ରହିଛି ଏକ ସୁଦୃଶ୍ୟ ଅଟ୍ଟାଳିକା, ଯେଉଁଥିରେ ତାଙ୍କ ପରିବାର ସଦସ୍ୟମାନେ ରହନ୍ତି। ରାତି ପାହିବା ଆଗରୁ ସେ ନିଜକୁ ଭିକାରି ବେଶରେ ସଜାଇ ରାଜରାସ୍ତା ଓ ଗଳିକନ୍ଦିରେ ଭିକ୍ଷା ଯାଚନା କରନ୍ତି। ତାଙ୍କର ଭିକ୍ଷାଲବ୍ଧ ମାସିକ ଆୟ ୮୦ ହଜାରରୁ ୧ ଲକ୍ଷ ପର୍ଯ୍ୟନ୍ତ। ନିଜ ପରିବାର ପାଇଁ ମଧ୍ୟ ଦୈନିକ ଖାଇବା ଗଣ୍ଡାକ ସେ ଭିକ୍ଷାସୂତ୍ରରେ ପ୍ରାପ୍ତ ହୁଅନ୍ତି। ତାଙ୍କ ପରିବାର ସମ୍ବନ୍ଧରେ ତାଙ୍କ ପଡ଼ିଶାମାନେ ମଧ୍ୟ ଅଜ୍ଞ। ସାମାନ୍ୟ ଅସାବଧାନତାରୁ ତାଙ୍କ ପରିଚୟ ଜଣାପଡ଼ିବା ପରେ ପ୍ରାୟ ଛ' ମାସ ତଳେ ସେ ଗଣମାଧ୍ୟମ ନଜରକୁ ଆସିଥିଲେ। ସେତେବେଳେ ଭାରତର ସମସ୍ତ ପ୍ରମୁଖ ଖବରକାଗଜରେ ଏହା ପ୍ରକାଶିତ ହୋଇ ଜନମାନସକୁ ଆନ୍ଦୋଳିତ କରିଥିଲା।

ଭିକ୍ଷାବୃତ୍ତିରେ ପୂର୍ଣ୍ଣଚ୍ଛେଦ ଆଣିବାକୁ ଚିନ୍ତା କରୁଥିବା ସମୟରେ ଦେଶର ସମସ୍ତ ରାଜନୈତିକ ଦଳ ଭିକ୍ଷାବୃତ୍ତିକୁ ପରୋକ୍ଷ ପ୍ରୋତ୍ସାହନ ଦେଇ ଆସୁଥିବା ପରି ମନେହୁଏ। ରାଜନୀତିରେ ମାଗଣା ସାମଗ୍ରୀ ଓ ଅର୍ଥଦାନ ଦେବାରେ ପରସ୍ପର ମଧ୍ୟରେ ପ୍ରତିଯୋଗିତାରେ ଲିପ୍ତ ରହୁଛନ୍ତି। ରିହାତି ପ୍ରଦାନ, ବିଭିନ୍ନ ଯୋଜନା ମାଧ୍ୟମରେ ଅର୍ଥ ଓ ନାନାଦି ଦ୍ରବ୍ୟ ଦାନ, ଋଣଛାଡ଼ ଭଳି ପ୍ରୋତ୍ସାହନ ପରୋକ୍ଷରେ କର୍ମକ୍ଷମମାନଙ୍କୁ ପ୍ରଭାବିତ କରୁଛି। ସାଧାରଣ ଯୁବବର୍ଗ କ୍ରମେ କର୍ମବିମୁଖତାକୁ ଆପଣେଇ ନେଲେଣି। ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ ରାୟ ପ୍ରଣିଧାନଯୋଗ୍ୟ। ଜଷ୍ଟିସ୍ ବି. ଆର୍. ଗଭାଇ ଓ ଅଗଷ୍ଟାଇ ମସିହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଉଦ୍‌ବେଗଜନକ ମନ୍ତବ୍ୟ ଦେଇଛନ୍ତି ଯେ, ସରକାରଙ୍କର ବିଭିନ୍ନ ମାଗଣା ଯୋଜନା ଦ୍ୱାରା ଦେଶରେ ଏକ ପରାଙ୍ଗପୁଷ୍ଟ ଗୋଷ୍ଠୀ ସୃଷ୍ଟି ହୋଇଛନ୍ତି। ବିଚାରପତିଙ୍କ ମତହେଲା, କୃଷିକର୍ମ ପାଇଁ ଆଉ ଶ୍ରମିକ ମିଳୁନାହାନ୍ତି। ଅନ୍ୟକୁ ଦେଖି ଚାଷୀ ପରିବାର ପିଲା ବିଲକୁ ଗଡୁନାହାନ୍ତି। ଥୋକେ ସରକାରୀ ଓ ବିଭିନ୍ନ କମ୍ପାନୀ ଚାକିରି କରି ସହରାଞ୍ଚଳକୁ ଚାଲିଯାଇ ନିଜ ଶସ୍ୟକ୍ଷେତକୁ ଅଣଦେଖା କରୁଛନ୍ତି। ଭାରତୀୟ ରିଜର୍ଭ ବ୍ୟାଙ୍କ ଗତ ଫେବୃୟାରୀରେ ଉଦ୍‌ବେଗ ପ୍ରକାଶ କରିଛି ଯେ, ରାଜ୍ୟଗୁଡ଼ିକ ନିଜସ୍ୱ ମାଗଣା ଆର୍ଥିକ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଇ ଦେଶ ଉପରକୁ ବୃହତ୍ ଆର୍ଥିକ ସଙ୍କଟକୁ ଟାଣି ଆଣୁଛନ୍ତି। ପରିସ୍ଥିତି ଯାହା ହେଲାଣି, ଦେଶର ରାଜନୈତିକ ଦଳଗୁଡ଼ିକ ସେମାନଙ୍କ ମାଗଣା ପ୍ରଦାନ ପ୍ରତିଶ୍ରୁତିରେ କେବେ କ୍ଷାନ୍ତ ହୋଇପାରିବେ ନାହିଁ। ଫଳରେ ଦେଶ ଆଗକୁ ଘୋର ଆର୍ଥିକ ସଙ୍କଟର ସମ୍ମୁଖୀନ ହେବାକୁ ଯାଉଛି। ଭିକ୍ଷାବୃତ୍ତିକୁ ନିଷେଧ କରିବାକୁ ଅଙ୍ଗୀକାରବଦ୍ଧ ସରକାରଗୁଡ଼ିକ ପରୋକ୍ଷ ଭିକ୍ଷାବୃତ୍ତିକୁ ପ୍ରୋତ୍ସାହିତ କରୁଛନ୍ତି। ଦେଶକୁ ଶ୍ରମକାତର ଛଦ୍ମ ଭିକାରିଙ୍କ ପ୍ରଭାବରୁ ମୁକ୍ତି ମିଳୁ। ଏ ତ ଭାତହାଣ୍ଡିରୁ ଗୋଟିଏ ଚିପିବା ପରି। ଦେଶର ବିଶେଷକରି ଓଡ଼ିଶାରେ ଯେଉଁ ସରକାରୀ ବାବୁମାନଙ୍କର କଳାଧନର ପର୍ଦ୍ଦାଫାଶ ହେଉଛି, ସେମାନେ ଜଣେ ଜଣେ କୋଟିପତି ଭିକାରି ନୁହନ୍ତି କି ? ଏହିମାନେ ଜଣେ ଜଣେ ଛଦ୍ମବେଶୀ ଭିକାରି।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

# ବିମ୍‌ଷ୍ଟେକ୍ ବୈଠକରେ ଭାରତର ବାର୍ତ୍ତା



ଲଳିତେନ୍ଦୁ ପଲାଉରୀ

ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ରେ ଶେଷ ହୋଇଛି ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆ ରାଷ୍ଟ୍ର ସମୂହ ସଙ୍ଗଠନ ବିମ୍‌ଷ୍ଟେକ୍‌ର ଷଷ୍ଠ ବୈଠକ। ବିମ୍‌ଷ୍ଟେକ୍ ହେଉଛି ବେ ଅଫ୍ ବେଙ୍ଗଲ ଇନିସିଏଟିଭ୍ ଫର ମଲ୍ଟି ସେକ୍ଟରାଲ ଟେକ୍‌ନିକାଲ ଆଣ୍ଡ ଇକୋନୋମିକ କୋଅପରେଶନ। ବୈଠକରେ ଭାରତ, ଥାଇଲାଣ୍ଡ, ମ୍ୟାନ୍‌ମାର, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ଭୁଟାନ୍‌ର ପ୍ରତିନିଧିମାନେ ଯୋଗ ଦେଇ ପ୍ରମୁଖ ଆଞ୍ଚଳିକ ସହଯୋଗ, ଅର୍ଥନୈତିକ ଅଭିବୃଦ୍ଧି, ଯୋଗାଯୋଗ, ଜ୍ଞାନକୌଶଳର ଆଦାନପ୍ରଦାନ ଓ ସାମଗ୍ରିକ ବିକାଶ ନେଇ ମାନସ ମନ୍ଥନ କରିଥିଲେ। ବ୍ୟାଙ୍କକ୍‌ର ଏହି ବୈଠକରେ ୨୦୩୦ ପାଇଁ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇଛି। ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରୁ ନେପାଳ ଓ ଭୁଟାନ୍‌କୁ ଛାଡ଼ି ଅନ୍ୟ ରାଷ୍ଟ୍ରଗୁଡ଼ିକ ବଙ୍ଗୋପସାଗରତଟୀୟ ଦେଶ। ତେଣୁ ସମୁଦ୍ର ସୁରକ୍ଷା କ୍ଷେତ୍ରରେ ସହଯୋଗ ନେଇ ମଧ୍ୟ ବିସ୍ତୃତ ଆଲୋଚନା ହୋଇଛି। ବିମ୍‌ଷ୍ଟେକ୍‌କୁ ଦକ୍ଷିଣ ଏସିଆ ଓ ଦକ୍ଷିଣ-ପୂର୍ବ ଏସିଆର ପ୍ରମୁଖ ସମ୍ପର୍କର ସେତୁ ବୋଲି କୁହାଯାଉଛି। ଏହି ସଙ୍ଗଠନ ୧୯୯୭ରେ ଗଠନ ହୋଇଥିବା ବେଳେ ପ୍ରଥମେ ୪ଟି ଦେଶ ସଦସ୍ୟ ଥିଲେ। ଏମାନଙ୍କ ମଧ୍ୟରେ ବାଂଲାଦେଶ, ଭାରତ, ଶ୍ରୀଲଙ୍କା ଓ ଥାଇଲାଣ୍ଡ ହେଉଛନ୍ତି ପ୍ରତିଷ୍ଠାତା ସଦସ୍ୟ, ଯାହାକୁ ପ୍ରଥମେ BIST-EC ବୋଲି କୁହାଯାଉଥିଲା। ୨୦୦୪ରେ ଭୁଟାନ୍ ଓ ନେପାଳ ସଙ୍ଗଠନରେ ଯୋଡ଼ି ହେବା ପରେ ଏହା BIMSTEC ନାଁରେ ପରିଚିତ ହେଲା। ତେବେ ଭୁଟାନ୍ ଓ ନେପାଳ ଯଦିଓ ବଙ୍ଗୋପସାଗରତଟୀୟ ଦେଶ ନୁହନ୍ତି, କିନ୍ତୁ ଏହି ଦୁଇ ଦେଶ ଜଳ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହି ଆସିଛନ୍ତି।

୨୦୨୩ ତଥ୍ୟ କହୁଛି, ଏହିସବୁ ଦେଶର ମିଳିତ ଜାତୀୟ ଅଭିବୃଦ୍ଧି ୫.୨ ଟ୍ରିଲିୟନ ଡଲାର ରହିଛି। ବିମ୍‌ଷ୍ଟେକ୍‌କୁ ସାର୍କ ସଙ୍ଗଠନର ବିକଳ୍ପ ବୋଲି କୁହାଯାଉଛି। କାରଣ ୨୦୧୪ରେ ନେପାଳରେ ଆୟୋଜିତ ସାର୍କ ବୈଠକର ବିଫଳତା ପରେ ଏସିଆ ମହାଦେଶରେ ବିମ୍‌ଷ୍ଟେକ୍‌ର ଗୁରୁତ୍ୱ ବଢ଼ାଇଛି। ବିମ୍‌ଷ୍ଟେକ୍‌ରେ ସବୁଠାରୁ ଶକ୍ତିଶାଳୀ ଦେଶ ହେଉଛି ଭାରତ। ୨୦୧୪ ପରେ ଏହି ସଙ୍ଗଠନରେ ଭାରତର ଗୁରୁତ୍ୱ ବଢ଼ିବା ସହ ଭାରତର ଲୁକ୍ ଇଷ୍ଟ ଆକ୍ଟ ଆଭିମୁଖ୍ୟକୁ ଆକ୍ଟ ଇଷ୍ଟ ପଲିସିରେ ରୂପାନ୍ତର କରିବାରେ ଏହା ସହାୟକ ହୋଇଛି। ୮୦% ତୈଳ କାରବାର ଏବଂ ୪୦% ବିଶ୍ୱ ବାଣିଜ୍ୟ ଭାରତ ମହାସାଗର ଦେଇ ହେଉଥିବା ବେଳେ ଭାରତ ପାଇଁ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଦେଶ ଗୁରୁତ୍ୱପୂର୍ଣ୍ଣ। ଏହା ସହ ଏସିଆ ମହାଦେଶରେ ଆମର ପ୍ରତିଦ୍ୱନ୍ଦ୍ୱୀ ହେଉଛି ଚାଇନା। ଚାଇନା ପାକିସ୍ତାନକୁ ହାତ କରି ବେଲ୍ଟ ଆଣ୍ଡ ରୋଡ୍ ଆଭିମୁଖ୍ୟ ଜରିଆରେ ଏହି ଅଞ୍ଚଳରେ ନିଜର ବିସ୍ତାରବାଦ ନୀତିକୁ ବଢ଼ାଇବାକୁ ଚାହୁଁଥିବା ବେଳେ ଏହାକୁ ରୋକିବାକୁ ଭାରତ ପାଇଁ ବିମ୍‌ଷ୍ଟେକ୍ ସଦସ୍ୟ ରାଷ୍ଟ୍ରଗୁଡ଼ିକ ଜରୁରୀ। ଅପରପକ୍ଷେ ଭାରତ ବିମ୍‌ଷ୍ଟେକ୍ ରାଷ୍ଟ୍ରଙ୍କ ସହଯୋଗକୁ ପାଥେୟ କରି ଭାରତ-ମ୍ୟାନ୍‌ମାର-ଥାଇଲାଣ୍ଡ ହାଇୱେ, ମୁକ୍ତ ବାଣିଜ୍ୟ ରାଜିନାମା (ଏଫ୍‌ଟିଏ) ପାଇଁ ପ୍ରୟାସ,




ମେକାଙ୍ଗ-ଗଙ୍ଗା ସହଯୋଗ, ପ୍ରତିରକ୍ଷା ଓ ନୌସୁରକ୍ଷା ସହଯୋଗକୁ ଆଗକୁ ନେବାରେ ପ୍ରୟାସ ଜାରି ରଖିଛି।

ବ୍ୟାଙ୍କକ୍‌ର ବିମ୍‌ଷ୍ଟେକ୍ ବୈଠକ ତାଳେତାଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅନ୍ୟ ସଦସ୍ୟ ରାଷ୍ଟ୍ରଗୁଡ଼ିକ ସହ ଦ୍ୱିପାକ୍ଷିକ ବୈଠକରେ ବିଭିନ୍ନ ସହଯୋଗ ନେଇ ଆଲୋଚନା କରିଥିଲେ। ୨୦୨୪ରେ ବାଂଲାଦେଶରେ ଅସ୍ଥିରତା ଓ ପ୍ରଧାନମନ୍ତ୍ରୀ ସେଖ୍ ହାସିନାଙ୍କ ଗାଦିଚ୍ୟୁତ ପରେ ଭାରତ-ବାଂଲାଦେଶ ସମ୍ପର୍କରେ ଭଟ୍ଟା ପଡ଼ିଛି। ଏଭଳି ସ୍ଥିତିରେ ବାଂଲାଦେଶ ମଧ୍ୟବର୍ତ୍ତୀ ସରକାରର ମୁଖ୍ୟ ମହମ୍ମଦ ୟୁନୁସ୍‌ଙ୍କୁ ବ୍ୟାଙ୍କକ୍‌ରେ ଭେଟିଥିଲେ ପ୍ରଧାନମନ୍ତ୍ରୀ ମୋଦି। ବିଶେଷକରି ବାଂଲାଦେଶରେ ସାଧାରଣ ନିର୍ବାଚନ କରିବା, ବାଂଲାଦେଶୀ ଅନୁପ୍ରବେଶ ଉପରେ ରୋକ ଲଗାଇବା, ଭାରତ ବିରୋଧରେ ଅର୍ଥହୀନ ମନ୍ତବ୍ୟ ନ ଦେବାକୁ ୟୁନୁସ୍‌ଙ୍କୁ ସେ ପରାମର୍ଶ ଦେଇଛନ୍ତି । ଏହାସହ ବାଂଲାଦେଶରେ ସଂଖ୍ୟାଲଘୁଙ୍କ ସୁରକ୍ଷା, ହିନ୍ଦୁମାନଙ୍କ ଉପରେ ଆକ୍ରମଣ ବନ୍ଦ କରିବାକୁ ମୋଦି କହିଥିଲେ। ନିକଟରେ ୟୁନୁସ୍ ଚାଇନା ଗସ୍ତ ବେଳେ ଭାରତ ବିରୋଧୀ ମନ୍ତବ୍ୟ ରଖିଥିବାରୁ ୟୁନୁସ୍‌ଙ୍କ ପ୍ରତି ଭାରତର ଆଭିମୁଖ୍ୟ ନକାରାତ୍ମକ ରହିଛି। ଏହାସହ ଭାରତକୁ ଚ୍ୟାଲେଞ୍ଜ ଦେବା ଅବସରରେ ବାଂଲାଦେଶରେ ଚାଇନା ବିପୁଳ ପୁଞ୍ଜି ନିବେଶ ପାଇଁ ଚାଇନା ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ ବେଳେ ପ୍ରସ୍ତାବ ଦେଇଥିଲେ ୟୁନୁସ୍। ଗତ ବର୍ଷ ଅଗଷ୍ଟରେ ବାଂଲାଦେଶରେ ହିଂସା ଓ ସରକାର ବଦଳିବା ପରେ ଏହା ମୋଦି ଓ ୟୁନୁସ୍‌ଙ୍କ ମଧ୍ୟରେ ପ୍ରଥମ ସାକ୍ଷାତ୍ ଥିଲା। ସେପଟେ ମୋଦିଙ୍କ ଥାଇଲାଣ୍ଡ ଗସ୍ତ ଅବସରରେ ଭାରତ ଥାଇଲାଣ୍ଡ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ମଜଭୁତ ନେଇ ଆଲୋଚନା ହୋଇଛି। ବିଶେଷକରି ଭାରତର ଉତ୍ତର-ପୂର୍ବ ରାଜ୍ୟ ସହ ଥାଇଲାଣ୍ଡ ପର୍ଯ୍ୟଟନକୁ ଯୋଡ଼ିବା, ସଂସ୍କୃତି ଓ ଶିକ୍ଷା କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା ହୋଇଛି। ଭାରତ-ଥାଇଲାଣ୍ଡ ମଧ୍ୟରେ ୧.୩୭ ଲକ୍ଷ କୋଟିର ବ୍ୟବସାୟିକ ସମ୍ପର୍କ ରହିଛି। ଆଗକୁ ଏମ୍‌ଏସ୍‌ଏମ୍‌ଇ, ହ୍ୟାଣ୍ଡଲୁମ୍, ହସ୍ତତନ୍ତ କ୍ଷେତ୍ରରେ ସହଯୋଗ ସହ ଅକ୍ଷୟ ଶକ୍ତି, ଡିଜିଟାଲ ଜ୍ଞାନକୌଶଳ, ବୈଦ୍ୟୁତିକ ଯାନ, ରୋବଟିକ୍ସ, ବାୟୋଟେକ୍ନୋଲୋଜି ଏବଂ ଷ୍ଟାର୍ଟଅପ କ୍ଷେତ୍ରରେ ସହଯୋଗ ନେଇ ଆଲୋଚନା ହୋଇଛି। ଭାରତ ଥାଇ ପର୍ଯ୍ୟଟକଙ୍କ ପାଇଁ ଇ-ଭିଜା ଦେବା ଆରମ୍ଭ କରିଛି। ଭାରତ ଲୁକ୍ ଇଷ୍ଟ ପଲିସିକୁ ଗୁରୁତ୍ୱ ଦେଉଥିବା ବେଳେ ଥାଇଲାଣ୍ଡର ମଧ୍ୟ ବିଶେଷ ଯୋଗଦାନ ରହିଛି । ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଥାଇ ପ୍ରଧାନମନ୍ତ୍ରୀର ଯୁବା ପ୍ରଧାନମନ୍ତ୍ରୀ ପି. ସିନେୱାର୍ତ୍ତାଙ୍କୁ ତ୍ରିପିଟକ ଭେଟି ଦେଇଥିଲେ। ଗୁଜରାଟ ଆରାବଳି ପର୍ବତରୁ ୧୯୬୦ରେ ମିଳିଥିବା ବୁଦ୍ଧଙ୍କ ପବିତ୍ର ଅବଶେଷ ଆଗାମୀ ବର୍ଷ ଥାଇଲାଣ୍ଡ ପଠାଯିବ ବୋଲି ପ୍ରଧାନମନ୍ତ୍ରୀ ଥାଇବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କର ଏହା ତୃତୀୟ ଥାଇଲାଣ୍ଡ ଗସ୍ତ।

ଏସିଆ ମହାଦେଶରେ ଭାରତ ସମସ୍ତ ରାଷ୍ଟ୍ରଙ୍କ ସହ ବ୍ୟବସାୟିକ ସମ୍ପର୍କ, ଦ୍ୱିପାକ୍ଷିକ ସମ୍ପର୍କରେ ଘନିଷ୍ଠତା ବଢ଼ାଇବା ଲକ୍ଷ୍ୟରେ ରହୁଥିବା ବେଳେ ଚାଇନା, ପାକିସ୍ତାନ ସବୁବେଳେ ଭାରତ ବିରୋଧୀ ଆଭିମୁଖ୍ୟକୁ ପ୍ରୋତ୍ସାହନ ଦେଉଥିବାରୁ ସାମଗ୍ରିକ ଏସିଆର ବିକାଶ କ୍ଷେତ୍ରରେ ପ୍ରତିବନ୍ଧକ ଦେଖାଦେଇଛି।

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ: ୯୭୭୮୬୯୭୦୩୬

## ଏଇ ଭାରତରେ

ରାଜସ୍ଥାନ ଯୋଧପୁରର ନିର୍ମଳା ଶେଖାୱତ ଜଣେ ସିଙ୍ଗଲ ମମ୍ ଭାବେ ବ୍ୟବସାୟରେ ସଫଳତା ପାଇବା ସହ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି। 'ମାରୱାଡି ମଁୱାର'ନାମରେ ସେ ଫୁଡ୍ ବିଜ୍‌ନେସ୍ ଚଳାଉଛନ୍ତି। ସେ ରାଜସ୍ଥାନୀ ସ୍ନାକ୍ସ, ଆଚାର ସହିତ ପାମ୍ପଡ଼ ଓ ଅନ୍ୟ ସ୍ୱାଦିଷ୍ଟ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ବିକ୍ରି କରୁଛନ୍ତି। ଏଗୁଡ଼ିକୁ ଅନ୍‌ଲାଇନରେ ମଧ୍ୟ ବିକ୍ରି କରୁଛନ୍ତି। ଏହି କାର୍ଯ୍ୟରେ ତାଙ୍କ ଭାଇ, ମା, ଭାଉଜ ଓ ଶାଶୁ ଘର ଲୋକେ ସହଯୋଗ କରୁଛନ୍ତି। ତାଙ୍କ ଭାଇ ଅନ୍‌ଲାଇନ ବ୍ୟବସାୟ ସମ୍ଭାଳୁଛନ୍ତି। ପ୍ରଥମେ ନିର୍ମଳା ମାସକୁ ମାତ୍ର ୧୫ ଟଙ୍କାର ଅର୍ଡର ପାଉଥିଲେ ଓ ଏବେ ପାଉଛନ୍ତି ଦେଢ ଲକ୍ଷ ଟଙ୍କାର। ଏହି କାର୍ଯ୍ୟରେ ଘର ଲୋକଙ୍କ ବ୍ୟତୀତ ସେ ୩୦ ଜଣ ମହିଳାଙ୍କୁ ନିଯୁକ୍ତି ଦେଇଛନ୍ତି। କୋଭିଡ ସମୟରେ ନିର୍ମଳାଙ୍କ ସ୍ୱାମୀଙ୍କର ବ୍ରେନ ହାମରେଜରେ ଦେହାନ୍ତ ହେବା ପରେ ପରିବାର ଆର୍ଥିକ ସଙ୍କଟରେ ପଡ଼ିଯାଇଥିଲା। ପିଲାଙ୍କ ପଢ଼ା ସହ ପରିବାର ଚଳାଇବା ଲାଗି ସେ ପ୍ରଥମେ ରାଜସ୍ଥାନୀ ସ୍ନାକ୍ସ ତିଆରି କରି ବିକ୍ରି କରୁଥିଲେ। ପରେ ଚାହିଦା ବଢ଼ିବାରୁ ସ୍ନାକ୍ସ ସହିତ ଅନ୍ୟ ଉତ୍ପାଦ ବିକ୍ରି ଅଧିକ ରୋଜଗାର କରିବା ସହ ନିଜକୁ ଜଣେ ସଫଳ ଉଦ୍ୟୋଗୀ ଭାବେ ପ୍ରତିଷ୍ଠିତ କରିପାରିଛନ୍ତି।

## ଚିରନ୍ତନୀ

ଛୁଇଁନି ବ୍ରୀଡ଼ା ଚଞ୍ଚଳତା
ଛୁଇଁନି ଧରା ପାପ
ପଡ଼ିନି ପୂତ ତନୁର ପରେ
ପଥର ଅଭିଶାପ।

-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | | 7 | | | |
| | | 3 | 9 | 6 | | 4 | | |
| | | 5 | 8 | | | | 2 | |
| | | | 1 | | 5 | | 4 | |
| | 5 | 9 | | 4 | | | | |
| | | | | | | | | |
| | 9 | 6 | 2 | 3 | | | | |
| 2 | | 4 | | | | | 5 | |
| | | | | | | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 4 | 1 | 8 | 7 | 2 | 5 | 3 |
| 2 | 8 | 1 | 3 | 6 | 5 | 4 | 9 | 7 |
| 3 | 5 | 7 | 9 | 4 | 2 | 6 | 1 | 8 |
| 5 | 4 | 6 | 2 | 3 | 9 | 8 | 7 | 1 |
| 7 | 1 | 2 | 8 | 5 | 6 | 3 | 4 | 9 |
| 8 | 9 | 3 | 4 | 7 | 1 | 5 | 2 | 6 |
| 4 | 2 | 8 | 7 | 1 | 3 | 9 | 6 | 5 |
| 1 | 3 | 5 | 6 | 9 | 4 | 7 | 8 | 2 |
| 6 | 7 | 9 | 5 | 2 | 8 | 1 | 3 | 4 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## କର୍ତ୍ତବ୍ୟରତ ପୋଲିସ ପ୍ରତି ଜୁଲମ

ମହାଶୟ,

ସମାଜରେ କର୍ତ୍ତବ୍ୟରତ ପୋଲିସ ଅପରାଧୀଙ୍କୁ ଗିରଫ କରିବା ଅବସରରେ ଜୁଲମର ଶିକାର ହେବା ଖବର ଦୈନନ୍ଦିନ ଖବରକାଗଜରୁ ପଢ଼ିବାକୁ ମିଳୁଛି। ଅପରାଧୀମାନେ ମିଳିତ ଭାବେ ପୋଲିସକୁ ଆକ୍ରମଣ କରି ରକ୍ତାକ୍ତ କରିବା ସହ ଅସ୍ତ୍ରଶସ୍ତ୍ର ଛଡ଼ାଇ ନେଉଛନ୍ତି। ଏପରିକି ସେମାନେ ପୋଲିସ ଗାଡ଼ିରେ ନିଆଁ ଲଗାଇ ଦେଉଛନ୍ତି। ପୂର୍ବେ ପୋଲିସକୁ ଦେଖିଲେ ଲୋକେ ଲୁଚୁଥିଲେ। ଲୋକ କଥାନୁଯାୟୀ ପୋଲିସ ମାଡ଼ ଥରେ ଯିଏ ଖାଇଛି ସେ ମରିବା ପର୍ଯ୍ୟନ୍ତ ଭୁଲିପାରିବ ନାହିଁ। ତେବେ ପୋଲିସମାନଙ୍କ ପ୍ରତି ଏପରି ବ୍ୟବହାର ଘଟିବାର କାରଣ କ'ଣ ? ସେ କାରଣ ଯାହାହେଉ, ଏପରି ବିଶୃଙ୍ଖଳା ପାଇଁ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହେଉନାହିଁ କି ? ପୋଲିସର ଏପରି ଉଦାରପଣିଆ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୁଏ। ୧- ପୋଲିସ ତାଲିମ ସମୟରେ କ'ଣ କଠୋରପଣିଆ ନ ଦେଖାଇବା ପାଇଁ ଶିକ୍ଷା ପାଇଥାନ୍ତି, ୨- ଅଥବା ଦେଶର ପରିସ୍ଥିତିକୁ ଲକ୍ଷ୍ୟ ଦେଇ ରାଜନେତା କିମ୍ବା ଉପରିସ୍ଥ ପୋଲିସ ଅଧିକାରୀଙ୍କର ପୋଲିସକୁ ଉଦାରପଣିଆ ଦେଖାଇବାକୁ ଆଦେଶ ଅଛି। ତେବେ ଉପରୋକ୍ତ ଦୁଇଟି କାରଣ ଆଦୌ ସତ ନ ହୋଇପାରେ। ତାହାହେଲେ ଅପରାଧୀ ଗିରଫ ସମୟରେ ପୋଲିସ ଜୁଲମର ଶିକାର ହେବାର ରହସ୍ୟ କ'ଣ ଆଉ ହୋଇପାରେ। ପ୍ରକୃତପକ୍ଷେ ଅପରାଧୀକୁ ଗିରଫ କରିବା ପୂର୍ବରୁ ପୋଲିସକୁ ଯଥେଷ୍ଟ ପ୍ରସ୍ତୁତ ଆବଶ୍ୟକ। ପୋଲିସକୁ ଯଥେଷ୍ଟ ବଳ, ଅସ୍ତ୍ରଶସ୍ତ୍ର, ଗାଡ଼ି ଓ ତାହା ସହ ପୋଲିସକୁ ସୁରକ୍ଷା ଜ୍ୟାକେଟ ଦେବା ଉଚିତ। ନଚେତ୍ ଅପରାଧୀମାନେ ସେଠାରେ ସାମ୍ରାଜ୍ୟ ବୃଦ୍ଧି କରି ଚାଲିବେ। ଏଥିପ୍ରତି ସ୍ୱତନ୍ତ୍ର ଭାବେ ଧ୍ୟାନଦେବା ଆବଶ୍ୟକ।

-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ବିହାର ସିଏଚ୍‌ଓ ନିଯୁକ୍ତି ପରୀକ୍ଷାରେ ଜାଲିଆତି ଘଟଣା

# ମୁଖ୍ୟ ଅଭିଯୁକ୍ତ ସମେତ ୨ ଗିରଫ

### ଅନ୍‌ଲାଇନ ପରୀକ୍ଷାରେ ପ୍ରକ୍ସି ସର୍ଭର ଜରିଆରେ ହୋଇଥିଲା ଦୁର୍ନୀତି



ପାଟନା,୮।୪

ବିହାରରେ ୪,୫୦୦ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ(ସିଏଚ୍‌ଓ) ପଦବୀ ପାଇଁ ଜୁଲାଇ ୨୦୨୪ରେ ହୋଇଥିବା ନିଯୁକ୍ତି ପରୀକ୍ଷାରେ ଦୁର୍ନୀତି ଘଟଣାର ମୁଖ୍ୟ ଅଭିଯୁକ୍ତ ରବି ଭୂଷଣ ଏବଂ ତାଙ୍କ ସହଯୋଗୀ ଶଶି ରଞ୍ଜନଙ୍କୁ ଅର୍ଥନୈତିକ ଅପରାଧ ଶାଖା(ଇଓୟୁ) ଗିରଫ କରିଛି। ଏହି ଘଟଣାରେ ପୋଲିସ ଅଦ୍ୟାବଧି ୪୦ଜଣଙ୍କୁ ଗିରଫ କଲାଣି। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ତଦନ୍ତ ଜାରି ରହିଛି ବୋଲି ଇଓୟୁ ପକ୍ଷରୁ କୁହାଯାଇଛି।

ପ୍ରକାଶ ଯେ, ବିହାର ଷ୍ଟେଟ ହେଲ୍‌ଥ ସୋସାଇଟି ଅଧୀନରେ ୨୦୨୪ ଜୁଲାଇରେ ୧୨ଟି ଅନ୍‌ଲାଇନ ସେଣ୍ଟରରେ କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ(ସିବିଟି) ଜରିଆରେ ସିଏଚଓ ନିଯୁକ୍ତି ପରୀକ୍ଷା ହୋଇଥିଲା। ନାଳନ୍ଦା ଜିଲା ମୁବାରକ ଗ୍ରାମର ରବି ଭୂଷଣ ଏବଂ ତାଙ୍କ ଗ୍ୟାଙ୍ଗ ପରୀକ୍ଷା କେନ୍ଦ୍ର ଅପରେଟରଙ୍କ ସହ ମିଶି ପରୀକ୍ଷାରେ ଜାଲିଆତି କରିଥିଲେ। ପରୀକ୍ଷା ଚାଲିଥିବା ସମୟରେ ସେମାନେ ପରୀକ୍ଷାର୍ଥୀଙ୍କ କମ୍ପ୍ୟୁଟରଗୁଡ଼ିକୁ ହାଇଜାକ୍ କରିବା ପାଇଁ ନକଲି ସର୍ଭର ଏବଂ ରିମୋର୍ଟ ଆକ୍ସେସ ଉପକରଣ ବ୍ୟବହାର କରିଥିଲେ। ଏଥିପାଇଁ ପରୀକ୍ଷାର୍ଥୀଙ୍କୁ ୪ରୁ ୫ଲକ୍ଷ ଟଙ୍କା ମଗାଯାଇଥିଲା। ଯେଉଁମାନେ ଏଥିରେ ରାଜି ହୋଉଥିଲେ ସର୍ଭର ଗ୍ୟାଙ୍ଗ ସେମାନଙ୍କ କମ୍ପ୍ୟୁଟରକୁ ନିଜ ନିୟନ୍ତ୍ରଣକୁ ନେଇ ପ୍ରଶ୍ନପତ୍ରର ଉତ୍ତର ଦେଉଥିଲେ ବୋଲି ଅଭିଯୋଗ ହୋଇଥିଲା। ଏଭଳି ଅଭିଯୋଗ ଆସିବା ପରେ ଉକ୍ତ ପରୀକ୍ଷାକୁ ବାତିଲ କରାଯିବା ସହ ଏଥିରେ ରବି ଭୂଷଣଙ୍କ ସମ୍ପୃକ୍ତି ଜଣାପଡ଼ିଥିଲା। ଏହି ଘଟଣାର ତଦନ୍ତ ସମୟରେ ଏସ୍‌ଆଇଟି ରବି ଭୂଷଣ ଏବଂ ଶଶିଙ୍କଠାରୁ ୩ଟି ମୋବାଇଲ ଜବତ କରିଥିଲା। ୨୦୧୭ରୁ ରବି ଭୂଷଣ ପାଟନାରେ ଥିବା ଗାଲାକ୍ସି ଅନ୍‌ଲାଇନ ସେଣ୍ଟର ମାଧ୍ୟମରେ ଅନ୍‌ଲାଇନ୍ ପରୀକ୍ଷା କେନ୍ଦ୍ରକୁ ମାନବ ସମ୍ବଳ ଯୋଗାଇଥାନ୍ତି ବୋଲି ଜଣାପଡ଼ିଥିଲା। ସେ ପରବର୍ତ୍ତୀ ସମୟରେ ତାଙ୍କର ଏହି ନେଟ୍‌ୱର୍କ ଦିଲ୍ଲୀ ଏବଂ ମୁମ୍ବାଇକୁ ଲମ୍ବାଇଥିଲେ। ଏମ୍/ଏସ୍ ବ୍ରାଇଟ୍‌ୱିଜି ଟେକ୍ନୋଲୋଜି ପ୍ରାଇଭେଟ ଲିମିଟେଡ ଜରିଆରେ ସେ ବିଭିନ୍ନ ଅନ୍‌ଲାଇନ ପରୀକ୍ଷା କେନ୍ଦ୍ରର ପରିଚାଳନା ଦାୟିତ୍ୱ ନେଉଥିଲେ। ଉକ୍ତ ନେଟ୍‌ୱର୍କରେ ରବିଙ୍କ ଭାଇ ଅବଧ ଭୂଷଣ ଏବଂ ଭାରତ ଭୂଷଣ ସମ୍ପୃକ୍ତ ଥିଲେ। ସେମାନେ ୨୦୨୪ ଡିସେମ୍ବରରେ ଆନ୍ଧ୍ରପ୍ରଦେଶ ମଙ୍ଗଳାଗିରି ଏଏମ୍‌ଏସ୍‌ରେ ନିଯୁକ୍ତି ପରୀକ୍ଷା କରିବା ପାଇଁ ଟେଣ୍ଡର ହାତେଇଥିବା ଜଣାପଡ଼ିଥିଲା। ସିଏଚ୍‌ଓ ନିଯୁକ୍ତି ପରୀକ୍ଷା ଜାଲିଆତି ଅଭିଯୋଗରେ ଇଓୟୁ ଏକ ମାମଲା(ନଂ. ୨୮/୨୦୨୪) ରୁଜୁ କରି ତଦନ୍ତ ଜାରି ରଖିଛି।

# ଜଙ୍ଗଲରେ ୩ ଟ୍ରାପ୍ କ୍ୟାମେରା, ବିଟ୍ ହାଉସ୍ ଭାଙ୍ଗିଲେ

### ସୀମାରେ ମାଓବାଦୀ ପ୍ରବେଶ ସନ୍ଦେହ

ଢେଙ୍କାନାଳ,୮।୪ (ରତନ ନାୟାର)

ଗତ କିଛିଦିନ ହେବ ଯାଜପୁର, କେନ୍ଦୁଝର ଓ ଢେଙ୍କାନାଳ ଜିଲା ସୀମାବର୍ତ୍ତୀ ଅଞ୍ଚଳରେ କେତେଜଣ ସନ୍ଦିଗ୍ଧ ଲୋକଙ୍କ ବୁଲାଚଲାକୁ ନେଇ ଆଲୋଚନା ଜୋର ଧରିଛି। ଢେଙ୍କାନାଳ ଜିଲା କଙ୍କଡାହାଡ ଥାନା ଅଞ୍ଚଳ ସୀମାରେ ଥିବା ସଂରକ୍ଷିତ ଜଙ୍ଗଲରେ ବନ୍ୟପ୍ରାଣୀଙ୍କ ପାଇଁ ଲାଗିଥିବା ୩ଟି ଟ୍ରାପ୍ କ୍ୟାମେରାକୁ କେତେଜଣ ସନ୍ଦିଗ୍ଧ ବ୍ୟକ୍ତି ଭାଙ୍ଗି ଦେଇଥିବାବେଳେ ବନବିଭାଗର ବିଟ୍ ହାଉସରେ ମଧ୍ୟ ଭଙ୍ଗାରୁଜା କରାଯାଇଛି। ଏହି ଘଟଣା ପରେ କଙ୍କଡାହାଡ଼ ଥାନାର ସୀମାବର୍ତ୍ତୀ ଅଞ୍ଚଳ ଏକୁଲ, ସେକୁଲ ଓ ପୁଟିପାଳ ଅଞ୍ଚଳରେ ମାଓବାଦୀଙ୍କ ଗତିବିଧିକୁ ନେଇ ମଙ୍ଗଳବାର ଚର୍ଚ୍ଚା ଜୋର ଧରିଛି। ଏହି ଖବରକୁ ନେଇ ପୋଲିସ ଓ ବନବିଭାଗର ଚିନ୍ତା ବଢ଼ିଯାଇଛି। ଏପରି କି ଏହି ଖବର ପରେ ଜିଲାର ଜଣେ ପୋଲିସ ଅଧିକାରୀଙ୍କ ଛୁଟିକୁ ମଧ୍ୟ ବାତିଲ କରିବା ପାଇଁ କୁହାଯାଇଥିବା ଜଣାପଡିଛି।

ଢେଙ୍କାନାଳ ପୋଲିସ ପ୍ରଶାସନ ଏହି ଘଟଣାକୁ ନେଇ କେନ୍ଦୁଝର ଜିଲା ପୋଲିସ ପ୍ରଶାସନ ସହିତ ଆଲୋଚନା କରିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏସଂକ୍ରାନ୍ତରେ ଢେଙ୍କାନାଳ ଜିଲା ଏସ୍‌ପି ଅଭିନବ ସୋନ୍‌କର କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଆମ ପାଖରେ ମାଓବାଦୀ ନେଇ କୌଣସି ଖବର ନାହିଁ। ବନବିଭାଗ ପକ୍ଷରୁ ମଧ୍ୟ ଆମକୁ କୌଣସି ସୂଚନା ଦିଆଯାଇନାହିଁ। ଯେହେତୁ କିଛି ଖବର ମିଳୁଛି, ଏହାକୁ ନେଇ ଆମେ ଖୁବ୍‌ଶୀଘ୍ର ଯାଞ୍ଚ କରିବୁ। ମାଓବାଦୀମାନେ ଛତିଶଗଡ଼ କିମ୍ବା ପଶ୍ଚିମବଙ୍ଗରୁ ଆସିଥାଇପାରନ୍ତି ବୋଲି ସନ୍ଦେହ ପ୍ରକାଶ ପାଇଛି। ପ୍ରାୟ ୧୬/୧୭ବର୍ଷ ତଳେ କଙ୍କଡ଼ାହାଡ଼ ଥାନା ଅଞ୍ଚଳରେ ମାଓବାଦୀଙ୍କ ଉପଦ୍ରବ ଥିବାବେଳେ କଣ୍ଡାର ବିଟ୍ ହାଉସଠାରେ ସେହି ସମୟରେ ମାଓବାଦୀ ୪ ଜଣ ବନ କର୍ମଚାରୀଙ୍କୁ ହତ୍ୟା କରିଥିଲେ।

# ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କୁ ପ୍ରତାରଣା, ଠକେଇ

### ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୮।୪(ସତ୍ୟଜିତ୍ ରାଉତ)

ସ୍ୱାମୀଙ୍କ ଠାରୁ ଅଲଗା ରହୁଥିବା ଜଣେ ମହିଳାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା ଓ ଠକେଇ କରିବା ମାମଲାରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଜିଲା ନିମାପଡ଼ା ଥାନା ଅନ୍ତର୍ଗତ ବିଜୁପୁର ଗ୍ରାମର ସୁରେଶ ଚନ୍ଦ୍ର ମହାନ୍ତି (୩୨)। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମାମଲା ଅନୁଯାୟୀ, ପୀଡ଼ିତା ମହିଳା ଜଣକ ସ୍ୱାମୀଙ୍କଠାରୁ ଅଲଗା ହୋଇ ଭୁବନେଶ୍ୱରରେ ରହିବା ସହ ଏକ ବେସରକାରୀ ସଂସ୍ଥାରେ କାମ କରୁଥିଲେ। ୨୦୨୧ରେ ସେ ସୁରେଶଙ୍କ ସହ ପରିଚିତ ହୋଇଥିଲେ। ସମ୍ପର୍କ ନିବିଡ଼ ହେବାପରେ ସେମାନେ ବର୍ଷ ତଳେ ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ ଭାଗବତ ସନ୍ଧାନରେ ଏକାଠି ଭଡ଼ାଘରେ ରହିଥିଲେ। ତେବେ ଏହି ସମୟ ମଧ୍ୟରେ ପୀଡ଼ିତାଙ୍କୁ ସୁରେଶ ବିବାହର ପ୍ରତିଶ୍ରୁତି ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। ଗତବର୍ଷ ମହିଳା ଜଣକ ଗର୍ଭବତୀ ହୋଇଥିଲେ। ସୁରେଶ ତାଙ୍କୁ ଶହୀଦନଗର ଅଞ୍ଚଳରେ ଥିବା ଏକ ଘରୋଇ କ୍ଲିନିକ୍‌ରେ ନେଇ ଗର୍ଭପାତ କରାଇଥିଲେ। ଏପରି କି ଏହି ସମୟ ମଧ୍ୟରେ ଅଭିଯୁକ୍ତ ଜଣକ ଗୁଗୁଲ୍ ପେ', ଫୋନ ପେ' ଓ ନଗଦ ଆକାରରେ ପୀଡ଼ିତାଙ୍କ ଠାରୁ ୪.୧୭ ଲକ୍ଷ ଟଙ୍କା ନେଇଯାଇଥିଲେ। ପୀଡ଼ିତା ଟଙ୍କା ମାଗିବାରୁ ସୁରେଶ ତାଙ୍କ ଗୋପନୀୟ ଫଟୋ ଓ ଭିଡିଓ ଭାଇରାଲ କରିବାକୁ ଧମକ ଦେଉଥିଲେ। ଏନେଇ ପୀଡ଼ିତାଙ୍କ ଏତଲାକ୍ରମେ ପୋଲିସ ସୋମବାର ଏକ ମାମଲା (ନଂ.୧୩୯/୨୦୨୫) ରୁଜୁ କରି ବମିଖାଲ ଦୁର୍ଗାମଣ୍ଡପ ନିକଟରୁ ସୁରେଶଙ୍କୁ କାବୁ କରିଥିଲା।


STEEL AUTHORITY OF INDIA LIMITED
Rourkela Steel Plant
Rourkela - 769 011, Odisha, India
Great Place To Work Certified

MARKETING DEPARTMENT

TEL:0661-2510384/2447623 FAXNO.:0661-2510028/2510907

SUB: OPEN SALE NOTICE FOR AMMONIUM SULPHATE

SAIL-RSP, intends to Sale Ammonium Sulphate of 10000 T. Order for a period of ONE year as per the following details:

| | |
|---|---|
| Ammonium Sulphate REF:MKTG/AMM.SULPHATE/2025-26/39 Dt.04/04/2025 | 10000 T for one year |

Tenderers who are interested in participating in the Tender, can download the Detailed Tender Documents from SAIL website (www.sailtenders.co.in) and submit their application on or before 18.00 Hrs of 18/04/2025 as per the instructions given in the open sale notice Documents.

GM I/c (Marketing)

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
There's a little bit of SAIL in everybody's life


## ହତ୍ୟାକାରୀଙ୍କୁ ଆଜୀବନ ଜେଲ

କେନ୍ଦୁଝର,୮।୪(ନରେଶ ଚନ୍ଦ୍ର ପଟ୍ଟନାୟକ/ ଦୀପକ ମିଶ୍ର)

କେନ୍ଦୁଝର ଅତିରିକ୍ତ ଜିଲା ଜଜ (ଏଡିଜେ) କୋର୍ଟରେ ମଙ୍ଗଳବାର ଏକ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ମମିତା ଦାସ ଏହାର ବିଚାର କରି ଦୋଷୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦାୟ ଅଧିକ ୬ ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଜଣକ ହେଲେ ୱେଷ୍ଟସିଂହଭୂମ ଜିଲା ମଞ୍ଜହରି ଥାନା ଅଧୀନ ଦୁବିଲା ଗ୍ରାମର ଅମର ସିଂ ବିରୁଆ(୩୫)।

ମାମଲାର ବିବରଣୀ ଅନୁଯାୟୀ, ୨୦୧୫ ମାର୍ଚ୍ଚ ୨୫ରେ ମୁଣ୍ଡୁରା ଗ୍ରାମର ରାମଚନ୍ଦ୍ର ନାଏକ ଘରେ କାହାକୁ ନ ଜଣାଇ କୁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜା ଖୋଜି ପରେ ବସନ୍ତପୁର ରାସ୍ତାରେ ତାଙ୍କର ଗଳିତ ମୃତଦେହ ପଡ଼ିଥିବା ଦେଖିଥିଲେ। ଏନେଇ ମୃତକଙ୍କ ପୁଅ ମନ ନାଏକ କେନ୍ଦୁଝର ନୟାକୋଟ ଥାନାରେ ଅଭିଯୋଗ ହୋଇଥିଲେ। ପୋଲିସ ଏକ ମାମଲା(ନଂ.୧୩/୧୫) ରୁଜୁ କରି ତଦନ୍ତ ଚଳାଇବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ପ୍ରଫୁଲ୍ଲ କୁମାର ପାତ୍ର ମାମଲା ପରିଚାଳନା କରିଥିଲେ।

## ସ' ମିଲ୍ ମାଲିକଙ୍କୁ ଗୁଳି କରି ହତ୍ୟା ଘଟଣା

# ଆଉ ଜଣେ ଧରାପଡ଼ିଲେ



ଗିରଫ ଅଭିଯୁକ୍ତ।



ଜବତ ପିସ୍ତଲ, ଗୁଳି, ମାଗାଜିନ୍ ଓ ନଗଦ ଟଙ୍କା।

### ଗୋଟିଏ ପିସ୍ତଲ, ୮ ଜୀବନ୍ତ ଗୁଳି ସହ ବୋଲେରୋ ଜବତ

ବାଲେଶ୍ୱର, ୮।୪(ବାଞ୍ଛାନିଧି ଦେ)

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ସମଲପୁର ଅଞ୍ଚଳର ସ' ମିଲ୍ ମାଲିକ ସେକ ଜସିମ୍‌ଙ୍କୁ ଗୁଳି କରି ହତ୍ୟା ଘଟଣାରେ ଆଉ ଜଣେ ସହଯୋଗୀଙ୍କୁ ପୋଲିସ ସୋମବାର ରାତିରେ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବିହାର ରାଜ୍ୟ ସମଷ୍ଟିପୁର ଜିଲା ଫୁଲହରା ଗ୍ରାମର ଚନ୍ଦ୍ରମୋହନ ଝା। ତାଙ୍କଠାରୁ ଗୋଟିଏ ପିସ୍ତଲ, ୮ଟି ଜୀବନ୍ତ ଗୁଳି, ୨ ମାଗାଜିନ୍, ନଗଦ ୧୪ହଜାର ଟଙ୍କା ସହ ଗୋଟିଏ ବୋଲେରୋ (ନଂ. ଓଡି୦୯ପି-୦୮୫୦) ଜବତ ହୋଇଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜପ୍ରସାଦ ସୂଚନା ଦେଇଛନ୍ତି।

୨୦୨୪ ଜୁନ୍ ୪ରେ ସେକ ଜସିମ୍ ସୋମନାଥପୁର ସ' ମିଲ୍‌ରୁ କାର୍ ଯୋଗେ ଘରକୁ ଫେରୁଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଅଭିଯୁକ୍ତମାନେ ଏକ କାର୍‌ରେ ଆସି ବଡ଼ଗାଁସ୍ଥିତ ରେଲୱେ ଲେଭଲ କ୍ରସିଂଠାରେ ଜସିମ୍‌ଙ୍କ ଉପରକୁ ଅତର୍କିତ ୪ ରାଉଣ୍ଡ ଗୁଳି ମାଡ଼ କରି ଫେରାର ହୋଇଯାଇଥିଲେ। ତାଙ୍କ ଛାତି, ପିଠି ଓ ହାତରେ ଗୁଳି ବାଜିବା ପରେ ସେ ଗୁରୁତର ଆହତ ହୋଇଥିଲେ। ଡ୍ରାଇଭର ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଥାନାରେ ଏକ ହତ୍ୟା ମାମଲା (ନଂ. ୮୭/୨୪) ରୁଜୁ ହୋଇ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏସ୍‌ପିଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ୨୦୨୪ ଅକ୍ଟୋବର ୧୨ରେ ମୁଖ୍ୟ ଅଭିଯୁକ୍ତ ବିହାର ରାଜ୍ୟ ଔରଙ୍ଗାବାଦର ମୁଫାସିଲ୍ ଥାନା ରାଉଲବିଘା ଗ୍ରାମର ସଞ୍ଜୟ ସିଂଙ୍କୁ ଗିରଫ କରାଯାଇଥିଲା। ସେ ବାମପଦାସ୍ଥିତ ସୋମନାଥପୁର ଗ୍ରାମର ଶ୍ୱଶୁର ଘରେ ରହୁଥିଲେ। ତାଙ୍କଠାରୁ ଏକ ପିସ୍ତଲ ସହ ୬ଟି ଜୀବନ୍ତ ଗୁଳି ଜବତ ହୋଇଥିଲା। ସେହିପରି ଅନ୍ୟ ଅଭିଯୁକ୍ତ ଭଦ୍ରକ ଜିଲା ସବରଙ୍ଗ ଥାନା ପଦ୍ମପୁର ଗ୍ରାମର ଲକ୍ଷ୍ମୀଧର ସେଠୀଙ୍କୁ କୁରୁଡ଼ାସ୍ଥିତ ଏକ ମଦ ବାର୍‌ରୁ ଅକ୍ଟୋବର ୧୩ରେ ପୋଲିସ ଗିରଫ କରିଥିଲା। ତାଙ୍କଠାରୁ ଏକ ପିସ୍ତଲ ସହ ୩ଟି ଜୀବନ୍ତ ଗୁଳି ଓ ଏକ ମୋବାଇଲ ଜବତ ହୋଇଥିଲା। ଏହି ହତ୍ୟା ମାମଲାରେ ଅନ୍ୟ ୨ ଫେରାର ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ରାଜପ୍ରସାଦ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ସ' ମିଲ୍ ମାଲିକଙ୍କୁ ହତ୍ୟା କରିବା ପାଇଁ ପୂର୍ବରୁ ସୁପାରି ନେଇଥିଲେ ବୋଲି ପୋଲିସ କହିଛି। ଗିରଫ ଅଭିଯୁକ୍ତମାନଙ୍କ ନାମରେ ଭଦ୍ରକ ଓ ବାଲେଶ୍ୱର ଜିଲାର ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ପୋଲିସ ସୂଚନା ଦେଇଛି।


ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.01-KUR-TRD-OT-2025-26

କାର୍ଯ୍ୟର ନାମ: ଭଦ୍ରକ-ପଲାସା (ଭଦ୍ରକ-ଦୁବାଡ଼ା) ସେକ୍ସନରେ LTE (ଦୀର୍ଘକାଳୀନ ବିବର୍ତ୍ତନ) ଭିତ୍ତିକ ମୋବାଇଲ ଟ୍ରେନ୍ ରେଡିଓ ଉପକରଣର କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ଅତିରିକ୍ତ ଅକ୍‌ଜିଲିଆରୀ ଟ୍ରାନ୍ସଫର୍ମର (ATs) ଗୁଡ଼ିକର ବ୍ୟବସ୍ଥା।

ବିଜ୍ଞାପିତ ମୂଲ୍ୟ(ଟଙ୍କାରେ): 1,52,04,868.94, EMD (ଟଙ୍କାରେ) : 2,26,000/-, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.11.04.2025 ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.25.04.2025 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-15/Q/25-26



छत्तीसगढ़ शासन, जल संसाधन विभाग
कार्यालय कार्यपालन अभियंता, जल संसाधन संभाग, बैकुण्ठपुर, जिला: कोरिया (छ.ग.)

ई-प्रोक्योरमेंट निविदा सूचना
e-Procurement Portal: https://eproc.cgstate.gov.in

निविदा निरस्तीकरण सूचना

इस कार्यालय के निविदा सूचना क्रमांक 10/वलेलि/2024-25 सिस्टम निविदा क्रमांक 162940 दिनांक 17.12.2024 (प्रथम आमंत्रण) द्वारा विज्ञापन क्रमांक जी. 242504692 के माध्यम से अंजनी जलाशय योजना के नहर विस्तारीकरण एवं सी.सी. चैनल का निर्माण कार्य हेतु आनलाईन निविदा आमंत्रित की गई थी। उक्त निविदा में भाग लिये गये 02 निविदाकारो का प्री बिड सक्षम एवं अधिकृत अधिकारी द्वारा आनलाईन खोला गया। जिसमें भाग लिए गये 02 निविदाकारो का आयोग्य घोषित किया गया। अतः उक्त प्रथम आनलाईन आमंत्रित निविदा को निरस्त किया जाता है।

स्वा./- (ए. टोप्पो)
कार्यपालन अभियंता
जल संसाधन संभाग, बैकुण्ठपुर,
जिला कोरिया (छ.ग.)
कृते - मुख्य अभियंता हसदेव गंगा कछार
जल संसाधन विभाग, अंबिकापुर, सरगुजा (छ.ग.)

G-252600107/2


## ଠଗଠମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାଇଁ ନ ପାରଇ ପାଇକ ଆଗେ**
**ଟାଣ କରୁଥାଇ ମାଇପ ଆଗେ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି, ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣ କରି କଥା କହିବାକୁ ସାହସ ଜୁଟାଇ ପାରିନଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଧୋବା ଘରେ ନାହିଁ ବାର ବରତ**
**ନିଇତି କାଚିଲେ ନିଇତି ଭାତ।**

ଧୋବା ନିଇତି ଲୁଗା ବା କପଡା କାଚି ପଇଠ କଲେ ଗରାଖଙ୍କଠାରୁ ସେ ବାବଦ ଅର୍ଥ ପାଇଥାଏ। ପରିଶ୍ରମ କରି ଉପାର୍ଜନ କରୁଥିବା ଉକ୍ତ ଅର୍ଥରେ ସେ ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ରିମାଣ୍ଡରେ ସତ ଓକାଳିଲେ ନକଲି ଡିଏସ୍‌ପି, କନ୍‌ଷ୍ଟେବଲ

### ଜାଲ୍ ନୋଟ୍ କାରବାରରେ ଲିଙ୍କ୍ ପାଇଲା ପୋଲିସ

- ପୁଣି ଆସିପାରନ୍ତି ରିମାଣ୍ଡରେ ମାନସ, ଆଶିଷ
- ନକଲି ନୋଟ୍ ଲିଙ୍କ୍‌ରେ ଗିରଫ ହେବେ ଅନ୍ୟ ଅଭିଯୁକ୍ତ





ନକଲି ଡିଏସ୍‌ପି ମାନସ ରଞ୍ଜନ ସେନାପତି ଓ କନ୍‌ଷ୍ଟେବଲ ଆଶିଷ ସ୍ୱାଇଁ।

ଭୁବନେଶ୍ୱର,୮।୪(ସତ୍ୟଜିତ୍ ରାଉତ)

ରାଜଧାନୀରେ ଶହୀଦନଗର ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ନକଲି ଡିଏସ୍‌ପି ମାନସ ରଞ୍ଜନ ସେନାପତି ଓ କନ୍‌ଷ୍ଟେବଲଙ୍କ ଆଶିଷ ସ୍ୱାଇଁଙ୍କ ଗୁମର ଖୋଲିବାରେ ଲାଗିଛି। ଦୁଇ ଅଭିଯୁକ୍ତ ୨ଦିନିଆ ପୋଲିସ ରିମାଣ୍ଡରେ ଆସିଥିବାବେଳେ ବହୁ ସତ ଓକାଳିଥିବା ଜଣାପଡ଼ିଛି। ଗୁରୁବାରଠାରୁ ଅଭିଯୁକ୍ତଦ୍ୱୟ ରିମାଣ୍ଡରେ ଆସି ଶନିବାର ଜେଲ ଫେରିଥିଲେ। ତେବେ ଏହି ସମୟ ମଧ୍ୟରେ ସେମାନଙ୍କ ଅପରାଧ ରେକର୍ଡରେ ବହୁ ତଥ୍ୟ ସହ ଜାଲ ନୋଟ କାରବାରର ଲିଙ୍କ୍ ମଧ୍ୟ ପୋଲିସ ପାଇଛି। ଗିରଫ ପରେ ମାନସଙ୍କ ଭଡ଼ାଘରୁ ୧ ଲକ୍ଷ ୯୩ ହଜାର ଟଙ୍କାର ୩୮୬ଟି ୫୦୦ ଟଙ୍କିଆ ଜାଲ୍ ନୋଟ ମିଳିଥିବାବେଳେ ଏହା କେଉଁଠୁ ଆସିଥିଲା ସେନେଇ ପୋଲିସ ଅଧିକ ଖୋଳତାଡ଼ କରୁଛି। ତେବେ ତଦନ୍ତବେଳେ ଏହି କାରବାରରେ ଆଉ ଦୁଇ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ଧରାପଡ଼ିବା ଦିନ କନ୍‌ଷ୍ଟେବଲ ଚାକିରି ଦେବାକୁ କହି ମାନସ ଦୁଇ ଲକ୍ଷ ଟଙ୍କା ନେଇଥିଲେ, ଯାହା ନକଲି ନୋଟ ଥିଲା ବୋଲି ସେ ଜାଣିପାରି ନ ଥିଲେ। ଏପରିକି ସେଥିରୁ କିଛି ଖର୍ଚ୍ଚ ମଧ୍ୟ କରିଦେଇଥିଲେ। ତେଣୁ କେଉଁଠାରେ ସେହି ଜାଲ୍ ନୋଟ ବ୍ୟବହାର କରାଯାଇଛି, ସେନେଇ ପୋଲିସ ଖୋଳତାଡ଼ କରୁଛି। ଏନେଇ ଖବରଦାତା ସମ୍ମିଳନୀରେ ଡିସିପି ଜଗମୋହନ ମୀନା କହିଛନ୍ତି, ଜାଲ୍ ନୋଟ ଉଦ୍ଧମାନର ହୋଇଥିବାବେଳେ ତାହାକୁ ପରୀକ୍ଷା ପାଇଁ ଏସ୍‌ଏଫ୍‌ଏସ୍‌ଏଲ୍‌କୁ ପଠାଯାଇଛି। ତେବେ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାବେଳେ ଏହି ଜାଲ୍ ନୋଟ କାରବାର ସମ୍ପର୍କରେ ଆମକୁ ତଥ୍ୟ ପ୍ରମାଣ ମିଳିଛି। ଏହାପଛରେ ଥିବା ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବ ବୋଲି ଡିସିପି ମୀନା କହିଛନ୍ତି। ତେବେ ଗିରଫ ଅଭିଯୁକ୍ତଦ୍ୱୟଙ୍କୁ ଆଉ ଥରେ ରିମାଣ୍ଡରେ ଆଣିବାକୁ ପୋଲିସ ଆବେଦନ କରିପାରେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ମାର୍ଚ୍ଚ ୨୩-୨୪ ବିଳମ୍ବିତ ରାତିରେ ଶହୀଦନଗର ଥାନା ଟିମ୍ ଆଇଡିବିଆଇ ଛକରେ ବ୍ଲକିଂ ଚେକିଂ କରୁଥିବାବେଳେ ମାନସ ଓ ତାଙ୍କ ସହଯୋଗୀ ଧରାପଡ଼ିଥିଲେ। ମାନସ ଓ ଆଶିଷ କାର୍ ଯୋଗେ ବାଣୀବିହାରରୁ ଖାରବେଳନଗର ଅଭିମୁଖେ ଯାଉଥିବା ବେଳେ ଫସିଯାଇଥିଲେ। ମାନସ ଚଢ଼ାଗଳାରେ ନିଜକୁ ପ୍ରୋବେଶନାରି ଡିଏସ୍‌ପି ଏବଂ ଆଶିଷ ପ୍ରୋବେଶନାରି କନ୍‌ଷ୍ଟେବଲ ପରିଚୟ ଦେଇଥିଲେ। ତେବେ କାର୍ ଆଗରେ ଥିବା ଏସ୍‌ଆଇ ଟୋପିକୁ ଦେଖି ଜ୍ୟୋତିଙ୍କ ସନ୍ଦେହ ହୋଇଥିଲା। ଜ୍ୟୋତି ସେମାନଙ୍କୁ ନିଜ ବ୍ୟାଚ୍ ଓ ସହକର୍ମୀମାନଙ୍କ ବିଷୟରେ ପଚାରିଥିଲେ। ମାନସ ମିଛ କହିବା ସହ ସେଠାରୁ କଳେବଳେ ଖସିଯିବାକୁ ଚେଷ୍ଟା କରିଥିଲେ। ଉଭୟ ନକଲି ବୋଲି ଜଣାପଡ଼ିବା ପରେ ପୋଲିସ ଟିମ୍ ଉଭୟଙ୍କୁ ଗିରଫ କରିଥିଲା।


DIR/03/04/2025-2026/Laundry Services

Govt. of Jharkhand
Office of the Director

Ranchi Institute of Neuro-Psychiatry & Allied Sciences
Kanke, Ranchi – 834006 (Ph.:2450303, 2450813)
https://rinpas.jharkhand.gov.in,, Director-rinpas@jharkhandmail.gov.in & Directorrinpas@gmail.com

E-tender notice No DIR/03/04/2025-2026/Laundry Services are invited in two bid system (Technical & Price Bid) through e-tendering process only from competent and eligible agencies, for a period of minimum one year.

| | |
|---|---|
| Date on publication on website | 11/04/2025, 11.30 A.M. |
| Pre-Bid Conference | 16/04/2025, 12.30 P.M. |
| Date of start of Online Bid Submission | 19/04/2025, 11.30 A.M. |
| Last Date and time for submission of Bids | 03/05/2025, 17.00 P.M. |
| Opening of bidding Technical Part "A" | 05/05/2025, 12.30 P.M. |

Note:- For further details, please visit website http://jharkhandtenders.gov.in

रिनपास पत्रांक 776 दि0:– 07/04/2025

Sd/-
Director,
RINPAS, Kanke, Ranchi

PR.NO.349896 RINPAS(25-26):D



झारखण्ड सरकार
पेयजल एवं स्वच्छता विभाग

ई–प्रोक्योरमेन्ट सूचना अति अल्पकालिन
(प्रथम आमंत्रण)

ई–निविदा सूचना संख्या - (धनबाद) 02/2025-26 तिथि – 08-04-2025

| | | |
|---|---|---|
| 1 | वेबसाइट पर निविदा प्रकाशन की तिथि | 15-04-2025 समय 02.00 बजे अपराहन् तक |
| 2 | निविदा प्राप्ति (ऑन लाईन बिडींग) की अन्तिम तिथि एवं समय | 22-04-2025 समय 04.00 बजे अपराहन् तक |
| 3 | सरकार के सचिव, सूचना प्रौद्योगिकी एवं ई–गवर्नेस, झारखंड मंत्रालय के ज्ञापांक–120 दिनांक–03.10.2023 के आलोक में विपत्र का मूल्य एवं अग्रधन का राशि ऑनलाईन जमा करने का अंतिम तिथि एवं समय | 22-04-2025 समय 04.00 बजे अपराहन् तक |
| 4 | तकनीकी बिड खोलने की तिथि एवं समय | 23-04-2025 समय 04:00 बजे अपराहन् |
| 5 | तकनीकी बिड खोलने का स्थान | अधीक्षण अभियंता का कार्यालय पेयजल एवं स्वचछता यांत्रिक अंचल, दुमका। |
| 6 | निविदा आमंत्रित करने वाले पदाधिकारी का नाम/पदनाम :- | ई0 मयंक कुमार भगत, कार्यपालक अभियंता, पेयजल एवं स्वचछता यांत्रिक प्रमंडल, धनबाद। |
| 7 | निविदा आमंत्रित करने वाले कार्यालय का टेलिफोन नं0 | 0326-2308988 |
| 8 | ई– प्रोक्यूरमेन्ट सेल का हेल्प लाईन सं0 | 0651-480345 |

| | कार्य का नाम | प्राक्कलित राशि (रू0 में) | अग्रधन की राशि (रू0 में) | परिमाण विपत्र का मूल्य (रू0 में) | कार्य पूर्ण करने की अवधि |
|---|---|---|---|---|---|
| 1 | Supplying, Installation and Commissioning of 33KV & 11KV Outdoor Vaccum Circuit Breaker and 11KV indoor Vaccum Circuit Breaker of Electric Sub-Station at WTP Bhelatand of Dhanbad Urban Water Supply Scheme under D.W. & S. Mechanical Division Dhanbad | 99,80,133.00 | 1,99,700.00 | 10,000.00 | 03 माह |

नोट – केवल ई निविदा ही स्वीकार किये जायेंगे।
उपरोक्त किसी तिथि को अवकाश घोषित होने पर अगले कार्य दिवस की तिथि को माना जायेगा।
ऐसे संवेदक जिन्हें पेयजल एवं स्वच्छता विभाग झारखण्ड सरकार का निबंधन प्राप्त नहीं है वे भी निविदा में भाग ले सकते है बशर्ते कि वैसे सफल निविदादाता को एकरारनामा के पूर्व पेयजल एवं स्वच्छता विभाग,झारखण्ड, में निबंधन पत्र प्राप्त कर लेना होगा।
निविदा की सूचना तथा नियम शर्तें की जानकारी प्रमंडलीय तथा अंचल कार्यालय से प्राप्त की जा सकती है। निविदा की जानकारी के लिए वेवसाईट http://jharkhandtender.gov.in पर देखा जा सकता है।

कार्यपालक अभियंता
पेयजल एवं स्वचछता यांत्रिक प्रमंडल, धनबाद।

PR 349967 (Drinking Water and Sanitation) 25-26 (D)

**ସ୍କୁଲ କର୍ତ୍ତୃପକ୍ଷଙ୍କ ନାଁରେ ଏତଲା**

ଭୁବନେଶ୍ୱର,(ସୁଚିସ୍ମିତା ସାହୁ):ସତ୍ୟନଗରସ୍ଥିତ ଜାଭିୟର୍ସ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଭିଭାବକମାନେ ମଙ୍ଗଳବାର ଖାରବେଳନଗର ଥାନାରେ ଏତଲା ଦେଇଛନ୍ତି। ଅଭିଭାବକମାନେ ଅଭିଯୋଗ କରିଛନ୍ତି ଯେ, ସୋମବାର ଶତାଧିକ ପିଲା ସ୍କୁଲକୁ ପଢ଼ିବାକୁ ଯାଇଥିଲେ। ତେବେ ଏହି ସ୍କୁଲର ପିଲା ଖଣ୍ଡଗିରି ଶାଖାରେ ପଢ଼ିବେ ବୋଲି ନୋଟିସ ମରାଯାଇଥିବା ସହ ଗେଟରେ ତାଲା ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସେମାନେ ଶିକ୍ଷା ସଚିବଙ୍କୁ ଏ ସମ୍ପର୍କରେ ଫେରାଦ ହୋଇଥିଲେ। ତେବେ ତାଙ୍କ ନିର୍ଦ୍ଦେଶକୁ ସ୍କୁଲ କର୍ତ୍ତୃପକ୍ଷ ଅବମାନନା କରିଥିବା ରାଷ୍ଟ୍ରୀୟ ଅଭିଭାବକ ମହାସଂଘ ସଭାପତି ଭୁମୋହନ ପଟ୍ଟନାୟକ କହିଛନ୍ତି।

# ବେଦାନ୍ତର 'ପ୍ରକଳ୍ପ ବିଦ୍ୟା ଓ ନିର୍ମଳ'

ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)

ଆଲୁମିନିୟମ ଉତ୍ପାଦନକାରୀ ସଂସ୍ଥା ବେଦାନ୍ତ ଏହାର ସିଏସ୍ଆର୍ କାର୍ଯ୍ୟକ୍ରମ ଅଧୀନରେ 'ପ୍ରକଳ୍ପ ବିଦ୍ୟା' ଓ 'ପ୍ରକଳ୍ପ ନିର୍ମଳ' କାର୍ଯ୍ୟକାରୀ କରୁଛି। ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ପାର୍ଶ୍ୱବର୍ତ୍ତୀ ହେମଗିର ଓ କୁରାଲୋଇ ଅଞ୍ଚଳରେ ଉଭୟ ପ୍ରକଳ୍ପ ଦ୍ୱାରା ପ୍ରାୟ ୩୦ ହଜାର ଲୋକ ଉପକୃତ ହେଉଛନ୍ତି। ହେମଗିର ମୁନ୍ଦରଖେତ ଅଞ୍ଚଳରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଉପଜିଲାପାଳ ଦାଶରଥି ସରାବୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବାବେଳେ ଏବିଡିଓ ଜିତେନ୍ଦ୍ର ମୁଣ୍ଡା, ଏବିଇଓ କପିଳଚନ୍ଦ୍ର ଦାସ, ମୁନ୍ଦରକେଥ ସରପଞ୍ଚ ସନ୍ନ୍ୟାସୀ ବାଗ, ଗର୍ଜାନଜୋର ସରପଞ୍ଚ ସୁନନ୍ଦା କାଲୋ ଏବଂ ଚକ୍ର କ୍ଲଷ୍ଟର ସିଆର୍‌ସିସି ନିତ୍ୟାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବେଦାନ୍ତ କୋଲ ମାଇନ୍ସ ସିଇଓ ଡାଭିଡ୍ ଷ୍ଟୋନ୍ କହିଛନ୍ତି, ବେଦାନ୍ତ ସବୁବେଳେ ଗୁଣାତ୍ମକ ଶିକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ଦେଇଥାଏ। ତେଣୁ ପ୍ରକଳ୍ପ ବିଦ୍ୟା ଅଧୀନରେ ଶିକ୍ଷାକୁ ପ୍ରୋତ୍ସାହିତ କରାଯାଉଥିବାବେଳେ 'ପ୍ରକଳ୍ପ ନିର୍ମଳ' ଅଧୀନରେ ସ୍ୱଚ୍ଛ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରକଳ୍ପ ବିଦ୍ୟା ଅଧୀନରେ ଯେଉଁ ସରକାରୀ ସ୍କୁଲରେ ଶିକ୍ଷକ ଅଭାବ ସମସ୍ୟା ରହିଛି, ସେହି ସ୍କୁଲରେ ଶିକ୍ଷକ ନିଯୁକ୍ତ କରାଯାଉଛି। ବର୍ତ୍ତମାନ ପର୍ଯ୍ୟନ୍ତ ୨୨ଜଣ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ପ୍ରକଳ୍ପ ନିର୍ମଳ ଅଧୀନରେ ଆଖପାଖର ୧୨ଟି ଗାଁକୁ ୧୧ଟି ସୌରଚାଳିତ ବୋର୍‌ୱେଲ, ୫୦ ବାୟୋଟଏଲେଟ୍ ଏବଂ ୨୦ଟି ୱାଟର ପ୍ୟୁରିଫାୟାର ଯୋଗାଇଦିଆଯାଇଛି।

# ନବୀକରଣ କାର୍ଯ୍ୟର ସମୀକ୍ଷାକଲେ ଏମ୍‌ପି

**ଅକ୍ଟୋବର ୩୧ରେ ନୂଆ ଲିଙ୍ଗରାଜ ଟେମ୍ପଲ ରୋଡ୍ ଷ୍ଟେଶନ ଲୋକାର୍ପଣ**

ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)

ଭୁବନେଶ୍ୱରର ଲିଙ୍ଗରାଜ ଟେମ୍ପଲ ରୋଡ୍ ରେଳ ଷ୍ଟେଶନ ନୂଆ ରୂପ ପାଇବାକୁ ଯାଉଛି। ଚଳିତବର୍ଷ ଅକ୍ଟୋବର ୩୧ରେ ଏହି ନୂଆ ଷ୍ଟେଶନ ଲୋକାର୍ପଣ ହେବ ବୋଲି ସୂଚନା ମିଳିଛି। ମଙ୍ଗଳବାର ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏହି ରେଳଷ୍ଟେଶନର ଉନ୍ନତୀକରଣ ଓ ନବୀକରଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ଅବସରରେ ପୂର୍ବତଟ ରେଳପଥର ଡିଆର୍‌ଏମ୍ ଏବଂ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ସେ ଆଲୋଚନା କରି ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ତ କାର୍ଯ୍ୟ ସାରିବାକୁ ବିଭାଗୀୟ ଅଧିକାରୀଙ୍କ ସମେତ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଏହି ଉନ୍ନତୀକରଣ ପ୍ରକଳ୍ପ ପାଇଁ ମୋଟ ୧୯.୫୩ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି। ପ୍ରସ୍ତାବିତ ପ୍ରକଳ୍ପରେ ୭୬୫ ବର୍ଗ ମିଟରର ଗ୍ରାଉଣ୍ଡ ପ୍ଲସ୍-୨ର ଏକ ନୂତନ ଷ୍ଟେଶନ ବିଲ୍ଡିଂ ନିର୍ମାଣ କରାଯାଉଛି। ବର୍ତ୍ତମାନ ଷ୍ଟେଶନ ସମ୍ମୁଖକୁ ମୁହଁକରିଥିବା ୧୧ଶହ ବର୍ଗ ମିଟର ବିଶିଷ୍ଟ ବିଲ୍ଡିଂର ନବୀକରଣ ଓ



ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ରେଳଷ୍ଟେଶନ ନବୀକରଣ କାର୍ଯ୍ୟର ସମୀକ୍ଷା କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ସେହିପରି ୧୨ ମିଟର ଓସାରର ଏକ ଫୁଟ୍ ଓଭରବ୍ରିଜ ନିର୍ମାଣ କରାଯିବ। ୨୬୦ ବର୍ଗ ମିଟର ଅଞ୍ଚଳରେ ଉଭୟ ଦୁଇଚକିଆ ଓ ତିନିଚକିଆ ଯାନ ପାଇଁ ପୃଥକ ପାର୍କିଂସ୍ଥଳ ସହ ୧୩୦ ବର୍ଗ ମିଟରର ଏକ ପ୍ରତୀକ୍ଷାଳୟ ନିର୍ମାଣ କରାଯିବ। ଉଭୟ ପୁରୁଷ ଏବଂ ମହିଳାଙ୍କ ଲାଗି ୬୫ ବର୍ଗମିଟରର ପ୍ରିମିୟମ ମଡ୍ୟୁଲାର ଟଏଲେଟ୍ ସାଙ୍ଗକୁ ୧, ୨ ଓ ୩ ନମ୍ବର ପ୍ଲାଟଫର୍ମରେ ଗ୍ରାନାଇଟ୍ ଓ ମୋଜାଇକ ଚଟାଣ ଲାଗି ମଧ୍ୟ ଯୋଜନା ରହିଛି। ଏହା ସମେତ ୨୯ ବେଜର ଅତିରିକ୍ତ ପ୍ଲାଟଫର୍ମ ଶେଲ୍ଟର ନିର୍ମାଣ ହେବ। ଏହି ୨୯ ବେଜ ମଧ୍ୟରେ ୧୩ ବେଜର ସେଲ୍ଟର ୧ ନମ୍ବର ଏବଂ ୨ ନମ୍ବର ପ୍ଲାଟଫର୍ମ ଏବଂ ୧୬ ବେଜର ସେଲ୍ଟର ୩ ନମ୍ବର ପ୍ଲାଟଫର୍ମ ଲାଗି ନିର୍ମାଣ କରାଯିବ।

ଏହାବ୍ୟତୀତ କୋଚ୍ ଇଣ୍ଡିକେଶନ ବୋର୍ଡ, ଟ୍ରେନ ଇଣ୍ଡିକେଶନ ବୋର୍ଡ ଏବଂ ସାଇନେଜ ସକାଶେ ମଧ୍ୟ ରେଳ ମନ୍ତ୍ରାଳୟ ଅନୁଦାନ ପ୍ରଦାନ କରିଛି। ଉକ୍ତ ନବୀକରଣ କାମ ପାଇଁ ଭୀମଟାଙ୍ଗୀବାସୀ ଦୀର୍ଘଦିନ ଧରି ଦାବି କରିଆସୁଥିଲେ। ଏନେଇ ଭୁବନେଶ୍ୱର ଏମ୍‌ପି ଷଡ଼ଙ୍ଗୀଙ୍କୁ ଅବଗତ କରାଯାଇଥିଲା। ଏ ନେଇ ଏମ୍‌ପି ଷଡ଼ଙ୍ଗୀ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଚିଠି ଲେଖିଥିଲେ। ବର୍ତ୍ତମାନ ଏହି ରେଳଷ୍ଟେଶନରେ ୧୪ଟି ଟ୍ରେନ ରହଣି କରୁଥିବାବେଳେ ଏଥିମଧ୍ୟରେ ୧୧ଟି ପାସେଞ୍ଜର ଓ ୩ଟି ଏକ୍ସପ୍ରେସ ଟ୍ରେନ୍ ରହିଛି। ପ୍ରତ୍ୟେକ ଦିନ ଏହି ଷ୍ଟେଶନ ଦେଇ ୮ଶହ ଲୋକ ଯାତାୟତ କରୁଛନ୍ତି। ଏହି ସମୀକ୍ଷା ବୈଠକରେ ଏମ୍‌ପି ଷଡ଼ଙ୍ଗୀଙ୍କ ସମେତ ଡିଆର୍‌ଏମ୍ (ଇଷ୍ଟକୋଷ୍ଟ) ଏଚ୍.ଏସ୍. ବାଜୱା, ଏକାମ୍ର ବିଧାୟକ ବାବୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।





କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ସମ୍ବନ୍ଧିତ ଉଲ୍ଲେଖନୀୟ ଅବଦାନ ପାଇଁ ଦକ୍ଷିଣ-ପୂର୍ବ ରେଳପଥର ୧୨ ଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଉଛି।

## ଦକ୍ଷିଣ-ପୂର୍ବ ରେଳପଥର ୧୨ କର୍ମଚାରୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୮।୪(ଅନୁରାଧା ମହାରଣା)

କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ସମ୍ବନ୍ଧିତ ଉଲ୍ଲେଖନୀୟ ଅବଦାନ ପାଇଁ ଦକ୍ଷିଣ-ପୂର୍ବ ରେଳପଥର ୧୨ ଜଣ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଛି। ଗାର୍ଡେନରିଚ୍‌ସ୍ଥିତ ଦକ୍ଷିଣ-ପୂର୍ବ ରେଳପଥ ମୁଖ୍ୟାଳୟରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରେଳପଥ ଜେନେରାଲ ମ୍ୟାନେଜର ଏହି କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଖଡ଼ଗପୁରର ସିନିୟର ମୋଟରମ୍ୟାନ୍ କମଲେଶ ରାୟ, ବାମ୍‌ରାର ଟେକ୍ନିସିଆନ୍-୩ ଜୋଶେଫ୍ ଗାରି, ଝାରସୁଗୁଡ଼ାର ଟେକ୍ନିସିଆନ୍ କୃଷ୍ଣଚନ୍ଦ୍ର ନାୟକ, ପଏଣ୍ଟ୍‌ସମ୍ୟାନ-ଏ ମିଲି ସରକାର, ଟ୍ରାକ୍ ମେଣ୍ଟେନର ପୁଷ୍ପା ସିଂହ, ଅନୀଲ ପାଣ୍ଡେ, ବିଶାଳ ବିଶ୍ୱାସ, ମହମ୍ମଦ ସୈଫ୍ ଅଲ୍ଲୀ ଖାନ, ଅମନ କୁମାର, ଉପେନ୍ଦ୍ର ରାମ, ରଞ୍ଜିତ କୁମାର ମହାତୋ, କମଲ ମହାତୋ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଯାତ୍ରୀ ସୁରକ୍ଷା ତଥା ବିଭିନ୍ନ ସମୟରେ ଦୁର୍ଘଟଣା ରୋକିବାରେ ଏହି କର୍ମଚାରୀମାନେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି।

# ଓକାକ୍‌କୁ ୨ ସମ୍ମାନଜନକ ପୁରସ୍କାର





ଓକାକ୍ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ପ୍ରଦୀପ ରାଉତ ପୁରସ୍କାର ଗ୍ରହଣ କରୁଛନ୍ତି।

ଭୁବନେଶ୍ୱର, ୮।୪(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗର ବୈଷୟିକ ଶାଖା ଓଡ଼ିଶା କମ୍ପ୍ୟୁଟର ପ୍ରୟୋଗ କେନ୍ଦ୍ର (ଓକାକ୍)କୁ ୟୁନିକ ଆଇଡେଣ୍ଟିଫିକେଶନ ଅଥରିଟି ଅଫ୍ ଇଣ୍ଡିଆ (ୟୁଆଇଡିଏଆଇ) ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ଆଧାର ସମ୍ବାଦ-୨୦୨୫ କାର୍ଯ୍ୟକ୍ରମରେ ଦୁଇଟି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି। ଏଥିଲାଗି ରେଜିଷ୍ଟ୍ରାର ଭାବେ ଆଧାର ପଞ୍ଜୀକରଣରେ ବିଶେଷ ଉପଲବ୍ଧି ହାସଲ କରିଥିବାରୁ ଓକାକ୍‌କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା। ସମଗ୍ର ଓଡ଼ିଶାରେ ୟୁଆଇଡିଏଆଇ ସ୍ଥିରୀକୃତ ମାନଦଣ୍ଡ ଅନୁଯାୟୀ ତ୍ରୁଟିମୁକ୍ତ ଏବଂ ନାଗରିକ ଅନୁକୂଳ ପଞ୍ଜୀକରଣ ସେବା ଓ ସୁବିଧା ସୁନିଶ୍ଚିତ କରି ଓକାକ୍ ଏହି ସ୍ୱୀକୃତି ପାଇପାରିଛି। ଦ୍ୱିତୀୟ ପୁରସ୍କାର ରାଜ୍ୟ ପ୍ରମାଣୀକରଣ ଉପଭୋକ୍ତା ଏଜେନ୍ସି (ଏୟୁଏ) ଭାବେ ଓକାକ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ସ୍ୱୀକୃତି ପାଇଛି।

ସୂଚନାଯୋଗ୍ୟ, ସମୟର ଆବଶ୍ୟକତା ଅନୁଯାୟୀ ବୈଷୟିକ ଉଦ୍ଭାବନ, ସର୍ବୋତ୍ତମ ପ୍ରୟାସ ଏବଂ ୟୁଆଇଡିଏଆଇ ସହ ନିରନ୍ତର ସହଯୋଗ ମାଧ୍ୟମରେ ଓଡ଼ିଶାରେ ଆଧାର ଇକୋସିଷ୍ଟମକୁ ସୁଦୃଢ଼ କରିବା ପାଇଁ ଓକାକ୍ ସହ ସମ୍ପୃକ୍ତ ସମସ୍ତଙ୍କ ନିରନ୍ତର ଓ ଉତ୍ସର୍ଗୀକୃତ ପ୍ରୟାସକୁ ଏହି ସମ୍ମାନଗୁଡ଼ିକ ପ୍ରତିଫଳିତ କରୁଛି। କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଓ ଆଇଟି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ୟୁଆଇଡିଏଆଇର ସିଇଓ ଏବଂ ଅନ୍ୟ ସମ୍ମାନିତ ଅତିଥିମାନଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବରେ ଓକାକ୍ ପକ୍ଷରୁ ମୁଖ୍ୟ କାର୍ଯ୍ୟନିର୍ବାହୀ ଡ. ପ୍ରଦୀପ ରାଉତ ଏହି ପୁରସ୍କାର ଗ୍ରହଣ କରିଥିଲେ।



ଭୁବନେଶ୍ୱରରେ ଅତ୍ୟଧିକ ଭିଡ଼ ଓ ଦୁର୍ଘଟଣା ଏଡ଼ାଇବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ମଙ୍ଗଳବାର ପ୍ରାଥମିକ ପର୍ଯ୍ୟାୟରେ ଜୟଦେବ ବିହାର ଛକରେ ଲେନ୍ ଡ୍ରାଇଭିଂ ଆରମ୍ଭ ହୋଇଛି। ଜୟଦେବ ବିହାର ଛକକୁ ସଂଯୋଗ କରୁଥିବା ଚତୁଃପାର୍ଶ୍ୱ ରାସ୍ତାର ଲେନ୍ ଚିହ୍ନରେ ପ୍ଲାଷ୍ଟିକ୍ କୋନ୍ ଥୁଆଯାଇ ସଚେତନତା ସୃଷ୍ଟି କରାଯାଇଛି।

# ୧୧ରେ ମିଳିବ ଆୟୁଷ୍ମାନ୍ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ, ଗୋପବନ୍ଧୁ ଜନ ଆରୋଗ୍ୟ କାର୍ଡ

ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ)

- ୨୨ କେନ୍ଦ୍ରରେ ହେବ ସଚେତନତା କାର୍ଯ୍ୟକ୍ରମ
- ମୋ ସେବାକେନ୍ଦ୍ର କାର୍ଡ ପାଇଁ ଅର୍ଥ ଦାବିକଲେ ହେବ କାର୍ଯ୍ୟାନୁଷ୍ଠାନ

ଚଳିତ ମାସ ୧୧ ତାରିଖରେ ରାଜ୍ୟବ୍ୟାପୀ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏ.ବି.ପି.ଏମ.ଜେ.ଏ.ୱାଇ.) ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା (ଜି.ଜେ.ଏ.ୱାଇ.)ର ଶୁଭାରମ୍ଭ ହେବ। ଏହି ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ମଧ୍ୟ ଉକ୍ତ ଦିନ ଯୋଜନାର ଶୁଭାରମ୍ଭ କରାଯିବ। ଏହି କ୍ରମରେ ମଙ୍ଗଳବାର ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏବିପିଏମ୍‌ଜେଏୱାଇ-ଜିଜେଏୱାଇ ଯୋଜନା କାହା ପାଇଁ ଉଦ୍ଦିଷ୍ଟ, କେଉଁମାନେ ପାଇବେ, ଏହାର ଅବଧି କେତେ ଦିନ, କେତେଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିପାରିବ ଆଦି ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ପାଇଁ ୧୧ ତାରିଖରେ ବିଏମ୍‌ସି ଅଞ୍ଚଳରେ ଥିବା ୨୨ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଏକକାଳୀନ କାର୍ଯ୍ୟକ୍ରମ କରାଯିବ।

ସେହିପରି ଖରାତାପ ଅଧିକ ରହୁଥିବାରୁ ନାଗରିକମାନେ ନିରାପଦରେ ଆସି ଘରକୁ ଯିବା ନେଇ ଦୃଷ୍ଟି ଦିଆଯିବ। ମିଟିଂସ୍ଥଳରେ ପ୍ରଚୁର ପରିମାଣର ପାନୀୟଜଳ, ଓଆର୍‌ଏସ୍ ରଖିବାକୁ କୁହାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ସମ୍ପୃକ୍ତ ଦିନ ପ୍ରତି ୱାର୍ଡର ୨୫ଜଣ ହିତାଧିକାରୀଙ୍କୁ କାର୍ଡ ଦେବା ପାଇଁ ସ୍ଥିର କରାଯାଇଛି। ପରେ ପର୍ଯ୍ୟାୟକ୍ରମେ ସମସ୍ତ ବିପିଏଲ୍ ତଥା ପୂର୍ବରୁ ବିଜୁସ୍ୱାସ୍ଥ୍ୟ କାର୍ଡ ପାଇଥିବା ହିତାଧିକାରୀଙ୍କୁ ଏବିପିଏମ୍‌ଜେଏୱାଇ-ଜିଜେଏୱାଇ କାର୍ଡ ପ୍ରଦାନ କରାଯିବ। ଏଥିରେ ପ୍ରତି ପରିବାରକୁ ସରକାରୀ କିମ୍ବା ତାଲିକାଭୁକ୍ତ ବେସରକାରୀ ଡାକ୍ତରଖାନାରେ ୫ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିବ। ମହିଳା ଥିବା ପରିବାରଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ଚିକିତ୍ସା ସୁବିଧା ମିଳିବ। ତେବେ ୭୦ବର୍ଷରୁ ଅଧିକ ବୟସର ସବୁବର୍ଗର ଲୋକଙ୍କୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ମିଳିବ। ସେହିପରି ଯେଉଁ ପରିବାରରେ ୭୦ ବର୍ଷରୁ ଅଧିକ ବୟସର ନାଗରିକ ଓ ମହିଳା ଥିବେ, ସେ ପରିବାର ୧୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପାଇପାରିବେ। ଏଥିପାଇଁ ଇ-କେୱାଇସି କରିବା ଜରୁରୀ ବୋଲି ସୂଚନା ଦିଆଯାଇଛି। ଏବିପିଏମ୍‌ଜେଏୱାଇ-ଜିଜେଏୱାଇ କାର୍ଡ ମିଳିବା ପାଇଁ ସମୟ ଲାଗୁଥିବାରୁ ପୂର୍ବରୁ ପାଇଥିବା ବିଏସ୍‌କେୱାଇ କାର୍ଡରେ ସେମାନେ ସମସ୍ତ ଚିକିତ୍ସା ସୁବିଧା ପାଇପାରିବେ। ଏ ସମ୍ପର୍କରେ ସ୍ଥାନୀୟ ଘରୋଇ ଡାକ୍ତରଖାନାଗୁଡ଼ିକୁ ଅବଗତ କରାଯିବା ପାଇଁ କୁହାଯାଇଛି। ଏହି ଦିନ ପାଇଁ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀମାନେ ନୋଡାଲ ଅଫିସର ଭାବେ କାର୍ଯ୍ୟ କରିବେ। ଯେଉଁ ପରିବାରରେ ଯେତେଜଣ ସଦସ୍ୟ ଥିବେ ସେମାନଙ୍କ ପାଇଁ ସେତିକି କାର୍ଡ କରାଯିବ। ଏହି କାର୍ଡ ପ୍ରସ୍ତୁତ କରିବା ପାଇଁ କୌଣସି ମୋ ସେବାକେନ୍ଦ୍ରରେ ପଇସା ଦେବାକୁ ପଡ଼ିବ ନାହିଁ। ଯଦି କୌଣସି ସିଏସ୍‌ସି ପରିଚାଳକ ଏଥିପାଇଁ ଅର୍ଥ ଦାବି କରନ୍ତି, ତେବେ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମେୟର ତାଗିଦ୍ କରିଛନ୍ତି। ଅତିରିକ୍ତ କମିଶନର ରତ୍ନାକର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷା ଅଧିକାର ସମ୍ମେଳନ

ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)

ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ଗୀତଗୋବିନ୍ଦ ସଦନରେ ମଙ୍ଗଳବାର 'ଶିକ୍ଷା ଅଧିକାର ସମ୍ମେଳନ' ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଂଘ ସଭାପତି ବାସୁଦେବ ଭଟ୍ଟ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଏନ୍‌ଏଚ୍‌ଆର୍‌ସି ସଦସ୍ୟ ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ସରକାରୀ ସ୍କୁଲକୁ ସରକାର ବନ୍ଦ କରିଦେବା ଅଗଣତାନ୍ତ୍ରିକ। ପିଲାମାନେ ନିଜ ଘର ପାଖରେ ଗୁଣାତ୍ମକ ଶିକ୍ଷା ପାଇବା ତାଙ୍କର ନ୍ୟାର୍ଯ୍ୟ ଶିକ୍ଷାଗତ ଅଧିକାର। ପ୍ରଥମେ ସରକାରୀ ସ୍କୁଲର ଭିତ୍ତିଭୂମି ସଜାଡ଼ିବା ସହ ଗୁଣାତ୍ମକ ଶିକ୍ଷାଦାନ ଉପରେ ଗୁରୁତ୍ୱ ଦେବା ଉଚିତ। ସେହିପରି ଅନ୍ୟତମ ଅତିଥି ଅମୂଲ୍ୟରତ୍ନ ନନ୍ଦ କହିଥିଲେ, ଗଣଶିକ୍ଷା ବିଭାଗର ଅଧିକାରୀ, ଅଭିଭାବକ, ଘରୋଇ ସ୍କୁଲ ସତ୍ତ୍ୱାଧିକାରୀ ଓ ଶିକ୍ଷକଙ୍କୁ ନେଇ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯାଇ ଅଭିଯୋଗ ଶୁଣାଣି ସହ ସମାଧାନ ପାଇଁ ପ୍ରୟାସ ଆରମ୍ଭ ହେବା ଆବଶ୍ୟକ। ଏହି ଅବସରରେ ଓମି ସ୍କୁଲ ସମେତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ସହ କେତେକ ଦାବି ଉପସ୍ଥାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଏଚ୍‌ଆର୍‌ସି କୋର ମେମ୍ବର ମନୋଜ ଜେନା, ଆର୍‌ଟିଇ ଫୋରମ୍ ଅଧ୍ୟକ୍ଷ ଅନିଲ ପ୍ରଧାନ, ସମ୍ପାଦକ ଅଶୋକ ପାଇକରାୟ, କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ, ସତ୍ୟବ୍ରତ ପରିଜା ପ୍ରମୁଖ ଉପସ୍ଥିତ ଥିଲେ।

# ୧୨୯ ମୋବାଇଲ ଫେରିପାଇଲେ ପ୍ରକୃତ ମାଲିକ





ହସ୍ତାନ୍ତର ମେଳାରେ ଜଣେ ମହିଳାଙ୍କୁ ମୋବାଇଲ ଫେରସ୍ତ କରାଯାଉଛି।

**ଡିସିପି ଅଫିସରେ ହସ୍ତାନ୍ତର ମେଳା**

ଭୁବନେଶ୍ୱର,୮।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ଚୋରି, ଲୁଟ ଓ ହଜି ଯାଇଥିବା ୧୨୯ ମୋବାଇଲକୁ ସେମାନଙ୍କ ପ୍ରକୃତ ମାଲିକମାନଙ୍କୁ ମଙ୍ଗଳବାର ହସ୍ତାନ୍ତର କରାଯାଇଛି। ବିଭିନ୍ନ ଥାନା, ପିଓପିଡି, ଟିମ୍-୬୦ ଏବଂ ଓସିପିଓ ସେଲ୍‌ର ମିଳିତ ପ୍ରୟାସରେ ଏହି ମୋବାଇଲଗୁଡ଼ିକୁ ଉଦ୍ଧାର କରାଯାଇଥିଲା। ଭୁବନେଶ୍ୱର ଡିସିପି ଅଫିସରେ ଆୟୋଜିତ ହସ୍ତାନ୍ତର ମେଳାରେ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଡିସିପି ଜଗମୋହନ ମୀନା ମୋବାଇଲ ଫେରାଇଥିଲେ। ହସ୍ତାନ୍ତର ହୋଇଥିବା ମୋବାଇଲଗୁଡ଼ିକ ମଧ୍ୟରୁ ସର୍ବାଧିକ ୫୦ଟି ଫୋନ୍ ଓସିପିଓ ସେଲ୍ ଦ୍ୱାରା ଉଦ୍ଧାର କରାଯାଇଥିଲା। ସେହିପରି ପାହାଳ ଥାନା ୨୪, ଲିଙ୍ଗରାଜ ଥାନା ୨୪, ଶହିଦନଗର ଥାନା ଓ ଧଉଳି ଥାନା ଦ୍ୱାରା ପ୍ରତ୍ୟେକ ୧୦ଟି ଲେଖାଏ ଫୋନ ଉଦ୍ଧାର କରାଯାଇଥିଲା। ଏହାଛଡା ଚନ୍ଦ୍ରଶେଖରପୁର ଓ ନନ୍ଦନକାନନ ଥାନା ଦ୍ୱାରା ଦୁଇଟି ଲେଖାଏ ମୋବାଇଲ ଫୋନ ସହ ଦୁଇଟି ବାଇକ୍ ମଧ୍ୟ ଉଦ୍ଧାର କରାଯାଇଥିଲା।

# ଓଡ଼ିଆ ପକ୍ଷ ଅବସରରେ ରକ୍ତଦାନ ଶିବିର

**୮୮ ଶିବିରରୁ ୩,୭୬୯ ୟୁନିଟ୍ ରକ୍ତ ସଂଗୃହୀତ**

ଭୁବନେଶ୍ୱର, ୮।୪(ବନ୍ଦନା ସେଠୀ)



ରମାଦେବୀ ବିଶ୍ୱବିଦ୍ୟାଳୟରେ ଆୟୋଜିତ ରକ୍ତଦାନ ଶିବିରରେ ବିଧାୟକ ବାବୁ ସିଂ, ଅଭିନେତ୍ରୀ ଅର୍ଚ୍ଚିତା ଏବଂ ଅନ୍ୟମାନେ।

ରାଜ୍ୟ ସରକାରଙ୍କ ଦ୍ୱାରା ପାଳିତ ହେଉଥିବା ଓଡ଼ିଆ ପକ୍ଷ ଅବସରରେ ମଙ୍ଗଳବାର ରକ୍ତଦାନ ଦିବସ ପାଳନ କରାଯାଇଛି। ଏହି କ୍ରମରେ ରାଜ୍ୟ ସରକାରଙ୍କ ଅଧୀନରେ ଥିବା ସମସ୍ତ ଜିଲା ମୁଖ୍ୟ ଚିକିତ୍ସାଳୟ/ ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ/ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଅନୁଷ୍ଠିତ ମୋଟ ୮୮ଟି ରକ୍ତଦାନ ଶିବିରରୁ ସମୁଦାୟ ୩,୭୬୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ସେହିପରି ଭୁବନେଶ୍ୱର ରେଡ୍‌କ୍ରସ୍ ବ୍ଲଡ୍ ବ୍ୟାଙ୍କ ଦ୍ୱାରା ରାଜଧାନୀ ମହାବିଦ୍ୟାଳୟରୁ ୪୩ ୟୁନିଟ୍, ସାକ୍ଷୀଗୋପାଳ ମହାବିଦ୍ୟାଳୟରୁ ୨୫ ୟୁନିଟ୍, ବ୍ଲଡ୍ ବ୍ୟାଙ୍କରୁ ୪୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ସେଣ୍ଟ୍ରାଲ ରେଡ୍‌କ୍ରସ ବ୍ଲଡ୍ ବ୍ୟାଙ୍କ ଦ୍ୱାରା ଅଡ଼ଶପୁର ମହାବିଦ୍ୟାଳୟରୁ ୮୫ ୟୁନିଟ୍, କୁଆଁପାଳ ମହାବିଦ୍ୟାଳୟରୁ ୫୩ ୟୁନିଟ, ସେଣ୍ଟ୍ରାଲ ରେଡ୍‌କ୍ରସ୍ ବ୍ଲଡ୍ ବ୍ୟାଙ୍କରୁ ୬୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ସମୁଦାୟ ରେଡକ୍ରସ୍ ବ୍ଲଡ୍ ବ୍ୟାଙ୍କ ଦ୍ୱାରା ମୋଟ ୩୧୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଓଡ଼ିଆ ପକ୍ଷ ପାଳନ ଅବସରରେ ରକ୍ତଦାନ କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ଲୋକଙ୍କୁ ସଚେତନ କରାଯିବା ସହିତ ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ ନିମନ୍ତେ ଆହ୍ୱାନ କରାଯାଇଥିଲା।

## ଫଟୋରେ ଖବର



ୟୁନିଟ୍-୧ ସ୍ଥିତ ମା' ମଙ୍ଗଳାଙ୍କ ୨୬ତମ ବାର୍ଷିକ ଚୈତ୍ର ମଙ୍ଗଳବାର ମହୋତ୍ସବ ଅବସରରେ ଆୟୋଜିତ କଳସ ଶୋଭାଯାତ୍ରା।



ଚୈତ୍ର ମାସର ଶେଷ ମଙ୍ଗଳବାରରେ ରସୁଲଗଡ଼ ଜଗନ୍ନାଥ ନଗରର ଏକ କଲୋନିରେ ମହିଳାମାନେ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରୁଛନ୍ତି। (ଫଟୋ- ମନୋରଞ୍ଜନ ମିଶ୍ର)

## ଟ୍ରାନ୍ସଫର୍ମର ଚୋରି ବେଳେ ୨ ଧରାପଡ଼ିଲେ

ଟାଙ୍ଗୀ,(ରଘୁନାଥ ସାହୁ): ଟାଙ୍ଗୀ ଥାନା ଅନ୍ତର୍ଗତ ଦୀକ୍ଷିତପଡ଼ା ଗ୍ରାମରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି କରୁଥିବା ବେଳେ ଗ୍ରାମବାସୀ ୨ଜଣ ଚୋରଙ୍କୁ ଧରି ପୋଲିସ ଜିମା ଦେଇଥିଲେ। ପୋଲିସ ଏକ ୧୬କେଭି ଟ୍ରାନ୍ସଫର୍ମର ଜବତ କରିବା ସହ ଦୀକ୍ଷିତପଡ଼ା ଗ୍ରାମର ଶେଖ୍ କାଲିମ ଏବଂ ଇର୍ଫାନଙ୍କୁ ଗିରଫ କରିଛି। ସୂଚନା ମୁତାବକ, ଚୋରମାନେ ବିଳମ୍ବିତ ରାତିରେ ଟ୍ରାନ୍ସଫର୍ମରରୁ ଫ୍ୟୁଜ୍ ଉଡ଼ାଇ ଅଞ୍ଚଳକୁ ଅନ୍ଧାର କରିଦିଅନ୍ତି। ଏହା ପରେ ଟ୍ରାନ୍ସଫର୍ମର ଚୋରି କରି ନେଇଯାଆନ୍ତି। ମଙ୍ଗଳବାର ରାତିରେ ଦୀକ୍ଷିତପଡ଼ା ଗ୍ରାମର କବର ଥିବା ସ୍ଥାନରେ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଚୋରି କରୁଥିବା ବେଳେ ଗ୍ରାମବାସୀଙ୍କ ହାତରେ ଉପରୋକ୍ତ ଦୁଇ ଅଭିଯୁକ୍ତ ପଡ଼ିଥିଲେ।

## ଜଳିଗଲା ୪ ବଖରା

ଯାଁଳା,୮।୪(ବୁଲା ବାରିକ)

ଜନ୍ମେଜୟାଲି ଥାନା ମଦନପୁର ପଞ୍ଚାୟତ କାଇମାଠିଆ ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୪ବଖରା ଘର ପୋଡିଯାଇଛି। ଗ୍ରାମର ଦୀନବନ୍ଧୁ ଭୋଇ, ବାସନ୍ତି ଭୋଇ ଏବଂ ନାରଣ ଭୋଇଙ୍କ ଘର ଅଗ୍ନିକାଣ୍ଡରେ ପୋଡ଼ିଯାଇଛି। ଜଟଣୀ ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ରାୟ ଦୁଇ ଘଣ୍ଟା ପରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଅଗ୍ନିକାଣ୍ଡରେ ଆସବାବପତ୍ର, ଧାନବସ୍ତା ଏବଂ ଅନ୍ୟାନ୍ୟ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ତୁରନ୍ତ ଅଗ୍ନିପିଡ଼ିତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ଦୁର୍ଘଟଣାରେ ଖୋର୍ଦ୍ଧା ସହକାରୀ ଜିଲାପାଳ ଗୁରୁତର

ରସୁଲପୁର/କାଏମା,୮।୪(ରଞ୍ଜିତ ରାଉତ/ଶିବପ୍ରସାଦ ମହାନ୍ତି)

ଯାଜପୁର ଜିଲା କୁଆଖିଆ ଥାନା ମୂଳାପାଳ ଛକ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଖୋର୍ଦ୍ଧା ଜିଲାର ସହକାରୀ ଜିଲାପାଳ ଅଶ୍ୱିନୀ ନାୟକ ଗୁରୁତର ହୋଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ଭୁବନେଶ୍ୱରରୁ କାର୍‌ରେ ଅନୁଗୋଳ ଯାଉଥିବାବେଳେ ମୂଳାପାଳ ଛକ ନିକଟରେ ଏକ ଟ୍ରକ ସହ ଧକ୍କା ହୋଇଥିଲା। ଦୁର୍ଘଟଣାରେ ତାଙ୍କ ଗୋଡ଼, ହାତ ଭାଙ୍ଗିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଛି।

# ଜନକଲ୍ୟାଣ ଯୋଜନା ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ

### ଖୋର୍ଦ୍ଧା ଗସ୍ତରେ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ

ଖୋର୍ଦ୍ଧା,୮।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଉନ୍ନୟନ ଦାୟିତ୍ୱରେ ଥିବା ରାଜ୍ୟ ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ, ଶ୍ରମ ଓ ରାଜ୍ୟ କର୍ମଚାରୀ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମଙ୍କ ୨ଦିନିଆ ଖୋର୍ଦ୍ଧା ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ଚଞ୍ଚଳ ରାଣା ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହ ଆରୁମୁଗମ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ଅଗ୍ରଗତି, ସମସ୍ୟା ସମ୍ବନ୍ଧରେ ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରିଥିଲେ।

ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନଅଧିକାରୀ ତଥା ନିର୍ବାହୀଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଜିଲାପାଳ କିଶୋର କୁମାର ପଣ୍ଡା ପ୍ରମୁଖ ନିଜ ବିଭାଗ ଦାୟିତ୍ୱରେ ଥିବା କାର୍ଯ୍ୟାବଳୀ ସମ୍ପର୍କରେ ପ୍ରମୁଖ ଶାସନ ସଚିବ ଏବଂ ଜିଲାପାଳଙ୍କୁ ଅବଗତ କରାଇଥିଲେ। ପରେ ପ୍ରମୁଖ ଶାସନ ସଚିବ ବିଭାଗୀୟ ସମସ୍ତ ଅଧିକାରୀ ଓ ଲାଇନ୍ ଡିପାର୍ଟମେଣ୍ଟ ଯନ୍ତ୍ରୀଙ୍କୁ ପ୍ରକଳ୍ପର ଅଗ୍ରଗତି ଓ ରୂପାୟନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ସମ୍ବନ୍ଧରେ ପଚାରି ବୁଝିଥିଲେ। ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାରୁ ପାନୀୟଜଳ, ଜଳଛତ୍ର କେନ୍ଦ୍ର, ନଳକୂପ ବ୍ୟବସ୍ଥା, ଜଳକ୍ଲିଷ୍ଟ ଅଞ୍ଚଳରେ ପାନୀୟଜଳ ଯୋଗାଇଦେବା, ପଶୁପକ୍ଷୀମାନଙ୍କ ନିମନ୍ତେ ଜଳକୁଣ୍ଡ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ଜଳଛତ୍ର କେନ୍ଦ୍ର ୩୬୮ (ଗ୍ରାମାଞ୍ଚଳ ୨୭୩ ଏବଂ ସହରାଞ୍ଚଳରେ ୯୫), ଛାଟୁଡ଼ିଆ ୮୨ଟି ନିର୍ମାଣ କରାଯାଇଛି। ଜିଲାରେ ୧୭,୧୯୩ଟି ନଳକୂପ ଥିବା ବେଳେ ଅଭିଯୋଗ ଆସିଲେ ୪୮ଘଣ୍ଟା ମଧ୍ୟରେ ସମାଧାନ କରାଯିବ ବୋଲି ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଇଥିଲେ। ଜଳକ୍ଲିଷ୍ଟ ପ୍ରଭାବିତ ୬୪ ଗ୍ରାମରେ ଟ୍ୟାଙ୍କର ଯୋଗେ ଜଳଯୋଗାଣ, ଅଂଶୁଘାତ ରୋଗୀଙ୍କ ସେବା ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୦, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଏବଂ ପ୍ରତ୍ୟେକ ପ୍ରାଥମିକ ଚିକିତ୍ସାଳୟରେ ଗୋଟିଏ ଶୀତତାପ ନିୟନ୍ତ୍ରଣ କକ୍ଷ ସଂରକ୍ଷଣ କରି ରଖାଯାଇଛି। ୩୧ଟି ପାଣି ଟ୍ୟାଙ୍କର ଏବଂ ୮ଟି ଯେନସେଟ ରଖାଯାଇଛି। ୨୦୨୩ରେ ଜଣେ, ୨୦୨୪ରେ ଦୁଇଜଣ ଅଂଶୁଘାତରେ ମୃତ୍ୟୁ ହୋଇଥିବା ବେଳେ ଚଳିତବର୍ଷ ଏ ପର୍ଯ୍ୟନ୍ତ କୌଣସି ଅଂଶୁଘାତଜନିତ ମୃତ୍ୟୁ ହୋଇନାହିଁ ବୋଲି ଡେପୁଟି କଲେକ୍ଟର ପ୍ରମୁଖ ସଚିବଙ୍କୁ ତଥ୍ୟ ପ୍ରଦାନ କରିଥିଲେ।

ସେହିପରି ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନ ଏକ ରାଜସ୍ୱ ଭବନ, ଟାଙ୍ଗୀ ତହସିଲ ଅଧୀନ ପ୍ରାଧିକୃତ ବଙ୍ଗାଳୀ ପରିବାର ପାଇଁ ରହିବା ସ୍ଥାନ, ଉପନିବନ୍ଧକ କାର୍ଯ୍ୟାଳୟରେ ଆଲୋକ ଯୋଗାଣ, ବିଭାଗରେ କର୍ମଚାରୀ ନିଯୁକ୍ତି ଆଦି ସମସ୍ୟା ଉପରେ ପ୍ରମୁଖ ଶାସନ ସଚିବଙ୍କୁ ଅବଗତ କରାଯାଇଥିଲା। ସେହିପରି ସ୍ୱାସ୍ଥ୍ୟ ବିଭାଗରେ ଆଇସିୟୁ ଡାକ୍ତର, ଅକ୍ସିଜେନ ପ୍ଲାଣ୍ଟର ଡିଭିଜନ୍, ଭେଷଜ ବିଶେଷଜ୍ଞ ନିଯୁକ୍ତି, ଅଲଟ୍ରାସାଉଣ୍ଡ, ସିଟି ସ୍କାନ, ଏମ୍‌ଆର୍‌ଆଇ ଯନ୍ତ୍ରାଂଶକୁ ଆଧୁନିକୀକରଣ କରିବା ପାଇଁ ସଚିବଙ୍କୁ ଅବଗତ କରାଯାଇଥିଲା। ଜିଲାରେ ୫୧୬ ଡାକ୍ତର ମଞ୍ଜୁରୀ ପଦବୀ ଥିବା ବେଳେ ୨୫୬ କାର୍ଯ୍ୟରତ ଅଛନ୍ତି, ୨୬୦ଟି ପଦବୀ ଖାଲି ପଡ଼ିଛି। ଜିଲାରେ ଖାଉଟି କ୍ୟାଣ୍ଟରେ ୪୪,୬୭୪ ନୂତନ ରାସନ କାର୍ଡ ପାଇଁ ଆବେଦନ କରିଛନ୍ତି। ଜିଲାରେ ୩୧୯ ଅର୍ଦ୍ଧନିର୍ମିତ ଅଙ୍ଗନୱାଡ଼ି କେନ୍ଦ୍ରକୁ ସମ୍ପୂର୍ଣ୍ଣ ନିର୍ମାଣ କରିବା ପାଇଁ ୫ କୋଟି ୮୬ ଲକ୍ଷ ୫୦ ହଜାର ଆବଶ୍ୟକ। ନୂତନ ଭାବେ ୩୮ଟି ଅଙ୍ଗନୱାଡ଼ି ନିର୍ମାଣ ନିମନ୍ତେ ୨କୋଟି ୫୦ଲକ୍ଷ ଆବଶ୍ୟକ ରହିଛି। ଜିଲାରେ ୨୫୧୪ଟି ଅଙ୍ଗନୱାଡ଼ି କେନ୍ଦ୍ରରେ ୧ଲକ୍ଷ ୧୬ହଜାର ୮୦୦ପିଲା ଅଛନ୍ତି। ଜିଲାରେ ଅନୁସୂଚିତ ଜନଜାତି, ଓଡ଼ିଆ ଅନୁସୂଚିତ ଜାତି ଛାତ୍ର ବୃତ୍ତି, ରାସ୍ତା ଓ କୋଠାବାଡ଼ି ବିଭାଗ କାର୍ଯ୍ୟ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ ସଡ଼କ ପଥ, ଓଟିସିଏଲ୍ କାର୍ଯ୍ୟ, ପ୍ରାଚୀ ଡିଭିଜନ କାର୍ଯ୍ୟ ଜଳସମ୍ପଦ, ଉଦ୍ୟାନ କୃଷି, କୃଷି, ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପର ବିକାଶ ତଥା ଶିକ୍ଷା, ସ୍ୱାସ୍ଥ୍ୟ ଓ ଗମନାଗମନ ଉପରେ ସମୀକ୍ଷା କରି ଅଧିକାରୀମାନଙ୍କୁ ଜନକଲ୍ୟାଣ ଯୋଜନାକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ପ୍ରମୁଖ ସଚିବ ଏବଂ ଜିଲାପାଳ ଧଉଳି ଓ ବାଲିଅନ୍ତା ଅଞ୍ଚଳର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଥିଲେ।



ବୈଠକରେ ଶ୍ରମ ଓ ରାଜ୍ୟ କର୍ମଚାରୀ ବିଭାଗ ପ୍ରମୁଖ ଶାସନ ସଚିବ ଚିତ୍ରା ଆରୁମୁଗମ, ଜିଲାପାଳ ଚଞ୍ଚଳ ରାଣା ଏବଂ ଅନ୍ୟ ଅଧିକାରୀ।

## ୯୩ ୟୁନିଟ୍ ରକ୍ତ ସଂଗ୍ରହ

ଖୋର୍ଦ୍ଧା,୮।୪ (ପ୍ରଭାତ ପାଣିଗ୍ରାହୀ)

ଓଡ଼ିଆ ପକ୍ଷ ପାଳନର ଅଷ୍ଟମ ଦିନରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ବିନ୍ଦୁଶ୍ରୀ ମିଶ୍ର ଉଦ୍‌ଘାଟନ କରିଥିଲେ। ପ୍ରାଧ୍ୟାପକ ଶୁଭେନ୍ଦୁ କୁମାର ମହାନ୍ତି, ପ୍ରାଧ୍ୟାପକ ପ୍ରିୟବ୍ରତ ମହାନ୍ତି, ପ୍ରାଧ୍ୟାପକ ପୂର୍ଣ୍ଣଚନ୍ଦ୍ର ବୈଶାଖ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଖୋର୍ଦ୍ଧା ରକ୍ତ ଭଣ୍ଡାର ଅଧିକାରୀ ଡା. ସୌରଭ ସୁନ୍ଦର ରାୟ, ଅରୁଣ କୁମାର ସାହୁ, ଶ୍ରୀକାନ୍ତ କୁମାର ସାମନ୍ତସିଂହାର, ଝୁଲୁଲତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ମୋଟ ୬୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଯୁବ ରେଡ଼କ୍ରସ୍ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। ପ୍ରାଧ୍ୟାପକ ଗଜାଧର ସାହୁ, ଅଧ୍ୟାପକ ସୁବୋଧ କୁମାର ଜଗଦେବ, ଅଧ୍ୟାପିକା ଅଲିଭା ବେହୁରା ଶିବିର ପରିଚାଳନା କରିଥିଲେ। ସେହିପରି ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ମୋଟ୍ ୩୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

# ଆଜି ବାହୁଡ଼ିବେ ଶ୍ରୀଜୀଉ



ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉମାନେ ଦର୍ଶନ ଦେଉଛନ୍ତି।

### ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା

ନିରାକାରପୁର,୮।୪
(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଡିଆ ପଞ୍ଚାୟତର ବିଜେ ଡିଆଠାରେ ଶ୍ରୀକପିଳେଶ୍ୱର ଦେବଙ୍କ ବିଜୟା ରଥଯାତ୍ରା ଚାଲୁରହିଥିବା ବେଳେ ମଙ୍ଗଳବାର ଗୁଣ୍ଡିଚା ମନ୍ଦିରରେ ଶ୍ରୀଜୀଉମାନେ ଭକ୍ତମାନଙ୍କୁ ଆଡ଼ପ ଦର୍ଶନ ଦେଇଛନ୍ତି। ଏଥିସହିତ ରଥର ଦିଗ ପରିବର୍ତ୍ତନ ହୋଇଛି। ଗତ ଶନିବାର ଅଶୋକାଷ୍ଟମୀରେ କପିଳେଶ୍ୱର ଦେବ, ମାତା ପାର୍ବତୀ ଏବଂ ଆରଡ଼ି ଗ୍ରାମରୁ ନିମନ୍ତ୍ରିତ ହୋଇ ରଥଯାତ୍ରାରେ ସାମିଲ ହୋଇଥିବା ବଡ଼ଭାଇ ଗ୍ରାମେଶ୍ୱର ଦେବ ଓ ମାତା ଗ୍ରାମେଶ୍ୱରୀ ଦେବୀ ରଥରେ ଆସି ମାଉସୀ ମା' (ଗୁଣ୍ଡିଚା ମନ୍ଦିରରେ) ରହିଛନ୍ତି। ମଙ୍ଗଳବାର ଶ୍ରୀଜୀଉମାନେ ଭକ୍ତଙ୍କୁ ଆଡ଼ପ ଦର୍ଶନ ଦେଇଛନ୍ତି। ଏଥିସହିତ ଶ୍ରୀଜୀଉମାନେ ଦେଉଳକୁ ପ୍ରତ୍ୟାବର୍ତ୍ତନ ପାଇଁ ବିଜୟା ରଥର ଦିଗ ପରବର୍ତ୍ତନ କରାଯାଇଛି। ବୁଧବାର ବାହୁଡ଼ା ଯାତ୍ରା ହେବ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ କୁହାଯାଇଛି।

# ଓଡ଼ିଆରେ ନାମଫଳକ ଲେଖିବା ପାଇଁ ଆହ୍ୱାନ

ବାଲୁଗାଁ,୮।୪(ସଂଗ୍ରାମ ପାଇକରାୟ)

ଓଡ଼ିଆ ପକ୍ଷ ପାଳନ ଅବସରରେ ଭାଷା ସୁରକ୍ଷା ସମ୍ମିଳନୀ ଚିଲିକା, ବାଲୁଗାଁ ଏବଂ ସାହିତ୍ୟ ସିନ୍ଧୁରା ବାଣପୁରର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଓଡ଼ିଆରେ ନାମଫଳକ ଲେଖିବା ଉଦ୍ଦେଶ୍ୟରେ ସଚେତନମୂଳକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ନରେ ଏହି ପଦଯାତ୍ରା ବାଲୁଗାଁ ମା'ଉତ୍ତରାୟଣୀ ମନ୍ଦିରରୁ ବାହାରି ବଜାର ପରିକ୍ରମା ପରେ ହନୁମାନ ମନ୍ଦିରଠାରେ ପହଞ୍ଚିଥିଲା। ମୁଖ୍ୟତଃ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ବାଣିଜ୍ୟିକ ପ୍ରତିଷ୍ଠାନରେ ନାମଫଳକ ଓ ବିଜ୍ଞାପନ ଆଦି ଓଡ଼ିଆରେ ଲେଖିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଭାଷା ସୁରକ୍ଷା ସମ୍ମିଳନୀର ସଭାପତି ରଙ୍ଗନାଥ ସେଠୀ ଏବଂ ସାହିତ୍ୟ ସିନ୍ଧୁରାର ଆବାହକ ଗୋଲକ ବିହାରୀ ପରଡ଼ାଙ୍କ ଉଦ୍ୟମରେ ଉଭୟ ସଙ୍ଗଠନର ବ୍ରଜ କିଶୋର ଜେନା, ଶିକ୍ଷାବିତ୍ ଲକ୍ଷ୍ମୀଚରଣ ପ୍ରଧାନ, ଆଇନଜୀବୀ ରବୀନ୍ଦ୍ରନାଥ ମାନସିଂହ, ଏକତା ପରିଷଦର ସମ୍ପାଦିକା ସନ୍ଧ୍ୟା ଦେବୀ, ବିଚିତ୍ରାନନ୍ଦ ବେହେରା, କହ୍ନେଇ ସାହୁ, ସୁବାସ ଚନ୍ଦ୍ର ସେଠୀ, ନବକିଶୋର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ଜଳଛତ୍ର ଖୋଲିଛି, ପାଣି ନାହିଁ

### ଖରାରେ କାମ କରୁଛନ୍ତି ଶ୍ରମିକ

ଖୋର୍ଦ୍ଧା,୮।୪(ପ୍ରଭାତ ପାଣିଗ୍ରାହୀ)

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କୌଣସି ଶ୍ରମିକ କାମ କରିବେ ନାହିଁ ବୋଲି ଜିଲାପାଳଙ୍କ ନିର୍ଦ୍ଦେଶ ରହିଥିଲା। ତେବେ ସବୁଠି କୋଠାବାଡ଼ି ନିର୍ମାଣ କାର୍ଯ୍ୟ ଜାରି ରହିଥିବା ବେଳେ ଖରାରେ ଶ୍ରମିକମାନେ କାମ କରୁଥିବା ଦେଖିବାକୁ ମିଳିଛି। ଏପରିକି ପ୍ରଶାସନ ପକ୍ଷରୁ କରାଯାଇଥିବା ଗାଇଡ୍‌ଲାଇନ ପାଳନ କରାଯାଉ ନାହିଁ। ଠିକା ସଂସ୍ଥା ପକ୍ଷରୁ ପାନୀୟଜଳ ବ୍ୟବସ୍ଥା କରାଯାଉନଥିବା ଏକାଧିକ ଶ୍ରମିକ ଗଣମାଧ୍ୟମରେ କହିଛନ୍ତି। ସେହିପରି ବିଭିନ୍ନ ସ୍ଥାନରେ ଜଳଛତ୍ର କେନ୍ଦ୍ର ଖୋଲାଯାଇଥିଲେ ମଧ୍ୟ ସେଠାରେ ପାଣି ନ ଥିବା ଅଭିଯୋଗ ହେଉଛି।

ଖୋର୍ଦ୍ଧାର ପୁରୁଣା ବସଷ୍ଟାଣ୍ଡ, ଡାକବଙ୍ଗଳା, ନୂଆବସଷ୍ଟାଣ୍ଡ, ଗୁରୁଜଙ୍ଗ, ମୁକୁନ୍ଦପ୍ରସାଦ, ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଖୋଲା ଟେଣ୍ଟ ହାଉସ କରାଯାଇ ଜଳଛତ୍ର ବ୍ୟାନର ଲଗାଯାଇଛି। ହେଲେ ପାନୀୟଜଳ ବ୍ୟବସ୍ଥା କରାଯାଇନାହିଁ। ଫଳରେ ରାସ୍ତାରେ ଯାଉଥିବା ଯାତ୍ରୀମାନେ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। ପୌର ପ୍ରଶାସନର ଜଳଛତ୍ର ଷ୍ଟଲରେ ପାଣି ବ୍ୟବସ୍ଥା ନ ଥିବାରୁ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ପୁରୁଣା ବସଷ୍ଟାଣ୍ଡ ଏବଂ ସମବାୟ ଛକ ନିକଟରେ ଥିବା ଜଳଛତ୍ର କେନ୍ଦ୍ରରେ ଦେଖିବାକୁ ମିଳିଛି। ଏଠାରେ ପାଣି ବ୍ୟବସ୍ଥା କରାଯାଇ ନ ଥିବା ବେଳେ ଦୁଇ ଚକିଆ ଯାନବାହନ ପାର୍କିଂ ସ୍ଥଳ ପାଲଟିଛି। ସରକାରୀ କାର୍ଯ୍ୟାଳୟରେ ମଧ୍ୟ ଲୋକଙ୍କ ପାଇଁ ପାନୀୟଜଳର ବ୍ୟବସ୍ଥା କରାଯାଇ ନ ଥିବା ଦେଖିବାକୁ ମିଳିଛି। ଏଭଳି ଅଭିଯୋଗ ଜିଲାପାଳ ପାଇବା ପରେ ଲୋକଙ୍କ ପାଇଁ ପାନୀୟଜଳର ବ୍ୟବସ୍ଥା କରିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




ଜଳଛତ୍ର କେନ୍ଦ୍ରରେ ପାଣିମାଠିଆ ବଦଳରେ ବାଇକ୍ ରଖାଯାଇଛି।

# ଆଞ୍ଚଳିକ ଆଦେଶ ପ୍ରତ୍ୟାହାର ନ ହେଲେ ଆମରଣ ଅନଶନ




ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ଜଟଣୀ,୮।୪(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧାରୋଡ଼ ରେଳମଣ୍ଡଳ ଶ୍ରମିକ କଂଗ୍ରେସ ପକ୍ଷରୁ ରେଲ୍‌ୱେ ରନିଂ ଷ୍ଟାଫ୍‌ଙ୍କ ବିଭିନ୍ନ ସମସ୍ୟାକୁ ନେଇ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ, କେନ୍ଦ୍ରୀୟ ପଦାଧିକାରୀ ପ୍ରମୋଦ ସାହାଣୀ, ଏମ୍.ଜି.କେ. ରାଓ, ସୁବ୍ରତ ପଣ୍ଡା, ଶରତ ପଣ୍ଡା, ଶାଖା ସମ୍ପାଦକ ଏଲ୍.ଡି. ମହାନ୍ତି, ଜୟନ୍ତ ସାମଲ ପ୍ରମୁଖ ଯୋଗଦେଇ ରେଲ୍‌ୱେ ରନିଂ ଷ୍ଟାଫ୍‌ଙ୍କ ବିଭିନ୍ନ ସମସ୍ୟା ଉପରେ କହିଥିଲେ। ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ରନିଂ ଷ୍ଟାଫ୍‌ଙ୍କ ବିଭିନ୍ନ ପ୍ରସଙ୍ଗ ନେଇ ଗତ ୨୬ ମାର୍ଚ୍ଚରେ ଲିଖିତ ଦାବି ଜଣାଇଥିଲେ। ରେଳବୋର୍ଡ ଆଦେଶକୁ ଅମାନ୍ୟ କରି ପୂର୍ବତଟ ରେଳ ପ୍ରଶାସନ ଆଞ୍ଚଳିକ ଆଦେଶ ଦ୍ୱାରା ରନିଂ ଷ୍ଟାଫ୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସର୍ବନିମ୍ନ ୧୨୦କିମି ମାଇଲେଜ୍ ଦେବା, ପୂର୍ବଭଳି ଡ୍ୟୁଟି ପ୍ରସ୍ତୁତି ସମୟ ୧୫ ମିନିଟ୍ ପରିବର୍ତ୍ତେ ୩୦ ମିନିଟ୍ ରଖିବା, ୯ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଡ୍ୟୁଟି ନ ଦେବା, ୯ ଘଣ୍ଟାରୁ ଊର୍ଦ୍ଧ୍ୱ କାର୍ଯ୍ୟ ପାଇଁ ଓଭରଟାଇମ୍ ଦେୟରୁ ବର୍ଦ୍ଧିବା ପାଇଁ ରେଲ୍‌ୱେ ପ୍ରଶାସନ ଏକ ଆଞ୍ଚଳିକ ଆଦେଶ ଦ୍ୱାରା ମଝିରେ ଡ୍ୟୁଟି ଆୱାର୍ସ ଭଙ୍ଗ କରିବାକୁ ନିର୍ଦ୍ଧାରିତ ରନିଂରୁମ ବଦଳରେ ଛୋଟ ଛୋଟ ଷ୍ଟେଶନରେ ଥିବା ପରିତ୍ୟକ୍ତ ଗୃହରେ ଏକ ଘଣ୍ଟା ଦଶ ମିନିଟ ବିଶ୍ରାମ ଦେଇ ସେଠାରୁ ହେଡ୍‌କ୍ୱାର୍ଟରକୁ ଫେରିବା ପାଇଁ ଡ୍ୟୁଟି ଦେବା ପରିବର୍ତ୍ତେ ପୁନଃ ଆଗକୁ ଗାଡ଼ି ଚଳାଇବାକୁ ବାଧ୍ୟ କରିବା ଦ୍ୱାରା ନିଜ ଘରକୁ ଫେରିବା ପାଇଁ କର୍ମଚାରୀଙ୍କୁ ୭୨ ଘଣ୍ଟାରୁ ଅଧିକ ସମୟ ଲାଗୁଛି। ଫଳରେ ରେଲ୍‌ୱେ ଯାତ୍ରୀ ଏବଂ ମାଲ ପାରିବହନ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସୁରକ୍ଷା ଦୃଷ୍ଟିରୁ ଲଗାତାର ଚାରି ରାତି ଗାଡ଼ିଚାଳନା ବନ୍ଦ କରିବା ଭଳି ରେଳବୋର୍ଡ ଆଦେଶ ପାଳନ ପୂର୍ବକ ଆସନ୍ତା ୧୮ ତାରିଖ ସୁଦ୍ଧା ଆଞ୍ଚଳିକ ଆଦେଶ ପ୍ରତ୍ୟାହାର ନ ହେଲେ ଆମରଣ ଅନଶନ କରାଯିବ ବୋଲି ମଣ୍ଡଳ ସଂଯୋଜକ ସୁନୀଲ ଭଞ୍ଜ ଓ ଅନ୍ୟ ନେତୃବର୍ଗ ଚେତାବନୀ ଦେଇଛନ୍ତି।

# ଆଜିଠୁ ବିଦ୍ୟାଳୟ ସମୟ ନିର୍ଘଣ୍ଟରେ ପରିବର୍ତ୍ତନ

ବେଗୁନିଆ,୮।୪(ସନ୍ଧ୍ୟାରାଣୀ ମିଶ୍ର):

ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଏବଂ ଶିକ୍ଷକ ନେତାଙ୍କ ଅନୁରୋଧକ୍ରମେ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରିଣୀ ବିଦ୍ୟାଳୟ ସମୟ ନିର୍ଘଣ୍ଟରେ ପରିବର୍ତ୍ତନ କରିଛନ୍ତି । ବୁଧବାରଠାରୁ ଜିଲାର ସମସ୍ତ ବିଦ୍ୟାଳୟ ସକାଳ ୬ଟା ୩୦ରୁ ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ସୂଚନା ମୁତାବକ, ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସମସ୍ତ ବିଦ୍ୟାଳୟର ସମୟ ସକାଳ ୬ଟା ୩୦ରୁ ୧୦ଟା ୩୦ପର୍ଯ୍ୟନ୍ତ ଖୋଲା ରହିବ ବୋଲି କହିଥିଲେ। ଏହି ନିର୍ଦ୍ଦେଶ ସାରା ରାଜ୍ୟରେ କାର୍ଯ୍ୟକାରୀ ହୋଇଥିବା ବେଳେ ଖୋର୍ଦ୍ଧା ଜିଲାରେ ବିଦ୍ୟାଳୟଗୁଡିକ ୧୦ଟା ୩୦ରେ ଛୁଟି ହେଲେ ମଧ ଶିକ୍ଷକ ଶିକ୍ଷୟିତ୍ରୀମାନେ ବିଦ୍ୟାଳୟରେ ୧୨ଟା ୩୦ପର୍ଯ୍ୟନ୍ତ ରହିବେ ବୋଲି ଜିଲା ଶିକ୍ଷା ଅଧିକାରିଣୀ ତାଙ୍କ ଚିଠି ନଂ ୯୪୨ତା ୨୧.୩.୨୫ରେ ଚିଠି କରିଥିଲେ। ଫଳରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସ୍କୁଲ ଛୁଟି ପରେ ଘରକୁ ଯିବା ବେଳେ ଖରା ସହ୍ୟ କରି ନପାରି ମୁଣ୍ଡ ବୁଲାଇ ରାସ୍ତାରେ ପଡିବା ସହିତ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ନେଇ ଜିଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା

# ପାରିକୁଦ ୟୁଥ୍ କ୍ଲବ ଚାମ୍ପିୟନ

କୃଷ୍ଣପ୍ରସାଦ,୮।୪
(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପାରିକୁଦ ୟୁଥ୍ କ୍ଲବ ପକ୍ଷରୁ କୃଷ୍ଣପ୍ରସାଦଗଡ଼ ରାଜବାଟୀ ଷ୍ଟାଡିୟମଠାରେ ଚାଲିଥିବା ୩୧ତମ ବାର୍ଷିକ ବ୍ଲକସ୍ତରୀୟ କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ବଜରଙ୍ଗବାଲି କ୍ରିକେଟ ଟିମ୍ ବଡ଼ଅଁଳକୁ ହରାଇ ପାରିକୁଦ ୟୁଥ୍ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଦୀପକ କୁମାର ଜେନା, ସମ୍ମାନିତ ଅତିଥିଭାବେ ପୂର୍ବତନ ସମିତିସଭ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ, ବଡ଼ଅଁଳ ସରପଞ୍ଚଙ୍କ ପ୍ରତିନିଧି ନାଲୁ ପ୍ରଧାନ, ବ୍ୟବସାୟୀ ବବୁଲ କୁମାର ପଲେଇ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ମିଲନ କୁମାର ତରେଇ ମ୍ୟାନ ଅଫ୍ ଦି ସିରିଜ, ସବ୍ୟସାଚୀ ପ୍ରଧାନ ମ୍ୟାନ ଅଫ୍ ଦି ମ୍ୟାଚ, ଶ୍ରେଷ୍ଠ ବୋଲର କିଶାନ ସ୍ୱାଇଁ, ଶ୍ରେଷ୍ଠ ଖେଳାଳି ଟିଲୁ ମହାରଣାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କଠାରୁ ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

# ଖୋର୍ଦ୍ଧା, ବେଗୁନିଆ, ବୋଲଗଡ଼, ଜଟଣୀ ଏସ୍‌ଆର୍‌ରେ ହୋଇପାରେ ଚଢ଼ାଉ

### ଆଂଶିକ ପ୍ଲଟ ବିକ୍ରି କେଳେଙ୍କାରୀ ଘଟଣା

ଖୋର୍ଦ୍ଧା,୮।୪(ପ୍ରଭାତ ପାଣିଗ୍ରାହୀ)

ପାର୍ଟ ବା ଆଂଶିକ ପ୍ଲଟ୍ ରେଜିଷ୍ଟ୍ରେଶନ ଉପରେ ସରକାରୀ କଟକଣା ରହିଥିବା ସତ୍ତ୍ୱେ ଖୋର୍ଦ୍ଧା ଜିଲାର ବିଭିନ୍ନ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଏହାର ଖୋଲା ଉଲ୍ଲଂଘନ କରାଯାଇଛି। କଟକଣା ସମୟରେ ପାର୍ଟ ପ୍ଲଟ୍ ପଞ୍ଜୀକରଣ କରିଥିବା ୩୧ ସବ୍‌ରେଜିଷ୍ଟ୍ରାରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ଯୋଜନା କରିଥିବାବେଳେ ଖୋର୍ଦ୍ଧାର ୧୦ ସବ୍‌ରେଜିଷ୍ଟ୍ରାରଙ୍କୁ ଅତିରିକ୍ତ ଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ରିପୋର୍ଟ ତଲବ କରିଥିଲେ। ଗତ ଡିସେମ୍ବର ୯ରେ ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟର କନିଷ୍ଠ କିରାଣି ପାର୍ଟ ପ୍ଲଟ୍ ପଞ୍ଜୀକରଣ ପାଇଁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ଏହି ଘଟଣାରୁ ପ୍ରତ୍ୟେକ କାର୍ଯ୍ୟାଳୟରେ ଲାଞ୍ଚ କାରବାର ଚାଲିଥିବା ଘଟଣା ପଦାକୁ ଆସିଥିଲା। ଖଣ୍ଡଗିରି ପରେ ଖୋର୍ଦ୍ଧା, ବୋଲଗଡ଼, ବେଗୁନିଆ, ଜଟଣୀ ଏବଂ ଟାଙ୍ଗୀ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଆଂଶିକ ପ୍ଲଟ୍ ବିକ୍ରି ଉପରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡ଼ିଛି। ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ମନଇଚ୍ଛା ପ୍ଲଟ କିଣାବିକା ନେଇ ଅଭିଯୋଗ ଆସିବା ପରେ ଆଇଜିଆର୍ ପ୍ଲଟ ପଞ୍ଜୀକରଣ ଧାରା ୨୨-ଏ ଉଲ୍ଲଂଘନ ନେଇ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ବୋଲି ଖୋର୍ଦ୍ଧା ସବ୍‌ରେଜିଷ୍ଟ୍ରାରଙ୍କୁ ପକ୍ଷ ରଖିବାକୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ। ତେବେ ସେ କ'ଣ ରିପୋର୍ଟ ଦାଖଲ କଲେ, ଆଇଜିଆର ଏ ସଂକ୍ରାନ୍ତରେ କି ପଦକ୍ଷେପ ଗ୍ରହଣ କରିଛନ୍ତି, ତାହାକୁ ନେଇ ଚର୍ଚ୍ଚା ଜୋର ଧରିଛି। ଅନ୍ୟପଟେ ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗରୁ ଉଚ୍ଚ ପଦସ୍ଥ ଅଧିକାରୀ ଉପରୋକ୍ତ ୫ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଏକକାଳୀନ ଚଢ଼ାଉ ପାଇଁ ଯୋଜନା କରିଥିବା ଜଣାପଡ଼ିଛି।

ବିଭାଗୀୟ ସୂଚନା ପ୍ରକାରେ, କଟକଣା ସମୟରେ ହାତଗୁଞ୍ଜା ନେଇ ଅଧିକାରୀମାନେ ଜମି ପଞ୍ଜୀକରଣ କରିଥିବା ଜଣାପଡ଼ିଛି। ଏହି କେଳେଙ୍କାରୀ ପଛରେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରୁ ଜିଲା ପ୍ରଶାସନ ଏବଂ ଆଇଜିଆର ଅଫିସ ପର୍ଯ୍ୟନ୍ତ ଦୁର୍ନୀତିର ଚେର ଲମ୍ବିଥିବା କୁହାଯାଉଛି। ଏଥିରେ ସମ୍ପୃକ୍ତ ଥିବା ଅସାଧୁ ପ୍ରଶାସନିକ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହୋଇଥିବା ବେଳେ ଏହାର କ୍ରାଇମବ୍ରାଞ୍ଚ ଜରିଆରେ ତଦନ୍ତ ପାଇଁ ଜନ ଜାଗରଣ ପରିବାର ଆବାହକ ରଣଜିତ ମହାପାତ୍ର ଦାବି କରିଛନ୍ତି। ସୂଚନାଥାଉ କି, ୨୦୨୨ରେ ଆଂଶିକ ପ୍ଲଟ୍ ପଞ୍ଜୀକରଣ ଉପରେ କଟକଣା ଲାଗିଥିଲା। ସେବେଠାରୁ ଖୋର୍ଦ୍ଧା ଜିଲାର ବିଡିଏ ଅଞ୍ଚଳରେ ୨୨ହଜାର ୧୭୬ ପ୍ଲଟ ପଞ୍ଜୀକରଣ କରାଯାଇଥିବାବେଳେ ଭୁବନେଶ୍ୱରରେ ୭,୨୦୦, ଖଣ୍ଡଗିରିରେ ୪ହଜାର ୫୦୦, ଖୋର୍ଦ୍ଧାରେ ୧୩୦୦, ବାଲିପାଟଣାରେ ୮୮୬, ବାଲିଅନ୍ତାରେ ୪୫୩ଟି ପଞ୍ଜୀକୃତ ହୋଇଛି। ଯେଉଁ ସବୁ ଅଫିସରଙ୍କ ସମୟରେ ଏହି କେଳେଙ୍କାରୀ ହୋଇଥିଲା, ସରକାର ତାହାର ଏକ ତାଲିକା ପ୍ରସ୍ତୁତ କରିଥିବା ବେଳେ ବାଣପୁର, ବେଗୁନିଆ, ବୋଲଗଡ଼ ଏବଂ ଟାଙ୍ଗୀ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ମଧ ବେଆଇନ ପଞ୍ଜୀକରଣ ହୋଇଥିବା ଜଣାପଡ଼ିଛି। ଏହି ୪ଟି କାର୍ଯ୍ୟାଳୟର ସବ୍‌ରେଜିଷ୍ଟ୍ରାରଙ୍କୁ ମଧ ଏଡିଏମ୍ ରିପୋର୍ଟ ତଲବ କରିଥିବା ବେଳେ ଧାର୍ଯ୍ୟ ତାରିଖରେ ରିପୋର୍ଟ ଦାଖଲ ନ କଲେ କିମ୍ବା ରିପୋର୍ଟ ସନ୍ତୋଷଜନକ ନ ମିଳିଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିବା ସୂଚନା ମିଳିଛି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର

### ପୁରୀରେ ମହିଳା ଖବରଦାତା, କ୍ୟାମେରାମ୍ୟାନଙ୍କୁ ଆକ୍ରମଣ ଘଟଣା

ଖୋର୍ଦ୍ଧା,୮।୪(ପ୍ରଭାତ ପାଣିଗ୍ରାହୀ)

ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଏକ ବୈଦ୍ୟୁତିକ ଗଣମାଧ୍ୟମ ସଂସ୍ଥାର ମହିଳା ପ୍ରତିନିଧି ଏବଂ କ୍ୟାମେରାମ୍ୟାନ୍‌ଙ୍କୁ ସେବାୟତଙ୍କ ଆକ୍ରମଣ ଘଟଣାକୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଖୋର୍ଦ୍ଧାରେ ମଧ ଏହାର ପ୍ରତିବାଦ କରାଯାଇଛି। ମଙ୍ଗଳବାର ଷ୍ଟେଟ ୟୁନିୟନ ଅଫ୍ ଜର୍ନାଲିଷ୍ଟସ(ଏସ୍‌ୟୁଜେ) ଓଡ଼ିଶା ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆକ୍ରମଣକାରୀ ସେବାୟତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଏସ୍‌ୟୁଜେର ଜିଲା ସଭାପତି ଉମାକାନ୍ତ ସାମନ୍ତରାୟ, ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାନ୍ତି, ରାମଚନ୍ଦ୍ର ସାହୁ, ମନୋଜ ସାହୁ, ମାନସ ଦାସ, ଦିଲୀପ କୁମାର ମହାନ୍ତି ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ସେହିପରି ଜିଲା ପ୍ରେସ କ୍ଲବ ସଭାପତି ଶୁଭ୍ରାଂଶୁ ସାମନ୍ତରାୟ, ସମ୍ପାଦକ ଦିଲୀପ ପଟ୍ଟନାୟକ, ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ ସଭାପତି ପ୍ରକାଶ ହାତୀ, ପ୍ରବୀଣ ଭଞ୍ଜ, ଓୟୁଜେ ପ୍ରାନ୍ତ ସମ୍ପାଦକ ପ୍ରସନ୍ନ ପାଇକରାୟ, ଜିଲା ସଭାପତି ତପନ କୁମାର ନାୟକ, ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର, ଉତ୍କଳ ସାମ୍ବାଦିକ ସଂଘ ଜିଲା ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା, କାର୍ଯ୍ୟକାରୀ ସଦସ୍ୟ ସତ୍ୟନାରାୟଣ ବିଶୋୟୀ, ଶୁଭକାନ୍ତ ମହାପାତ୍ର ପ୍ରମୁଖ ଜଣେ ମହିଳା ସାମ୍ବାଦିକାଙ୍କୁ ଏକାଧିକ ସେବାୟତ ଗାଲିଗୁଲଜ କରିବା ସହ ମାଡ଼ ମାରିବା ଘଟଣାକୁ ନିନ୍ଦା କରିଛନ୍ତି। ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।



ଷ୍ଟେଟ ୟୁନିୟନ ଅଫ୍ ଜର୍ନାଲିଷ୍ଟସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**୨୫ ୟୁନିଟ୍ ରକ୍ତ ସଂଗ୍ରହ**

ସାକ୍ଷୀଗୋପାଳ,(ଭରତ ରାଉତ)- ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ସଭାଗୃହରେ ଯୁବ ରେଡ୍‌କ୍ରସ ଓ ନେକ୍ସସ ଫାଉଣ୍ଡେଶନର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ସତ୍ୟଶିବ ସୁନ୍ଦର ମିଶ୍ର ଶିବିରର ଉଦ୍‌ଘାଟନ କରିଥିଲେ। ଶିବିରଟି ଆର୍‌ସିଆର୍‌ବିସି ଶାଖାର ମୁଖ୍ୟ ଡ. ପ୍ରଦୀପ ମହାରଣା ଓ ତାଙ୍କ ଟିମ୍ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଇତିହାସ ବିଭାଗ ମୁଖ୍ୟ ଅଧାପିକା ସ୍ୱର୍ଣ୍ଣଲତା ମାହାରୀ ଏବଂ ଅର୍ଥନୀତି ବିଭାଗ ମୁଖ୍ୟ ଜିତେନ କୁମାର ଦାସ, ନେକ୍ସସ ହେଲ୍ଥ ଫାଉଣ୍ଡେଶନର ସସ୍ମିତା ଦାସ, ସଭାପତି ସୁବ୍ରତ ମଲ୍ଲିକ, ରାଜେଶ ଜେନା, ନିର୍ମଳକୃଷ୍ଣ ମହାନ୍ତି, ଅଲେଖ ମହାରଣା, ଅଭିଜିତ ଜେନା, ସତ୍ୟନାରାୟଣ ସାହୁ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ୨୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୮।୪।୨୦୨୫

| | |
|---|---|
| ୪,୫୧,୪୧୫ ଟଙ୍କା | |
| ସୁନା | ୨୫୦ ମିଲି ଗ୍ରାମ୍ |
| ରୁପା | ୯.୫୦୦ ଗ୍ରାମ୍ |

# ସୀତା ବିବାହ, ପର୍ଶୁରାମ କଳାହରଣ ନୀତି ସମ୍ପନ୍ନ

ପୁରୀ,୮।୪(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିରରେ ରାମନବମୀ ତିଥିରେ ଶ୍ରୀରାମ ଜନ୍ମନୀତି ଅନୁଷ୍ଠିତ ହେବା ସହ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ପାରମ୍ପରିକ ସମରକଳା ନୃତ୍ୟ ଆରମ୍ଭ ହୋଇଛି। ଶ୍ରୀମନ୍ଦିରର ରୀତିନୀତି ଓ ପରମ୍ପରା ଅନୁଯାୟୀ ରାମନବମୀଠାରୁ ରାମ ଅଭିଷେକ ପର୍ଯ୍ୟନ୍ତ ଶ୍ରୀକ୍ଷେତ୍ରରେ ସାହିଯାତ ଅନୁଷ୍ଠିତ ହୋଇଥାଏ। ଚୈତ୍ର ଶୁକ୍ଳପକ୍ଷ ଏକାଦଶୀ ତିଥିରେ ସୀତା ବିବାହ ନୀତି ସହ ପର୍ଶୁରାମ କଳାହରଣ ନୀତି ସମ୍ପନ୍ନ ହୋଇଛି। ମଙ୍ଗଳବାର ସକାଳେ ହରଚଣ୍ଡୀ ସାହିରୁ ପର୍ଶୁରାମ ବାହାରି ସାତସାହି ପରିକ୍ରମା କରି ରଣକୌଶଳ ପ୍ରଦର୍ଶନ କରିଥିଲେ।

ବୀରବାଦ୍ୟର ତାଳେ ତାଳେ ନୃତ୍ୟ ପ୍ରଦର୍ଶନ କରି ସାତସାହି ପରିକ୍ରମା କରିଥିଲେ। ସେହିପରି ସନ୍ଧ୍ୟାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପରେ ଦକ୍ଷିଣୀ ଘରୁ ରାମଚନ୍ଦ୍ର, ଲକ୍ଷ୍ମଣ ଏବଂ ସୀତାଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ

### ସାହିଯାତର ତୃତୀୟ ଦିବସ

ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରାମ, ଲକ୍ଷ୍ମଣ ଏବଂ ସୀତାଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟରେ ଥିବା ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ।

ଠାକୁରମାନେ ଜଗନ୍ନାଥବଲ୍ଲଭ ପରିସରରେ ପହଞ୍ଚିବା ପରେ ଠାକୁରଙ୍କୁ ମଠର ଖଟଶେଯ ଉପରକୁ ବିଜେ କରାଯାଇଥିଲା। ଅପରପକ୍ଷରେ ସାହିଯାତର ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ପର୍ଶୁରାମ ନୀତି ପ୍ରସ୍ତାବ ଆଗତ କରାଯାଇଥିଲା। ହରଚଣ୍ଡୀ ସାହି ଆଖଡ଼ାରୁ ପର୍ଶୁରାମ ଚରିତ୍ରରେ ପଟୁଆରରେ ସାହି ଏବଂ ବାଦି ସାହି ପରିକ୍ରମା କରି ବିଳମ୍ବିତ ରାତିରେ ଜଗନ୍ନାଥବଲ୍ଲଭ ପରିସରରେ



ହରଚଣ୍ଡୀ ସାହିଯାତରେ ପର୍ଶୁରାମ ନୀତି ପାଇଁ ଯାଉଛନ୍ତି ।

ପହଞ୍ଚି ବିଭିନ୍ନ କଳାକୌଶଳ ଏବଂ ନୃତ୍ୟ ପ୍ରଦର୍ଶନ କରିଥିଲେ। ସେଠାରେ ଶିବଧନୁ ଭଙ୍ଗ ହେବା ସହ ପର୍ଶୁରାମ କଳାହରଣ ନୀତି ଅନୁଷ୍ଠିତ ହୋଇଥିଲା। ପରେ ମା' ସୀତାଙ୍କ ବିବାହ ନୀତି ସମ୍ପାଦନ କରାଯାଇଥିଲା। ଠାକୁରଙ୍କୁ ଶୀତଳଭୋଗ ମଣୋହି କରାଯିବା ପରେ ଠାକୁରମାନେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସେହିପରି ହରଚଣ୍ଡୀ ସାହି ବିଭିନ୍ନ ଜାଗାଗୁଡ଼ିକରୁ କାଳୀମେଢ଼, ଫୁଲମେଢ଼, ହନୁମାନ ମେଢ଼, ହର ପାର୍ବତୀ ମେଢ଼ ସହ ବିଭିନ୍ନ ସମର କଳା ପ୍ରଦର୍ଶନ କରାଯାଇଥିଲା। କୁନି କୁନି ପିଲା ମଧ୍ୟ ମେଢ଼ ବନ୍ଧାଇ ସାହିଯାତରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ପୁରୀବାସୀ ସାହିଯାତରେ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

## ନେତାଜୀଙ୍କ ପ୍ରତିମୂର୍ତ୍ତି ଅନାବରଣ କଲେ ଏମ୍‌ପି

ପୁରୀ,୮।୪(ଅଜିତ୍ କୁମାର ମହାନ୍ତି)

ପୁରୀ–କୋଣାର୍କ ରାସ୍ତାର ବାଲିଗୁଆଳି ପଞ୍ଚାୟତ ଅନ୍ତର୍ଗତ ପୂଜାପଣ୍ଡା ପେଟ୍ରୋଲ ଟାଙ୍କି ନିକଟରେ ଥିବା ନେତାଜୀନଗର ଛକରେ ମଙ୍ଗଳବାର ପୁରୀ ଏମ୍‌ପି ସମ୍ବିତ ପାତ୍ର ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିକୁ ଅନାବରଣ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ପାତ୍ର କହିଛନ୍ତି, ନୂଆସାହିରେ ଅନେକ ଅସୁବିଧା ରହିଛି, ତାହାକୁ ଶୀଘ୍ର ସମାଧାନ କରାଯିବ। ପୁରୀ ସହର, ପୁରୀ ସଦର ଅଞ୍ଚଳର ବିକାଶ ପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ମୁଖ୍ୟବକ୍ତା ଭାବେ ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଡବଲ ଇଞ୍ଜିନ ସରକାର ପୁରୀର ବିକାଶକୁ ଅଗ୍ରାଧିକାର ଦେଉଛନ୍ତି ବୋଲି କହିଥିଲେ। ଆୟୋଜିତ ଅନାବରଣ ଉତ୍ସବରେ ସାହିର ସଭାପତି ଗୌରୀଶଙ୍କର ମିଶ୍ର ଅଧ୍ୟକ୍ଷତା କରିଥିଲେ। ସାହିର ସମ୍ପାଦକ ବିନୟ କୁମାର ଦାସ ରାସ୍ତା, ଗେଟ୍, ଡ୍ରେନ, ପାନୀୟଜଳ, ବିଦ୍ୟୁତ୍ ଅସୁବିଧା ସମ୍ପର୍କରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଭାଜପା ସଭାପତି ଦେବେନ୍ଦ୍ର ନାଥ ତରାଇ, ଯୁବନେତା ରାଜକୁମାର ମିଶ୍ର, ପୂର୍ବତନ ମଣ୍ଡଳ ସଭାପତି ହରିହର ମହାପାତ୍ର, ମନୋରଞ୍ଜନ ପ୍ରଧାନ, ବଡ଼ଶଙ୍ଖ ଗଣେଶପୂଜା କମିଟି ସଭାପତି ସନ୍ଦୀପ କୁମାର ଦାସ, ପୂର୍ବତନ ବିଇଓ କାର୍ତ୍ତିକ ଚନ୍ଦ୍ର ବେହେରା ଯୋଗଦେଇ ସାହିର ଉନ୍ନତି ସମ୍ପର୍କରେ ମତ ରଖିଥିଲେ। ଉତ୍ସବରେ ନେତାଜୀ ନଗର କମିଟି ସଦସ୍ୟବୃନ୍ଦ, ଆଖପାଖ ସାହି ବାସିନ୍ଦାମାନେ ଯୋଗ ଦେଇଥିଲେ। ପ୍ରାରମ୍ଭରୁ ବ୍ରାହ୍ମଣ ସୁରେନ୍ଦ୍ର ତ୍ରିପାଠୀ ମନ୍ତ୍ର ଉଚ୍ଚାରଣ ସହ ପ୍ରତିଷ୍ଠା ହୋମ କରିଥିଲେ। ସାହିବାସିନ୍ଦା ରଶ୍ମିରାଣୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ନାଗରିକ ସଂଘର ବାର୍ଷିକୋତ୍ସବ

ପିପିଲି,୮।୪(ପ୍ରଭାତ ମହାପାତ୍ର)

ପିପିଲି ଜବାହର ବିଦ୍ୟାପୀଠ ପରିସରରେ ବରିଷ୍ଠ ନାଗରିକ ସଂଘର ୫ମ ବାର୍ଷିକୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଅଛି। ସଂଘ ସଭାପତି ସଚ୍ଚିଦାନନ୍ଦ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ରାଜ୍ୟ ବରିଷ୍ଠ ନାଗରିକ ସଂଘର ପ୍ରଭାରୀ ଯୁଗଳ କିଶୋର ସାହୁ, ପିପିଲି ସଂଘ ସମ୍ପାଦକ ଲକ୍ଷ୍ମୀଧର ପରିଡ଼ା, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର କଣ୍ଡ, ବିଶିଷ୍ଟ ଲେଖକ ବୃନ୍ଦାବନ ଜେନା, ଡାକ୍ତର ଉସିମ ଉଦ୍ଦିନ ଅହମଦ, ପ୍ରଧାନ ଶିକ୍ଷକ ପିତବାସ ସେଠୀ ପ୍ରମୁଖ ଯୋଗଦେଇଥିଲେ। ବରିଷ୍ଠ ନାଗରିକଙ୍କ ବିଭିନ୍ନ ସରକାରୀ ସୁବିଧା ଓ ଲାଗୁ ହେବାକୁ ଥିବା ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ବିଷୟରେ ବିଧାୟକ ମନ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଯୁଗଳ କିଶୋର ସାହୁ ବରିଷ୍ଠ ନାଗରିକଙ୍କ ସମସ୍ୟା, ସମାଧାନ ଦୃଷ୍ଟିରୁ ସାମାଜିକ ଓ ଆଇନଗତ ବିଭିନ୍ନ ଦିଗର ଆଲୋଚନା କରି ସରକାରଙ୍କ ନିକଟରେ ୬୧ରୁ ୬୯ ବର୍ଷ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ସୁରକ୍ଷାରୁ ବଞ୍ଚିତ ହେଉଥିବା ଉପସ୍ଥାପନ କରିଥିଲେ। ସ୍ନାୟୁ ରୋଗ ବିଶେଷଜ୍ଞ ଡାକ୍ତର ସୌମ୍ୟରଞ୍ଜନ ରଣା ବୟସଗତ ଅନେକଗୁଡ଼ିଏ ରୋଗ ଓ ତାର ନିରାକରଣ ଉପାୟ ଓ ଭ୍ରମ ଧାରଣା ଦୂର ନିମନ୍ତେ ଅନେକ ଉପାଦେୟ ପରାମର୍ଶ ଦେଇଥିଲେ। ବରିଷ୍ଠ ନାଗରିକଙ୍କ ପାଇଁ କୌଣସି ବୈଠକ ଗୃହ କି ଅବସର ବିନୋଦନ ସ୍ଥାନ ନାହିଁ ବୋଲି ମନ୍ତବ୍ୟରେ ମତ ପ୍ରକାଶ ପାଇଥିଲା। କଳାକାରଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶିତ ହୋଇଥିଲା।




ବାର୍ଷିକ ଉତ୍ସବରେ ବିଧାୟକ ଆଶ୍ରିତ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ।

## ସଂକ୍ଷେପରେ

### ପୂର୍ବ ଶତ୍ରୁତାରୁ ମାଛ ପୋଖରୀରେ ବିଷ ପକାଇଲେ

କାକଟପୁର/ଅସ୍ତରଙ୍ଗ,୮।୪
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେତେଜଣ ଦୁର୍ବୃତ୍ତ ଜଣେ ବ୍ୟକ୍ତିଙ୍କ ପୋଖରୀରେ ବିଷ ପକାଇ ଦେଇଛନ୍ତି। ଫଳରେ ସେ ଚାଷ କରିଥିବା ଲକ୍ଷାଧିକ ଟଙ୍କାର ମାଛ ମରି ଭାସୁଥିବା ଦେଖିବାକୁ ମିଳିଛି। ଏନେଇ ଅସ୍ତରଙ୍ଗ ଥାନା ଅଧୀନ ସହନ ଗ୍ରାମର ମନୋଜ ନାୟକ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ଅସ୍ତରଙ୍ଗ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ମନୋଜଙ୍କ ସହ କେତେଜଣ ବ୍ୟକ୍ତି ଧାରକରଜ କରି ପୋଖରୀରେ ମାଛଚାଷ କରିଥିଲେ। ସୋମବାର ରାତ୍ରିରେ କେତେଜଣ ଦୁର୍ବୃତ୍ତ ଉକ୍ତ ପୋଖରୀରେ ବିଷ ପକାଇ ଦେଇଥିଲେ। ଫଳରେ ମଙ୍ଗଳବାର ସକାଳୁ ମାଛ ସବୁ ପୋଖରୀରେ ଭାସୁଥିବା ଦେଖିବାକୁ ମିଳିଥିଲା।

### କାର୍ଯ୍ୟରେ ଅବହେଳା, କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର

ପୁରୀ,୮।୪(ଅଜିତ୍ କୁମାର ମହାନ୍ତି)

କାର୍ଯ୍ୟରେ ଅବହେଳା କରୁଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରି ସାମାଜିକ କର୍ମୀ ଦିଲୀପ କୁମାର ବରାଳ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଏଡିପିଏଚଓ (ଡିସି) ଡ. ନାରାୟଣ ନନ୍ଦ ଆର୍‌ଟିଆଇ ସେଲ୍‌ର ଲୋକ ସୂଚନା ଅଧିକାରୀ ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ମାତ୍ର ଦୁର୍ନୀତିରେ ଲିପ୍ତଥିବା ମହିଳା କର୍ମଚାରୀ ଏବଂ କାର୍ଯ୍ୟରେ ଠକୁଥିବା ମହିଳା ଡାକ୍ତରଙ୍କ ବିରୋଧରେ ହୋଇଥିବା ତଦନ୍ତ ରିପୋର୍ଟ ପ୍ରଦାନ କରୁନାହାନ୍ତି। ତେବେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ତଥ୍ୟ ପ୍ରଦାନ କରିବା ପାଇଁ ଲୋକ ସୂଚନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୧୫ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଘଟଣାକୁ ୪୫ ଦିନ ବିତିଯାଇଥିଲେ ସୁଦ୍ଧା ତଦନ୍ତ ରିପୋର୍ଟ ନ ଦେଇ ତଦନ୍ତ ରିପୋର୍ଟର ସାରାଂଶ ଦେଇଛନ୍ତି। ଅଭିଯୁକ୍ତଙ୍କୁ ସୁରକ୍ଷା ପ୍ରଦାନ କରିବାକୁ ଚେଷ୍ଟା କରୁଛନ୍ତି। ତେଣୁ ଘଟଣାର ତଦନ୍ତ କରି ସୂଚନା ପ୍ରଦାନ କରୁ ନ ଥିବାରୁ ଡା. ନନ୍ଦଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ବରାଳ ଦାବି କରିଛନ୍ତି।

# ବିକଶିତ ଗାଁ ବିକଶିତ ଓଡ଼ିଶା ପ୍ରକଳ୍ପ ଅନୁମୋଦନ

### କାକଟପୁର ପଞ୍ଚାୟତ ସମିତିର ସ୍ୱତନ୍ତ୍ର ବୈଠକ

କାକଟପୁର/ଅସ୍ତରଙ୍ଗ,୮।୪
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)



ପଞ୍ଚାୟତ ସମିତି ସ୍ୱତନ୍ତ୍ର ବୈଠକରେ ବିଧାୟକ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ ।

କାକଟପୁର ବ୍ଲକ ପରିସର ସଭାଗୃହରେ ମଙ୍ଗଳବାର ପୂର୍ବାହ୍ନରେ କାକଟପୁର ପଞ୍ଚାୟତ ସମିତି ବୈଠକ ଅଧ୍ୟକ୍ଷ ଶ୍ରୀଧର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପୁରୀ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ବିଡିଓ ବିଷ୍ଣୁ ଗୋବିନ୍ଦ, ସହକାରୀ ଯନ୍ତ୍ରୀ ସ୍ନେହାଶିଷ ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ନାମରେ କାକଟପୁର ବ୍ଲକରେ ହେବାକୁ ଥିବା ବିଭିନ୍ନ ପ୍ରକଳ୍ପ ଓ ବ୍ଲକର ପଞ୍ଚାୟତ ଉନ୍ନୟନ ଯୋଜନାର ୫ ବର୍ଷୀୟା ଆକ୍ସନ ପ୍ଲାନ ପ୍ରସ୍ତୁତି ବିଷୟରେ ଆଲୋଚନା କରାଯାଇ ସର୍ବସମ୍ମତିକ୍ରମେ ପ୍ରସ୍ତାବ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା।

ବୈଠକରେ ଅବଦାନ, କୁରୁଜଙ୍ଗ, କାଦୁଆ ନୂଆଗାଁ ପଞ୍ଚାୟତରେ ମୁଖ୍ୟତଃ ପାନୀୟ ଜଳ ସମସ୍ୟା ସମ୍ପର୍କରେ ସରପଞ୍ଚ ପ୍ରସ୍ତାବ ଆଗତ କରିଥିବା ବେଳେ ସୁହାଣପୁର ପଞ୍ଚାୟତରେ ଗତ ୭ବର୍ଷ ହେବ ହରିଶ୍ଚନ୍ଦ୍ର ଯୋଜନା ମିଳି ନ ଥିବା ପ୍ରସ୍ତାବ ସରପଞ୍ଚ ଉପସ୍ଥାପନ କରିଥିଲେ। ଏହାସହ କୁଣ୍ଢେଇ ପଞ୍ଚାୟତ ସମିତିସଭ୍ୟ ହାଟ ନିଲାମ ସମ୍ପର୍କରେ ବୈଠକରେ କହିଥିଲେ। ବିଧାୟକ ତୁଷାରକାନ୍ତି ବେହେରା କହିଛନ୍ତି, ୨.୬୦ କୋଟି ଟଙ୍କାର ପ୍ରକଳ୍ପକୁ ଉପସ୍ଥାପନା କରିଥିବା ସହ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ଉପସ୍ଥିତ ବ୍ୟକ୍ତିବିଶେଷଙ୍କୁ ଅବଗତ କରାଇଥିଲେ। ସେହିଭଳି ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଭିତ୍ତିଭୂମି ନିର୍ମାଣ ପାଇଁ କୋଠଘର, ବିଦ୍ୟାଳୟ ଘର, ଭାଗବତ ଟୁଙ୍ଗି, ଗ୍ରାମରାସ୍ତା ଆଲୋକୀକରଣ ଓ ରାସ୍ତା ନିର୍ମାଣ ବାବଦରେ ଖର୍ଚ୍ଚ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଉକ୍ତ ଯୋଜନାରେ ପଞ୍ଚାୟତର ଲୋକସଂଖ୍ୟା ଅନୁସାରେ ପଞ୍ଚାୟତକୁ ଅନୁଦାନ ମିଳିବ ବୋଲି ଅତିଥି ସୂଚନା ଦେଇଥିଲେ। ଯୋଜନା କାର୍ଯ୍ୟକାରୀ ହେବାକୁ ଥିବା ସମସ୍ତ ପ୍ରକଳ୍ପକୁ ସର୍ବସମ୍ମତିକ୍ରମେ ଅନୁମୋଦନ ଲାଭ କରାଯିବ। ବୈଠକରେ କାକଟପୁର ବ୍ଲକ ଅଧୀନ ୧୬ଗୋଟି ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ବିଭିନ୍ନ ପଞ୍ଚାୟତର ଜିଆର୍‌ଏସ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ସବୁ ବିଭାଗ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



ପୁରୀ ବ୍ୟାଙ୍କ କଲୋନିଠାରେ ମହିଳାମାନେ ଚୈତ୍ର ମଙ୍ଗଳବାର ଶେଷ ପାଳିରେ ପଛେଇ ପୂଜା କରୁଛନ୍ତି ।

## ମରଣାନ୍ତକ ଆକ୍ରମଣ ଅଭିଯୋଗରେ ୫ ଗିରଫ

ପୁରୀ,୮।୪(ଅଜିତ୍ କୁମାର ମହାନ୍ତି)

ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ତାଳବଣିଆ ଥାନା ପୋଲିସ ୫ ଜଣଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସନ୍ତୋଷ କୁମାର ଦାଶ, କୃଷ୍ଣ ଦଳାଇ, ନାରାୟଣ ପ୍ରଧାନ, ମନୋଜ ବେହେରା ଏବଂ ରବି ପ୍ରଧାନ। ପୋଲିସ ସେମାନଙ୍କ ନିକଟରୁ ୨ଟି ଖଣ୍ଡା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ସିଦ୍ଧମହାବୀର ଦାଦାବାଡ଼ି ଅଞ୍ଚଳର ଆୟୁଷ କୁମାର ମହାନ୍ତିଙ୍କ ଥାନାରେ ଲିଖିତ ଅଭିଯୋଗ, ଗତ ୬ ତାରିଖରେ ସେ ଘରେ ଥିବା ସମୟରେ ମନୋଜ ଏବଂ ତାଙ୍କ ଘର ନିକଟର ୩ ଜଣ ବ୍ୟକ୍ତି ଆସି ତାଙ୍କୁ ଓ ତାଙ୍କ ବାପାଙ୍କୁ ଗାଳିଗୁଲଜ ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ତେବେ ଅଭିଯୁକ୍ତମାନେ ସୋମବାର ଆୟୁଷଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏନେଇ ଆୟୁଷ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଥାନାକୁ ନେବା ସହ କୋର୍ଟ ଚାଲାଣ କରିଛି।

## ଜେଟିପିଙ୍କ ପ୍ରଶିକ୍ଷଣ ଶିବିର

ପୁରୀ,୮।୪(ଅଜିତ୍ କୁମାର ମହାନ୍ତି)

ସେବାୟତଙ୍କ ୨ଦିନିଆ ପ୍ରଶିକ୍ଷଣ ପରେ ଶ୍ରୀଜଗନ୍ନାଥ ଟେମ୍ପୁଲ ପୋଲିସ ବା ଜେଟିପିଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମଙ୍ଗଳବାର ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଶ୍ରୀମନ୍ଦିରର ନୀତି ପ୍ରଶାସକ, ଉନ୍ନୟନ ପ୍ରଶାସକ ଏବଂ ସୁରକ୍ଷା ପ୍ରଶାସକଙ୍କ ଉପସ୍ଥିତିରେ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ଜେଟିପିଙ୍କୁ ଶୃଙ୍ଖଳା ଜ୍ଞାନ, ଆଚାର ବ୍ୟବହାର, ସମୟାନୁବର୍ତ୍ତିତା ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ନେଇ ପ୍ରଶିକ୍ଷଣ ଦିଆଯାଇଛି। ପ୍ରଶିକ୍ଷଣ ସଫଳ ଆୟୋଜନ ସକାଶେ ଧନ୍ୟବାଦ ଜ୍ଞାପନ ସହିତ ସମସ୍ତ ଜେଟିପି ଉତ୍ସର୍ଗୀକୃତ ଭାବେ ତଥା ଉତ୍ତରଦାୟିତ୍ୱର ସହ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ପରାମର୍ଶ ଦେଇଛନ୍ତି। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର କାର୍ଯ୍ୟାଳୟର କର୍ମଚାରୀଙ୍କ ପାଇଁ ମଧ୍ୟ ତାଲିମ ଶିବିର ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## ରକ୍ତଦାନ ଅଭିଯାନରେ ୩୦ ୟୁନିଟ୍ ସଂଗ୍ରହ

ପୁରୀ,୮।୪(ଅଜିତ୍ କୁମାର ମହାନ୍ତି)

ଓଡ଼ିଆ ପକ୍ଷ ପାଳନର ୮ମ ଦିବସର କାର୍ଯ୍ୟସୂଚୀ ଅନୁସାରେ ମଙ୍ଗଳବାର ରକ୍ତଦାନ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ରକ୍ତଦାନ ଅଭିଯାନର ଶୁଭାରମ୍ଭ କରିଥିଲେ। ଏହି ଅଭିଯାନରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

କାର୍ଯ୍ୟକ୍ରମରେ ରେଡ୍‌କ୍ରସ ଅଧିକାରୀ ତଥା ଡେପୁଟି କଲେକ୍ଟର ମନୀଷା ଷଡ଼ଙ୍ଗୀ, ଯୋଜନା ଓ ପର୍ଯ୍ୟାଲୋଚନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଧର ସେଠୀ, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ରକ୍ତଭଣ୍ଡାର ଅଧିକାରୀ ଡା. ଦୀପକ କୁମାର ସାହୁ, ଶ୍ରୀଜଗନ୍ନାଥ ମେଡିକାଲ କଲେଜର ଆସିଷ୍ଟାଣ୍ଟ ପ୍ରଫେସର ଡା. ବିନୋଦ କୁମାର ସାହୁ, ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟର ପ୍ରୋଗ୍ରାମ ଅଫିସର ଚନ୍ଦ୍ରପ୍ରଭା ଦେଈ, ଭାରତ ବିକାଶ ପରିଷଦର ସମ୍ପାଦକ ସନ୍ତୋଷ କୁମାର ମହାନ୍ତି, ସଦସ୍ୟ ବିଶ୍ୱଶାନ୍ତି ତ୍ରିପାଠୀ, କୁମାର ଭୀମସେନ, ହରପ୍ରସାଦ ମହାପାତ୍ର, ସୁପ୍ରୀତି ରଥ, ରେଡ୍‌କ୍ରସ କାର୍ଯ୍ୟନିର୍ବାହୀ ସଦସ୍ୟ ଶ୍ୟାମ ପ୍ରକାଶ ସେନାପତି, ବଡ଼ଶଙ୍ଖ ଯୁବ ସାଂସ୍କୃତିକ ପରିଷଦର ସମ୍ପାଦକ ଲକ୍ଷ୍ମୀ ନାରାୟଣ ଦାସ, ସଦସ୍ୟ ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗ ଦେଇ ରକ୍ତଦାନ ଅଭିଯାନକୁ ପରିଚାଳନା କରିଥିଲେ। ରକ୍ତଭଣ୍ଡାର କର୍ମଚାରୀ ଦୀପ୍ତି ରଞ୍ଜନ ନାୟକ, ମାନସ ରଞ୍ଜନ ନାୟକ, ଶକ୍ତିକାନ୍ତ ମହାପାତ୍ର ଓ ଅମିତ କୁମାର ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଭାରତ ବିକାଶ ପରିଷଦ, ବଡ଼ଶଙ୍ଖ ଯୁବକ ସଂଘର କର୍ମକର୍ତ୍ତା, ଜିଲା ଶିକ୍ଷା ପ୍ରତିଷ୍ଠାନ, ଏସ୍‌ସିଏସ୍ କଲେଜ, ସୁରଜମଲ୍ଲ ସାହା କଲେଜ, ଅଲାରନାଥ ଧନ୍ଦାମୂଳକ କଲେଜର ଛାତ୍ରୀଛାତ୍ରମାନେ ରକ୍ତଦାନ କରିଥିଲେ। ରେଡ୍‌କ୍ରସ ଶାଖାର କର୍ମଚାରୀ ଆଦିତ୍ୟ କୁମାର ବରାଳ ଓ ବିଶ୍ୱ ଭୂଷଣ ଦାସ ରକ୍ତଦାନ ଶିବିର ପରିଚାଳନା କରିଥିଲେ।

# ଋଣଦେବା ଆଳରେ ଗ୍ରାମାଞ୍ଚଳ ମହିଳାଙ୍କୁ ଲୁଟୁଛନ୍ତି ଘରୋଇ ବ୍ୟାଙ୍କ

ସାକ୍ଷୀଗୋପାଳ,୮।୪(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର)

### ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଲଗୁମ ଓ ନିମାପଡ଼ା ଶାଖା ପକ୍ଷରୁ ବୃହତ୍ ଋଣ ମେଳା

ଅନେକ ଘରୋଇ ବ୍ୟାଙ୍କ ଗ୍ରାମାଞ୍ଚଳରେ ଥିବା ଅସହାୟ ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ବିଭିନ୍ନ ପ୍ରକାର ମିଥ୍ୟା ପ୍ରଲୋଭନ ଦେଖାଇ ଋଣ ପ୍ରଦାନ କରୁଛନ୍ତି। ପରବର୍ତ୍ତୀ ପର୍ଯ୍ୟାୟରେ ସେମାନଙ୍କଠାରୁ ଋଣ ଶୁଝିବା ନିମନ୍ତେ କିସ୍ତି ବାବଦକୁ ମୂଳ ଟଙ୍କାର ପାଖାପାଖି ୨୪ ପ୍ରତିଶତ ସୁଧ ଅସୁଲ କରୁଛନ୍ତି। ଠିକ୍ ସମୟରେ କିସ୍ତି ପୈଠ ନ କଲେ ଧମକ ସହ ମାନସିକ ନିର୍ଯାତନା ଦେଉଛନ୍ତି, ଯଦ୍ୱାରା ଆମ ମା', ଭଉଣୀଙ୍କ କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଅପେକ୍ଷା ଆର୍ଥିକ ଶୋଷଣର ଶିକାର ହୋଇ ଆତ୍ମହତ୍ୟା ଭଳି ଚରମ ପନ୍ଥା ବାଛୁଛନ୍ତି। ତେଣୁ କୌଣସି ଘରୋଇ ବ୍ୟାଙ୍କରୁ ଋଣ ନ ନେଇ ଜାତୀୟ ବ୍ୟାଙ୍କରୁ ଋଣ ନେବା ଉଚିତ୍। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଲଗୁମ ଶାଖା ଓ ନିମାପଡ଼ା ଶାଖାର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏକ ବୃହତ୍ ଋଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ଯୋଗଦେଇ ଉପରୋକ୍ତ କଥା କହିଥିଲେ। ଶିବିରରେ ଉକ୍ତ ବ୍ୟାଙ୍କ ଶାଖା ପରିଚାଳକ ଅମିୟ ପ୍ରସାଦ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ରୂପେ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ମୁଖ୍ୟ ପରିଚାଳକ ମୁକୁନ୍ଦ କର୍ଣ୍ଣ ଓ ସମ୍ମାନିତ ଅତିଥି ରୂପେ ସତ୍ୟବାଦୀ ବିଡିଓ ଦେବାଶିଷ ନାୟକ ପ୍ରମୁଖ ଯୋଗଦେଇଥିଲେ। ପ୍ରଥମେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଓ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରତିଷ୍ଠାତା ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ, ନିମାପଡ଼ା ଶାଖା ପରିଚାଳକ ଧୀରେନ୍ଦ୍ର ବେହେରା ପ୍ରାରମ୍ଭିକ ସୂଚନା, ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟ ଅତିଥିମାନେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ରହିଥିବା ବ୍ୟାଙ୍କର ବିଭିନ୍ନ ଋଣ ସୁବିଧା ସୁଯୋଗ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପରେ ଅତିଥି କେତେଜଣ ମହିଳା ଗୋଷ୍ଠୀ ସଦସ୍ୟାଙ୍କୁ ଚେକ୍ ପ୍ରଦାନ କରିଥିଲେ। କର୍ମଚାରୀ ସାନୁପ୍ରଭା ସାହୁ ଧନ୍ୟବାଦ ଦେଇଥିଲେ। ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




କାର୍ଯ୍ୟକ୍ରମରେ ଜଣେ ମହିଳାଙ୍କୁ ବିଧାୟକ ଓମ୍‌ପ୍ରକାଶ ମିଶ୍ର ଚେକ୍ ପ୍ରଦାନ କରୁଛନ୍ତି।

# କାର୍ଯ୍ୟାନୁଷ୍ଠାନ ଦାବିରେ ଜିଲାପାଳ, ଏସ୍‌ପିଙ୍କୁ ଦାବିପତ୍ର

ପୁରୀ,୮।୪(ଅଜିତ୍ କୁମାର ମହାନ୍ତି)

ରାମନବମୀରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଖବରଦାତାଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର ଘଟଣାରେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ। ତେଣୁ ସମଗ୍ର ରାଜ୍ୟରେ ଖବରଦାତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହ ପରିପ୍ରେକ୍ଷୀରେ ମଙ୍ଗଳବାର ସନ୍ଧ୍ୟାରେ ଉତ୍କଳ ସାମ୍ବାଦିକ ସଂଘର ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନେତୃତ୍ୱରେ ସମ୍ପୃକ୍ତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଏବଂ ଆରକ୍ଷୀ ଅଧୀକ୍ଷକ ଭିନୀତ କୁମାର ଅଗ୍ରୱାଲଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

ସଂଘ ପକ୍ଷରୁ ଅବଗତ କରାଯାଇଛି ଯେ ବିଭିନ୍ନ ଗଣମାଧ୍ୟମରେ ପ୍ରସାରିତ ଦୃଶ୍ୟରେ ଆକ୍ରମଣକାରୀମାନେ ସ୍ପଷ୍ଟଭାବେ ଚିହ୍ନିତ ହେଉଥିବାସ୍ଥଳେ ଘଟଣାକୁ ୬୦ଘଣ୍ଟା ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ଆକ୍ରମଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନ ହେବା ପ୍ରଶାସନିକ ସ୍ଥାଣୁତାକୁ ସୂଚାଉଛି। ଅନ୍ୟପକ୍ଷରେ ଏଭଳି ଘଟଣାରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଶ୍ରୀମନ୍ଦିର ସମ୍ମୁଖରେ ଖବରଦାତାମାନେ ବାରମ୍ବାର ଆକ୍ରମଣର ଶିକାର ହେଉଛନ୍ତି। ଆଇନ ଅନୁଯାୟୀ ଯଥାଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକ ପ୍ରତିନିଧିମଣ୍ଡଳୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରତ ଖବରଦାତାଙ୍କୁ ନୈତିକ ସମର୍ଥନ ଜଣାଇ ଜନପ୍ରତିନିଧିମାନେ ପ୍ରତିକାତ୍ମକ ଧାରଣାରେ ବସିଥିଲେ। ପ୍ରତିଶ୍ରୁତି ମୁତାବକ ୨ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ବିଫଳ ହେଲେ ସମଗ୍ର ରାଜ୍ୟରେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସଭାପତି କର ସୂଚନା ଦେଇଛନ୍ତି। ଏହି ପ୍ରତିନିଧିମଣ୍ଡଳୀରେ ସଂଘର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଶ୍ୱଜିତ ପଟ୍ଟନାୟକ, ଗଣମାଧ୍ୟମ ସଂଯୋଜକ ପବିତ୍ର ମହାରଥା, ଅନନ୍ତ ପ୍ରସାଦ ସିଂ, ଜଗନ୍ନାଥ ଦାସଙ୍କ ସମେତ ଅନ୍ୟ ସଦସ୍ୟମାନେ ସାମିଲ ହୋଇଥିଲେ।



ଏସ୍‌ପିଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ ଖବରଦାତାମାନେ ।

### ଖବରଦାତାଙ୍କ ଧାରଣା ଦ୍ୱିତୀୟ ଦିନରେ

ଖବରଦାତାଙ୍କୁ ଆକ୍ରମଣ ଓ ଦୁର୍ବ୍ୟବହାର ପ୍ରତିବାଦରେ ଦିଆଯାଇଥିବା ଅହୋରାତ୍ର ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ମଙ୍ଗଳବାର ଦୁର୍ବ୍ୟବହାରର ଶିକାର ହୋଇଥିବା ଖବରଦାତାଙ୍କୁ ପୋଲିସ ପକ୍ଷରୁ କୋର୍ଟକୁ ନିଆଯାଇ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ବୟାନ ରେକର୍ଡ କରାଯାଇଥିଲା। ଅଭିଯୁକ୍ତମାନେ ଗିରଫ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଖବରଦାତାଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ସେହିପରି ସନ୍ଧ୍ୟାରେ ମହିଳା ସଂଗଠନ, ସେବାୟତ ପରିବାରର ମହିଳା ଆସି ଧାରଣାରେ ସାମିଲ ହେବା ସହ ଏପରି କାର୍ଯ୍ୟ କରିଥିବା ବ୍ୟକ୍ତି କ୍ଷମାପ୍ରାର୍ଥନା କରନ୍ତୁ ବୋଲି ଦାବି କରିଥିଲେ। ଧାରଣାକୁ ସମର୍ଥନ କରି ପୂର୍ବତନ ବିଧାୟକ ତଥା ଭାଜପା ନେତା ଜୟନ୍ତ କୁମାର ଷଡ଼ଙ୍ଗୀ ଧାରଣାସ୍ଥଳକୁ ଆସି ଖବରଦାତାଙ୍କ ସହ ଆଲୋଚନା କରିବା ସହ ଏନେଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟପକ୍ଷରେ ଆକ୍ରମଣ ଘଟଣାରେ ପୁଣି କିଛି ସେବାୟତଙ୍କ ଦୌରାତ୍ମ୍ୟ ଦେଖିବାକୁ ମିଳିଛି। କେତେଜଣ ସେବାୟତ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ ଯୋଗେ ଖବରଦାତାଙ୍କୁ ଅଶ୍ଳୀଳ ମନ୍ତବ୍ୟ ପ୍ରଦାନ କରିବା ସହ ଗାଳିଗୁଲଜ କରୁଥିବା ଦେଖିବାକୁ ମିଳିଛି। ଏପରି କି ବିଭିନ୍ନ ପ୍ରକାର ଧମକ ମଧ୍ୟ ଦିଆଯାଉଛି। ଏନେଇ ଏକ ମାମଲା ସାଇବର ଥାନାରେ କରାଯିବ ବୋଲି ଖବରଦାତାଙ୍କ ପକ୍ଷରୁ ସ୍ଥିର କରାଯାଇଛି।

**ଶିବିରରୁ ୧୮୦ ୟୁନିଟ୍ ରକ୍ତ ସଂଗୃହୀତ**

କଟକ,(ଶିକ୍ଷା ପ୍ରିୟଦର୍ଶିନୀ): ଓଡ଼ିଆ ପକ୍ଷ ପାଳନ ଅବସରରେ ଏସ୍‌ସିବି ମେଡିକାଲ ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣତଃ ଖରାଦିନେ ରକ୍ତ ସଙ୍କଟ ଦେଖା ଦେଇଥାଏ। ଖାସ୍ କରି ଥାଲାସେମିଆ ରୋଗୀ, ଦୁର୍ଘଟଣାରେ ପୀଡ଼ିତ ବ୍ୟକ୍ତି, କର୍କଟରୋଗୀ, ଗର୍ଭବତୀ ମହିଳାଙ୍କ ପାଇଁ ରକ୍ତର ଢେର ଆବଶ୍ୟକତା ପଡ଼ିଥାଏ। ଏହାକୁ ଦୃଷ୍ଟିରେ ରଖି ଏସ୍‌ସିବି ରକ୍ତ ଭଣ୍ଡାରରେ ରକ୍ତ ସଙ୍କଟ ଏଡାଇବା ପାଇଁ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୧୮୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ରକ୍ତରୋଗ ବିଭାଗ ମୁଖ୍ୟ ପ୍ରଫେସର ଡା. ସ୍ମିତା ମହାପାତ୍ର, ଆସୋସିଏଟ୍ ପ୍ରଫେସର ଡା. ସୁମିତ୍ରା ବେହେରାଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା।

# ନ୍ୟୁରୋସର୍ଜରି କ୍ଷେତ୍ରରେ ଓଡ଼ିଶା ଉପରେ ପଡ଼ୋଶୀ ରାଜ୍ୟ ନିର୍ଭରଶୀଳ

କଟକ,୮।୪(ଶିକ୍ଷା ପ୍ରିୟଦର୍ଶିନୀ)



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ(ଏସ୍‌ସିବି)ର ନ୍ୟୁରୋସର୍ଜରି ବିଭାଗ ପକ୍ଷରୁ ବିଶ୍ୱ ସ୍ନାୟୁଶଲ୍ୟ ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ଏହି ଅବସରରେ ମେଡିକାଲ କଲେଜ ପରିସରରେ ବିଭାଗ ପକ୍ଷରୁ ୱାକାଥନ ଅନୁଷ୍ଠିତ ହୋଇଥିଲା। ଏଥିରେ ମେଡିକାଲର ଡାକ୍ତର ଓ ଡାକ୍ତରୀ ଛାତ୍ରୀଛାତ୍ର ଯୋଗଦେଇ ମେଡିକାଲ ପରିସରରେ ଲୋକଙ୍କୁ ସଚେତନ କରାଇଥିଲେ। ପରେ ଏସ୍‌ସିବିର ଅଡିଟୋରିୟମରେ ବିଶ୍ୱ ସ୍ନାୟୁଶଲ୍ୟ ଦିବସର ଉଦ୍‌ଘାଟନୀ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ତଥା ସମ୍ ହସ୍ପିଟାଲର ମୁଖ୍ୟ ପରାମର୍ଶଦାତା ପ୍ରଫେସର ଡା. ଅଶୋକ ମହାପାତ୍ର ଯୋଗଦେଇ କହିଛନ୍ତି, ଓଡ଼ିଶା ନ୍ୟୁରୋସର୍ଜରିରେ ଏବେ ବହୁ ଆଡ୍‌ଭାନ୍ସ ହୋଇଛି ଏବଂ ନ୍ୟୁରୋସର୍ଜନଙ୍କ ସଂଖ୍ୟା ବୃଦ୍ଧି ପାଇଛି। ପୂର୍ବ ଅପେକ୍ଷା ଏବେ ଅନେକ ପରିବର୍ତ୍ତନ ଆସିଛି। ନୂତନ ପ୍ରଯୁକ୍ତିବିଦ୍ୟା ପ୍ରୟୋଗରେ ରାଜ୍ୟରେ ଚିକିତ୍ସା ଦିଗରେ ନ୍ୟୁରୋସର୍ଜରି ବିଭାଗ ଅନେକ ସଫଳତା ସାଉଁଟିବାରେ ଲାଗିଛି। ଛତିଶଗଡ଼, କୋଲ୍‌କାତା, ଆନ୍ଧ୍ରପ୍ରଦେଶ ଭଳି ପଡ଼ୋଶୀ ରାଜ୍ୟ ବର୍ତ୍ତମାନ ନ୍ୟୁରୋସର୍ଜରି ପାଇଁ ଓଡ଼ିଶା ଉପରେ ନିର୍ଭରଶୀଳ। କଟକ ଓ ଭୁବନେଶ୍ୱରରେ ନ୍ୟୁରୋସର୍ଜରିର ୪୦ଟି ସେଣ୍ଟର ରହିଛି। ଏହି ବହୁମୂଲ୍ୟ ଚିକିତ୍ସା ପାଇଁ ପୂର୍ବରୁ ଓଡ଼ିଶାରୁ ଅନେକ ବ୍ୟକ୍ତି ବାହାର ରାଜ୍ୟକୁ ଯାଉଥିଲେ। ବର୍ତ୍ତମାନ ଚିକିତ୍ସା କ୍ଷେତ୍ରରେ ବ୍ୟାପକ ବିକାଶ ହେବା ଫଳରେ ରୋଗୀମାନେ ଓଡ଼ିଶାରେ ଏହି ଚିକିତ୍ସା ସୁବିଧା ପାଉଛନ୍ତି। ରାଜ୍ୟ ଓ ଦେଶରେ ଦୁର୍ଘଟଣା ଜନିତ ମସ୍ତିଷ୍କ ଆଘାତ ରୋଗୀଙ୍କ ସଂଖ୍ୟା ବଢୁଛି। ଦୁର୍ଘଟଣା ଘଟିବାର ଅଳ୍ପ ସମୟ ମଧ୍ୟରେ ରୋଗୀଙ୍କୁ ଟ୍ରମା ସେଣ୍ଟରରେ ଭର୍ତ୍ତି କରାଗଲେ ଜୀବନ ବଞ୍ଚିବାର ସମ୍ଭାବନା ରହିଛି ବୋଲି ଡା. ମହାପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ପ୍ରଫେସର ଡା. ଏମ୍. କେ. ଧୀର, ପ୍ରଫେସର ଚୌଧୁରୀ ନୀହାର ରଞ୍ଜନ ନନ୍ଦ, ପ୍ରଫେସର ବେଣୁଧର ଲେଙ୍କା, ପ୍ରଫେସର ସୁଧାଂଶୁ ଶେଖର ମିଶ୍ର, ପ୍ରଫେସର ସଞ୍ଜୀବ ମିଶ୍ର ଯୋଗଦେଇ ନ୍ୟୁରୋସର୍ଜରି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ନାୟୁଶଲ୍ୟ ଚିକିତ୍ସା, ସ୍ପାଇନ ସର୍ଜରି, ବ୍ରେନ୍ ଟ୍ୟୁମର, ନ୍ୟୁରୋ ଟ୍ରମା, ଭାସ୍କ୍ୟୁଲାର ନ୍ୟୁରୋସର୍ଜରି ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ରେନ୍ ଟ୍ୟୁମରରେ ପୀଡ଼ିତ ରୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ସୁଧୀର ରଞ୍ଜନ ସାହୁ, ଡା. ରାକେଶ କୁମାର ରାଉତ, ଡା. ଦେବେନ୍ଦ୍ର ବିଶ୍ୱାଳ, ଡା. ସୌମ୍ୟ ପ୍ରକାଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଫେସର ଡା. ଶ୍ରୀକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

**ଏସ୍‌ସିବିରେ ବିଶ୍ୱ ସ୍ନାୟୁଶଲ୍ୟ ଦିବସ**

# ୭ ଦିନରେ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି



ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ତଦନ୍ତ କରୁଛନ୍ତି।

**ଚାଷଜମିରେ ବର୍ଜ୍ୟଜଳ ଛଡ଼ାଯିବା ଘଟଣା**

**ତଦନ୍ତ କଲେ ତହସିଲଦାର**

ମଙ୍ଗୁଳି-ଜଗତପୁର,୮।୪(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କନ୍ହେଇପୁର ପଞ୍ଚାୟତର ଏକ ବିୟର କମ୍ପାନୀରୁ ନିଶାଯୁକ୍ତ ବର୍ଜ୍ୟଜଳ ବାହାରି ନିକଟସ୍ଥ ଚାଷଜମିରେ ମିଶୁଥିବା ଅଭିଯୋଗ ହେଇଥିଲା। ଏନେଇ ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ପହଞ୍ଚି ଚାଷଜମି ଓ କମ୍ପାନୀ ପରିସରରେ ତଦନ୍ତ କରି ଫେରିଯାଇଛନ୍ତି। ଚାଷଜମିକୁ ବର୍ଷ ବର୍ଷ ଧରି ନିଶାଯୁକ୍ତ ବର୍ଜ୍ୟଜଳ ଛଡ଼ାଯିବା ସହ କର୍ତ୍ତୃପକ୍ଷ ବେଆଇନ ଭାବେ କମ୍ପାନୀ ପରିସରରେ ୫୦ରୁ ଉର୍ଦ୍ଧ୍ୱ ବୋର୍‌ୱେଲ ଖୋଳି ବିୟର ତିଆରିରେ ଭୂତଳ ଜଳ ବ୍ୟବହାର କରୁଥିବା ତହସିଲଦାର ଦେଖିବାକୁ ପାଇଥିଲେ। ତେଣୁ ଏ ସମ୍ପର୍କରେ ପ୍ରଶାସନିକ ସ୍ତରରେ ଆଲୋଚନା କରାଯାଇ ଉକ୍ତ କମ୍ପାନୀ ବିରୋଧରେ ଆସନ୍ତା ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ଦାସ ଗଣମାଧ୍ୟମରେ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଉକ୍ତ କମ୍ପାନୀରୁ ବର୍ଜ୍ୟଜଳ ବାହାରି ନିକଟସ୍ଥ ଚାଷଜମିରେ ମିଶୁଥିଲା। ଫଳରେ ଚାଷଜମି ନଷ୍ଟ ହେବା ସହ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଥିଲା। ଏପରି କି ଏହି ଜଳ ପିଇବା ଦ୍ୱାରା ବନ୍ୟଜନ୍ତୁଙ୍କ ଜୀବନହାନି ଘଟୁଥିଲା। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଚାଷୀ ଅମିତ୍ କୁମାର ସିଂଙ୍କୁ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ତୁରନ୍ତ ପ୍ରଶାସନ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଶତାଧିକ ଚାଷୀ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦିଆଯାଇଥିଲା। ଫଳରେ ତହସିଲଦାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିଥିଲେ। ଏହି ତଦନ୍ତବେଳେ ୨ ଜଣ ଆର୍‌ଆଇଙ୍କ ସମେତ ଅଭିଯୋଗକାରୀ ଅମିତ୍ କୁମାର ସିଂଙ୍କୁ, ଚାଷୀ ବିଜୟ ଲାଗୁରି, ବଂଶୀଧର ସ୍ୱାଇଁ, କମଲେଶ ସାହୁ, ପ୍ରଶାନ୍ତ ସ୍ୱାଇଁ, ଆଶୀର୍ବାଦ କାନୁନ୍‌ଗୋ, ମନୋଜ କୁମାର ଓଝା, ଅଶ୍ୱିନୀ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରକ୍ତଦାନ ସଚେତନତା ଶିବିର

କଟକ ସଦର,୮।୪(ସୁଶାନ୍ତ କୁମାର ଜେନା)

୪୨ ମୌଜା ଥାନା ଅନ୍ତର୍ଗତ ସୁଦର୍ଶନ ମହାବିଦ୍ୟାଳୟ ପରିସରରେ ରକ୍ତଦାନ ସଚେତନତା ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଗଣେଶ୍ୱର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ. ଶୁଭାଶିଷ ଶତପଥୀ, ଅଧ୍ୟାପକ ସତ୍ୟରଞ୍ଜନ ରାୟ, ଅଧ୍ୟାପିକା ସ୍ମୃତିସ୍ମିତା ବିଭୂତି ରାୟ, ସଂଘମିତ୍ରା ବିଶ୍ୱାଳ ଓ ରୂପାନନ୍ଦା କାନୁନ୍‌ଗୋ ଯୋଗଦେଇ ଛାତ୍ରୀଛାତ୍ର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବା ପାଇଁ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ବିରଞ୍ଚି କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।





ଗାଜା ଉପରେ ଆକ୍ରମଣ ବନ୍ଦ କରିବା ଦାବି ନେଇ ମଙ୍ଗଳବାର ଏସ୍‌ୟୁସିଆଇ(ସି) ପକ୍ଷରୁ କଟକ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ।

### ଧର୍ମପରାୟଣା ମହିଳାଙ୍କ ପରଲୋକ

ଫୁଲନଖରା,୮।୪(ସତ୍ୟରଞ୍ଜନ ଦାସମହାପାତ୍ର)



କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ କୋଠାପାଟଣା ଗ୍ରାମର ପୁଷ୍ପାଞ୍ଜଳି ବେହେରାଙ୍କ ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ତାଙ୍କ ମରଶରୀରକୁ ଭୁବନେଶ୍ୱର ଶହୀଦ ନଗରରେ ଥିବା ବାସଭବନକୁ ନିଆଯାଇଥିଲା। ସେଠାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ। ସ୍ୱାମୀ ଅୟସକାନ୍ତ ବେହେରା, ଝିଅ ଓ ପରିବାର ବର୍ଗ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଝିଅ ଦିବ୍ୟା ବେହେରା ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ପୁଷ୍ପାଞ୍ଜଳି ଜଣେ ଧର୍ମପରାୟଣା, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଥିଲେ।

### ବାସନ୍ତୀଦୁର୍ଗାଙ୍କ ଭସାଣି ଉତ୍ସବ

ଖୁଣ୍ଟୁଣୀ, ୮।୪(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଗୁରୁଡିଝାଟିଆ ଅଞ୍ଚଳରେ ବାସନ୍ତୀ ଦୁର୍ଗାଙ୍କ ଭସାଣି ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ସକାଳେ ମା'ଙ୍କ ସମସ୍ତ ନୀତିକାନ୍ତି ଓ ପୂଜାର୍ଚ୍ଚନା ପରେ ବିସର୍ଜନ ହୋଇଥିଲା। ଅପରାହ୍ନରେ ବାସନ୍ତୀ ଦୁର୍ଗାପୂଜା କମିଟି ସଭାପତି ବସନ୍ତ କୁମାର ସାହାଣୀ, ସମ୍ପାଦକ ଅମରେନ୍ଦ୍ର ଧଳ, କୋଷାଧ୍ୟକ୍ଷ ଧ୍ରୁବ ଚରଣ ଷଣ୍ଢ, ହୃଦାନନ୍ଦ ସାହାଣୀ, ସନାତନ ଦଳେଇ, ଗଗନ ବିହାରୀ ପଣ୍ଡା, ମନୋଜ କୁମାର ସାହୁ, ମାନସ ପଣ୍ଡା, ରଶ୍ମିରଞ୍ଜନ ସାହାଣୀ, ଚନ୍ଦନ ବିଶ୍ୱାଳ, ଜଗନ୍ନାଥ ଧଳ ଓ ପବିତ୍ର ସାହାଣୀଙ୍କ ସମେତ ବହୁସଂଖ୍ୟକ ଲୋକଙ୍କ ଗହଣରେ ମା'ଙ୍କୁ ଶୋଭାଯାତ୍ରାରେ ଭସାଣି ପାଇଁ ନିଆଯାଇଥିଲା। ଏହି ଅବସରରେ ଗୁରୁଡିଝାଟିଆ ବଜାରଠାରୁ ଛୋଟିଆନ୍ଧ ଗ୍ରାମ ପୋଖରୀ ପର୍ଯ୍ୟନ୍ତ ରାସ୍ତାରେ ୩ ହଜାରରୁ ଉର୍ଦ୍ଧ୍ୱ ନୂତନ ବସ୍ତ୍ରର ପାହାଡ଼ା ପଡିଥିଲା। ରାତି ୮ଟାରେ ଛୋଟିଆନ୍ଧ ପୋଖରୀରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଗୁରୁଡିଝାଟିଆ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

# ବାର୍ଷିକୋତ୍ସବ, ଶିଶୁପ୍ରତିଭା ପୁରସ୍କାର ବିତରଣ ସମାରୋହ

ମାଣିଆବନ୍ଧ,୮।୪(ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ସରସ୍ୱତୀ ଶିଶୁମନ୍ଦିର ପରିସରରେ ୨୩ତମ ବାର୍ଷିକୋତ୍ସବ ଓ ଶିଶୁପ୍ରତିଭା ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ସଭାପତି ଗୋବିନ୍ଦ ଚନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଧାୟକ ବିଜୟ କୁମାର ଦଳବେହେରା, ମୁଖ୍ୟବକ୍ତା ମାଣିଆବନ୍ଧ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଜୟ କୁମାର ଶତପଥୀ, ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଓ ସ୍ଥାନୀୟ ଲୋକ ପ୍ରତିନିଧି ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର କୁନି ଶିଶୁମାନଙ୍କ ଦ୍ୱାରା ସଂଗୀତ ପରିବେଷଣ କରାଯାଇଥିଲା। ଅତିଥିମାନେ ଭାରତ ମାତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଗୁରୁମା ଶୁଭ୍ରଲିପି ପାଣିଗ୍ରାହୀ, ଗୁରୁଜୀ ପ୍ରେମାନନ୍ଦ ପାଳ, ବିଶ୍ୱନାଥ ସାହୁ, ବିଦ୍ୟାଧର ବେହେରା, ଗଣେଶ୍ୱର ଦଳେଇଙ୍କ ସମେତ ସମସ୍ତ ଗୁରୁମା ଗୁରୁଜୀ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ମିତାଶ୍ରୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ସହ ସମ୍ପାଦକ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ମା'ମଙ୍ଗଳାଙ୍କ ବାର୍ଷିକ ଉତ୍ସବ

ସାଲେପୁର,୮।୪(ଅରବିନ୍ଦ ଭୂୟାଁ)

ଉର ବଟେଶ୍ୱର ଗ୍ରାମରେ ପବିତ୍ର ଚୈତ୍ର ମାସ ଶେଷ ମଙ୍ଗଳବାର ତିଥିରେ ମା'ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳୁ ମା' ମଙ୍ଗଳାଙ୍କ ସ୍ୱତନ୍ତ୍ର ସ୍ନାନ କରାଯାଇ ଯଥାବିଧିରେ ପୂଜାର୍ଚ୍ଚନା କରାଯାଇଥିଲା। ଚଣ୍ଡୀପାଠରୁ ଆରମ୍ଭ କରି ବିଭିନ୍ନ ରୀତିନୀତିରେ ମା'ଙ୍କ ଆରାଧନା କରାଯାଇଥିଲା। ସନ୍ଧ୍ୟାରେ ଭଜନସନ୍ଧ୍ୟା ଓ ପ୍ରସାଦ ସେବନ ପାଇଁ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମକୁ ଉର ବଟେଶ୍ୱର ଓ ରୋଧପୁର ଗ୍ରାମର ଲୋକେ ପରିଚାଳନା କରିଥିଲେ।

# ଖବରଦାତାଙ୍କୁ ନ୍ୟାୟ ପ୍ରଦାନ ଦାବି

ଆଠଗଡ଼/ଚୌଦ୍ୱାର, ୮।୪
(ସତ୍ୟ ପ୍ରସାଦ ରଥ/ଆଶୁତୋଷ ଦାସ)

ପୁରୀର ଜଣେ ମହିଳା ଖବରଦାତାଙ୍କ ସମେତ ୫ କର୍ତ୍ତବ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ଉପରେ କେତେଜଣ ସେବାୟତ ଆକ୍ରମଣ କରିବା ଘଟଣାକୁ ୩ ଦିନ ବିତିଥିଲେ ମଧ୍ୟ ପୋଲିସ ଏପର୍ଯ୍ୟନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିନାହିଁ। ଏହାର ପ୍ରତିବାଦରେ ମଙ୍ଗଳବାର ଆଠଗଡ଼ରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ପ୍ରହ୍ଲାଦନାରାୟଣ ଶର୍ମାଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଅଭିଯୁକ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବାକୁ ଦାବି କରିଛନ୍ତି।

ସେହିପରି ଟାଙ୍ଗୀ-ଚୌଦ୍ୱାର ଅଞ୍ଚଳର ଖବରଦାତାମାନଙ୍କ ପକ୍ଷରୁ ଚୌଦ୍ୱାର ଥାନା ଆଇଆଇସିଙ୍କ ଜରିଆରେ ଡିଜିପିଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ଦାବିପତ୍ର ପ୍ରଦାନ କରାଯାଇଛି। ଖବରଦାତା ଦୀପକ କୁମାର ମଙ୍ଗରାଜ ଓ ସତ୍ୟବ୍ରତ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖବରଦାତାମାନେ ଶୋଭାଯାତ୍ରାରେ ବିଭିନ୍ନ ନାରାବାଜି ଦେବା ସହିତ ସାମ୍ବାଦିକ ସୁରକ୍ଷା ଆଇନ ଏବଂ ମହିଳା ଖବରଦାତାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଥିଲେ।

# ଶାନ୍ତିଶୃଙ୍ଖଳାରେ ଚୈତ୍ର ପର୍ବ ପାଳିବାକୁ ନିଷ୍ପତ୍ତି

ବାଙ୍କୀ, ୮।୪(ଶୁଭେନ୍ଦୁ ମହାପାତ୍ର)

**ଗ୍ରାମବାସୀ-ପ୍ରଶାସନିକ ବୈଠକ**

ବାଙ୍କୀ ଥାନା ସୁବର୍ଣ୍ଣପୁର ବିଟ୍ ହାଉସ ଅନ୍ତର୍ଗତ ବନ୍ଦାଳ ପଞ୍ଚାୟତସ୍ଥିତ କେଉଟ ପାଟଣା ଓ ତେନ୍ତୁଳିଆ ଗ୍ରାମରେ ହେବାକୁ ଥିବା ଚୈତ୍ର ପୂର୍ଣ୍ଣିମା ପର୍ବ ପାଳନ ଓ ଯାତ୍ରାକୁ ନେଇ ଉଭୟ ଗ୍ରାମ ମଧ୍ୟରେ ବିବାଦ ଉପୁଜିଥିଲା। ଏହି ପର୍ବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ନିମନ୍ତେ ଉଭୟ ଗ୍ରାମର ଲୋକେ ମଙ୍ଗଳବାର ପ୍ରଶାସନର ସହଯୋଗ ଲୋଡ଼ିଛନ୍ତି। ଏନେଇ ଅପରାହ୍ନରେ ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକ, ବାଙ୍କୀ ଏସ୍‌ଡିପିଓ ବାଳକୃଷ୍ଣ କହଁର, ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂଇଁ, ସୁବର୍ଣ୍ଣପୁର ବିଟ ହାଉସ ଅଧିକାରୀ ପ୍ରସନ୍ନ କୁମାର ମାହାଲୀଙ୍କ ଉପସ୍ଥିତ ଥିଲେ। ଉଭୟ ଗ୍ରାମର ମୁରବି ଓ ଶାନ୍ତି କମିଟି ଉପସ୍ଥିତିରେ ଶାନ୍ତି ଶୃଙ୍ଖଳା ସହ ପର୍ବ ଓ ଯାତ୍ରା ପାଳନ କରିବା ଲାଗି ବୈଠକରେ ଆଲୋଚନା ହୋଇଥିଲା। ଯଦି ଉକ୍ତ ପର୍ବ ପାଳନବେଳେ କୌଣସି ବିଶୃଙ୍ଖଳା କିମ୍ବା ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ ତେବେ ଉଭୟ ଗ୍ରାମର ଶାନ୍ତି କମିଟି ଦ୍ୱାରା ସମାଧାନ କରାଯିବ ନଚେତ୍ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନିକ ଅଧିକାରୀମାନେ କହିଥିଲେ। ପ୍ରଶାସନର ଏହି ପ୍ରସ୍ତାବକୁ ଉଭୟ ଗ୍ରାମର ଲୋକେ ସହମତି ପ୍ରକାଶ କରିଛନ୍ତି।

# ଅସ୍ଥାୟୀ ପୋଖରୀରେ ପାଣି ନ ଥିବାରୁ ମୂର୍ତ୍ତି ବିସର୍ଜନ ବାଧାପ୍ରାପ୍ତ

କଟକ,୮।୪(ଶିକ୍ଷା ପ୍ରିୟଦର୍ଶିନୀ)

**ରାସ୍ତାରେ ଅଟକି ରହିଲା ବାସନ୍ତୀ ଦୁର୍ଗାଙ୍କ ମୂର୍ତ୍ତି**



ମୂର୍ତ୍ତି ବିସର୍ଜନ ପାଇଁ ଆସିଥିବା ପୂଜା କମିଟି କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରୁଛନ୍ତି।

ଏକାଦଶୀ ଅବସରରେ ମା' ବାସନ୍ତୀ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ବିସର୍ଜନରେ ବାଧା ସୃଷ୍ଟି ହୋଇଛି। ମଙ୍ଗଳବାର ସହରର ପ୍ରାୟ ୧୫ଟି ପୂଜା କମିଟି ପକ୍ଷରୁ ମୂର୍ତ୍ତି ବିସର୍ଜନ ପାଇଁ ସ୍ଥିର କରାଯାଇଥିଲା। ସକାଳ ପ୍ରାୟ ୯ଟାରେ ପ୍ରଥମେ ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟିର ମେଢ଼ ପୂଜା ମଣ୍ଡପରୁ ଶୋଭାଯାତ୍ରାରେ ବାହାରି ଦେବୀଗଡ଼ାଠାରେ ପୂର୍ବାହ୍ନ ସାଢେ ୧୦ଟାରେ ପହଞ୍ଚିଥିଲା। ହେଲେ ସିଏମ୍‌ସି ପକ୍ଷରୁ ଖୋଳାଯାଇଥିବା ଅସ୍ଥାୟୀ ପୋଖରୀରେ ପାଣି ନ ଥିବାରୁ ମୂର୍ତ୍ତି ବିସର୍ଜନ ବାଧାପ୍ରାପ୍ତ ହୋଇଥିଲା। ୩ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ପୁରୀଘାଟ ରିଂରୋଡ୍‌ଠାରେ ରାସ୍ତା ଉପରେ ମୂର୍ତ୍ତି ରଖାଯାଇଥିବାବେଳେ ଏଭଳି ଅବ୍ୟବସ୍ଥାକୁ ନେଇ ପୂଜା କମିଟି କର୍ମକର୍ତ୍ତା, ସାମାଜିକ କର୍ମୀ ଓ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ଏପରି କି ସ୍ୱଚ୍ଛ ପାଣିର ବ୍ୟବସ୍ଥା କରା ନ ଗଲେ ଚୌଧୁରୀ ବଜାରସ୍ଥିତ ଚନ୍ଦନ ପୋଖରୀରେ ମୂର୍ତ୍ତି ବିସର୍ଜନ ପାଇଁ କମିଟି କର୍ମକର୍ତ୍ତା ନିଷ୍ପତ୍ତି ନେଇଥିଲେ। ଏନେଇ ପୂଜା କମିଟି କର୍ମକର୍ତ୍ତା ସିଏମ୍‌ସି ମେୟର ସୁବାସ ସିଂଙ୍କ ନିକଟରେ ଅଭିଯୋଗ କରିବା ପରେ ୩ଟି ଟ୍ୟାଙ୍କର ଯୋଗେ ଅସ୍ଥାୟୀ ପୋଖରୀରେ ପାଣି ଭର୍ତ୍ତି କରାଯାଇଥିଲା। ଅପରାହ୍ନ ୩ଟାରେ ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି ପକ୍ଷରୁ ମୂର୍ତ୍ତି ବିସର୍ଜନ କରାଯାଇଥିଲା। ଏନେଇ ପୂଜା କମିଟିର ଉପଦେଷ୍ଟା ମନୋରଞ୍ଜନ ଦାସ କହିଛନ୍ତି, ପ୍ରଶାସନର ଅବହେଳା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏଭଳି ଅବ୍ୟବସ୍ଥା ଗ୍ରହଣୀୟ ନୁହେଁ। ଅପରପକ୍ଷରେ ମଙ୍ଗଳବାର ବିଳମ୍ବିତ ରାତି ସୁଦ୍ଧା ସମସ୍ତ ମୂର୍ତ୍ତି ବିସର୍ଜନ କରାଯାଇଛି।

## ଫଟୋରେ ଖବର



ବାସନ୍ତୀଦୁର୍ଗାଙ୍କ ଭସାଣି ଉତ୍ସବ ଅବସରରେ କଟକ ଜିଲା ଗୁରୁଡିଝାଟିଆ ବଜାରଠାରୁ ଛୋଟିଆନ୍ଧ ଗ୍ରାମ ପୋଖରୀ ପର୍ଯ୍ୟନ୍ତ ରାସ୍ତାରେ ନୂତନ ବସ୍ତ୍ରର ପାହାଡା ପକାଯାଇଛି।



ଚୈତ୍ର ମାସ ଶେଷ ମଙ୍ଗଳବାରରେ କଟକ ବିଡ଼ାନାସୀ ସୁଭଦ୍ରା ନଗର ଅଞ୍ଚଳରେ ମହିଳାମାନେ ପଣ୍ଡେଇ ପୂଜା କରୁଛନ୍ତି।

## ସଂକ୍ଷେପରେ

### ରାଜରାଜେଶ୍ୱରୀ ବେଶରେ ଦର୍ଶନ ଦେଲେ ମା’ ମଙ୍ଗଳା

**ଚୈତ୍ର ମାସର ଚତୁର୍ଥ ମଙ୍ଗଳବାର**



କାକଟପୁର/ଅସ୍ତରଙ୍ଗ,୮।୪ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଚୈତ୍ର ମାସର ଚତୁର୍ଥ ମଙ୍ଗଳବାରରେ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳାଙ୍କ ମନ୍ଦିରରେ ବିଳମ୍ବିତ ରାତ୍ରିରୁ ଦ୍ୱାରଫିଟା, ମଙ୍ଗଳ ଆଳତି, ସ୍ନାନ, ମାର୍ଜନା, ବେଶ, ଚନ୍ଦନ ଲାଗି, ସୂର୍ଯ୍ୟ ପୂଜା, ବଲ୍ଲଭ ଧୂପ, ସକାଳ ଧୂପ ସରିଥିଲା। ପରେ ପ୍ରତ୍ୟୁଷ ୫ଟା ୩୦ ମିନିଟ୍‌ରେ ସାହାଣ ମେଲା ଓ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ଏହି ଅବସରରେ ମା’ ମଙ୍ଗଳା ରାଜରାଜେଶ୍ୱରୀ ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ମନ୍ଦିର ପରିସରରେ ସ୍ୱତନ୍ତ୍ର ବ୍ୟାରିକେଡ୍ ମଧ୍ୟରେ ଭକ୍ତମାନେ ଧାଡ଼ିରେ ଯାଇ ମା’ଙ୍କୁ ଦର୍ଶନ କରିଥିଲେ। ଏହି ପବିତ୍ର ଚୈତ୍ର ମାସର ଚତୁର୍ଥ ମଙ୍ଗଳବାରରେ ବ୍ରତଧାରୀ ମହିଳାମାନେ ପରିବାରର ମଙ୍ଗଳ କାମନା ପାଇଁ ଗାଁଦାଣ୍ଡରେ ପଟ୍ଟେଇ ନିର୍ମାଣ କରି ଗୁଆ, ନଡ଼ିଆ, କଦଳୀ, ଖଇ ସହ ହଳଦୀପାଣି ଦେଇ ପୂଜା କରିଥା’ନ୍ତି। ଏହି ସମୟରେ ମା’ ମଙ୍ଗଳାଙ୍କ ନିକଟରେ ମାନସିକ ରଖିଲେ ତାହା ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଚୈତ୍ର ମାସର ପ୍ରଥମ ୪ ମଙ୍ଗଳବାର ପୂଜା କରାଯିବା ପରେ ସେହି ମାସର ୫ମ ମଙ୍ଗଳବାର ବା ବୈଶାଖ ମାସର ପ୍ରଥମ ମଙ୍ଗଳବାରରେ ମା’ଙ୍କୁ ସ୍ୱତନ୍ତ୍ର ଭାବେ ପୂଜା କରିବାରେ ପ୍ରଥା ଏବେ ପ୍ରଚଳିତ ଅଛି। ପ୍ରଥମ ୪ ମଙ୍ଗଳବାରକୁ ପାଲିଯାତ୍ରା ଏବଂ ପଞ୍ଚମ ତଥା ଶେଷ ମଙ୍ଗଳବାରକୁ ଝାମୁଯାତ୍ରା କୁହାଯାଉଛି।

### ମହାନଦୀରୁ ଅଚିହ୍ନା ମୃତଦେହ ଜବତ

ମଙ୍ଗୁଳି-ଜଗତପୁର,୮।୪ (ମାନସ ସାମଲ)

ଜଗତପୁର ଥାନା ଅଧୀନ ଯୋବ୍ରା ଆନିକଟ୍ ୪୨ ନମ୍ବର ଗେଟ୍‌ରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ ମଙ୍ଗଳବାର ପୋଲିସ ଜବତ କରିଛି। ମୃତକଙ୍କ ବୟସ ୩୫ରୁ ୪୦ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଜଣେ ମାଛଧରାଳି ମାଛ ଧରିବା ପାଇଁ ମହାନଦୀରେ ଜାଲ ବସାଇଥିଲେ। ମୃତଦେହଟି ପାଣିରେ ଭାସୁଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ପାଣିରୁ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ଜଗତପୁର ଥାନାଧିକାରୀ ଅନିରୁଦ୍ଧ ନାୟକ କହିଛନ୍ତି।

### ଅପର୍ଣ୍ଣା ମହାନ୍ତି ପାଇବେ ବିଷୁବ ପୁରସ୍କାର

କଟକ,୮।୪(କାର୍ତ୍ତିକ ସାହୁ)

ବିଶିଷ୍ଟ କବି ତଥା ସାହିତ୍ୟ-ସମାଲୋଚକ ଅପର୍ଣ୍ଣା ମହାନ୍ତିଙ୍କୁ ଚଳିତବର୍ଷର ସମ୍ମାନଜନକ ବିଷୁବ ପୁରସ୍କାର ପ୍ରଦାନ କରାଯିବ। ସେହିପରି ପ୍ରବନ୍ଧ ଓ ସାହିତ୍ୟ-ସମାଲୋଚନା ପାଇଁ ଅଧ୍ୟାପକ ବେଣୁଧର ପାଢ଼ୀ, କବିତା ପାଇଁ ରଞ୍ଜିତା ନାୟକ ଓ ଗଳ୍ପ ପାଇଁ କ୍ଷୀରୋଦ ଦାସଙ୍କୁ ଝଙ୍କାର ପୁରସ୍କାର ପ୍ରଦାନ କରାଯିବ। ଏଥିସହ ଅନୁବାଦ-ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ ଅବଦାନ ନିମନ୍ତେ କମଳା ଶତପଥୀଙ୍କୁ ଝଙ୍କାର ଅନୁବାଦ-ଭାରତୀ ପୁରସ୍କାର ପ୍ରଦାନ କରାଯିବ। କଟକ ବିହାରୀବାଗସ୍ଥିତ ପ୍ରଜାତନ୍ତ୍ର ପରିସରରେ ଥିବା ବିଷୁବ ମଣ୍ଡପରେ ଆସନ୍ତା ୧୨ ତାରିଖରୁ ୩ ଦିନବ୍ୟାପୀ ୭୬ତମ ବିଷୁବ ମିଳନ ଓ ବାର୍ଷିକ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେବ। ଏହି ଉତ୍ସବର ଅନ୍ତିମ ଦିବସରେ ଏହିସବୁ ପୁରସ୍କାର ପ୍ରଦାନ କରାଯିବ ବୋଲି ପ୍ରଜାତନ୍ତ୍ର ପ୍ରଚାର ସମିତି ପକ୍ଷରୁ ମଙ୍ଗଳବାର ପ୍ରେସ୍ ଇସ୍ତାହାରରେ ସୂଚନା ଦିଆଯାଇଛି।



ଅପର୍ଣ୍ଣା ମହାନ୍ତି

# ରୋଷେଇ ଚୁଲ୍ଲୀରୁ ନିଆଁ ଲାଗି ଜଳିଗଲା ବସ୍

- ଅଳ୍ପକେ ବର୍ତ୍ତିଲା ମାଳତୀପାଟପୁର ବସ୍‌ଷ୍ଟାଣ୍ଡ
- ବସ୍‌ରେ ରୋଷେଇ କରାଯିବାକୁ ନେଇ ଉଠିଲା ପ୍ରଶ୍ନ

ପୁରୀ,୮।୪(ଅଜିତ୍ କୁମାର ମହାନ୍ତି)

ପୁରୀ ମାଳତୀପାଟପୁର ବସ୍‌ଷ୍ଟାଣ୍ଡରେ ମଙ୍ଗଳବାର ସକାଳେ ଏକ ଟୁରିଷ୍ଟ ବସ୍‌ରେ ଅଗ୍ନିକାଣ୍ଡ ଘଟିଛି। ଅଗ୍ନିକାଣ୍ଡରେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ବସ୍‌ଟି ପୋଡ଼ିଯାଇଥିବା ଜଣାପଡ଼ିଛି। ବସ୍ ଭିତରେ ରୋଷେଇ ହେଉଥିବାବେଳେ ସେଥିରୁ ବସ୍‌ରେ ନିଆଁ ଲାଗିଥିବା ଜଣାପଡ଼ିଛି। ପଶ୍ଚିମବଙ୍ଗରୁ ଯାତ୍ରୀ ନେଇ ଆସିଥିବା ଟୁରିଷ୍ଟ ବସ୍ (ଡବ୍ଲୁ ବି ୧୫ ସି ୭୦୦୧) ପୁରୀ ଆସି ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ପରିସରରେ ପାର୍କିଂ ହୋଇଥିଲା। ସହାୟକ କର୍ମଚାରୀ ବସ୍‌ରେ ରୋଷେଇ କରୁଥିବାବେଳେ ଚୁଲ୍ଲୀରୁ ନିଆଁ ଧରି ତାହା କ୍ରମଶଃ ବସ୍‌ରେ ବ୍ୟାପି ଯାଇଥିଲା। ଏହା ଦେଖି ଚାଳକ ଉକ୍ତ ବସ୍‌କୁ ଜଳନ୍ତା ଅବସ୍ଥାରେ ଷ୍ଟାଣ୍ଡ ବାହାର ମୁଖ୍ୟରାସ୍ତା ଉପରକୁ ଆଣି ସେଠାରେ ରଖି ଦୌଡ଼ିଥିଲେ। ବସ୍ କିଛି ସମୟ ଜଳିବା ପରେ ଲଗେଜ ଷ୍ଟାଣ୍ଡ ଭିତରେ ଥିବା ଗ୍ୟାସ୍ ସିଲିଣ୍ଡର ଫାଟିଥିଲା। ତେବେ ଏକ ବଡ଼ ଅଘଟଣରୁ ମାଳତୀପାଟପୁର ବସ୍‌ଷ୍ଟାଣ୍ଡ ବର୍ତ୍ତି ଯାଇଛି। ଖବର ପାଇ ଅଗ୍ନିଶମ ପକ୍ଷରୁ ପୁରୀରୁ ୨ଟି ଓ ସାକ୍ଷୀଗୋପାଳର ୨ଟି ଫାୟାର ୟୁନିଟ୍ ପହଞ୍ଚି ନିଆଁ ଲିଭାଇଥିଲେ। ତେବେ କେହି ମୃତାହତ ହୋଇ ନ ଥିଲେ ମଧ୍ୟ ଏପରି ଘଟଣା ବିଭିନ୍ନ ଦିଗ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବସ୍‌ଷ୍ଟାଣ୍ଡ ଏବଂ ବସ୍ ପରିସର ସମ୍ବେଦନଶୀଳ ସ୍ଥାନ ହୋଇଥିବାବେଳେ କିପରି ଏହା ମଧ୍ୟରେ ରୋଷେଇ କରିବାକୁ ଅନୁମତି ପ୍ରଦାନ କରାଗଲା, ତାହାକୁ ନେଇ ପ୍ରଶ୍ନ ଉଠିଛି। ସେହିପରି ବସ୍ ମଧ୍ୟରେ ନିଆଁ ଲାଗିଥିଲେ ମଧ୍ୟ ତାକୁ ଲିଭାଇବାକୁ ପାଣି କିମ୍ବା ଫାୟାର ଏକ୍ସଟିଙ୍ଗୁଇସର ବ୍ୟବସ୍ଥା ନ ଥିଲା। ଫଳରେ ବସ୍‌ରୁ ନିଆଁ ଲିଭାଇବା ସମ୍ଭବ ହୋଇପାରି ନ ଥିଲା। ହେଲେ ବସ୍ ମଧ୍ୟରେ ଅଗ୍ନି ନିର୍ବାପକ ଯନ୍ତ୍ର ଥିଲା କି ନାହିଁ, ତାହାର ତଦନ୍ତ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି। ପୁରୀକୁ ବାହାରୁ ଆସୁଥିବା ସମସ୍ତ ପର୍ଯ୍ୟଟକ ବସ୍‌ଗୁଡ଼ିକ ମାଳତୀପାଟପୁରଠାରେ ପାର୍କିଂ ହୋଇଥାଏ। ତେବେ ଅଭିଯୋଗ ହେଉଛି, ପ୍ରତ୍ୟେକ ଦିନ ଏଠାରେ ବସ୍‌ରେ ରୋଷେଇ ହେଉଛି, ଯାହା ବେଆଇନ। ଯଦି ଆଗକୁ ଏପରି ଅଘଟଣ ଘଟେ, ତେବେ ଏଥିପାଇଁ କିଏ ଦାୟୀ ରହିବ? ତେଣୁ ଏଥିପ୍ରତି ଜିଲା ପ୍ରଶାସନ ଏବଂ ପରିବହନ ବିଭାଗ ନଜର ଦେବା ସହ ନିୟମ ଉଲ୍ଲଂଘନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ ବୋଲି ବିଭିନ୍ନ ମହଲରେ ଦାବି ହୋଇଛି।



ଜଳୁଥିବା ଟୁରିଷ୍ଟ ବସ୍।



ଭୁବନେଶ୍ୱର ଏକାମ୍ର ପ୍ରକାଶନୀ ପକ୍ଷରୁ ଲିଙ୍ଗରାଜ ମହୋତ୍ସବରେ ମଙ୍ଗଳବାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି। (ଫଟୋ-ମନୋରଞ୍ଜନ ମିଶ୍ର)

# ଏଫ୍‌ଡିଡିଆଇ ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ନାମଲେଖା ଘୋଷଣା





ଖବରଦାତା ସମ୍ମିଳନୀରେ ଏଫ୍‌ଡିଡିଆଇ ପକ୍ଷରୁ ସୂଚନା ଦିଆଯାଉଛି।

**ମେ ୧୧ରେ ପ୍ରବେଶିକା ପରୀକ୍ଷା, ଜୁନ୍‌ରେ ପ୍ରକାଶ ପାଇବ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା**

ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)

ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରତିଷ୍ଠାନ ହାଇଦ୍ରାବାଦସ୍ଥିତ ଜାତୀୟ ଫୁଟ୍‌ୱେର ଡିଜାଇନ ଏବଂ ବିକାଶ ପ୍ରତିଷ୍ଠାନ (ଏଫ୍‌ଡିଡିଆଇ) ପକ୍ଷରୁ ୨୦୨୫-୨୬ ଶିକ୍ଷାବର୍ଷରେ ନାମଲେଖା ପାଇଁ ଘୋଷଣା କରାଯାଇଛି। ଭୁବନେଶ୍ୱରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏନ୍.ଟି. ଲୋହିତ ରେଡ୍ଡୀ କହିଛନ୍ତି, ଜୋତା, ଫେଶନ, ଖୁଚୁରା ବ୍ୟବସାୟ ଏବଂ ଚମଡ଼ା ସରଞ୍ଜାମ କ୍ଷେତ୍ରରେ ଦକ୍ଷତା ଶୂନ୍ୟସ୍ଥାନ ପୂରଣ କରିବା ଲାଗି ଏହି ପ୍ରତିଷ୍ଠାନ ବିଭିନ୍ନ ପାଠ୍ୟକ୍ରମରେ ଶିକ୍ଷା ପ୍ରଦାନ କରିଥାଏ। ପ୍ରତିଷ୍ଠାନର ଅଭିନବ କାର୍ଯ୍ୟକ୍ରମରେ ପ୍ରତିଭାସମ୍ପନ୍ନ ଛାତ୍ରୀଛାତ୍ରଙ୍କୁ ଭାଗ ନେବା ପାଇଁ ଆମନ୍ତ୍ରଣ କରାଯାଇଛି। ଏହି ପ୍ରତିଷ୍ଠାନକୁ ୨୦୧୭ରେ ଏଫ୍‌ଡିଡିଆଇ ଆଇନ ଅଧୀନରେ ଜାତୀୟ ଗୁରୁତ୍ୱ ବହନ କରୁଥିବା ପ୍ରତିଷ୍ଠାନ ଭାବେ ଘୋଷଣା କରାଯାଇଥିଲା। ଏଠାରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରଙ୍କୁ ବହୁ ପ୍ରତିଷ୍ଠିତ ସଂସ୍ଥାରେ ଶତପ୍ରତିଶତ ନିଯୁକ୍ତି ମିଳିଥାଏ। ପ୍ରତିଷ୍ଠାନରେ ଆଧୁନିକ ଭିତ୍ତିଭୂମି ସହିତ ସ୍ମାର୍ଟ ଶ୍ରେଣୀଗୃହ, ଉଚ୍ଚ ପ୍ରଯୁକ୍ତି ସମ୍ପନ୍ନ ପରୀକ୍ଷାଗାର ଓ ପରୀକ୍ଷଣ କେନ୍ଦ୍ର, ଦକ୍ଷତା ଆଧାରିତ ପାଠ୍ୟକ୍ରମ, ଏଆଇ, ଏଆର୍ ଏବଂ ଦୀର୍ଘସ୍ଥାୟିତ୍ୱ ଧାରାକୁ ନେଇ ପ୍ରଶିକ୍ଷଣ ସୁବିଧା ରହିଛି। ଏହି ପ୍ରତିଷ୍ଠାନରେ ଜୋତା ଡିଜାଇନ ଓ ଉତ୍ପାଦନ, ଫେଶନ ଡିଜାଇନ, ଚମଡ଼ା ଲାଇଫ ଷ୍ଟାଇଲ ଓ ଉତ୍ପାଦନ ଡିଜାଇନ, ରିଟେଲ ଓ ଫେଶନ ମର୍ଚ୍ଛାଣ୍ଡାଇଜ ଆଦି ପାଠ୍ୟକ୍ରମରେ ସ୍ନାତକ ଏବଂ ସ୍ନାତକୋତ୍ତର ଶ୍ରେଣୀରେ ପିଲାମାନେ ପାଠ ପଢ଼ିପାରିବେ। ଏହାବ୍ୟତୀତ ବିଭିନ୍ନ ବିଷୟରେ ପିଏଚ୍‌ଡି ଡକ୍ଟରାଲ ପ୍ରୋଗ୍ରାମ ମଧ୍ୟ ରହିଛି। ଏହି ଶିକ୍ଷାନୁଷ୍ଠାନରେ ନାମ ଲେଖାଇବା ପାଇଁ ଗତବର୍ଷ ନଭେମ୍ବର ୧୫ରେ ଆବେଦନ ଆରମ୍ଭ ହୋଇଥିଲା। ଆବେଦନର ଶେଷ ତାରିଖ ୨୦୨୫ ଏପ୍ରିଲ ୨୦ ରହିଛି। ପ୍ରବେଶିକା ପରୀକ୍ଷା ମେ ୧୧ରେ ଅନୁଷ୍ଠିତ ହେବ। ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଜୁନରେ ଘୋଷଣା କରାଯିବ। ଜୁନ-ଜୁଲାଇରେ କାଉନସେଲିଂ ଓ ନାମଲେଖା ପରେ ଜୁଲାଇ ୧୫ରୁ ପାଠପଢ଼ା ଆରମ୍ଭ ହେବ।

### ଫର୍‌ୱାର୍ଡ ବ୍ଲକ୍‌ର ଦିଲ୍ଲୀ ଚାଲ ଅଭିଯାନକୁ ସିପିଆଇ(ଏମ୍)ର ସମର୍ଥନ

ଭୁବନେଶ୍ୱର, ୮।୪ (ବନ୍ଦନା ସେଠୀ)

କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳା ପ୍ରତିବାଦରେ ଏପ୍ରିଲ ୧୦ରେ ଫର୍‌ୱାର୍ଡ ବ୍ଲକ୍ ପକ୍ଷରୁ ଦିଲ୍ଲୀ ଚାଲ ଅଭିଯାନ ଅନୁଷ୍ଠିତ ହେବ। ଏହି କ୍ରମରେ ନୂଆଦିଲ୍ଲୀର ଜନ୍ତରମନ୍ତରଠାରେ ପ୍ରତିବାଦ ଧାରଣା କାର୍ଯ୍ୟକ୍ରମ ରହିଛି। ଏହାକୁ ସିପିଆଇ (ଏମ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ସମର୍ଥନ କରାଯିବ। କେନ୍ଦ୍ର ସରକାର ‘ଇଷ୍ଟକୋଷ୍ଟ ରେଳପଥ ଜୋନ୍’କୁ ଭାଗକରି ନୂତନ ଭାବେ ଗଠନ ହେଉଥିବା ‘ସାଉଥ କୋଷ୍ଟ ରେଳପଥ ଜୋନ୍’ ଅଧୀନକୁ ଟେକିଦେବାକୁ ବସିଛନ୍ତି। ଫଳରେ ପୂର୍ବତଟ ରେଳପଥ ଦୁର୍ବଳ ହେବା ସହ ଓଡ଼ିଶାର ବିପୁଳ ରାଜସ୍ୱ କ୍ଷତି ହେବ ବୋଲି ସିପିଆଇ (ଏମ୍) ପକ୍ଷରୁ ଅଭିଯୋଗ କରାଯାଇଛି। ଗୋଦାବରୀ ନଦୀରେ ନିର୍ମାଣାଧୀନ ପୋଲାଭରମ୍ ଡ୍ୟାମ୍‌ର ଉଚ୍ଚତା ବୃଦ୍ଧି ଫଳରେ ମାଲକାନଗିରି ଜିଲାର ଅନେକ ଗାଁ ବୁଡ଼ିଯିବ। ତେଣୁ ଏହି ପ୍ରକଳ୍ପର ଉଚ୍ଚତା ହ୍ରାସ ସହ ପ୍ରଭାବିତଙ୍କୁ ଉପଯୁକ୍ତ ଥଇଥାନ କରାଯିବା, ମହାନଦୀ ଜଳକୁ ଓଡ଼ିଶାକୁ ଦିଆଯିବା, ଓଡ଼ିଶାରେ ଅଧିକ ନିଯୁକ୍ତିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରିବା ଆଦି ଦାବି କରାଯାଇଛି।

# ଅଧାରେ ରହିଛି ୧୦ହଜାରରୁ ଊର୍ଦ୍ଧ୍ୱ ମାମଲାର ତଦନ୍ତ

**୯୩ ଅଧିକାରୀ ହେଲେ ପୁରସ୍କୃତ**

ଭୁବନେଶ୍ୱର,୮।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା (ୟୁପିଡି)ର ଥାନାଗୁଡ଼ିକରେ ପଡ଼ିରହିଥିବା ମାମଲାର ତଦନ୍ତ ଶେଷ କରିବାକୁ ପ୍ରୟାସ ଆରମ୍ଭ ହୋଇଛି। ଭୁବନେଶ୍ୱରର ବିଭିନ୍ନ ଥାନାଗୁଡ଼ିକରେ ୧୦ ହଜାରରୁ ଊର୍ଦ୍ଧ୍ୱ ମାମଲା ତଦନ୍ତ ଅଧାଥିବା ବେଳେ ପୋଲିସ ପାଇଁ ଏହା ଚିନ୍ତାର କାରଣ ପାଲଟିଛି। ତେଣୁ ଏହି ମାମଲାଗୁଡ଼ିକର ତଦନ୍ତ ଶୀଘ୍ର ସାରିବାକୁ ଖସଡ଼ା ପ୍ରସ୍ତୁତ କରାଯାଇଛି। ଏଥିପାଇଁ ସଫଳ ତଦନ୍ତକାରୀ ଅଫିସରମାନଙ୍କୁ ଉତ୍ସାହିତ କରି କାର୍ଯ୍ୟ ଦକ୍ଷତା ବଢ଼ାଇବା ପାଇଁ ପୁରସ୍କାର ରାଶି ଓ ପ୍ରଶଂସା ପତ୍ର ବଣ୍ଟନ ବ୍ୟବସ୍ଥା କରାଯାଇଛି। ଏଥିସହ ନୂଆ ପଦକ୍ଷେପ ମଧ୍ୟ ହାତକୁ ନିଆଯାଇଛି। ମଙ୍ଗଳବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭୁବନେଶ୍ୱର ଡିସିପି ଜଗମୋହନ ମୀନା ମାର୍ଚ୍ଚ ମାସରେ ତଦନ୍ତ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୯୩ଜଣ ସଫଳ ପୋଲିସ ଅଧିକାରୀଙ୍କୁ ପୁରସ୍କୃତ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨୬ଜଣ ପୁରସ୍କାର ରାଶି ସହ ପ୍ରଶଂସା ପତ୍ର ପାଇଥିବାବେଳେ ୬୭ଜଣ କେବଳ ପୁରସ୍କାର ରାଶି ପାଇଛନ୍ତି। ମାର୍ଚ୍ଚରେ ସର୍ବାଧିକ ୨୭ ମାମଲାର ତଦନ୍ତ ଶେଷ କରିଥିବା ନୟାପଲ୍ଲୀ ଥାନାର ଏସ୍‌ଆଇ ଶୁଭ୍ରାଂଶୁ ମହାପାତ୍ରଙ୍କୁ ୧୦ ହଜାର ଟଙ୍କା ଓ ପ୍ରଶଂସା ପତ୍ର ମିଳିଛି। ସେହିପରି ୧୭ଟି ଲେଖାଏ ମାମଲାର ତଦନ୍ତ ସାରିଥିବା ଜଟଣୀ ଥାନା ଏଏସ୍‌ଆଇ ରମ୍ଭାବତି ବରୁଆ, ଏସ୍. କେ. ସବୀର ହୁସେନ୍ ଓ ନୟାପଲ୍ଲୀ ଥାନାର ଏଏସ୍‌ଆଇ ଗଙ୍ଗାଧର ପ୍ରଧାନଙ୍କୁ ୭,୫୦୦ ଟଙ୍କା ଲେଖାଏ ପୁରସ୍କାର ସହ ପ୍ରଶଂସା ପତ୍ର ଦିଆଯାଇଛି। ଏଥିସହ ୨୨ ଜଣଙ୍କୁ ୫ ହଜାର ଟଙ୍କା ଲେଖାଏ ଓ ପ୍ରଶଂସା ପତ୍ର ବଣ୍ଟାଯାଇଥିବାବେଳେ ଅନ୍ୟମାନଙ୍କୁ କେବଳ ପୁରସ୍କାର ରାଶି ମିଳିଛି।

ପୋଲିସ ସୂଚନାନୁଯାୟୀ, ଗତ ମାର୍ଚ୍ଚରେ ଭୁବନେଶ୍ୱର ୟୁପିଡି ପକ୍ଷରୁ ମୋଟ ୧,୩୦୦ ମାମଲାର ତଦନ୍ତ ଶେଷ କରି କୋର୍ଟରେ ଚାର୍ଜଶିଟ୍ ଦାଖଲ କରାଯାଇଛି। ଏହି ମାସରେ ୧,୨୩୨ ମାମଲା ରୁଜୁ ହୋଇଥିବାବେଳେ ବିଧାନସଭା ଅଧିବେଶନ ସହ ଅନ୍ୟ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରି ପୋଲିସ ଅଧିକାରୀମାନେ ମାମଲା ତଦନ୍ତ ଶେଷ ଉପରେ କାର୍ଯ୍ୟ କରିଥିଲେ। ପ୍ରତି ମାସରେ ରୁଜୁ ହେଉଥିବା ପ୍ରାୟ ୧,୨୦୦ରୁ ଊର୍ଦ୍ଧ୍ୱ ମାମଲାଠୁ ଅଧିକ ମାମଲାର ତଦନ୍ତ ସାରିବା ପାଇଁ ପ୍ରୟାସ ହୋଇଛି। ପ୍ରତି ଜୋନ୍‌କୁ ଜଣେ ଲେଖାଏ ଅତିରିକ୍ତ ଡିସିପିଙ୍କୁ ପରାମର୍ଶଦାତା ଦାୟିତ୍ୱ ଦିଆଯାଇଛି। ଡିସିପି ଅଫିସରେ କାର୍ଯ୍ୟ କରୁଥିବା ଅତିରିକ୍ତ ଡିସିପି, ଏସିପି ଓ ଇନ୍‌ସ୍ପେକ୍ଟରମାନଙ୍କୁ ମେଣ୍ଟର ଭାବରେ ଦାୟିତ୍ୱ ଦିଆଯାଇଛି। ଆଗକୁ ପ୍ରତିମାସରେ ୨ ହଜାରରୁ ଊର୍ଦ୍ଧ୍ୱ ମାମଲା ତଦନ୍ତ ଶେଷ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏ ସଂକ୍ରାନ୍ତରେ ଥାନା ଅଧିକାରୀ ଓ ତଦନ୍ତକାରୀ ଅଫିସରମାନଙ୍କୁ ଡିସିପି କଡ଼ା ନିର୍ଦ୍ଦେଶ ଦେଇଛନ୍ତି।



ନୟାପଲ୍ଲୀ ଥାନା ଏସ୍‌ଆଇ ଶୁଭ୍ରାଂଶୁ ମହାପାତ୍ରଙ୍କୁ ଡିସିପି ଜଗମୋହନ ମୀନା ପୁରସ୍କୃତ କରୁଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଚୁମ୍‌କୀ



@ ବିକି



@ ରାଜେଶ



@ ନୁର୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମେ’ ୩ରେ ସରିବ ଡବ୍ଲ୍ୟୁଏସ୍‌ସି ଅନ୍‌ଲାଇନ ନାମଲେଖା ଆବେଦନ

ଭୁବନେଶ୍ୱର,୮।୪(ସୁଚିସ୍ମିତା ସାହୁ)

ବିଶ୍ୱ ଦକ୍ଷତା କେନ୍ଦ୍ର(ଡବ୍ଲ୍ୟୁଏସ୍‌ସି)ର ୨୦୨୫-୨୬ ବ୍ୟାଚ୍‌ରେ ନାମଲେଖା ଲାଗି ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ‘ସ୍କୁଲ ଅଫ ଇଞ୍ଜିନିୟରିଂ’ ଓ ‘ସ୍କୁଲ ଅଫ୍ ସର୍ଭିସେସ୍’ ବିଭାଗ ଅଧୀନରେ ଥିବା ମୋଟ ୭ଟି ଅତ୍ୟାଧୁନିକ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଗ୍ରହୀ ପ୍ରାର୍ଥୀମାନେ ମେ’ ୩ ତାରିଖ ସୁଦ୍ଧା ଆବେଦନ କରିପାରିବେ।

‘ସ୍କୁଲ ଅଫ୍ ଇଞ୍ଜିନିୟରିଂ’ ବିଭାଗ ଅଧୀନରେ ମେକାନିକାଲ ଆଣ୍ଡ ଇଲେକ୍ଟ୍ରିକାଲ ସର୍ଭିସେସ୍, ମେକାଟ୍ରୋନିକ୍ସ, ଇଲେକ୍ଟ୍ରିକାଲ ଟେକ୍ନୋଲୋଜି, ଏୟାର କଣ୍ଡିସନିଂ ଆଣ୍ଡ ରେଫ୍ରିଜେରେସନ, ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ (ଲିଫ୍ଟ ଟେକ୍ନୋଲୋଜି) ଏବଂ ପ୍ରିସିସନ ଇଞ୍ଜିନିୟରିଂ ଆଦି ବିଷୟ ରହିଛି। ଏଥିରେ ନାମଲେଖା ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ଆବେଦନ କରାଯାଉଛି। ଏହି ଅତ୍ୟାଧୁନିକ ବିଷୟରେ ତାଲିମ ପାଇଁ ପ୍ରାର୍ଥୀ କୌଣସି ସରକାରୀ ବା ଘରୋଇ ଶିଳ୍ପ ତାଲିମ କିମ୍ବା ବୈଷୟିକ ଶିକ୍ଷାନୁଷ୍ଠାନରୁ ୨ ବର୍ଷିଆ ଆଇଟିଆଇ/୩ ବର୍ଷିଆ ଡିପ୍ଲୋମା କରିଥିବା ଆବଶ୍ୟକ। ସେହିପରି ‘ସ୍କୁଲ ଅଫ ସର୍ଭିସେସ’ ବିଭାଗ ଅଧୀନରେ ଅତ୍ୟାଧୁନିକ ବିୟୁଟି ଆଣ୍ଡ ୱେଲନେସ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ। ଏଥିପାଇଁ ପ୍ରାର୍ଥୀ ଯୁକ୍ତ୨, ସଂପୃକ୍ତ ବିଷୟରେ ଆଇଟିଆଇ କିମ୍ବା କୌଣସି ବିଷୟରେ ଡିପ୍ଲୋମା କରିଥିବା ଆବଶ୍ୟକ। ଆଗ୍ରହୀ ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ର ୱେବସାଇଟରେ www.worldskillcenter.org ପ୍ରଥମେ ପଞ୍ଜୀକରଣ କରିବା ପରେ ନାମଲେଖା ପାଇଁ ଆବେଦନ କରିପାରିବେ।

ବିଶ୍ୱ ଦକ୍ଷତା କେନ୍ଦ୍ରର ଚଳିତ ବ୍ୟାଚ୍ ସହିତ ରାଜ୍ୟ ବାହାରର ପ୍ରାର୍ଥୀମାନେ ମଧ୍ୟ ଆବେଦନ କରିପାରିବେ। ଅନ୍ୟ ରାଜ୍ୟର ପ୍ରାର୍ଥୀଙ୍କ ପାଇଁ ୧୦ ପ୍ରତିଶତ ସିଟ୍ ସଂରକ୍ଷଣ ରହିବ। ରାଜ୍ୟ ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଓ ଦକ୍ଷତା ବିକାଶ ପ୍ରାଧିକରଣ ପକ୍ଷରୁ ବିଶ୍ୱ ଦକ୍ଷତା କେନ୍ଦ୍ର ସ୍ଥାପନ କରାଯାଇଛି। ଏଠାରେ ଛାତ୍ରୀଛାତ୍ରଙ୍କ ରହିବା ଲାଗି ହଷ୍ଟେଲ, ଖାଇବା, ୟୁନିଫର୍ମ ଏବଂ ବସ୍ ସୁବିଧା ଆଦି ମାଗଣାରେ ଦିଆଯାଉଛି। ଛାତ୍ରୀଛାତ୍ରଙ୍କୁ ବିଦେଶରେ ଯାଇ ବିଶେଷ ଅନୁଭୂତି ହାସଲ କରିବା ପାଇଁ ସୁଯୋଗ ଦିଆଯାଉଛି। ଶିକ୍ଷା ଓ ତାଲିମ ଶେଷ ହେବା ପରେ ଛାତ୍ରୀଛାତ୍ରଙ୍କୁ ଦେଶବିଦେଶର ବିଭିନ୍ନ ପ୍ରମୁଖ ସଂସ୍ଥାରେ ନିଯୁକ୍ତି ପାଇଁ ‘ପ୍ଲେସ୍‌ମେଣ୍ଟ’ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି।

# ମଞ୍ଚରୁ ନବୀନ ଉଭାନ

**ଭୁବନେଶ୍ୱର, ୮।୪(ସୁନିତ୍ ମିଶ୍ର)**

ୱାକ୍‌ଫ ବିଲ୍‌କୁ ନେଇ ବିଜେଡିରେ ଦେଖାଦେଇଥିବା ଦ୍ୱନ୍ଦ୍ୱ ଭିତରେ ଛନ୍ଦିହୋଇପଡ଼ିଥିବା ଭି.କେ. ପାଣ୍ଡିଆନ୍‌ଙ୍କୁ ବଞ୍ଚାଇବାକୁ ଦଳ ଭିତରେ ଜୋର୍‌ଦାର ଉଦ୍ୟମ ଆରମ୍ଭ ହୋଇଯାଇଛି। ଏହାକୁ ସମ୍ଭାଳିବାକୁ ପାଣ୍ଡିଆନ୍‌ଙ୍କ ଜଣେ ସହଯୋଗୀ ସବୁ ପ୍ରକାର ଉଦ୍ୟମ ଚଳାଇଛନ୍ତି। ଗତ ୫ ଦିନ ଭିତରେ ବିଜେଡିରେ ଘଟିଥିବା ଘଟଣାକ୍ରମକୁ ଦେଖିଲେ ପାଣ୍ଡିଆନ୍‌ଙ୍କୁ କିପରି ସୁରକ୍ଷା ଦିଆଯାଉଛି ତାକୁ ନେଇ ସବୁଠାରେ ଚର୍ଚ୍ଚା ମଧ୍ୟ ଲାଗି ରହିଛି। ୱାକ୍‌ଫ ବିଲ୍‌କୁ ନେଇ ଯେଉଁ ଦ୍ୱିମତ ଦେଖାଦେଇଥିଲା ତାକୁ ଦଳର ବହୁ ବରିଷ୍ଠ, ଯୁବ ଏବଂ ଛାତ୍ରନେତା ବିରୋଧ କରିବା ସଙ୍ଗେ ସଙ୍ଗେ ପାଣ୍ଡିଆନ୍‌ଙ୍କୁ ହଟାଇବାକୁ ଦାବି ଜୋର୍ ଧରିଥିଲା। ହେଲେ ବହୁ ନେତାଙ୍କ ଦାବିକୁ ଅଣଦେଖା କରିଦେଇ ଏହାକୁ ଘୋଡ଼ାଇବା ସକାଶେ ଦଳର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ବିଷୟକୁ ଅଗ୍ରାଧିକାର ଦେବାର ବାହାନା ଦଳ ଭିତରେ ଆରମ୍ଭ ହୋଇଛି। ଦଳର କେତେଜଣ ବରିଷ୍ଠ ବୋଲାଉଥିବା ନେତା ଗଣମାଧ୍ୟମ ଆଗରେ ନିଜକୁ ବଞ୍ଚାଇରଖିବା ଲାଗି ପାଣ୍ଡିଆନ୍‌ଙ୍କ ସହଯୋଗୀଙ୍କ ଗୋଟିଚାଳନାରେ ମୋଡ଼ିମକଚି ହୋଇଯାଇଥିବା ଚର୍ଚ୍ଚା ହେଉଛି। ଚଳିତ ମାସ ସୁଦ୍ଧା ଦଳର ସାଙ୍ଗଠନିକ ନିର୍ବାଚନୀ ପ୍ରକ୍ରିୟା ଶେଷହେବ ବୋଲି ଘୋଷଣା କରାଯାଇଛି। ସେହି କ୍ରମରେ ଦଳର ୩୩ଟି ସାଙ୍ଗଠନିକ ଜିଲା ଭିତରୁ ପ୍ରଥମ ପର୍ଯ୍ୟାୟରେ ୨୬ଟି ଜିଲାର ସଭାପତିଙ୍କ ନାଁ ଘୋଷଣା କରାଯିବ ବୋଲି ଶୁଣିବାକୁ ମିଳୁଛି। ବବିଙ୍କ ଇଙ୍ଗିତରେ ପ୍ରାୟ ସବୁ ଜିଲାର ସଭାପତିଙ୍କ ନାଁ ଚୟନ କରାଯାଉଥିବା କେତେଜଣ ନେତା ବାହାରେ ଗପିବା ଆରମ୍ଭ କରିଦେଇଛନ୍ତି। ସାଙ୍ଗଠନିକ କ୍ଷେତ୍ରରେ ପାଣ୍ଡିଆନ୍ ଓ ବବି ଯୋଡ଼ି ଦଳକୁ ଏକରକମ ନିଜ ନିୟନ୍ତ୍ରଣକୁ ନେବାରେ ଏହି ସୁବର୍ଣ୍ଣ ସୁଯୋଗକୁ ହାତଛଡ଼ା କରିବାକୁ ଚାହୁଁନାହାନ୍ତି।

ଶଙ୍ଖ ଭବନରେ ଘନ ଘନ ବୈଠକକରି ଗୋଟିଏ ପଟେ ପାଣ୍ଡିଆନ୍‌ଙ୍କୁ ସୁରକ୍ଷା ଦେବାକୁ ରଣନୀତି ପ୍ରସ୍ତୁତ କରାଯାଉଥିବା ବେଳେ ଅନ୍ୟପଟେ ଏକ ଭୟର ବାତାବରଣ ସୃଷ୍ଟିକରି ସାଙ୍ଗଠନିକ ପ୍ରକ୍ରିୟା ଶେଷ କରିଦେବାର ଷଡ଼ଯନ୍ତ୍ର ଆରମ୍ଭ ହୋଇଛି। ଦଳର କେତେଜଣ ବରିଷ୍ଠ ନେତା ଗଣମାଧ୍ୟମ ଆଗରେ ନିଜକୁ ଉପସ୍ଥାପନ କରିବାକୁ ବହୁ ଉଦ୍ୟମ କରିଆସୁଥିଲେ। ଏହାର ସୁଯୋଗ ଏବେ ପାଣ୍ଡିଆନ୍‌ଙ୍କ ଟିମ୍ ଉଠାଇବା ଆରମ୍ଭ କରିଛନ୍ତି। ଯେଉଁମାନେ ୱାକ୍‌ଫ ବିଲ୍ ପ୍ରସଙ୍ଗରେ ପାଣ୍ଡିଆନ୍‌ଙ୍କୁ ଟାର୍ଗେଟ କରିବାର ମୌକା ପାଇଯାଇଥିଲେ ସେମାନଙ୍କୁ ପୂର୍ବରୁ ଦଳର ଅନେକ କଥାରେ କେବେହେଲେ ଲୋଡ଼ାଯାଉ ନ ଥିଲା। ହେଲେ ଏବେ ସେହି ନିର୍ଦ୍ଦିଷ୍ଟ ନେତାମାନଙ୍କୁ ବାରମ୍ବାର ଶଙ୍ଖ ଭବନରେ ଦେଖିବାକୁ ମିଳୁଛି। ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ କିପରି ହେବ ସେମାନଙ୍କ ମତାମତ ଲୋଡ଼ାଯାଉଛି। ସେହି ନେତାମାନେ ମଧ୍ୟ ତାଙ୍କୁ ଦଳ ବହୁ ମାତ୍ରାରେ ଲୋଡୁଥିବା ଦେଖି ସନ୍ତୁଷ୍ଟ ହେବା ଆରମ୍ଭ କରିଛନ୍ତି। ଏହାପରେ ଗଣମାଧ୍ୟମ ଆଗରେ ଦଳୀୟ ପ୍ରସଙ୍ଗରେ ମତାମତ ରଖିଦେଇ ସେହି ନେତାମାନେ ମଧ୍ୟ କୃତକୃତ୍ୟ ହୋଇଯାଉଛନ୍ତି। ଖୁସି ହେଉଥିବା ନେତାଙ୍କୁ ବ୍ୟବହାରକରି ଏବେ ଆରମ୍ଭ କରାଯାଇଛି ପାଣ୍ଡିଆନ୍ ସୁରକ୍ଷା ଅଭିଯାନ। ଯେଉଁମାନେ ପାଣ୍ଡିଆନ୍‌ଙ୍କୁ ୱାକ୍‌ଫ ବିଲ୍ କଥାରେ ଟାର୍ଗେଟ କରୁଛନ୍ତି ସେମାନଙ୍କ ବିରୋଧରେ ଖୁସି ହୋଇସାରିଥିବା ନେତାଏ ଓଲଟା ଆକ୍ରମଣ କରିବାକୁ ଚେଷ୍ଟା କରୁଛନ୍ତି। ହେଲେ ବୈଠକରେ ଉପସ୍ଥିତ ରହୁଥିବା ନେତାଙ୍କ ମଧ୍ୟରୁ କେତେଜଣ ବାହାରେ ଆସି ଏବେ ବବିଙ୍କ ପୂର୍ବ ବ୍ୟବହାର ଦେଖିବାକୁ ପାଇଲେଣି ବୋଲି କୁହାକୁହି ଆରମ୍ଭ କରିଛନ୍ତି। ଜଣେ ନେତା ନିଜ ନାମ ଗୋପନ ରଖି କହିଛନ୍ତି, ଯେତେବେଳେ କେଉଁ ଜିଲାର ସଭାପତି କାହାକୁ କରାଯିବ ଆଲୋଚନା ହେଉଛି ସେତେବେଳେ ବବି ତାଙ୍କ ଅନୁଗତଙ୍କୁ ଦାୟିତ୍ୱ ଦେବାକୁ କହୁଛନ୍ତି। ଯଦି ତାଙ୍କ କଥାକୁ ନେଇ କେହି କିଛି ପ୍ରଶ୍ନ କରୁଛନ୍ତି ତେବେ ବବି ଉଚ୍ଚ ସ୍ୱରରେ ଅନ୍ୟମାନଙ୍କୁ ଦାବିଦେବାକୁ ଚେଷ୍ଟା କରିଛନ୍ତି। ୨୦୨୪ ନିର୍ବାଚନ ଫଳାଫଳ ବାହାରିବା ପରଠାରୁ କିଛିଦିନ ପର୍ଯ୍ୟନ୍ତ ବବି ଏକ ପ୍ରକାର ନିଜକୁ ସାଙ୍ଗଠନିକ କାର୍ଯ୍ୟରୁ ଦୂରେଇଦେଇଥିବାର ଧାରଣା ସୃଷ୍ଟି କରାଯାଇଛି। ହେଲେ ଏବେ ତା'ର ଓଲଟା ଦୃଶ୍ୟ ଦେଖିବାକୁ ମିଳିଲାଣି।

କେବଳ ସେତିକି ନୁହେଁ, ୱାକ୍‌ଫ ବିଲ୍ ପ୍ରସଙ୍ଗରେ ବହୁ ବରିଷ୍ଠ ନେତା ଘଟଣାର ପରଦିନ ନବୀନ ନିବାସ ଆସିବାଠାରୁ ଆରମ୍ଭକରି ଏହା ପଛରେ ବଡ଼ ଷଡ଼ଯନ୍ତ୍ର ଅଛି ବୋଲି ସେମାନେ ସିଧାସଳଖ କହିଥିଲେ। ଏହି ପ୍ରକ୍ରିୟାରୁ ବହୁ ନେତା ନିଜକୁ ଦୂରେଇ ରଖିଛନ୍ତି। ବରିଷ୍ଠ ନେତା ପ୍ରତାପ ଦେବ, ଅତନୁ ସବ୍ୟସାଚୀ ନାୟକ, ସଞ୍ଜୟ କୁମାର ଦାସବର୍ମା, ଅରୁଣ ସାହୁ, ପ୍ରତାପ ଜେନା ପ୍ରମୁଖ ନେତାମାନେ ଏଯାଏଁ ୱାକ୍‌ଫ ବିଲ୍ କଥାକୁ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିବାର ସାହାସ ଜୁଟାଇପାରିଲା ଭଳି ଦେଖାଯାଉ ନ ଥିବା ତାଙ୍କ ଦଳର କେତେଜଣ ଛାତ୍ର ଓ ଯୁବନେତା ଚର୍ଚ୍ଚା କରୁଛନ୍ତି। ଏପରି ସ୍ଥିତିରେ ଆହୁରି ମଧ୍ୟ ପାଣ୍ଡିଆନ୍‌ଙ୍କ ସୁରକ୍ଷା ଲାଗି ଦଳ ଭିତରେ ନୂଆ ଯୋଜନା କରାଯାଇଛି। ଏମ୍‌ପି ଦେବାଶିଷ ସାମନ୍ତରାୟ ଖୋଲାଖୋଲି ୱାକ୍‌ଫ ବିଲ୍ ପ୍ରସଙ୍ଗରେ ପାଣ୍ଡିଆନ୍‌ଙ୍କୁ ଟାର୍ଗେଟ କରିଥିଲେ। ତେଣୁ ଦେବାଶିଷଙ୍କୁ ଟାର୍ଗେଟ କରିବା ସକାଶେ ଦଳର ଶୀର୍ଷ ସ୍ତରରୁ ନୂଆ ଫନ୍ଦି କରାଯାଇଛି। ଏଇ କିଛିଦିନ ଭିତରେ ପ୍ରଥମେ ଦଳର ସବୁ ରାଜ୍ୟ ସଭା ସଦସ୍ୟଙ୍କୁ ନବୀନଙ୍କ ସହ ବସାଇ ଏକ ଫଟୋ ଗଣମାଧ୍ୟମକୁ ଦିଆଯିବାର ଯୋଜନା କରାଯାଇଛି। ଏହାଦ୍ୱାରା ଦେବାଶିଷ ଭୁଲ୍ ଥିଲେ ବୋଲି ଏକ ବାର୍ତ୍ତା ବାହାରକୁ ଯିବ। ଏହାପରେ ଧୀରେ ଧୀରେ ଦଳରେ ତାଙ୍କୁ ଅଣଦେଖା କରିବା ପ୍ରକ୍ରିୟା ଆରମ୍ଭ କରାଯିବାକୁ ଯୋଜନା କରାଯାଇଛି। ଜଣେ ଏମ୍‌ପି ନିଜ ନାମ ଗୋପନ ରଖି କହିଛନ୍ତି, ଯଦି ଦେବାଶିଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୁଏ, ତେବେ ସେ ଯାହା କହୁଥିଲେ ତାହା ଠିକ୍ ପ୍ରମାଣିତ ହେବା ସଙ୍ଗେ ସଙ୍ଗେ ସେ ରାଜନୀତିରେ ଏକ ସ୍ୱତନ୍ତ୍ର ମାଇଲେଜ ପାଇଯିବେ ବୋଲି ଦଳର ଶୀର୍ଷସ୍ତରରେ ଚିନ୍ତା କରାଯାଉଛି। ଶେଷରେ ଏହିସବୁ ନାଟକ ରଚାଯାଉଥିବାବେଳେ ନିଜେ ନବୀନ ପଟ୍ଟନାୟକ ମଞ୍ଚରୁ ଉଭାନ ହୋଇଯାଇଛନ୍ତି।



ମୁମ୍ବାଇର ନରିମାନ ପଏଣ୍ଟସ୍ଥିତ ଭାଜପା କାର୍ଯ୍ୟାଳୟରେ ମହାରାଷ୍ଟ୍ର ଭାଜପା ରାଜ୍ୟ ସଭାପତି ଚନ୍ଦ୍ରଶେଖର ବାୱାନ୍‌କୁଲେ, ବରିଷ୍ଠ ନେତା ଅଶୋକ ଚଭନଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଥିବା କ୍ରିକେଟର କେଦାର ଯାଦବ।

# ମାନସ ଭାଜପା ସହ ରହି ଡିଲ୍ କରୁଛନ୍ତି: ନୀଳମାଧବ

**ଭୁବନେଶ୍ୱର, ୮।୪(ସୁନିତ୍ ମିଶ୍ର)**

- ଆସିଥିବା ଅଭିଯୋଗ ନିରାଧାର: ମାନସ
- ଡ୍ରାମାର ନାୟକ ଓ ଖଳନାୟକ ନିଜେ ନବୀନ: ବାବୁ

ୱାକ୍‌ଫ ବିଲ୍‌କୁ ନେଇ ବିଜେଡି ଭିତରେ ବିଶୃଙ୍ଖଳା ବଢ଼ିବାରେ ଲାଗିଛି। ରାଜ୍ୟ ସଭାରେ ଦଳର ନେତା ସସ୍ମିତ୍ ପାତ୍ରଙ୍କ ପରେ ଏବେ ଏମ୍‌ପି ମାନସ ମଙ୍ଗରାଜଙ୍କୁ ବିଜେଡି ଭିତରୁ ଟାର୍ଗେଟ କରିବା ଆରମ୍ଭ ହୋଇଛି। ଦଳର ବିପର୍ଯ୍ୟୟ ହେବା ପାଇଁ ମାନସ ମୁଖ୍ୟ ଦାୟୀ ବୋଲି ବିଜୁ ଯୁବ ଜନତା ଦଳ ନେତା ନୀଳମାଧବ ମହାନ୍ତି କହିଛନ୍ତି। ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ବିଜେଡି ସଭାପତି ନବୀନ ପଟ୍ଟନାୟକ ୱାକ୍‌ଫ ବିଲ୍ ବିରୋଧରେ ଦଳର ଆଭିମୁଖ୍ୟ ରହିବ ବୋଲି କହିଥିଲେ। ହେଲେ ସସ୍ମିତ୍ ପାତ୍ର ତାଙ୍କ ଏକ୍ସ' ହ୍ୟାଣ୍ଡେଲରେ ଗୋଟିଏ ପୋଷ୍ଟ କରି ସବୁ ଓଲଟପାଲଟ କରିଦେଲେ। ଏହା ସହିତ ସେ ଭାଜପା ସପକ୍ଷରେ ଯାଇ ଭୋଟ୍ ଦେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଏନେଇ ଯେତେବେଳେ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ତାଙ୍କୁ ଫୋନ୍‌କରି କାହିଁକି ଏମିତି କଲେ ବୋଲି ପଚରାଗଲା ସେ କହିଲେ, ଏନେଇ ନିର୍ଦ୍ଦେଶ ଦିଆଯାଇଥିଲା। ଏହା କରିବାକୁ ମାନସ ତାଙ୍କୁ ନିର୍ଦ୍ଦେଶ ଦେଇଥିବା ସେ କହିଥିଲେ ବୋଲି ନୀଳମାଧବ କହିଛନ୍ତି। ସେ ପୁଣି କହିଛନ୍ତି, କେତେଜଣ ନେତା ଭାଜପା ସହ ଡିଲ୍ କରି ବେପାର କରୁଛନ୍ତି। ଏବେ ସମସ୍ତେ ଦେଖୁଛନ୍ତି ମାନସ ମଙ୍ଗରାଜ ଆଉ ଶଙ୍ଖ ଭବନ ଯାଉନାହାନ୍ତି। ଆଗାମୀ ଦିନରେ ମାନସଙ୍କ ବିରୋଧରେ ଜୋର୍‌ଦାର ବିରୋଧ ହେବ ବୋଲି ନୀଳମାଧବ କହିଛନ୍ତି।

ନୀଳମାଧବଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ମାନସ କହିଛନ୍ତି, ତାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆସିଛି ତାହା ନିରାଧାର। ଅଭିଯୋଗ ଆଣୁଥିବା ବ୍ୟକ୍ତିଙ୍କୁ ସସ୍ମିତ ଏଭଳି କହିଥିବେ ବୋଲି ବିଶ୍ୱାସ ହେଉ ନାହିଁ। ଯେଉଁ ନୀଳମାଧବ ଏ ବାବଦରେ ମତ ରଖିଛନ୍ତି ତାଙ୍କୁ ସେ ଜାଣନ୍ତି ବୋଲି ମାନସ କହିଛନ୍ତି।

ଅନ୍ୟପଟେ ଭାଜପା ବିଧାୟକ ବାବୁ ସିଂ କହିଛନ୍ତି, ନବୀନବାବୁ ଓଡ଼ିଶାବାସୀଙ୍କ ସହ ଡ୍ରାମା କରୁଛନ୍ତି। ବିଜେଡିର ସବୁ ଡ୍ରାମାର ନାୟକ ଓ ଖଳନାୟକ ନିଜେ ନବୀନ ବୋଲି ବାବୁ କହିଛନ୍ତି।

# ଦେବାଶିଷଙ୍କୁ ଆକ୍ଷେପ କରିବା ପାଇଁ ସୁବାସଙ୍କ ନୈତିକ ଅଧିକାର ନାହିଁ: ଚନ୍ଦ୍ରସାରଥି

**କଟକ,୮।୪(ଶିଳ୍ପା ପ୍ରିୟଦର୍ଶିନୀ)**

ବିଜେଡି ନେତା ଅଂଶୁମାନ ମହାନ୍ତିଙ୍କ ଭୁବନେଶ୍ୱରସ୍ଥିତ ବାସଭବନଠାରେ ମଙ୍ଗଳବାର ଦଳର ଯୁବନେତାମାନେ ମେଳି କରିଥିଲେ। ଏହି ପ୍ରସଙ୍ଗରେ କଟକସ୍ଥିତ କାର୍ଯ୍ୟାଳୟଠାରେ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ପୂର୍ବତନ ବିଧାୟକ ଚନ୍ଦ୍ରସାରଥି ବେହେରା କହିଛନ୍ତି, ବିଜେଡି ନେତାମାନେ ଏକଜୁଟ୍ ହେବା ସ୍ୱାଭାବିକ। ଏକଜୁଟ୍ ହେଲେ ହିଁ ସବୁ ବିଷୟରେ ଆଲୋଚନା ହୋଇପାରିବ। ତେବେ ବିଜେଡିରେ ବିବାଦ ନେଇ ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଓ ସିଏମ୍‌ସି ମେୟର ସୁବାସ ସିଂ ପରସ୍ପରକୁ ଆକ୍ଷେପ କରିବା ପ୍ରସଙ୍ଗରେ ଚନ୍ଦ୍ରସାରଥି କହିଛନ୍ତି, ବିଜେଡି ଦୁଇଫାଳ ନୁହେଁ, ଗୋଟିଏ। ଦଳର ମୁଖିଆ ନବୀନ ପଟ୍ଟନାୟକ ସମସ୍ତ ବିଷୟରେ ସ୍ପଷ୍ଟ କରିବେ। ଦେବାଶିଷ ବାବୁ ତାଙ୍କର ବ୍ୟକ୍ତିଗତ ମତ ରଖିଥିଲେ, ହେଲେ କାହାକୁ ଆକ୍ଷେପ କରି ନ ଥିଲେ। କିନ୍ତୁ ମେୟର ସୁବାସଙ୍କର କୌଣସି ନୈତିକ ଅଧିକାର ନାହିଁ ଦେବାଶିଷ ବାବୁଙ୍କୁ ଆକ୍ଷେପ କରିବା ପାଇଁ। ସମସ୍ତେ ଜାଣିଛନ୍ତି ମେୟରଙ୍କୁ ବିଜେଡିକୁ ଆଣି କଟକରେ ସହଯୋଗ କରି ବିଜୟୀ କରାଇବାରେ ଦେବାଶିଷ ବାବୁଙ୍କ ହାତ ଥିଲା। ସୁବାସ ବାବୁ କୌଣସି ଉନ୍ନତିମୂଳକ କାର୍ଯ୍ୟ କରିନାହାନ୍ତି ବୋଲି ଚନ୍ଦ୍ରସାରଥି କହିଛନ୍ତି।

# ସଂକଳ୍ପ, ସମର୍ପଣ ଓ ସଂଘର୍ଷକୁ ଗୁରୁତ୍ୱ:ଭକ୍ତ

**ଭୁବନେଶ୍ୱର, ୮।୪(ରବିନାରାୟଣ ଜେନା)**

ସଂକଳ୍ପ, ସମର୍ପଣ ଓ ସଂଘର୍ଷ ଭାବନାକୁ ନେଇ କଂଗ୍ରେସ ପକ୍ଷରୁ ଆଗାମୀ ଦିନରେ ଓଡ଼ିଶାରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ମଙ୍ଗଳବାର ଗୁଜରାଟର ଅହମଦାବାଦଠାରେ ଅନୁଷ୍ଠିତ ଏଆଇସିସି ଅଧିବେଶନର ପ୍ରଥମ ଦିନରେ କଂଗ୍ରେସ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେବା ଅବସରରେ ଭକ୍ତ କହିଛନ୍ତି, ଓଡ଼ିଶାରେ ଏବେ କଂଗ୍ରେସ ମହିଳାମାନଙ୍କ ସୁରକ୍ଷା ପାଇଁ ଲଢ଼େଇ କରୁଛି। ରାଜ୍ୟ ସରକାର କିଭଳି ମହିଳାଙ୍କ ସୁରକ୍ଷା ପ୍ରତି ଆଖି ବୁଜି ଦେଇଛନ୍ତି ଓ ଦିନକୁ ଦିନ ନାରୀ ନିର୍ଯାତନା ବଢ଼ୁଛି ତାହା ଉପରେ କାର୍ଯ୍ୟକାରିଣୀରେ ଆଲୋଚନା ହୋଇଛି। ରାଜ୍ୟରେ ମହିଳାଙ୍କୁ ଯେ ପର୍ଯ୍ୟନ୍ତ ସୁରକ୍ଷା ମିଳିନାହିଁ ସେପର୍ଯ୍ୟନ୍ତ କଂଗ୍ରେସ ଚୁପ୍ ବସିବ ନାହିଁ ବୋଲି ସେ କହିଛନ୍ତି। ଭକ୍ତ କହିଛନ୍ତି, ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ସବୁ ରାଜ୍ୟର ସଭାପତି, ବିଧାୟକ ଦଳ ନେତା ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କୁ ସଂରକ୍ଷଣ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ବର୍ଗଙ୍କୁ କିଭଳି ୫୦ପ୍ରତିଶତ ସଂରକ୍ଷଣ ମିଳିବ ତାହା ଉପରେ ସଂକଳ୍ପ ଅଣାଯାଇଥିଲା। ଏହାକୁ ସମସ୍ତେ ଆନ୍ତରିକତାର ସହ ସମର୍ଥନ ଜଣାଇଥିଲେ। ବୈଠକରେ ଓଡ଼ିଶା କଂଗ୍ରେସ ପକ୍ଷରୁ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ ମଧ୍ୟ ସାମିଲ ଥିଲେ।

## BUSINESS

# ଋଣ ପ୍ରଦାନ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ

**ନୂଆଦିଲ୍ଲୀ,୮।୪**

- ପିଏମ୍‌ଏମ୍‌ୱାଇର ୧୦ମ ପୂର୍ତ୍ତି ଉତ୍ସବ
- ୩୩ ଲକ୍ଷ କୋଟିର ବିନା ଗ୍ୟାରେଣ୍ଟିରେ ମୁଦ୍ରାଋଣ

ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା (ପିଏମ୍‌ଏମ୍‌ୱାଇ)ର ୧୦ମ ପୂର୍ତ୍ତି ଉତ୍ସବ ନିକଟରେ ପାଳିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରିକଳ୍ପନାରେ ପ୍ରସ୍ତୁତ ଏହି ମହତ୍ୱାକାଂକ୍ଷୀ ଯୋଜନା ଦେଶର ଋଣପ୍ରଦାନ ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ଆଣିଛି।

ଉଲ୍ଲେଖଯୋଗ୍ୟ, ୨୦୧୫ ଏପ୍ରିଲରେ ମୁଦ୍ରା ଯୋଜନା ଆରମ୍ଭ ହୋଇଥିଲା ବେଳେ ଗତ ୧୦ ବର୍ଷ ମଧ୍ୟରେ ଏହି ଯୋଜନାକୁ ଅନେକ ସଫଳତା ମିଳିଛି। ଏହି ଯୋଜନା ଜରିଆରେ ୫୨କୋଟିରୁ ଅଧିକ ଋଣ ଆକାଉଣ୍ଟ ଖୋଲାଯାଇଛି। ଏପରିକି ଏହା ଜରିଆରେ ୩୩ ଲକ୍ଷ କୋଟିରୁ ଅଧିକ ଟଙ୍କାର ଋଣ ହିତାଧିକାରୀମାନଙ୍କୁ ବିଭିନ୍ନ ସମୟରେ ଯୋଗାଇ ଦିଆଯାଇଛି। ବିଶେଷକରି ଏହା ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଋଣ ଯୋଗାଣ ସହଜ କରିଛି। ଗତ ଆର୍ଥିକ ବର୍ଷରେ ଏମ୍‌ଏସ୍‌ଏମ୍‌ଇକୁ ଋଣ ପ୍ରଦାନ ୨୭.୨୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଚଳିତ ଆର୍ଥିକ ବର୍ଷରେ ଏହା ୩୦ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହି ଋଣ ସମ୍ପ୍ରସାରଣ ଛୋଟ ସହର ଏବଂ ଗ୍ରାମାଞ୍ଚଳରେ ବ୍ୟବସାୟକୁ ଆର୍ଥିକ ସହାୟତା ପାଇବାକୁ ଅନୁମତି ଦେଇଛି,ଯାହା ପୂର୍ବରୁ ଉପଲବ୍ଧ ନ ଥିଲା ଏହା ଭାରତର ଆର୍ଥିକ ସ୍ଥିତିକୁ ମଜଭୁତ କରିଛି। ମୁଦ୍ରା ଯୋଜନା ଆତ୍ମନିର୍ଭରଶୀଳ ଅର୍ଥବ୍ୟବସ୍ଥା ଏବଂ ତୃଣମୂଳ ସ୍ତରରେ ନିଯୁକ୍ତି ସୃଷ୍ଟିରେ ସହାୟକ ହୋଇଛି।

ସେହିଭଳି ଗତ ୧ଦଶନ୍ଧି ମଧ୍ୟରେ ଏହା ୩୩ ଲକ୍ଷ କୋଟି ଟଙ୍କାର ୫୨ କୋଟି ଋଣ ପ୍ରଦାନକରି ଦେଶବ୍ୟାପୀ ଉଦ୍ୟୋଗ ପ୍ରତିଷ୍ଠାର ବିପ୍ଳବ ଆଣିଛି। ଏହି ଯୋଜନାର ପରିଣାମ ସ୍ୱରୂପ ବର୍ତ୍ତମାନ କେବଳ ବଡ଼ ସହର ନୁହେଁ ଛୋଟ ସହର ଓ ଗାଁରେ ମଧ୍ୟ ବ୍ୟବସାୟର ବିକାଶ ହେଉଛି। ପ୍ରଥମ ଥର ଉଦ୍ୟୋଗୀ ହୋଇଥିବା ଲୋକମାନେ ସେମାନଙ୍କର ଭାଗ୍ୟ ବଦଳାଇପାରୁଛନ୍ତି। ଏହା ଲୋକଙ୍କ ମାନସିକତାରେ ମଧ୍ୟ ପରିବର୍ତ୍ତନ ଆଣିଛି। ଲୋକମାନେ ଏବେ ଚାକିରି ଆଶାୟୀ ନୁହେଁ, ବରଂ ନିଯୁକ୍ତିଦାତା ପାଲଟିଛନ୍ତି। ସେହିପରି ମୋଟ୍ ୪ଟି ବର୍ଗରେ ମୁଦ୍ରା ଯୋଜନାର ଋଣ ପ୍ରଦାନ କରାଯାଉଛି। ଶିଶୁ ବର୍ଗରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ, କିଶୋର ବର୍ଗରେ ୫୦ ହଜାରରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଏବଂ ତରୁଣ ବର୍ଗରେ ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବିତରଣ କରାଯାଉଛି। ଏହାଛଡ଼ା ସଫଳତାପୂର୍ବକ ତରୁଣ ଋଣ ପରିଶୋଧ କରିଥିବା ଉଦ୍ୟୋଗୀଙ୍କୁ ତରୁଣ ପ୍ଲସ୍ ବର୍ଗରେ ୧୦ ରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମିଳିବାର ସୁବିଧା ରହିଛି।

ଗତ ୧ ଦଶନ୍ଧି ମଧ୍ୟରେ ମୁଦ୍ରା ଯୋଜନା ଭାରତର ଉଦ୍ୟୋଗ ପରିଦୃଶ୍ୟକୁ ନୂଆ ଆକାର ଦେଇଛି। ଦେଶର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ମଡେଲକୁ ସାରା ବିଶ୍ୱରେ ପ୍ରଶଂସା କରାଯାଉଛି। ମୁଦ୍ରା ଯୋଜନା ବ୍ୟାପକ ଆର୍ଥିକ ଲାଭକୁ ପ୍ରୋତ୍ସାହନ ଦେଇଛି।

ସ୍କଚ୍‌ର ମୋଦିନୋମିକ୍ସ ରିପୋର୍ଟ ମୁତାବକ ଏହା ପ୍ରତିବର୍ଷ ବାର୍ଷିକ ୫.୧୪ କୋଟିବ୍ୟକ୍ତି–ବର୍ଷରୋଜଗାରସୃଷ୍ଟିକରିଛି।

ସେହିପରି ୨୦୧୪ ପରଠାରୁ ମୁଦ୍ରା ଯୋଜନା କାରଣରୁ ବାର୍ଷିକ ହାରାହାରି ୨.୫୨ କୋଟି ସ୍ଥିର ଏବଂ ଦୀର୍ଘସ୍ଥାୟୀ ରୋଜଗାର ଉତ୍ପନ୍ନ ହୋଇଛି। ପିଏମ୍ ମୁଦ୍ରା ଯୋଜନା ଅନୌପଚାରିକ କ୍ଷେତ୍ରର ବ୍ୟବସାୟକୁ ଔପଚାରିକ କରିଛି। ଯୁବବର୍ଗ ବିଶେଷକରି ଛୋଟ ସହର ଏବଂ ଗ୍ରାମାଞ୍ଚଳର ଲୋକଙ୍କ ମଧ୍ୟରେ ଏହା ଉଦ୍ୟୋଗୀ ହେବାର ମାନସିକତା ବିକଶିତ କରିଛି, କେବଳ ନୂଆ ଉଦ୍ୟୋଗୀଙ୍କୁ ୧୦ ଲକ୍ଷ କୋଟି ଟଙ୍କାର ଋଣ ଯୋଗାଇ ଦେଇଛି। ମୁଦ୍ରା ସମର୍ଥିତ ବ୍ୟବସାୟ ଜରିଆରେ ୨୦୧୫–୧୮ ମଧ୍ୟରେ ୧ କୋଟି ନିଯୁକ୍ତି ସୃଷ୍ଟି ହୋଇଛି। ଏହି ଯୋଜନା ପ୍ରଥମ ଥର ଋଣଗ୍ରହୀତାମାନଙ୍କୁ ଔପଚାରିକ ଋଣ ବ୍ୟବସ୍ଥା ମଧ୍ୟକୁ ଆଣିପାରିଛି। ମୁଦ୍ରାଋଣର ପ୍ରାୟ ୬୮% ମହିଳାମାନଙ୍କୁ ଦିଆଯାଇଛି।

# ସିବିଆଇର ମେଗା ଋଣ ଶିବିର



ବିଧାୟକ ଓମ୍ ପ୍ରକାଶ ମିଶ୍ର ହିତାଧିକାରୀଙ୍କୁ ଋଣ ମଞ୍ଜୁରୀପତ୍ର ବଣ୍ଟନ କରୁଛନ୍ତି।

**ଭୁବନେଶ୍ୱର,୮।୪**

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ (ସିବିଆଇ)ର ଅଳଗୁମ ଏବଂ ନିମାପଡ଼ା ଶାଖା ଦ୍ୱାରା ମୁଦ୍ରା ଯୋଜନାର ୧୦ବର୍ଷ ପୂର୍ତ୍ତି ଅବସରରେ ମୁଦ୍ରା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ନିମନ୍ତେ ସାକ୍ଷୀଗୋପାଳ ବଜାରସ୍ଥିତ କ୍ରିଷ୍ଣା ଗାର୍ଡେନଠାରେ ଏକ ମେଗା ଋଣ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ସତ୍ୟବାଦୀର ବିଧାୟକ ଓମ୍ ପ୍ରକାଶ ମିଶ୍ର, ବିଡିଓ ଦେବାଶିଷ ନାୟକଙ୍କ ସମେତ ୪୦୦ ରୁ ଉର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଯୋଗଦେଇଥିଲେ। ମାଇକ୍ରୋ ଏଣ୍ଟରପ୍ରେନ୍ୟୁୟରମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ମୁଦ୍ରା ଯୋଜନା ମାଧ୍ୟମରେ ବ୍ୟାଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ବିତ୍ତୀୟ ସହାୟତା ବିଷୟରେ ମିଶ୍ର ଓ ନାୟକ ବିଶେଷ ଆଲୋକପାତ କରିଥିଲେ। ଏହି ଶିବିରରେ ରାଜ୍ୟ ଅର୍ଥନୀତିର ଅଭିବୃଦ୍ଧିରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ବିତ୍ତୀୟ ସହାୟତା କିପରି ପ୍ରମୁଖ ଭୂମିକା ଗ୍ରହଣ କରିବ ତା' ଉପରେ ମଧ୍ୟ ବିଧାୟକ ଆଲୋକପାତ କରିବା ସହ ବ୍ୟାଙ୍କର ଏ ଦିଗରେ ବିଶେଷ ପ୍ରଚେଷ୍ଟାର ପ୍ରଶଂସା କରିଥିଲେ। ଏହି ଅବସରରେ ଅଳଗୁମ ଏବଂ ନିମାପଡ଼ାର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ମଞ୍ଜୁରୀ ପତ୍ର ବଣ୍ଟନ ସହ ସ୍ୱୟଂ ସହାୟକ ଗୋଷ୍ଠୀର ବ୍ୟକ୍ତିଗତ ସଦସ୍ୟମାନଙ୍କୁ ମୁଦ୍ରା ଋଣ ଅନୁମୋଦନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ମୁକୁନ୍ଦ କୁମାର କର୍ଣ୍ଣ, ଅଳଗୁମ ଶାଖାର ଶାଖା ମୁଖ୍ୟ ଅମିୟ ପ୍ରସାଦ ସ୍ୱାଇଁ, ନିମାପଡ଼ା ଶାଖାର ଶାଖା ମୁଖ୍ୟ ଧୀରେନ୍ଦ୍ର କୁମାର ବେହେରାଙ୍କ ସମେତ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ମୁଥୁଟ୍ ଫାଇନାନ୍ସକୁ ବିଶ୍ୱସନୀୟ ଆର୍ଥିକ ବ୍ରାଣ୍ଡ୍ ସମ୍ମାନ




ଆଲେକ୍‌ଜାଣ୍ଡର ଜର୍ଜ ମୁଥୁଟ୍

**ଭୁବନେଶ୍ୱର,୮।୪**

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ସର୍ବବୃହତ୍ ସ୍ୱର୍ଣ୍ଣ ଋଣ ପ୍ରଦାନକାରୀ ଏନ୍‌ବିଏଫ୍‌ସି କମ୍ପାନୀ ମୁଥୁଟ୍ ଫାଇନାନ୍ସକୁ ନିକଟରେ ବିଶ୍ୱସନୀୟ ଆର୍ଥିକ ବ୍ରାଣ୍ଡ୍ ସମ୍ମାନରେ ସମ୍ମାନିତ କରାଯାଇଛି। ଏପରିକି କ୍ରମାଗତ ୯ମ ବର୍ଷ ପାଇଁ କମ୍ପାନୀକୁ ଏହି ସମ୍ମାନ ଓ ସ୍ୱୀକୃତି ମିଳିଛି।

ଉଲ୍ଲେଖଯୋଗ୍ୟ, ଟ୍ରଷ୍ଟ ରିପୋର୍ଟ ଆଡଭାଇଜରି (ଟିଆର୍‌ଏ)ର ବ୍ରାଣ୍ଡ ଟ୍ରଷ୍ଟ ରିପୋର୍ଟରେ ମୁଥୁଟ୍ ଫାଇନାନ୍ସକୁ ଦେଶର ୧ ନମ୍ବର ସବୁଠୁ ବିଶ୍ୱସନୀୟ ଆର୍ଥିକ ସେବା ବ୍ରାଣ୍ଡ୍ ଭାବେ ସ୍ୱୀକୃତି ଲାଭ କରିଛି ବୋଲି ଉଲ୍ଲେଖକରାଯାଇଛି। ଏହି ରିପୋର୍ଟ ଅନୁଯାୟୀ ୨୦୨୫ ବର୍ଷ (ଏଡିଶନ)ରେ ଦେଶର ପ୍ରମୁଖ ୧୬ ସହରରେ ୬୦୦୦ରୁ ଅଧିକ ଘଣ୍ଟାର ଫିଲ୍ଡ ୱାର୍କ ପରେ ବିଭିନ୍ନ ବ୍ରାଣ୍ଡ (୮୦୦୦ରୁ ଅଧିକ)କୁ ନେଇ ହୋଇଥିବା ଅନୁଧ୍ୟାନରେ ମୁଥୁଟ୍ ଫାଇନାନ୍ସ କ୍ରମାଗତ ୯ମ ବର୍ଷ ଲାଗି ଏହି ସଫଳତା ଲାଭ କରିଛି। ଏ ନେଇ ମଧ୍ୟ ଟିଆର୍‌ଏ ପକ୍ଷରୁ ମୁଥୁଟ୍ ଫାଇନାନ୍ସକୁ ଆବଶ୍ୟକ କାଗଜପତ୍ର ସହ ପ୍ରମାଣପତ୍ର ଦିଆଯାଇଛି।

ଏ ସମ୍ପର୍କରେ ମୁଥୁଟ୍ ଫାଇନାନ୍ସର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ଆଲେକ୍‌ଜାଣ୍ଡର ଜର୍ଜ ମୁଥୁଟ୍ କହିଥିଲେ, ଟିଆର୍‌ଏ ପକ୍ଷରୁ ଆମକୁ ମିଳିଥିବା ସମ୍ମାନ ଓ ସ୍ୱୀକୃତିକୁ ଆମେ ସମ୍ମାନ ଜଣାଉଛୁ।

# ଭିତ୍ତିଭୂମି ବିକାଶକୁ ଟିପିସିଓଡିଏଲ୍‌ର ଗୁରୁତ୍ୱ

**ଭୁବନେଶ୍ୱର,୮।୪**

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍(ଟିପିସିଓଡିଏଲ୍) ପକ୍ଷରୁ ବିଦ୍ୟୁତ୍ ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦିଆଯାଉଛି। ଏପରିକି ବିଦ୍ୟୁତ୍ ଭିତ୍ତିଭୂମି ବିକାଶକରି ଲୋକଙ୍କ ପାଇଁ ଉନ୍ନତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ପଦକ୍ଷେପ ସ୍ୱରୂପ ହିନ୍ଦୋଳ ରୋଡ୍ ପ୍ରାଇମେରି ସବ୍‌ଷ୍ଟେଶନଠାରେ ୫ଏମ୍‌ଭିଏ ଟ୍ରାନ୍ସଫର୍ମରକୁ ବଦଳାଇ ୮ଏମ୍‌ଭିଏ କ୍ଷମତାର ଏକ ନୂଆ ଟ୍ରାନ୍ସଫର୍ମର ସଫଳତାର ସହିତ ସ୍ଥାପନ କରାଯାଇଛି। ସେହିଭଳି ଏହି ଉନ୍ନତୀକରଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର ୮,୦୦୦ ଉପଭୋକ୍ତାଙ୍କୁ ଉନ୍ନତ ଭୋଲ୍‌ଟେଜ ସହ ଭରସାଯୋଗ୍ୟ ବିଦ୍ୟୁତ୍ ଯୋଗାଣ ହୋଇପାରିବ। ସେହିପରି ଚଳିତ ଗ୍ରୀଷ୍ମ ଋତୁରେ ବର୍ଦ୍ଧିତ ବିଦ୍ୟୁତ ଚାହିଦା ପୂରଣ କରିବା ସହ ଓଭରଲୋଡିଂ ଦୂର କରି ଲୋକଙ୍କୁ ଭରସାଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଣ ପାଇଁ ଏହି ଟ୍ରାନ୍ସଫର୍ମରର ଉନ୍ନତୀକରଣ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏପରିକି ଆଧୁନିକ ଜ୍ଞାନକୌଶଳ ଉପଯୋଗକରି ଭିତ୍ତିଭୂମି ବିକାଶକରି ଉପଭୋକ୍ତାଙ୍କୁ ଉନ୍ନତ ବିଦ୍ୟୁତ୍ ପ୍ରଦାନ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଛି।



ନୂତନ ଟ୍ରାନ୍ସଫର୍ମରର ଶୁଭାରମ୍ଭ ଅବସରରେ ଟିପିସିଓଡିଏଲ୍‌ର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଅଛନ୍ତି।

# ସୁଜିତ ପିଏନ୍‌ବି କଟକ ମଣ୍ଡଳର ନୂଆ ମୁଖ୍ୟ

**ଭୁବନେଶ୍ୱର,୮।୪**



ସୁଜିତ କୁମାର ନେଗି

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) କଟକ ମଣ୍ଡଳର ନୂତନ ମଣ୍ଡଳ ମୁଖ୍ୟ ଭାବେ ସହାୟକ ମହାପ୍ରବନ୍ଧକ ସୁଜିତ କୁମାର ନେଗି ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ସେ ପୂର୍ବରୁ ପିଏନ୍‌ବି ଖଡଗପୁର ମଣ୍ଡଳର ମଣ୍ଡଳ ପ୍ରମୁଖ ଭାବେ କାର୍ଯ୍ୟରତ ଥିଲେ। ୨୦୦୫ ରେ ପିଏନ୍‌ବିର କର୍ମଚାରୀ ଭାବେ କାର୍ଯ୍ୟ ଆରମ୍ଭ କରିଥିବା ନେଗିଙ୍କର ଦେଶର ବିଭିନ୍ନ ସ୍ଥାନରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିବାର ବ୍ୟାପକ ଅଭିଜ୍ଞତା ରହିଛି। ସେହିଭଳି ମଣ୍ଡଳ ପ୍ରମୁଖ ଭାବେ ଯୋଗଦେବା ପରେ ନେଗି କୃଷି ଓ ଏମ୍‌ଏସ୍‌ଏମ୍‌ଇ ବିଭାଗ ଉପରେ ପ୍ରାଧାନ୍ୟ ଦେବା ସହ ବ୍ୟବସାୟିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଏବଂ ପିଏନ୍‌ବିକୁ ଆଗାମୀ ପିଢ଼ିର ପସନ୍ଦଯୋଗ୍ୟ ବ୍ୟାଙ୍କ ରୂପେ ଗଢ଼ି ତୋଳିବା ପାଇଁ ଡିଜିଟାଲ ବ୍ୟାଙ୍କିଙ୍ଗକୁ ଲୋକପ୍ରିୟ କରାଇବା ଉପରେ ପ୍ରତିବଦ୍ଧତା ପ୍ରକାଶ କରିଥିଲେ।

# ପାଳନ ହେଉନି 'ବୁକ୍ ସର୍କୁଲାର-୪୭'

**■ ମୁଖ୍ୟ ସଚିବଙ୍କ ଅସନ୍ତୋଷ**
**■ ୧୦ ସୁଦ୍ଧା ରିପୋର୍ଟ ଲୋଡ଼ିଲେ ସରକାର**

ଭୁବନେଶ୍ୱର,୮।୪ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ଅଧିକାଂଶ ବିଭାଗରେ 'ବୁକ୍ ସର୍କୁଲାର-୪୭' ଠିକ୍‌ଭାବେ କାର୍ଯ୍ୟକାରୀ ହେଉନାହିଁ। ଫଳରେ ଜନପ୍ରତିନିଧିଙ୍କ ଜରିଆରେ ଆସୁଥିବା ଲୋକଙ୍କ ସମସ୍ୟାର ସମାଧାନ ହୋଇପାରୁନାହିଁ। ଏହାକୁ ନେଇ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଯେଉଁ ବିଭାଗ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି ସେମାନେ କିଭଳି ତ୍ୱରିତ ପଦକ୍ଷେପ ନେବେ ସେନେଇ ସଂସଦୀୟ ବିଭାଗ ପକ୍ଷରୁ ଚିଠି ଲେଖାଯାଇ ଅବଗତ କରାଯାଇଛି। ଚଳିତ ମାସ ୧୦ ସୁଦ୍ଧା ସମ୍ପୃକ୍ତ ବିଭାଗ 'ବୁକ୍ ସର୍କୁଲାର-୪୭'ର ଟିକିନିଖି ତଥ୍ୟ ଦେବାକୁ ସରକାରଙ୍କ ପକ୍ଷରୁ କୁହାଯାଇଛି।

ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ମାର୍ଚ୍ଚ ୨୮ରେ ୧୨ଟି ବିଭାଗକୁ ବାଦ୍ ଦେଇ ଅନ୍ୟ ୨୯ଟି ବିଭାଗ ମୁଖ୍ୟଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ ନିକଟରେ ମୁଖ୍ୟ ଶାସନ ସଚିବ ମାସିକିଆ ବୈଠକ ଅବସରରେ 'ବୁକ୍ ସର୍କୁଲାର-୪୭' କାର୍ଯ୍ୟକାରିତା ନେଇ ସମୀକ୍ଷା କରିଥିଲେ। ଏହି ଅବସରରେ ସେ ଜାଣିବାକୁ ପାଇଲେ ଯେ ଅଧିକାଂଶ ବିଭାଗରେ ଏହି ନିର୍ଦ୍ଦେଶ ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଏ ସଂକ୍ରାନ୍ତରେ ପୂର୍ବରୁ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ପ୍ରତି ମାସ ୧୫ ସୁଦ୍ଧା ବିଭାଗ ପକ୍ଷରୁ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରଦାନ କରାଯିବା ବାଧ୍ୟତାମୂଳକ। ୨୦ ତାରିଖ ସୁଦ୍ଧା ମୁଖ୍ୟ ଶାସନ ସଚିବଙ୍କ ନିକଟରେ 'ବୁକ୍ ସର୍କୁଲାର-୪୭' ତଥ୍ୟ ପହଞ୍ଚିବା କଥା। ହେଲେ ନିର୍ମାଣ, ସାଧାରଣ ପ୍ରଶାସନ, ଅର୍ଥ, ଏମ୍ଏସ୍ଏମ୍ଇ, ସାଧାରଣ ଉଦ୍ୟୋଗ, ଯୋଜନା ଓ ସଂଯୋଜନା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଅବକାରୀ, ଶକ୍ତି, ସୂଚନା ଓ ଲୋକସମ୍ପର୍କ, ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗକୁ ବାଦ୍ ଦେଲେ ଅନ୍ୟ ବିଭାଗ ପକ୍ଷରୁ ଏହାର କାର୍ଯ୍ୟାନ୍ୱୟନ ସମ୍ପର୍କରେ ତଥ୍ୟ ମିଳୁ ନାହିଁ। ଏହାକୁ ନେଇ ମୁଖ୍ୟ ଶାସନ ସଚିବ ବିରକ୍ତି ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ସରକାରଙ୍କ ପକ୍ଷରୁ ନଭେମ୍ବର ୨୦୨୪ରେ ଏ ସଂକ୍ରାନ୍ତରେ ଏକ ପତ୍ର ଲେଖି ସବୁ ବିଭାଗକୁ ଅବଗତ କରାଯାଇଥିଲା। ଯେଉଁଥିରେ କେବେ ସୁଦ୍ଧା ଜିଲ୍ଲାସ୍ତରରୁ ରାଜ୍ୟସ୍ତରକୁ ତଥ୍ୟ ଆସିବ ଏବଂ ସରକାରଙ୍କ ନିକଟରେ ପହଞ୍ଚିବ ତାହା ସ୍ପଷ୍ଟ କରାଯାଇଥିଲା। ହେଲେ ସମ୍ପୃକ୍ତ ୨୯ ବିଭାଗ 'ବୁକ୍ ସର୍କୁଲାର-୪୭' ତଥ୍ୟ ପ୍ରଦାନ କରୁନାହାନ୍ତି। ଚଳିତମାସ ୧୦ ତାରିଖ ସୁଦ୍ଧା ସରକାରଙ୍କ ନିକଟରେ ଯେଭଳି ତଥ୍ୟ ପହଞ୍ଚିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଭାଗୀୟ ମୁଖ୍ୟଙ୍କୁ ଦ୍ରୁତଗତିରେ ପତ୍ରରେ ଅବଗତ କରାଇଛନ୍ତି।

ଉଲ୍ଲେଖଯୋଗ୍ୟ ଯେ ପୂର୍ବ ସରକାରରେ 'ବୁକ୍ ସର୍କୁଲାର-୪୭' ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିଲା। ଏହାକୁ କିଭଳି ଭାଜପା ସରକାର ସମୟରେ ଶତପ୍ରତିଶତ କାର୍ଯ୍ୟକାରୀ କରାଯାଇପାରିବ ତା' ଉପରେ ସରକାର ଗୁରୁତ୍ୱ ଦେଇଥିଲେ। ଏନେଇ ବିଧାନସଭା ଗୃହରେ ମଧ୍ୟ ସରକାର ପ୍ରତିଶ୍ରୁତି ରଖିଥିଲେ। ସରକାରଙ୍କ ପ୍ରତିଶ୍ରୁତିକୁ ଆଧାର କରି ସଂସଦୀୟ ବ୍ୟାପାର ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ସବୁ ବିଭାଗକୁ ପତ୍ର ଲେଖି ତାଗିଦ୍ କରିଥିଲେ। ସୁରେନ୍ଦ୍ର ସବୁ ବିଭାଗ ମୁଖ୍ୟଙ୍କୁ ଦେଇଥବା ପତ୍ରରେ ଦର୍ଶାଇଥିଲେ ଯେ ଆଗକୁ ଯେପରି ବୁକ୍ ସର୍କୁଲାର-୪୭ ଠିକ୍ ଭାବେ କାର୍ଯ୍ୟକାରୀ ହେବ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଅ। ଏହାସହିତ ନିୟମିତ ଭାବେ ପ୍ରତି ମାସରେ ଯେପରି ମାସିକ ରିପୋର୍ଟ ସରକାରଙ୍କ ନିକଟରେ ପହଞ୍ଚିବ ତା'ର ବ୍ୟବସ୍ଥା ସଜାଡ଼। ଯଦି କୌଣସି ସମୟରେ ବିଧାୟକ, ସାଂସଦ କିମ୍ବା ଜନପ୍ରତିନିଧିଙ୍କ କୌଣସି ସୁପାରିସ ଆସୁଛି ତାକୁ ତୁରନ୍ତ ଗ୍ରହଣ କରିବା ସହିତ ତା'ର ପ୍ରାପ୍ତିଭର ସମ୍ପୃକ୍ତ ଜନପ୍ରତିନିଧିଙ୍କୁ ପ୍ରଦାନ କର। ଏହାସହିତ ସମ୍ପୃକ୍ତ ବିଭାଗ ପକ୍ଷରୁ ପ୍ରତି ମାସରେ କେଉଁ ଅଞ୍ଚଳରୁ କେତେ ଏହିଭଳି ଭାବେ ରିପୋର୍ଟ ହୋଇଛି ତାହା ସରକାରଙ୍କୁ ଅବଗତ କରାଇବାକୁ ସେ ପତ୍ରରେ ଦର୍ଶାଇଥିଲେ। ଏମିତି କି ୨୦୨୪ ଜୁନ୍‌ରୁ ଇତିମଧ୍ୟରେ କେତେ ଜନପ୍ରତିନିଧିଙ୍କ ପ୍ରସ୍ତାବ କିମ୍ବା ସୁପାରିସ ପହଞ୍ଚିଛି ତା'ର ବିସ୍ତୃତ ବିବରଣୀ ସରକାରଙ୍କ ପାଖରେ ପହଞ୍ଚାଅ। କେତେକ କ୍ଷେତ୍ରରେ ଜନପ୍ରତିନିଧିଙ୍କ ପ୍ରସ୍ତାବ ଠିକ୍ ଭାବେ ଗ୍ରହଣ ହୋଇ ନ ଥିବା ଏବଂ ତା'ର ପ୍ରାପ୍ତିଭର ଦିଆଯାଉ ନ ଥିବା ନେଇ ଅଭିଯୋଗ ଆସୁଛି। ଏହା ଯେପରି ଆଗକୁ ନ ହେବ ସେଥିପ୍ରତି ଗୁରୁତ୍ୱ ଦେବାକୁ ସୁରେନ୍ଦ୍ର ପତ୍ରରେ ଦର୍ଶାଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ମୂଳ ଲକ୍ଷ୍ୟ କଂଗ୍ରେସକୁ...

ଆରମ୍ଭ କରାଯାଇଛି। ବିଜେଡିର ଜନ୍ମ ଯେପରି ହୋଇଥିଲା, ସେହି ଢାଞ୍ଚାରେ ଏକ କାର୍ଯ୍ୟକ୍ରମର ପରିକଳ୍ପନା କରାଯାଇଛି। ୧୯୯୭ରେ ଭାଜପାର କେନ୍ଦ୍ରୀୟ ନେତା ପ୍ରମୋଦ ମହାଜନ ଓଡ଼ିଶାରେ ଦଳର ଏକ ସ୍ୱତନ୍ତ୍ର ରାଜନୈତିକ ରାସ୍ତା ତିଆରି କରିବା ପାଇଁ ଆର୍ଥିକ ସାହାଯ୍ୟ ଯୋଗାଇଥିଲେ। ସେହି ସମୟରେ ରାଜ୍ୟ ରାଜନୀତିରେ ପ୍ରଭାବ ରଖୁଥିବା କେତେଜଣ ନେତାଙ୍କ ଜରିଆରେ ଭାଜପାର ପଇସା ଲଗାଇ ନବୀନଙ୍କ ଭାବମୂର୍ତ୍ତି ସୃଷ୍ଟି କରାଯାଇଥିଲା। ସେତେବେଳେ ସେହି ନେତାମାନେ ସ୍ୱପ୍ନରେ ଚିନ୍ତା କରି ନ ଥିଲେ ଯେ, ନବୀନଙ୍କ ଭାବମୂର୍ତ୍ତି ଏତେବଡ଼ ହୋଇଯିବ, ଅନ୍ୟମାନେ ସବୁ ଲିଭିଯିବେ। ବର୍ତ୍ତମାନ ସେହିଭଳି ପ୍ରତ୍ୟାଖ୍ୟାତ ନେତାମାନେ ସମାନ ଢଙ୍ଗରେ ଗୋଟି ଚଳାଇବାକୁ ଯୋଜନା କରିଛନ୍ତି। ବିଜେଡି ଭାଙ୍ଗିଗଲେ ବିଜେଡିର ଯେଉଁ ବିଧାୟକ କି ନେତାମାନେ ଭାଜପାରେ କେବେହେଲେ ସାମିଲ ହେବେ ନାହିଁ, ସେମାନଙ୍କୁ ଏହି ୪ର୍ଥ ସାମ୍ମୁଖ୍ୟ ଜରିଆରେ ବାନ୍ଧିରଖିବା ହେଉଛି ମୂଳ ଲକ୍ଷ୍ୟ। ବିଜେଡିର ଏଭଳି ସ୍ଥିତିରେ ସେମାନଙ୍କ ଦଳର ବହୁ ନେତା କଂଗ୍ରେସ ଆଡ଼କୁ ମଧ୍ୟ ଢଳିବାର ସମ୍ଭାବନା ସୃଷ୍ଟି ହେଉଛି। କାରଣ ଓଡ଼ିଶାର ଗ୍ରାମାଞ୍ଚଳରେ କଂଗ୍ରେସର ସ୍ଥିତି ଦୃଢ ହେଉଥିବାର ଲକ୍ଷ୍ୟ କରାଯାଇଛି। ରାଜ୍ୟରେ ଥିବା ଅଣଭାଜପା ଭୋଟ ଯେପରି କଂଗ୍ରେସ ଖାତାକୁ ନ ଯିବ ସେଥିପାଇଁ ଏତେବଡ଼ ଯୋଜନା ଆରମ୍ଭ ହୋଇଯାଇଛି। ନବୀନ-ପାଣ୍ଡିଆନଙ୍କୁ ଯେଉଁମାନେ ଛାଡ଼ିକି ଯାଇପାରନ୍ତି ସେମାନଙ୍କୁ ଅନ୍ୟ ଏକ ଆଞ୍ଚଳିକ ଦଳ ଜରିଆରେ ଗୋଠ ବାନ୍ଧି ରଖିବା ହେଉଛି ଏହାର ମୂଳ ଲକ୍ଷ୍ୟ। ବିହାରରେ ଭାଜପାକୁ ବଞ୍ଚାଇ ରଖିବା ପାଇଁ ନୀତୀଶ କୁମାରଙ୍କ ଦଳ ଏକ ବଡ଼ ଭୂମିକା ତୁଲାଇଆସୁଛି। ବିହାରରେ କିଛି ଭୋଟ ରହିଛି, ଯାହା ଆର୍‌ଜେଡିକୁ ନ ଗଲେ ମଧ୍ୟ କେବେହେଲେ ଭାଜପାକୁ ଯିବନାହିଁ। ହେଲେ ସେଥିରୁ ବହୁ ଭୋଟ ଜେଡିୟୁ ଜରିଆରେ ଭାଜପା ପରୋକ୍ଷରେ ନିଜ ସପକ୍ଷରେ ଆଣିପାରିଛି। ଯଦି ତାମିଲନାଡୁ କଥା ଦେଖିବା ସେଠାରେ ମଧ୍ୟ ସମାନ ସ୍ଥିତି। ସେଠାରେ ଡିଏମ୍‌କେ ଦଳର ଭୋଟ ପ୍ରତିଶତ ହ୍ରାସ କରାଇବା ଲାଗି ଏଆଇଏଡିଏମ୍‌କେକୁ ଭାଜପା ପରୋକ୍ଷରେ ସହଯୋଗ କରୁଛି। ଓଡ଼ିଶାରେ ମଧ୍ୟ ସମାନ ଢାଞ୍ଚା ଆପଣାଇବାକୁ ପ୍ରୟାସ ଆରମ୍ଭ ହୋଇଯାଇଛି। ବର୍ତ୍ତମାନର ସ୍ଥିତି ଉପରେ ଯଦି ନଜର ପକାଇବା, ୱାକ୍‌ଫ ବିଲ୍ ପ୍ରସଙ୍ଗରେ ନବୀନ ନିବାସ ସହଯୋଗରେ ଯେଉଁ ଦ୍ୱନ୍ଦ୍ୱ ସୃଷ୍ଟି କଲା ସେଥିଯୋଗୁ ଦଳର ସଂଖ୍ୟାଲଘୁ ଭୋଟର ଅସନ୍ତୁଷ୍ଟ ହୋଇଛନ୍ତି।

ବିରୋଧୀ ଦଳ ଉପନେତା ତଥା ବିଜେଡି ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ତାଙ୍କ ଦଳ କାହିଁକି ଭାଙ୍ଗିବ, ଏବେ ମଧ୍ୟ ତାଙ୍କ ଦଳରେ ବଳ ଅଛି। ସେ ନବୀନ-ପାଣ୍ଡିଆନଙ୍କୁ ତ୍ୟାଗକରି ଆଗକୁ ବଢ଼ିବେ କି ବୋଲି ପଚାରିବାରୁ ପ୍ରସନ୍ନ କହିଛନ୍ତି, ସେ ସନ୍ୟାସ ତ ନେଇନାହାନ୍ତି କାହାକୁ ଛାଡ଼ିବା କଥା କ'ଣ ପାଇଁ ପଡ଼ିଛି। ରାଜନୀତି କେତେବେଳେ ସ୍ଥିର ନୁହେଁ। ପରିବର୍ତ୍ତନ ଗଣତନ୍ତ୍ରର ଲକ୍ଷଣ ବୋଲି ସେ କହିଛନ୍ତି। ପ୍ରତାପ ଜେନାଙ୍କୁ ଏନେଇ ପ୍ରଶ୍ନ କରିବାରୁ ସେ କିଛି ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି।

### ପୋଲିସ ବାରାକ୍‌ରେ...

ଜବତ କରାଯାଇଛି। ମୃତ କନଷ୍ଟେବଲ ହେଲେ ରେମୁଣା ଥାନା ଅଧୀନ ମନ୍ଦାରପୁର ଗ୍ରାମର ଯଶୋଦା ଦାସ। ପ୍ରେମଜନିତ କାରଣରୁ ଯଶୋଦା ଜୀବନ ହାରିଥିବା ସନ୍ଦେହ କରାଯାଉଛି। ତେବେ ତାଙ୍କର ମୋବାଇଲର କଲ୍ ଡିଟେଲ୍ସ ଏବଂ ହ୍ୱାଟ୍ସଆପ୍ ଚାଟ୍ ଯାଞ୍ଚ କଲେ ଆତ୍ମହତ୍ୟାର କାରଣ ଜଣାପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

୨୦୨୩ ବ୍ୟାଚ୍‌ରେ କନଷ୍ଟେବଲ ଭାବେ ନିଯୁକ୍ତି ପାଇଥିଲେ ଯଶୋଦା। ସେବେଠାରୁ ବାଲେଶ୍ୱର ପୋଲିସ ବାରାକ୍‌ରେ ରହିଆସୁଥିଲେ। ଏବେ ସେ ବାଲେଶ୍ୱର ପୋଲିସ ମୁଖ୍ୟାଳୟରେ କନଷ୍ଟେବଲ ଭାବେ ଚାକିରି କରୁଥିଲେ। ସମସ୍ତଙ୍କ ସହିତ ତାଙ୍କର ଭଲ ବ୍ୟବହାର ଥିଲା। ମଙ୍ଗଳବାର ସକାଳେ ବାରାକରେ ଅନ୍ୟ ସହକର୍ମୀ ଡ୍ୟୁଟି ଯିବା ପରେ ଯଶୋଦା ରୁମ୍‌ରେ ଏକା ଥିଲେ। ସକାଳ ପ୍ରାୟ ୮ଟା ୬ମିନିଟ୍‌ରେ ଏକ ଅବସାଦଭରା ବାର୍ତ୍ତା ହ୍ୱାଟ୍ସଆପ୍‌ରେ ଷ୍ଟାଟସ ଦେଇଥିଲେ। ଏହାପରେ ନିଜ ରୁମ୍‌ରେ ପଙ୍ଖାରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିଲେ। ଅନ୍ୟ ସହକର୍ମୀମାନେ ଡ୍ୟୁଟିରୁ ଫେରି ବାରାକ୍‌ରେ ଏହା ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ସହଦେବଖୁଣ୍ଟା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୫) ରୁଜୁ ହୋଇଛି। ସାଇଣ୍ଟିଫିକ୍ ଟିମ୍ ସହ କ୍ରାଇମ୍ ଡିଏସ୍‌ପି ତପସ୍ୱିନୀ କହଁର, ସହଦେବଖୁଣ୍ଟା ଥାନା ଆଇଆଇସି ଅଜୟ କୁମାର ମୁର୍ମୁ, ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ, ସବ୍‌ଇନ୍ସପେକ୍ଟର ସସ୍ମିତା ମଲ୍ଲିକ ପ୍ରମୁଖ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତ କନଷ୍ଟେବଲଙ୍କ ରୁମ୍‌ରୁ ଏକ ଡାଏରୀ ଜବତ ହୋଇଛି। ସୋର ଅଞ୍ଚଳର ଜଣେ ଯୁବକଙ୍କୁ ସେ ଭଲ ପାଉଥିବା ତାଙ୍କର ସମ୍ପର୍କୀୟ ଭାଇ କହିଛନ୍ତି।

ଏ ନେଇ ଏସ୍‌ପି ରାଜପ୍ରସାଦ କହିଛନ୍ତି, ତଦନ୍ତ ଜାରି ରହିଛି। ପ୍ରାଥମିକ ତଦନ୍ତରେ ବ୍ୟକ୍ତିଗତ କାରଣରୁ ସେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। କିଛିଦିନ ଧରି ମହିଳା କନଷ୍ଟେବଲ ଜଣକ ମାନସିକ ଅବସାଦରେ ରହୁଥିଲେ। ତେବେ ତଦନ୍ତ ପରେ ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ।

# ହିମାଳୟନ ନାଗଟିବା ଆରୋହଣ କଲେ କଳାହାଣ୍ଡିର ୨୬ ପର୍ବତାରୋହୀ

**୧୦ହଜାର ଫୁଟ ଶିଖରରେ ଜାତୀୟ ପତାକା ଉଡ଼ାଇଲେ**




ଭବାନୀପାଟଣା,୮।୪ (ଉତ୍ତମ କୁମାର ଦାଶ)

ଉତ୍ତରାଖଣ୍ଡର ହିମାଳୟନ ନାଗଟିବା ଟ୍ରେକିଂ ଅଭିଯାନରେ କଳାହାଣ୍ଡି ଜିଲ୍ଲାର ୨୬ ଜଣିଆ ଦୁଃସାହସିକ ପର୍ବତାରୋହୀ ଦଳ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏହି ଅଭିଯାନ ଗତ ଏପ୍ରିଲ ୧ ଓଡ଼ିଶା ଦିବସରୁ ଆରମ୍ଭ ହୋଇଥିବାବେଳେ ୧୧ ଏପ୍ରିଲରେ ଶେଷ ହେବ। ଏହା ହେଉଛି ଓଡିଶାର ପ୍ରଥମ ଆଇଏମ୍ଏଫ୍ ଅନୁମୋଦିତ ଅଭିଯାନ। ଦୁଃସାହସିକ ପର୍ବତାରୋହଣ କାର୍ଯ୍ୟକ୍ରମ ଡେରାଡୁନରୁ ଆରମ୍ଭ ହୋଇ ପନତବାଡି ଦେଇ ବେସ୍ କ୍ୟାମ୍ପରେ ପହଞ୍ଚିବା ପରେ ୫ ଏପ୍ରିଲ ଭୋର ୪ଟାରେ ହିମାଳୟନ ଅଭିମୁଖେ ଯାତ୍ରା କରିଥିଲେ। ପ୍ରାୟ ସାଢେ ୮ ଘଣ୍ଟା ପର୍ବତାରୋହଣ କରିବା ପରେ ମଧ୍ୟାହ୍ନ ସାଢେ ୧୨ଟାରେ ୧୦ହଜାର ଫୁଟ ଉଚ୍ଚତା ବିଶିଷ୍ଟ ହିମାଳୟନ ନାଗଟିବାରେ ସଫଳତାର ସହିତ ପହଞ୍ଚିଥିଲେ। ସେଠାରେ ସେମାନେ ଜାତୀୟ ପତାକା ଉଡାଇବା ସହିତ ମା' ମାଣିକେଶ୍ୱରୀ, ଶ୍ରୀଜଗନ୍ନାଥଙ୍କ ଜୟ ଜୟକାର କରିଥିଲେ। ଏହି ୨୬ ଜଣିଆ ଟିମରେ ୨୦ ଜଣ ଦୁଃସାହସିକ କ୍ରୀଡାବିତ ଛାତ୍ରୀଛାତ୍ର ଭାଗ ନେଇଥିବା ବେଳେ ୬ ଜଣ ଅଫିସିଆଲ ରହିଥିଲେ।

# ୧୦ ଚୋରା କୋଇଲା ଖଣି ଠାବ

ସୁନ୍ଦରଗଡ,୮।୪ (ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକରେ ରହିଥିବା କଳାହୀରା(କୋଇଲା) ଉପତ୍ୟକାରେ ମାଫିଆମାନେ କବ୍‌ଜା କରି ବହୁ କୋଟି ଟଙ୍କାର କୋଇଲା ଅନେକ ବର୍ଷ ଧରି ଲୁଟୁଥିଲେ। ଏବେ ଜିଲ୍ଲା ପ୍ରଶାସନର ଚଢ଼ାଉ ସମସ୍ତଙ୍କୁ ଚକିତ କରିଛି। ଗତ ଶୁକ୍ରବାର ଗୋପାଳପୁର ନିକଟସ୍ଥ କୁଲାପଡ଼ା ଓ ତେଲେନ ଡିହି ଜଙ୍ଗଲରୁ ବେଆଇନ କୋଇଲା ଖଣି ଠାବ କରି ଚାଲାଣ ପାଇଁ ଗଚ୍ଛିତ ଥିବା ୧୫୦ ଟନ୍‌ରୁ ଊର୍ଦ୍ଧ୍ୱ କୋଇଲା ଜବତ ହୋଇଥିଲା। ମଙ୍ଗଳବାର ପୁଣି ଏହି ବ୍ଲକର ଜାମକାନି ରିଜର୍ଭ ଫରେଷ୍ଟରୁ ୧୦୦ଟନରୁ ଊର୍ଦ୍ଧ୍ୱ କୋଇଲା ଜବତ ହେବା ସହିତ ରତନସରା ଓ ଭୋଗରାକଛାର ଗ୍ରାମ ନିକଟ ରେଭେନ୍ୟୁ ଫରେଷ୍ଟରେ ୧୦ରୁ ଊର୍ଦ୍ଧ୍ୱ କୋଇଲା ଖଣି ଠାବ କରାଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶ କ୍ରମେ ସଦର ଉପଜିଲ୍ଲାପାଳ ଦାଶରଥି ସରାବୁଙ୍କ ନେତୃତ୍ୱରେ ପୋଲିସ, ଜଙ୍ଗଲ, ଓ ରାଜସ୍ୱ ବିଭାଗ ଅଧିକାରୀ ଓ କର୍ମଚାରୀମାନଙ୍କୁ ନେଇ ଗଠିତ ସ୍କ୍ୱାର୍ଡ ଏହି ବେଆଇନ କୋଇଲା ଖଣି ଉପରେ ଚଢ଼ାଉ କରାଯାଇଛି।



ଅଧିକାରୀମାନେ ଖଣିରେ ଚଢ଼ାଉ କରୁଛନ୍ତି।


**KASTURBA GANDHI BALIKA VIDYALAYA, BILLA**
At: Billa, P.O.: Baikala, Block: Saharpada,
District: Keonjhar, PIN - 758045

Letter No. 589 Date: 26.03.2025

**TENDER CALL NOTICE**

No. n-04: Sealed tenders are invited from registered supplier/ firms having own sale counter, GST Registration valid PAN & IT Certificate 2025-26 for supply recurring/non-recurring items/ articles for KGBV Hostel. The tender paper containing detailed scope of work along with terms and conditions hoist at **ipr.advt@gmail.com** & **www.kendujhar.odisha.gov.in** and notice board of KGBV, BEO, SAHARPADA, BDO, SAHARPADA, DEO-cum-DPC, SSA Keonjhar. Last date of receipt of the tender paper is 17.04.2025 at 4.00 P.M.
The authority reserves the right to cancel all or any/part of the tender without assigning any reason thereof.

Sd./- Block Education Office, Saharpada
OIPR-27188/11/0001/2425

**ODISHA PUBLIC SERVICE COMMISSION**
**NOTICE**
No.2301/PSC, Dt.08.04.2025

**No.D-07:**It is for information of all concerned that, due to typographical error the Name of the Optional Subject/ Paper at Sl.No. 12 & 13 mentioned as Annual Husbandry & Veterinary Science, Paper-I & Annual Husbandry & Veterinary Science, Paper-II in this Office Notice No.2186/ PSC, dt.02.04.2025 shall be **read as Animal Husbandry & Veterinary Science, Paper-I having Subject Code 12 & Animal Husbandry & Veterinary Science, Paper-II having Subject Code 13** respectively.
Besides this, all other stipulations made in Notice No.2186/ PSC, dt.02.04.2025 shall be remain unchanged.

Sd./- Secretary
OIPR-12002/11/0183/2425

**OFFICE OF THE PANCHAYAT SAMITI LAXMIPUR, DIST-KORAPUT**

Letter No.1124/2025 Date:07.04.2025

**E-TENDER CALL NOTICE**

**No.i-10:**Seal tenders are invited from Registered Contractor from state PWD/M.I./Irrigation/Rural works for execution of Buildings etc. The detail information of which are made available in the **(http://tenderodisha.gov.in)** website only and also in Koraput Dist. Website i.e. **http//www.koraput.odisha.gov.in** & in DRDA Website **http//www.drdakoraput.org.**
The date and time of apply and receive of Tender paper is from **dtd.08.04.2025** to **28.04.2025 up to 5.30 PM** through in the **(http://tenderodisha.gov.in)** website only.
Tender will be opened on. **Dtd.29.04.2025 (Tuesday) at 11.30 A.M.** onwards in the **Video Conference Hall of Block Office, Laxmipur.**

OIPR-19158/11/0005/2425 Sd./-Block Development Officer, Laxmipur

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER, DRAINAGE CIRCLE, BALASORE**
No. A-23
Email Id: sedcbls@yahoo.com
**'e'-Procurement Notice No. ACEDCBLS - 02/2025-26**

| | | | |
|---|---|---|---|
| 1 | Name of Work | : | Drainage works (Under D.I.P. Scheme) |
| 2 | Total No. of Projects | : | 2 Nos. of Individual Work |
| 3 | Estimated cost of Individual works | : | Varies from Rs.2,30,43,066/- to Rs.2,53,82,801/- (Excluding G.S.T.) |
| 4 | Period of Completion | : | 11 (Eleven) Calendar Months |
| 5 | Bid Identification Number | : | ACEDCBLS/DDJPR - 01-02/2025-26<br>ACEDCBLS/DDJPR - 02-02/2025-26 |
| 6 | Date & Time of availability of Bid document in the portal | : | From Dt.09.04.2025 at 10.00 hours to Dt.23.04.2025 at 17.00 hours |
| 7 | Date of Opening of Technical Bid | : | Dt.24.04.2025 at 11.30 hours in the Office of the Additional Chief Engineer, Drainage Circle, Balasore |
| 8 | Date of Opening of Financial Bid | : | To be uploaded in portal |
| 9 | Date of Lottery (if required) | : | To be notified |
| 10 | Procurement Officer/Name & address of the Officer Inviting Bids | : | Additional Chief Engineer, Drainage Circle, Balasore |

Further details can be seen from the Govt. Website: **www.tendersorissa.gov.in**.

OIPR-32190/11/0012/2425 Sd./- Additional Chief Engineer Drainage Circle, Balasore

**ODISHA HYDRO POWER CORPORATION LTD.**
**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
AT/PO- BARINIPUT, DIST: KORAPUT- 764006, Phone-06854-242001, Fax: 06854242038,
E-mail:sgmel_ukhep@ohpcltd.com, CIN:U40101OR1995SGC003963

**E-Tender NOTICE No.-01/2025-26, Dated 04.04.2025**

**No.CAD-62:** The Unit Head, Upper Kolab Hydro Electric Project, Bariniput, Koraput, Odisha invites percentage rate bid in double cover system in ONLINE MODE only from eligible contractors for the works as mentioned below.

| Sl. No. | Name of the Work | Approx. Estimated Cost (in Rs.) | E.M.D. (in Rs.) (Refundable) | Cost of bid document (Non-refundable) | Class of Contractor | Availability of Bids online for Bidders | Due date and time of Opening of Bid |
|---|---|---|---|---|---|---|---|
| 1 | R/M to Switchyard Road, UKHEP, Bariniput | 30,22,364.07/- | 30,230/- | 7080/- (Rs.6000+18% GST) | "B or C" Class | From 10.00 AM of Dt.10.04.2025 to 13.00 Hrs. of Dt.22.04.2025 | At 12.30 Hrs. of Dt.23.04.2025 |

1. The Bidders have to participate in ONLINE bidding only through the Govt. e-Procurement portal www.tendersorissa.gov.in by using their compatible Digital Signature Certificate (DSC).
2. Further details like tender specification (DTCN), BOQ and any addendum/ corrigendum/ cancellation of tender can be seen in the same website.

OIPR-04002/11/0070/2425 Sd./- Unit Head, UKHEP, Bariniput

**GOVERNMENT OF ODISHA** No. O-10
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, ANGUL**
E-Mail: sencrwangul@yahoo.co.in, Ph.: 06764-236404

No. 1030 Dt.02.04.2025

**NOTICE INVITING TENDER FOR ROAD WORKS IN ODISHA**
**Bid Identification No. Road Online AGL-01/2025-26**

1. Name of the Work : Road Works
2. Total No. of Work : 01 No.
3. Estimated Cost : Rs.747.54 Lakhs (Approx.)
4. Class of Contractor : As per annexure
5. Period of Completion : As per annexure
6. Other Details :

| Procurement Officer | Bid Identification No. | Availability of Tender Online for Bidding | | Last date & Time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online AGL-01/2025-26 | 09.04.25 at 10.00 A.M. | 25.04.25 upto 5.00 P.M. | 23.04.25 upto 1.00 P.M. | 28.04.25 at 09.00 A.M. | Will be intimated separately |

For detailed Notice inviting tenders, please visit to the website **www.tendersorissa.gov.in.**

OIPR-25180/11/0047/2425 Sd./- Chief Construction Engineer, Rural Works Circle, Angul

**ODISHA LIFT IRRIGATION CORPORATION LIMITED**
(A GOVERNMENT OF ODISHA UNDERTAKING)
**OFFICE OF THE EXECUTIVE ENGINEER LIFT IRRIGATION DIVISION, GUNUPUR**
E-mail ID:eeolicgnp@ymail.com

Office Letter No.341 Date:05.04.2025

**CORRIGENDUM**

**No.CAD-69:**In continuation to this office Tender Call Notice No.-02/24-25, dt.17.03.2025 the following amendment is made. It was decided that as per tender committee.
1. Due to wrong information for GST the tender has been cancelled.

Sd./- Executive Engineer
L.I. Division, Gunupur
OIPR-32144/11/0006/2425

**CONFISCATION NOTICE OF TATA ACE**

**No.MM-03:**It is to inform all concerned through this publication that one TATA ACE bearing Regd. Number OR-07-S4566, Engine number-2751D105FQZS59651, Chassis Number-MAT4450519ZF14379 was seized near on the canal way from village Sagarapalli to Bhamarabarapalli for illegal transportation of Forest Produce i.e, Teaklogs- 11 Nos. measuring to 26.83cft, on dated 31.03.2021. The vehicle was seized from the possession of Sri Bhagyarathi Mohanty S/o: Bhaja Mohanty, At/PO: Bhismagiri, PS: Digapahandi, Dist. Ganjam, State: Odisha. In the meanwhile, The Regional Transport Authority, Ganjam, Chatrapur has intimated that Sri Balakishore Panigrahi (Owner of the TATA ACE) W/o: Brundaban Panigrahi, At/PO: Digapahandi,Dist. Ganjam. Regd. owner of the seized vehicle. The afore said vehicle along with the seized produce may confiscated for its involvement in OR Case No. 578 of 2020-21 of Digapahandi Range for non-submission of replay to show cause and non-attendance of the accused person/owner therefore on the date of hearing fixed before the forum of the Authorised Officer on dated 30.01.2025.
The final dated of hearing to the aforementioned case is fixed to 16.04.2025 at 11.00 A.M in the forum of the Authorised Officer-cum-Assistant Conservator of Forests, Brahmapur Forest Division for giving another opportunity of being heard in the matter. Failure to attend the hearing by any claimant/ accused on the date fixed above and within 30 days from the date of publication of this notice in relation to the above vehicle, the vehicle may be confiscated under section 56 of the Odisha Forest Act, 1972 exparte.

Sd./- Authorised Officer-cum-A.C.F.
Brahmapur Forest Division
OIPR-08038/11/0034/2425

**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ଆନନ୍ଦପୁର**
**OFFICE OF THE SUPERINTENDING ENGINEER, M.I. DIVISION, ANANDAPUR**
At/P.O.: Salapada, Dist.: Keonjhar, PIN Code - 758020

No. 871/MIDA Dt.03.04.2025

**e-Procurement Notice**
**Bid Identification No. 01/MIDA/2025-26**
e-mail ID: mianandapur@yahoo.co.in
eemidanandapur@gmail.com

No. A-09: The Superintending Engineer, Minor Irrigation Division, Anandapur on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | | |
|---|---|---|
| Name of the Work | : | Civil works in Different Blocks of Keonjhar District under the Imp. to CD for the year 2025-26. |
| No. of works | : | 16 (Sixteen) Nos. only |
| Estimated Cost | : | Varies from 6.67 lakhs to 6.78 lakh (Approximately) |
| Cost of Tender Paper | : | 4000/- (Non-refundable) |
| Period of Completion | : | 02 (Two) Calendar Months |
| Availability of bid documents for sale and receipt through Online | : | From Dt.08.04.2025, 10.00 A.M. to Dt.17.04.2025 upto 4.00 P.M. |
| Last date / time of receipt of bids in the portal | : | 17.04.2025 (4.00 P.M.) |
| Date of Technical bid opening through online | : | On Dt.17.04.2025 at 05.00 P.M. in the Office of the S.E., M.I. Division, Anandapur |
| Mode of payment of Bid Cost | : | Online |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) |
| The detail tender call notice can also be seen in the DOWR website: **http:/dowrorissa.gov.in** | | |
| Name & Address of the OIT | : | Superintending Engineer, Minor Irrigation Division, Anandapur, At/P.O./ District: Keonjhar Email ID: **mianandapur@yahoo.co.in** |
| Further details can be seen from the e-Procurement market place **http://tendersorissa.gov.in** | | |

OIPR-32108/11/0028/2425 Sd./- Superintending Engineer M.I. Division, Anandapur

**ଓଡ଼ିଶା ସରକାର**
**ଖଣି ଉପ-ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ସମ୍ବଲପୁର ଜିଲ୍ଲା, ସମ୍ବଲପୁର କ୍ଷେତ୍ର**
ଇ-ମେଲ୍: ddm.sambalpur@orissaminerals.gov.in

ତା: ୦୮।୦୪।୨୦୨୫

**ଟେଣ୍ଡର ନିମନ୍ତ୍ରଣ ବିଜ୍ଞପ୍ତି**

No. G-04: ମାଇନ୍ସ ଏବଂ ମିନେରାଲ୍ (ଡେଭଲପମେଣ୍ଟ ଆଣ୍ଡ ରେଗୁଲେସନ୍) ଆକ୍ଟ, ୧୯୫୭ର ଧାରା ୧୫ରେ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା କ୍ଷମତା ଅନୁସାରେ ଏବଂ ସମୟ ସମୟରେ ସଂଶୋଧିତ ଓଡ଼ିଶା ମାଇନୋରାଲ ମିନେରାଲ କନ୍ସେସ୍ ନିୟମ, ୨୦୧୬ ଅନୁଯାୟୀ ୦୮ ସଂଖ୍ୟକ ଲଘୁ ଖଣିଜ ଉତ୍ସର ଇ-ନିଲାମ ମାଧ୍ୟମରେ ଲିଜ୍ ଅନୁଦାନ ପାଇଁ ଟେଣ୍ଡର ଆହ୍ୱାନ କରାଯାଉଛି।
ତଦନୁସାରେ, କ୍ୱାରି ଲିଜ୍ ଅନୁଦାନ ପାଇଁ 'ଫର୍ମ-ଏମ୍' ଫର୍ମାଟରେ (ଉଭୟ ଡିଜିଟାଲ ଓ ଫିଜିକାଲ) ବୈଷୟିକ ବିଡ୍ ଆମନ୍ତ୍ରଣ କରାଯାଉଛି।
ଇଲେକ୍ଟ୍ରୋନିକ୍ ନିଲାମରେ ଅଂଶଗ୍ରହଣ ପାଇଁ ଯୋଗ୍ୟ ସର୍ତ୍ତ, ତାରିଖ ଏବଂ ସମୟ ଟେଣ୍ଡର ଡକ୍ୟୁମେଣ୍ଟରେ ପ୍ରଦାନ କରାଯାଇଛି। କ୍ୱାରିଗୁଡ଼ିକ ପାଇଁ ଇ-ନିଲାମ ପ୍ରକ୍ରିୟାର ସମୟ ସାରଣୀ, ବିଜ୍ଞପ୍ତି, ଅପଡେଟ୍ ଏବଂ ଅନ୍ୟାନ୍ୟ ବିବରଣୀ ସହିତ ଟେଣ୍ଡର ଡକ୍ୟୁମେଣ୍ଟକୁ **https://www.mstcecommerce.com** ୱେବ୍‌ସାଇଟ୍‌ରୁ ଡାଉନଲୋଡ୍ କରାଯାଇପାରିବ।
ଆଗ୍ରହୀ ବିଡରମାନେ ଉପରୋକ୍ତ ୱେବ୍‌ସାଇଟ୍‌ରେ ନିଜକୁ ପଞ୍ଜୀକୃତ କରିପାରିବେ। ସଫଳ ପଞ୍ଜିକରଣ ପରେ ଇ-ନିଲାମ ପ୍ରକ୍ରିୟାରେ ଅଂଶଗ୍ରହଣ ପାଇଁ ବିଡରମାନେ ଲଗଇନ୍ ଆଇଡି ଏବଂ ପାସ୍‌ୱାର୍ଡ଼ ପାଇବେ। ମଡେଲ ଟେଣ୍ଡର ଡକ୍ୟୁମେଣ୍ଟ ଏବଂ ମିନେରାଲ ବ୍ଲକ ସାରାଂଶ ଉପରୋକ୍ତ ୱେବ୍‌ସାଇଟ୍‌ରେ ମାଗଣାରେ ଉପଲବ୍ଧ।
ଇଚ୍ଛୁକ ବିଡରମାନେ ନିଜର ଲଗଇନ୍ ୟୁଜର ID ଏବଂ ପାସ୍‌ୱାର୍ଡ଼ ବ୍ୟବହାର କରି ଫର୍ମ - Mରେ ଆବଶ୍ୟକୀୟ ବିବରଣୀ ଏବଂ ପ୍ରଯୁଜ୍ୟ ବାଧ୍ୟତାମୂଳକ ଡକ୍ୟୁମେଣ୍ଟ ଦାଖଲ କରିବେ। 'ଫର୍ମ-ଏମ୍'ର ସଫଳ ଦାଖଲ ପାଇଁ ବିଡରମାନେ ଇ-ନିଲାମ ପୋର୍ଟାଲରେ ଉପଲବ୍ଧ 'ବିଡର ମାନୁଆଲ'କୁ ଅନୁସରଣ କରିବା ଉଚିତ୍। ଇ-ଟେଣ୍ଡର ଦାଖଲ ପାଇଁ ବିଡରଙ୍କୁ ଦିଆଯାଇଥିବା ଅବଧି, ଖବରକାଗଜ ଏବଂ MSTC ୱେବ୍‌ସାଇଟରେ ଟେଣ୍ଡର ବିଜ୍ଞପ୍ତି ପ୍ରକାଶ ହେବା ଦିନଠାରୁ ଗଣନା କରାଯିବ।
**ସମୟ ସାରଣୀ:**
ଟେଣ୍ଡର ଡକ୍ୟୁମେଣ୍ଟରେ ସବିଶେଷ ସମୟ ସାରଣୀ ଉପଲବ୍ଧ ଅଛି।
ଟେଣ୍ଡର ଆବେଦନର ଆରମ୍ଭ ତାରିଖ: ୧୧।୦୪।୨୦୨୫।
ଟେଣ୍ଡର ଆବେଦନର ଶେଷ ତାରିଖ: ୦୨।୦୫।୨୦୨୫
**କ୍ୱାରିଗୁଡ଼ିକର ତାଲିକା:**

| କ୍ର. ନଂ. | କ୍ଷେତ୍ର | ଜିଲ୍ଲା | ତହସିଲ | ସୋର୍ସର ନାମ | ଲାଣ୍ଡ ସେଡ୍ୟୁଲ | | | | | ପରିମାଣ | MAC per $M^3$ (in Rs.) | MGQ Per Year |
|---|---|---|---|---|---|---|---|---|---|---|---|---|
| | | | | | ମୌଜା | ଖତିୟାନ ନଂ. | ପ୍ଲଟ ନଂ. | କିସମ | କ୍ଷେତ୍ରଫଳ | | | |
| ୧ | ସମ୍ବଲପୁର | ସମ୍ବଲପୁର | ରେଢ଼ାଖୋଲ | ସୁରୁବାଲି ଜୋର-ସି ବାଲି ଖଣି | ବଂଶାଜଳ | ୧୦୯ | ୬୪୩ | ଜୋର | ୫,୦୪୩ | ପ୍ରାପ୍ତବ୍ୟ | ୬୦୬୩ | ୬୮ |
| ୨ | ସମ୍ବଲପୁର | ସମ୍ବଲପୁର | ରେଢ଼ାଖୋଲ | ଘୋଷାରି ମାଳ-ବହାଲଝରଣ ବାଲି ଖଣି | ଘୋଷାର ମାଳ | ୮୬, ୨୩, ୮୬ | ୩୩(ଗ୍ର), ୨୯୭(ଗ୍ର), ୧୯୭୧(ଗ୍ର) | ଜୋର, ଜୋର, ଜୋର | ୨.୭୮୦, ୧.୫୦୮, ୦.୭୮୫ | ପ୍ରାପ୍ତବ୍ୟ | ୧୭୫୦ | ୫୮ |
| ୩ | ସମ୍ବଲପୁର | ସମ୍ବଲପୁର | ସମ୍ବଲପୁର | ସିକ୍ରିଡି ୨ ପଥର ଖଣି | ସିକ୍ରିଡି | ୧୬୨ | ୧୭୩୭/ ୨୨୧୦, ୧୭୬୪/ ୨୨୧୧ | ପଥର ଚଟାଣ, ପଥର ଚଟାଣ | ୦.୦୩୪, ୦.୬୧୬ | ପ୍ରାପ୍ତବ୍ୟ | ୫୫୮୦ | ୯୭ |
| ୪ | ସମ୍ବଲପୁର | ସମ୍ବଲପୁର | ସମ୍ବଲପୁର | ସିକ୍ରିଡି ୩ ପଥର ଖଣି | ସିକ୍ରିଡି | ୧୬୦ | ୧୬୮୧ | ପତିତ | ୧.୨୧୮ | ପ୍ରାପ୍ତବ୍ୟ | ୫୦୦୦ | ୯୭ |
| ୫ | ସମ୍ବଲପୁର | ସମ୍ବଲପୁର | ନାକଟିଦେଉଳ | ହିକପାଲି ପଥର ଖଣି | ହିକପାଲି | ୩୮ | ୧୦୪(ଗ୍ର) | ଡୁଙ୍ଗୁରୀ | ୫.୦୫୮ | ପ୍ରାପ୍ତବ୍ୟ | ୧୧୨୫ | ୬୭ |
| ୬ | ସମ୍ବଲପୁର | ସମ୍ବଲପୁର | ରେଙ୍ଗାଲି | ଖିନ୍ଦା ବାଲି ଖଣି | ଖିନ୍ଦା | ୨୪୮ | ୨୨୭୫/ ୨୧୧୭ | ନଦୀ | ୪.୫୯୩, ୧.୪୭୭ | ପ୍ରାପ୍ତବ୍ୟ | ୧୦୪୦୭ | ୩୧୫ |
| ୭ | ସମ୍ବଲପୁର | ସମ୍ବଲପୁର | ରେଙ୍ଗାଲି | ଠେଲକୋଲୋଇ-୨ ବାଲି ଖଣି | ଠେଲକୋଲୋଇ | ୧ | ୧/ ୩୨୯୪ | ଜଳ ଭଣ୍ଡାର | ୭.୯୧୨ | ପ୍ରାପ୍ତବ୍ୟ | ୬୫୯୭ | ୨୪୯ |
| ୮ | ସମ୍ବଲପୁର | ସମ୍ବଲପୁର | ରେଙ୍ଗାଲି | ଘିଚାମୁରା ବାଲି ଖଣି | ଘିଚାମୁରା | ୩୩୧ | ୨୫୬୩ | ନଦୀ | ୧୭.୦୨୫ | ପ୍ରାପ୍ତବ୍ୟ | ୧୫୩୫୩ | ୩୩୦ |

OIPR-30044/11/0002/2425 ସ୍ୱା./- ଖଣି ଅଧିକାରୀ, ସମ୍ବଲପୁର ଜିଲ୍ଲା

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ରଗ୍‌ବୀ ସେଭେନ୍ସରେ ଭାଗନେବ ଓଡ଼ିଶା

## ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

ଭୁବନେଶ୍ୱର, ୮।୪ (ତପନ ସ୍ୱାଇଁ)

ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ବିହାରରେ ମେ ୪ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ପ୍ରଥମଥରପାଇଁ ରଗ୍‌ବୀ ସେଭେନ୍ସକୁ ସାମିଲ କରାଯାଇଛି। ଏଥିରେ ଭାଗ ନେବାକୁ ଓଡ଼ିଶାର ୧୮ ବର୍ଷରୁ କମ୍ ବାଳିକା ଓ ବାଳକ ଦଳ ଯୋଗ୍ୟତା ଅର୍ଜନ କରିଛନ୍ତି। ୟୁଥ୍ ଗେମ୍ସ ରଗ୍‌ବୀ ସେଭେନ୍ସ ଇଭେଣ୍ଟ ପାଟନାର କଙ୍କରବାଗସ୍ଥିତ ପାଟଳିପୁତ୍ର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ହେବ। ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ପାଇଁ ୨୦୨୪ ଡିସେମ୍ବର ୨୮ ଓ ୨୯ରେ ବିହାରର ପାଟଳିପୁତ୍ରରେ ଅନୁଷ୍ଠିତ ୬୮ତମ ଜାତୀୟ ସ୍କୁଲ ଗେମ୍ସର ୧୭ ବର୍ଷରୁ କମ୍ ରଗ୍‌ବୀ ସେଭେନ୍ସ ଏବଂ ପୁଣେରେ ଜୁନ ୧୯ ଓ ୨୦ରେ ଅନୁଷ୍ଠିତ ୧୮ ବର୍ଷରୁ କମ୍ ଜାତୀୟ ଜୁନିୟର ବାଳିକା ଓ ଜୁନ ୨୫ ଓ ୨୬ରେ ଆୟୋଜିତ ୧୮ ବର୍ଷରୁ କମ୍ ବାଳକ ରଗ୍‌ବୀ ସେଭେନ୍ସ ରେ ପ୍ରଦର୍ଶନକୁ ଯୋଗ୍ୟତା ମାନଦଣ୍ଡ ଭାବେ ନିଆଯାଇଛି। ତଦନୁସାରେ ବାଳକ ବର୍ଗରେ ଓଡ଼ିଶା ସମେତ ବିହାର, ମହାରାଷ୍ଟ୍ର, ରାଜସ୍ଥାନ, ଝାଡ଼ଖଣ୍ଡ, କେରଳ, ଦିଲ୍ଲୀ ଓ ପଶ୍ଚିମବଙ୍ଗ ଏବଂ ବାଳିକାରେ ଓଡ଼ିଶା ବ୍ୟତୀତ ବିହାର, ମହାରାଷ୍ଟ୍ର, ଦିଲ୍ଲୀ, ରାଜସ୍ଥାନ, କେରଳ, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଯୋଗ୍ୟତା ଅର୍ଜନ କରିଛନ୍ତି।

## ଗୁଲ୍ ବାଂଲାଦେଶ ବୋଲିଂ କୋଚ ହୋଇପାରନ୍ତି

ଢାକା,୮।୪: ପାକିସ୍ତାନ ପୂର୍ବତନ ଫାଷ୍ଟ ବୋଲର ଉମର ଗୁଲ ବାଂଲାଦେଶ ଦଳର ପେସ ବୋଲିଂ କୋଚ୍ ହୋଇପାରନ୍ତି। ଏ ନେଇ ବାଂଲାଦେଶ କ୍ରିକେଟ ବୋର୍ଡ ସହ ତାଙ୍କର ଆଲୋଚନା ଚାଲିଛି। ଆନ୍ଦ୍ରେ ଆଡାମ୍ସ ଏବେ ବୋଲିଂ କୋଚ ପଦରେ ଅଛନ୍ତି।

## ରାମେଶ୍ୱର, ଏମ୍‌ସିସି ବିଜୟୀ

ଭୁବନେଶ୍ୱର, ୮।୪ (ତପନ ସ୍ୱାଇଁ)

ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ବିଏମ୍ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୭ମ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ୨ଟି ମ୍ୟାଚ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଏଥିରେ ଆୟୋଜକ ରାମେଶ୍ୱର ସ୍ପୋର୍ଟିଂ ଓ ଏମ୍‌ସିସି ବିଜୟୀ ହୋଇଛି। ୧୮ ବର୍ଷରୁ କମ୍ ପ୍ରତିଯୋଗିତା କମଳା ପରିଡ଼ା ଓ ୧୫ ବର୍ଷରୁ କମ୍ ପ୍ରତିଯୋଗିତା ଅମରେନ୍ଦ୍ର ପ୍ରସାଦ ବଳ ସ୍ମାରକୀ ଭାବେ ବିବେଚିତ ହେଉଛି। ୧୮ ବର୍ଷରୁ କମ୍ ବର୍ଗରେ ରାମେଶ୍ୱର ୨୭ ରନରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଛି। ରାମେଶ୍ୱର ନିର୍ଦ୍ଧାରିତ ୩୦ ଓଭରରେ ୯ ଉଇକେଟ ହରାଇ ୧୭୯ ରନ କରିଥିଲା। ଅଧିନାୟକ ଶିଭାଶିଷ ମଲିକ ସର୍ବାଧିକ ୬୮ ଓ ଶାଶ୍ୱତ ରାଉତ ୨୧ ରନ କରିଥିଲେ। ବିପକ୍ଷ ଦଳର ସୟଦ ତୁଫେଲ ଅହମଦ ୪ଟି ଉଇକେଟ ନେଇଥିଲେ। ଜବାବରେ ପାରାମାଉଣ୍ଟ ୨୧.୪ ଓଭରରେ ୧୫୨ ରନକରି ଅଲ୍‌ଆଉଟ ହୋଇଥିଲା। ମୁଦ୍ଦିୟ କୌଶିକ ୪୩ ଓ ତୁଫେଲ ୩୭ ରନ କରିଥିଲେ। ବିଜୟୀ ଦଳର ସୋହମ ପଟ୍ଟନାୟକ ୩ଟି ଏବଂ ଜଗଦୀଶ ମହାପାତ୍ର, ସ୍ୱୟମ ପଣ୍ଡା ଓ ଶୁଭ୍ରକାନ୍ତ ପରିଡ଼ା ୨ଟି ଲେଖାଏ ଉଇକେଟ ନେଇଥିଲେ। ରଣଜୀ ତାରକା ରାଜେଶ ମହାନ୍ତି ଅତିଥିଭାବେ ଯୋଗଦେଇ ଶୁଭାଶିଷ ଓ ସୋହମଙ୍କୁ ଯୁଗ୍ମଭାବେ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ୧୫ ବର୍ଷରୁ କମ୍ ବର୍ଗରେ ଏଲଏଲସିସି କ୍ଲବ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ଉଇକେଟ ହରାଇ ୧୧୪ ରନ କରିଥିଲା। ପ୍ରତୀକ କୁମାର ବେହେରା ୪୨ ରନ କରିଥିଲେ। ଏମ୍‌ସିସି ୧୬.୧ ଓଭରରେ ୭ ଉଇକେଟ ହରାଇ ୧୧୭ ରନ ସଂଗ୍ରହ କରି ନେଇଥିଲା। ଅଂଶୁମାନ ଦାସ ୪୭ ରନ କରିଥିଲେ। ଗୋଟିଏ ଉଇକେଟ ନେବାସହ ୩୨ ରନରେ ଅପରାଜିତଥିବା ସାଇ ଶଙ୍କର ପୂର୍ବତନ ରଣଜୀ ଖେଳାଳି ପ୍ରିୟବ୍ରତ ପ୍ରଧାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଅମ୍ପାୟର ବିଶ୍ୱଜିତ ମଲିକ ଓ ଆଶୁତୋଷ ନାୟକ ମ୍ୟାଚ ପରିଚାଳନା କରିଥିଲେ।

## ୨୭ ବର୍ଷୀୟ ୱିଲ ପୁକୋଭସ୍କିଙ୍କ ଅବସର

ମେଲବୋର୍ନ, ୮।୪(ଏପି)

ବାରମ୍ବାର କନ୍‌କଶନ କାରଣରୁ ଅଷ୍ଟ୍ରେଲିଆର ଯୁବ କ୍ରିକେଟର ୱିଲ ପୁକୋଭସ୍କି ମାତ୍ର ୨୭ ବର୍ଷ ବୟସରେ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ସେ କଦାପି କ୍ରିକେଟ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ଗତ ବର୍ଷ ଶିଫିଲ୍ଡ ଶିଲ୍ଡ ଟୁର୍ନାମେଣ୍ଟର ଏକ ମ୍ୟାଚରେ ତାଙ୍କ ମୁଣ୍ଡରେ ବଲ ବାଜିଥିଲା, ଯାହା କି ତାଙ୍କ କ୍ରିକେଟ କ୍ୟାରିୟରର ୧୩ତମ କନ୍‌କଶନ ଘଟଣା ଥିଲା। ଏଥିଯୋଗୁ ଡାକ୍ତର ତାଙ୍କୁ ଫାଷ୍ଟ-କ୍ଲାସ କ୍ରିକେଟରୁ ଅବସର ଘୋଷଣା କରିବାକୁ ପରାମର୍ଶ ଦେଇଥିଲେ। ପୁକୋଭସ୍କି ଏକ ରେଡିଓ ସାକ୍ଷାତ୍‌କାରରେ ସେ କଦାପି କୌଣସି ସ୍ତରରେ କ୍ରିକେଟ ଖେଳିପାରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

ସରଳ କଥା ହେଲା ମୁଁ କୌଣସି ସ୍ତରରେ କଦାପି କ୍ରିକେଟ ଖେଳିପାରିବି ନାହିଁ। ଗତ କନ୍‌କଶନ ଘଟଣା ପରେ ଗତ କିଛି ମାସ ହେଲା, ମୁଁ ମୋ ନିଜ କାମ କରିବାରେ ସଂଘର୍ଷ କରୁଛି। ମୁଁ ଘରେ ଠିକ୍ ଭାବେ ଚାଲି ବି ପାରୁନାହିଁ। ମୁଁ ବହୁତ ଶୋଉଛି। ପ୍ରଥମ କିଛି ମାସ ମୋ ପାଇଁ ଖୁବ ଯନ୍ତ୍ରଣା ଦାୟକ ଥିଲା। କିନ୍ତୁ ଏହା ମୋ ପିଛା ଛାଡୁ ନାହିଁ। ଏହା ମୋ ପାଇଁ ଖୁବ୍ କଷ୍ଟକର ସମୟ ଥିଲା। ଏଥିଯୋଗୁ ମୁଁ ବାଧ ହୋଇ ଏହି ନିଷ୍ପତ୍ତି ନେଇଛି ବୋଲି ପୁକୋଭସ୍କି କହିଛନ୍ତି। ପୁକୋଭସ୍କି ଅଷ୍ଟ୍ରେଲିଆ ପାଇଁ ୨୦୨୧ରେ କ୍ୟାରିୟରର ଏକମାତ୍ର ଟେଷ୍ଟ ଖେଳିଥିଲେ। ଭାରତ ବିପକ୍ଷରେ ସେ ୬୨ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଏହି ମ୍ୟାଚରେ ଫିଲ୍ଡିଂ କରୁଥିବା ବେଳେ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା। ଏଥିଯୋଗୁ ତାଙ୍କୁ ୬ ମାସ ପାଇଁ କ୍ରିକେଟଠାରୁ ଦୂରେଇ ରହିବାକୁ ପଡ଼ିଥିଲା। ୨୦୨୧ ଅକ୍ଟୋବରରେ ଟ୍ରେନିଂକୁ ଫେରିବା ପରେ ସେ କନ୍‌କଶନର ସମ୍ମୁଖୀନ ହୋଇଥିଲେ। ଯାହା ଫଳରେ ତାଙ୍କୁ ଆହୁରି କିଛି ମାସ ପଡ଼ିଆରୁ ଦୂରେଇ ରହିବାକୁ ପଡ଼ିଥିଲା।


# Classified Everyday

0674-2580101, 9692975378


MATRIMONIAL

BRIDE WANTED

କର୍ପୋରେଟ୍ ଚାକିରି କରୁଥିବା ବ୩୧ର୍ଷ ବ୍ରାହ୍ମଣ ପୁଅ ପାଇଁ ସୁନ୍ଦରୀ ଶିକ୍ଷିତା ଚାକିରି କରୁଥିବା ଝିଅ ଆବଶ୍ୟକ। ୮୯୧୭୫୬୫୭୦୭. ଧ-୦୧୩

34 yrs Brahmin groom, 6ft, Bhubaneswar, resident, earning 6 lpa. Contact: 9776243023, self Employed. D-048


AUTOMOBILE SALE

For Sale Innova Crysta, Landrover, Dezire, Hondacity, Mercedes, Fortuner Ertiga CNG for details contact: 7381091234, 7077731532. D- 76254


REAL ESTATE SALE

**Gharabari plot with compoundwall 52x40 2080sft. at lowest price 7K.M. from NAKHARA, 12K.M. from BHUBANESWAR also instalment basis (middle of CTC & BBSR) no interest. 7809525452.** D-76439


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-3219




Positively health benefited SPA by expert female therapist. 9114559860. D-76907

Full body massage by Odia therapist in homely atmosphere. 9556498382. D-75376

All types hair cutting, body massage by smart lady room services available. Contact: 7077240328. D-71396

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-033

Positively health benefited spa by expert female therapist, Bapujinagar. 8018429809 D-76906

AFFIDAVIT

I Pratibha Patil, W/o- Pravin Ramdas Patil, resident of Flat GRNA, Nilkantha, Mani Tribhuvan, Nandankanan Road, Patia, Bhubaneswar, Dist.- Khorda, PIN-751024, declare by this affidavit No.- 181 dtd. 07.04.2025 that now onwards I shall be known as Pratibha Pravin Patil for all future purposes. D-070

I Bhuse Pratibha Dattatray, W/o- Pravin Ramdas Patil, resident of Flat GRNA, Nilkantha, Mani Tribhuvan, Nandankanan Road, Patia, Bhubaneswar, Dist.- Khorda, PIN-751024, declare by this affidavit No.- 182 dtd. 07.04.2025 that now onwards I shall be known as Pratibha Pravin Patil for all future purposes. D-071

By virtue of an affidavit sworn before Notary Public, dated 08th April 2025, I, Ramesh Adhikari, Address: At-Jinjilibadi, P.O.- Penta, Dist.- Rayagada, Odisha, 765017 declare that I have changed my son's name from Bhaskar Rao Adhikar to Adhikari Rohit. Henceforth, he shall be known as Adhikari Rohit for all purposes.
Ramesh Adhikari D-074

By virtue of an affidavit No.- 1319, dated 02.04.2025 sworn before the Executive Magistrate, Dharmasala, I, Jagadhis Kumar Ray, At- Deulipal, P.O.- Jaraka, P.S.- Dharmasala, Dist.- Jajpur declare that my minor son old name Riyashusekhar Ray changed to new name Riyansu Sekhar Ray. Henceforth, he shall be known as Riyansu Sekhar Ray for all purposes. D-73

By virtue of an affidavit sworn before the Executive Magistrate, Bhubaneswar, dated 17.02.2025, I, Samudrika Pradhan, Plot No.- 112, Saheednagar, Bhubaneswar, declare that I have changed my name from Samudrika Singh to Samudrika Pradhan. Henceforth, I shall be known as Samudrika Pradhan for all purposes.
Samudrika Pradhan D-066

By virtue of an affidavit sworn before the Executive Magistrate, Bhubaneswar, dated- 17.02.2025, I, Biswaranjan Acharya, Plot No.- 112, Saheednagar, Bhubaneswar, declare that I have changed my daughter's name from Rajnandini Singh to Rajnandini Acharya. Henceforth, I shall be known as Rajnandini Acharya for all purposes.
Biswaranjan Acharya D-067

I, Mayabati Topno, W/o- Ramesh Topno, R/o-Village- Jamarla, P.O.- Kustuna, P.S.- Bargaon, Dist.- Sundargarh, Odisha declare that my son's name has been wrongly mentioned as Dinesh Tapno instead of Dinabandhu Topno in his Aadhaar card bearing No.- xxxx xxxx 5117. By this affidavit No.- 240 dated 21.03.25 sworn before the Executive Magistrate, Bargaon, I have changed my son's name as Dinabandhu Topno for all future purposes. D-77

By virtue of an affidavit CF No.02 dated 03.04.2025 sworn before the Executive Magistrate, Sohela, I Kshirodri Rautia @ Basanti Mirdha, W/o. Pitabasa Rautia, D/o. Kunjal Singh Mirdha, R/o. Village/Po. Petupali, Ps. Melchhamunda, Dist. Bargarh, Odisha declare that after marriage I have changed my name from Basanti Mirdha to Kshirodri Rautia. That both the names is one and same person. D-86

Sri Dakendra Pidikaka, S/o- Late Tatura pidikaka, declare by this affidavit No.- 339, dt- 07.04.2025, sworn before The Executive Magistrate, Gudari, that now onwards I want to correction my son's name from Kaika Pidikaka to Nouka Pidikaka, bearing Aadhaar No-xxxx xxxx 4721 of village Sanaraijhola, P.O- Karlaghati, P.S/Tahasil- Gudari, Dist.- Rayagada, for all future purpose. D-69

SRI. AJANIYA GAMANGO, S/o- Late Hori Gamango, declare by this affidavit No.- 502/ 2025 dated on 07.04.2025, sworn before the Executive Magistrate, Gunupur, that now onwards I want to correction of my son's name from SALAMAN GAMANGO to SALMAN GAMANGO and his date of birth from 09.07.1985 to as 09.07.2011 bearing Aadhaar Card No.- xxxx xxxx 3824 as well as my Address: At/ P.O.- Kulusing, P.S.- Puttasing, Dist.- Rayagada for all future purposes. D-68

I, Mayadhar Bhue, R/o- Village- Karlipat, P.O./ P.S.- Loisingha, Dist.- Balangir declare by this affidavit No.- 43 dated 05.04.25 that my son Arabinda Bhue is the student of class IX in govt. Primary School, Loisingha. That in school admission register my son's surname has been wrongly mentioned as Bhoi instead of Bhue. Henceforth, he shall be known as Arabinda Bhue for all purposes. D-83

ମୁଁ ସନ୍ତୋଷ କୁମାର ମହାପାତ୍ର, ସା- ନାଉଗୋରଡ଼ା, ଥାନା- ଚାନ୍ଦବାଲି, ଜିଲ୍ଲା- ଭଦ୍ରକ ଘୋଷଣା କରୁଅଛି କି, ମୋର ବାପା ସଦାନନ୍ଦ ମହାପାତ୍ରଙ୍କୁ କୌଣସି ବ୍ୟକ୍ତି ପ୍ରଲୋଭିତ କରି ତାଙ୍କ ନାମରେ ଥିବା ଖାତା ନଂ- ୫୪୫, ପ୍ଲଟ୍ ନଂ- ୫୯୭ (୦.୬ଡି.) ଓ ୮୧୪(୦.୯ଡି) ଘରବାଡ଼ି ଜମିକୁ ବିକ୍ରି କରିବା ପାଇଁ ପ୍ରବର୍ତ୍ତାଉଛନ୍ତି। ଆମ୍ଭେ ଏହାର ସୂଚନା ପାଇବା ପରେ ଭଦ୍ରକ ସିଭିଲ କୋର୍ଟରେ ଏକ ମାମଲା (ନଂ-୧୧୪୭/୨୦୨୪) ଦାଏର କରିଅଛୁ। ଆମ୍ଭେ ପରିବାର ସହ ଉକ୍ତ ବୃତ୍ତିରେ ବାସ କରୁଅଛୁ। ଏଣୁ ଉକ୍ତ ଜମିକୁ କିଣିବା ପାଇଁ ଚାହୁଁଥିବା ବ୍ୟକ୍ତି ବିରତ ରହିବା ପାଇଁ ସୂଚନା ଦେଉଅଛୁ। ଧ-୮୫

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Bhadrak, I, Soltana Bibi (49 yrs), W/o- Imtaz Khan, Vill: Miramohalla, P.O.- Bankabazar, P.S.- Purunabazar, Dist.- Bhadrak declare that I have changed my name in my LIC Policy bearing No.- 586561422 from Kalimuna Bibi to Soltana Bibi for all purposes. D-84

By virtue of an affidavit No.-655, dated 07.04.25 sworn before the Executive Magistrate, Bolangir, I, Sushanta Kumar Gadatya, R/o. At./P.O.- Badabandha, P.S.- Deogaon, Dist.- Bolangir, PIN- 767029, Odisha declare that I have changed my son's name from Sai Saswat Gadatya to Saswat Gadatya. Today onwards he shall be known as Saswat Gadatya for all future purposes. D-78

By virtue of an affidavit before Executive Magistrate, Darpan, I have changed my former name Chuguli Das (Aadhaar Card No.- XXXX XXXX 0949), S/o- Radhanath Das to Aruna Kumar Das. Henceforth, I will be known as Aruna Kumar Das in all purposes. D-81

By virtue of an affidavit sworn before Executive Magistrate, Athagarh, Cuttack, dated 03.04.2025 I, Bikash Das (new name), Address: Kunheipara, P.O.- B.G.P Pur, Dist.- Cuttack, Odisha, PIN Code- 754005 declare that I have changed my name from Bikash Nayak (old name) to Bikash Das (new name). Henceforth, I shall be known as Bikash Das (new name) for all purposes. D-80

I, Smt. Sujata Behera, D/o- Prahalad Chandra Pradhan, W/o- Prafulla Kumar Behera, residing At- Gandhinagar (Karanjia), P.O.- Issan Nagar, P.S.- Balasore Sadar, Dist.-Balasore have changed my name to Smt. Sujata Pradhan vide affidavit dated 4.4.2025 sworn before Executive Magistrate, Balasore. D-76

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

## ମନେ ପଡ଼ନ୍ତି

୧୫ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତା ସ୍ନେହଲତା ଷଡଙ୍ଗୀ (ସ୍ନେହ)
୧୦୪, ରତ୍ନାକର ବାଗ-୧, ଭୁବନେଶ୍ୱର,
ତିରୋଧାନ: ୨୭।୦୩।୨୦୧୦
(ଅଶୋକାଷ୍ଟମୀ, ବାହୁଡ଼ା ଯାତ୍ରା)

ଆଜି ତୁମର ପଞ୍ଚଦଶ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମରଣ କରି ତୁମ ପବିତ୍ର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାର ବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଆଜି ତୁମ ଆତ୍ମା ଆରପାରିରେ ରହି ମଧ ଆମମାନଙ୍କୁ ଆଶୀର୍ବାଦ କରୁଥାଉ, ଏତିକି ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାର: ସ୍ୱାମୀ କାଳିନ୍ଦୀ ଚରଣ ଷଡ଼ଙ୍ଗୀ, ପୁଅ- ବାବୁଲି, ବୋହୂ-ଗୀତୁ, ଝିଅ- ଟୁନି, ଜ୍ୱାଇଁ- ରାମ, ପୁଅ- ମୁନା, ବୋହୂ- ଅପ୍ପୁ, ନାତିନାତୁଣୀ- ନୀରଜ, ନୀରଜା, ଗୁଡୁ ଓ କାହ୍ନାଙ୍କ ସହ ସମସ୍ତ ପରିବାରବର୍ଗ। ଧ-୭୫

## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ସତ୍ୟଭାମା ରାଉତ
ସ୍ୱାମୀ: ୰କୃଷ୍ଣଚନ୍ଦ୍ର ରାଉତ
କଲେଜ ରୋଡ୍, ଭୁବନ, ଢେଙ୍କାନାଳ
ଆବିର୍ଭାବ: ୦୪।୦୬।୧୯୫୦
ତିରୋଧାନ: ୩୦।୦୩।୨୦୨୫

ମା' ଆପଣଙ୍କର ଆଦର୍ଶ, ତ୍ୟାଗ, ନିଷ୍ଠା, ସ୍ନେହ ଓ ଭଲପାଇବା ଆମ ସମସ୍ତଙ୍କ ପାଇଁ ଅଭୁଲା ହୋଇ ରହିବ। ଆଜି ଏକାଦଶାହରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
-:ଶୋକସନ୍ତପ୍ତ ପରିବାର:-
ବବି, ଲୁନା, ଭୁନା, ମମତା ଓ ପରିବାରବର୍ଗ। ଧ-୮୨

## ୨୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶରତ ମଞ୍ଜରୀ ରଥ

ଚାହୁଁଚାହୁଁ ୨୧ ବର୍ଷ ପୂରିଗଲା ତୁମେ ଆମକୁ ଛାଡି ଚାଲିଯିବାର । ତୁମେ ଦେଇଥିବା ଶିକ୍ଷା ଓ ଆଦର୍ଶକୁ ପାଥେୟ କରି ଆମ୍ଭେମାନେ ଜୀବନରେ ଆଗେଇ ଚାଲିଛୁ । ତଥାପି ତୁମର ଅନାବିଳ ସ୍ନେହ ଓ ମମତାକୁ ପ୍ରତିଦିନ ଝୁରି ହେଉଛୁ । ଏହି ପୁଣ୍ୟ ଶ୍ରାଦ୍ଧ ବାର୍ଷିକୀ ଅବସରରେ ତୁମ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶାରଦା ପ୍ରସାଦ ରଥ, ବୁଟୁ, ଝିଅ, ଗୁଡଲି, ଡେନି, ରିନି, ସାରା, ସୋନି, ଟୁଇନ୍, ତ୍ରିଷା, ମୋନି, କୁନି, ବେଦାନ୍ତ ଓ ପରିବାରବର୍ଗ ଧ-୭୫୮୪୧

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



## ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ

ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ। କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

# ଫସଲ ଉତ୍ପାଦନରେ ଆଇରନ୍‌ର ଭୂମିକା



ପ୍ର. ସୁବୋଧ କୁମାର ସାହୁ

ଗୋଟିଏ ଫସଲରୁ ଆଶାନୁରୂପ ଅମଳ ପାଇବା ପାଇଁ ୧୭ ଗୋଟି ଖାଦ୍ୟ ଉପାଦାନ ମାଟିରେ ରହିବା ଆବଶ୍ୟକ । ସେଥିମଧ୍ୟରୁ ମାଟିରେ ଗୋଟିଏ ଖାଦ୍ୟ ଉପାଦାନର ଅଭାବ ରହିଲେ ଫସଲ ତା'ର ଜୀବନଚକ୍ର ପରିପୂର୍ଣ୍ଣ କରି ନ ପାରି ଅମଳ କମାଏ । ୧୭ଟି ଖାଦ୍ୟ ଉପାଦାନ ମଧ୍ୟରୁ ଆଇରନ୍ ବା ଲୁହା ଅନ୍ୟତମ । କେତେକ ଫସଲ ଜୀବନଚକ୍ର ପରିପୂର୍ଣ୍ଣ ପାଇଁ ଏକ ମିଲିଗ୍ରାମ ଆଇରନ୍ ଆବଶ୍ୟକ କରୁଥିବା ବେଳେ ଅନ୍ୟ କେତେକ ଫସଲ ୫୦୦ ମିଲିଗ୍ରାମରୁ ଅଧିକ ଆଇରନ୍ ଆବଶ୍ୟକ କରନ୍ତି। ଅନ୍ୟ ଅଣୁଖାଦ୍ୟ ଉପାଦାନଠାରୁ ଫସଲ ଅଧିକ ଆଇରନ୍ ମାଟିରୁ ଗ୍ରହଣ କରିଥାଏ । ହେଲେ ଫସଲ ପାଇଁ ଆଇରନ ଏକ ଅଣୁ ଖାଦ୍ୟ ଉପାଦାନ।

ପତ୍ରରେ ସବୁଜ କଣିକା ସୃଷ୍ଟି ଏବଂ ଏହାର ରକ୍ଷାଣବେକ୍ଷଣ ପାଇଁ ଆଇରନ୍‌ର ବଡ଼ ଭୂମିକା ରହିଛି । ସବୁଜ କଣିକାରେ ଥିବା କ୍ଲୋରପ୍ଲାଷ୍ଟ ନାମକ ଏକ ଜୈବ ଅଣୁକୁ ଆଇରନ୍ ଶକ୍ତି ଯୋଗାଏ । ଫସଲରେ ଥିବା ବିଭିନ୍ନ ଏଞ୍ଜାଇମ୍‌ରେ ଆଇରନ୍ ରହି ସେମାନଙ୍କର କାର୍ଯ୍ୟକୁ ସୁନିୟନ୍ତ୍ରଣ କରେ । ଫସଲ ଗ୍ରହଣ କରୁଥିବା ଅଙ୍ଗାରକାମ୍ଳଜାନ, ଯବକ୍ଷାରଜାନ ଏବଂ ସଲ୍‌ଫରକୁ ସରଳ ଆକାର କରି ଫସଲ ପ୍ରସ୍ତୁତି କରୁଥିବା ଶ୍ୱେତସାର ଏବଂ ପ୍ରୋଟିନ୍ ଗଠନରେ ସାହାଯ୍ୟ କରେ । ଡାଲିଜାତୀୟ ଫସଲର ଚେରରେ ଥିବା ଭାଡୁଡ଼ି ଏବଂ ନୀଳ ହରିତ୍ ଶୈବାଳରେ ଆଇରନ୍ ରହି ବାୟୁମଣ୍ଡଳର ନିଷ୍କ୍ରିୟ ଯବକ୍ଷାରଜାନକୁ ସକ୍ରିୟ କରି ଫସଲ ପାଇଁ କାର୍ଯ୍ୟକାରୀ କରିବାରେ ସାହାଯ୍ୟ କରେ।

ଆଇରନ୍ ଅଭାବରେ ଗଛର ପତ୍ରରେ ସବୁଜ କଣିକା ସୃଷ୍ଟିରେ ବାଧା ଆସେ । ପ୍ରଥମେ ଗଛର ଉପର ପତ୍ର ଫିକା ହଳଦୀ ରଙ୍ଗର ହୁଏ । ତଳପତ୍ରର ଦୁଇ ଶିରା ମଧ୍ୟରେ ହଳଦୀ ରଙ୍ଗର କ୍ଷୁଦ୍ର ଛିଟ ଦାଗମାନ ଦେଖାଯାଏ । ପରେ ସମୁଦାୟ ପତ୍ର ହଳଦୀ ରଙ୍ଗର ହୁଏ, ପତ୍ରର ଧାର ବାଦାମୀ ରଙ୍ଗ ହୋଇ ତଳପତ୍ରରେ ଉପର ପତ୍ର ଆଡ଼କୁ ଗତିକରେ । ଆଇରନ ଅଭାବରେ ବିଭିନ୍ନ ଫସଲରେ ପୃଥକ୍ ପୃଥକ୍ ଲକ୍ଷଣମାନ ଦେଖାଯାଏ । ଧାନଗଛର ନୂଆପତ୍ର ଧଳା ରଙ୍ଗର ହୁଏ । ଜୁଆର, ବାଜରା, ମକା ଆଦି ଫସଲର ତଳପତ୍ରର ଧାର ଲାଲ ଏବଂ ବାଦାମୀ ରଙ୍ଗର ହୋଇ ପତ୍ରରେ ହଳଦିଆ ଛୋଟ ଛିଟ ଦାଗମାନ ଦେଖାଯାଏ । ଚିନାବାଦାମର ଉପର ନୂଆପତ୍ର ହଳଦୀ ରଙ୍ଗର ହୁଏ, କିନ୍ତୁ ତଳପତ୍ର ଫିକା ସବୁଜ ଥାଏ । ଆଖୁର ନୂଆପତ୍ର ଫିକା ନାରଙ୍ଗୀ ରଙ୍ଗର ହୁଏ । ଆଖୁର ଓଜନ ଏବଂ ମିଠା ଅଂଶ କମେ । ବନ୍ଧାକୋବିର ନୂଆପତ୍ର ସବୁଜ ନ ହୋଇ ନାରଙ୍ଗୀ ରଙ୍ଗର ହୁଏ । ଆଇରନ୍ ଅଭାବରେ ବିଭିନ୍ନ ଫଳଗଛର ନୂଆପତ୍ର ଫିକା ହଳଦୀ ଏବଂ ପରେ ବାଦାମୀ ରଙ୍ଗର ହୁଏ । ପତ୍ରସବୁ ଛୋଟ ଏବଂ ନରମ ହୁଏ । ଅଧିକ ଆଇରନ୍ ଅଭାବରେ ଫଳଗଛର ନୂଆ ମୁକୁଳ ବାହାରିପାରେ ନାହିଁ।

> "ଆଇରନ୍‌ର ଅଭାବ ମୁଖ୍ୟତଃ ଖାରି ଏବଂ ଅଧିକ ଚୂନ ଅଂଶ ଥିବା ମାଟିରେ ହୋଇଥାଏ। ରାଜ୍ୟର ବିଭିନ୍ନ ଜିଲାରେ ବିକ୍ଷିପ୍ତ ଭାବେ ଥିବା କଳାମାଟିରେ ଅଧିକ ଚୂନ ଅଂଶ ଥିବାରୁ ଏହି ମାଟିରେ ଆଇରନ୍‌ର ଅଭାବ ଦେଖାଯାଏ । ମାଟିର ପିଏଚ୍ ୮.୩ରୁ ଅଧିକ ହେଲେ ସେହି ମାଟିରେ ଚାଷ ହେଉଥିବା ସବୁ ଫସଲରେ ଆଇରନ୍ ଅଭାବର ଲକ୍ଷଣ ଦେଖାଯାଏ। ଏତଦ୍‌ବ୍ୟତୀତ ମାଟି ପରୀକ୍ଷାରୁ ମାଟିରେ ହେକ୍ଟର ପିଛା ୯ କିଲୋଗ୍ରାମରୁ କମ୍ ଆଇରନ୍ ରହିଲେ ମାଟିରେ ଆଇରନ୍‌ର ଅଭାବ ହୁଏ । ବାଲି ତଥା ନଦୀକୂଳିଆ ବାଲିମାଟିରେ ଆଇରନ୍‌ର ଅଭାବ ଦେଖାଯାଏ । ରାଜ୍ୟର ବିଭିନ୍ନ ଜିଲାର ମାଟି ପରୀକ୍ଷାରୁ ଜଣାପଡ଼େ ଯେ ସମୁଦାୟ ଚାଷଜମିର ହାରାହାରି ମାତ୍ର ୭% ଭାଗ ଜମିରେ ଆଇରନ୍‌ର ଅଭାବ ଅଛି ।"



ଆଇରନ୍‌ର ଅଭାବ ମୁଖ୍ୟତଃ ଖାରି ଏବଂ ଅଧିକ ଚୂନ ଅଂଶ ଥିବା ମାଟିରେ ହୋଇଥାଏ। ରାଜ୍ୟର ବିଭିନ୍ନ ଜିଲାରେ ବିକ୍ଷିପ୍ତ ଭାବେ ଥିବା କଳାମାଟିରେ ଅଧିକ ଚୂନ ଅଂଶ ଥିବାରୁ ଏହି ମାଟିରେ ଆଇରନ୍‌ର ଅଭାବ ଦେଖାଯାଏ । ମାଟିର ପିଏଚ୍ ୮.୩ରୁ ଅଧିକ ହେଲେ ସେହି ମାଟିରେ ଚାଷ ହେଉଥିବା ସବୁ ଫସଲରେ ଆଇରନ ଅଭାବର ଲକ୍ଷଣ ଦେଖାଯାଏ। ଏତଦ୍‌ବ୍ୟତୀତ ମାଟି ପରୀକ୍ଷାରୁ ମାଟିରେ ହେକ୍ଟର ପିଛା ୯ କିଲୋଗ୍ରାମରୁ କମ୍ ଆଇରନ ରହିଲେ ମାଟିରେ ଆଇରନର ଅଭାବ ହୁଏ। ବାଲି ତଥା ନଦୀକୂଳିଆ ବାଲିମାଟିରେ ଆଇରନ୍‌ର ଅଭାବ ଦେଖାଯାଏ । ରାଜ୍ୟର ବିଭିନ୍ନ ଜିଲାର ମାଟି ପରୀକ୍ଷାରୁ ଜଣାପଡ଼େ ଯେ, ସମୁଦାୟ ଚାଷଜମିର ହାରାହାରି ମାତ୍ର ୭ ପ୍ରତିଶତ ଜମିରେ ଆଇରନ୍‌ର ଅଭାବ ଅଛି। ସେଥିମଧ୍ୟରୁ କଟକ ଜିଲାର ସମୁଦାୟ ଜମିର ୧୪.୦%, ଖୋର୍ଦ୍ଧା ଜିଲାର ସମୁଦାୟ ଜମିର ୯.୫%, କଳାହାଣ୍ଡି ଜିଲାର ୫.୫% ଏବଂ ବଲାଙ୍ଗୀର ଜିଲାର ୧.୪% ଭାଗ ଜମିରେ ଆଇରନ୍‌ର ଅଭାବ ଅଛି। ରାଜ୍ୟର ଅନ୍ୟାନ୍ୟ ଜିଲାମାନଙ୍କର ଜମିରେ ୦.୧% ଭାଗରୁ ନଗଣ୍ୟ ପରିମାଣର ଅଭାବ ରହିଛି।

ମାଟି ପରୀକ୍ଷା ଏବଂ ଫସଲରେ ଆଇରନ୍‌ର ଅଭାବ ଲକ୍ଷଣ ଜଣାପଡ଼ିଲେ ମାଟି ଏବଂ ଫସଲରେ ଫେରସ ସଲ୍‌ଫେଟ୍ କିମ୍ବା ଚିଲେଟେଡ ଆଇରନ ପ୍ରୟୋଗ କରାଯାଏ। ଫେରସ ସଲଫେଟ୍‌ରେ ୧୯.୫% ଏବଂ ଚିଲେଟେଡ୍ ଆଇରନରେ ୧୨% ଆଇରନ ଥାଏ। ଆମ ରାଜ୍ୟରେ ଫେରସ ସଲ୍‌ଫେଟ୍‌କୁ ମାଟିରେ ପ୍ରୟୋଗ ପାଇଁ ବିଶେଷ ଭାବେ ଅନୁମୋଦନ କରାଯାଉଛି। ହେକ୍ଟର ପ୍ରତି ୫୦ କିଲୋଗ୍ରାମ ଫେରସ ସଲଫେଟ୍‌କୁ ଏହାର ୧୦ ଗୁଣ ଗୁଣ୍ଡ ଗୋବରଖତ ସହ ମିଶାଇ ଧାଡ଼ିରେ ମଞ୍ଜିବୁଣା କିମ୍ବା ତଳିରୁଆ ସମୟରେ ପ୍ରୟୋଗ କରାଯାଏ। ପରବର୍ତ୍ତୀ ସମୟରେ ଠିଆ ଫସଲରେ ଆଇରନ ଅଭାବର ଲକ୍ଷଣ ଦେଖାଦେଲେ ୧% ଅର୍ଥାତ୍ ୧୦ ଲିଟର ପାଣିରେ ୧୦୦ ଗ୍ରାମ ଫେରସ ସଲଫେଟ୍ ଦ୍ରବଣ ପ୍ରସ୍ତୁତ କରି ୧୦ ଦିନ ବ୍ୟବଧାନରେ ଦୁଇଥର ପତ୍ରଚିଞ୍ଚା କରାଯାଏ । ଚିଲେଟେଡ୍ ଆଇରନ୍‌କୁ ମାଟିରେ ପ୍ରୟୋଗ ନକରି ୦.୦୫% ଅର୍ଥାତ୍ ୧୦ ଲିଟର ପାଣିରେ ୫ ଗ୍ରାମ ଦ୍ରବଣ ପତ୍ରଚିଞ୍ଚା କଲେ ଅଧିକ ଫଳପ୍ରଦ ହୁଏ । ଶସ୍ୟଜାତୀୟ ଫସଲ ଛଡ଼ା ଫଳ ଏବଂ ପନିପରିବା ଫସଲରେ ଆଇରନ୍‌ର ଅଭାବଜନିତ ଲକ୍ଷଣ ଜାଣିଲେ ଉକ୍ତ ଫସଲରେ ୦.୩% ଫେରସ ସଲଫେଟ୍ ଦ୍ରବଣ ପ୍ରସ୍ତୁତ କରି ୧୦ ଦିନ ବ୍ୟବଧାନରେ ୩ ଥର ପତ୍ରଛିଞ୍ଚା କଲେ ଫସଲରୁ ଆଇରନ୍‌ର ଅଭାବ ଦୂର ହୁଏ।

ଅନେକ ସମୟରେ ମାଟିରେ ଆଇରନ୍‌ର ଲୁକ୍କାୟିତ ଅଭାବ ଥାଏ। ବର୍ଷା କିମ୍ବା ଜଳସେଚନ ଅଭାବରେ ଶସ୍ୟଜାତୀୟ ଫସଲ ଯଥା ଧାନ, ମାଣ୍ଡିଆ, ବାଜରା ଏବଂ ଜୁଆର ଫସଲର ବର୍ଦ୍ଧନ ସମୟରେ ଆଇରନ୍‌ର ଅଭାବଜନିତ ଲକ୍ଷଣ ଦେଖାଯାଏ । ଏହି ସମୟରେ ବର୍ଷା ହେଲେ କିମ୍ବା ଜଳସେଚନ କଲେ, ଫସଲରୁ ଆଇରନର ଅଭାବ ଦୂର ହୋଇ ଫସଲର ପତ୍ର ସବୁଜ ହୁଏ । ଜଳସେଚନ କିମ୍ବା ବର୍ଷା ପରେ ଫସଲ ସବୁଜ ନ ହେଲେ ଫେରସ ସଲଫେଟ୍ ପତ୍ରଚିଞ୍ଚା କରିବା ଉଚିତ୍ । କଳାହାଣ୍ଡି ଜିଲାର କଳାମାଟିରେ ଢିପ ଜମିରେ ଧାନ ଫସଲରେ ବର୍ଷାଜଳ ଅଭାବରେ ଏପରି ଲକ୍ଷଣ ଦେଖାଯାଏ।

ରାଜ୍ୟର ବିଭିନ୍ନ ଫଳଗଛ ଯଥା ଆମ୍ବ, ସପେଟା, ପିଜୁଳି, ଲିଚୁ, ଲଙ୍କାଆମ୍ବ ଏବଂ ଲେମ୍ବୁ ଗଛରେ ଆଇରନର ଅଭାବ ଦେଖାଯାଏ । ଏପରି ସ୍ଥଳେ ୦.୫% ଫେରସସଫେଟ୍ ଦ୍ରବଣ ପ୍ରସ୍ତୁତି କରି ୧୦ ଦିନ ବ୍ୟବଧାନରେ ୩ ଥର ପତ୍ରଚିଞ୍ଚା କରାଯାଏ।

- ଶୈଳଶ୍ରୀବିହାର, ଭୁବନେଶ୍ୱର
ମୋ : ୯୫୫୬୨୬୬୦୮୫



## ଫଳ ଚାଷ

ଓଡ଼ିଶା ଜଳବାୟୁରେ ନାନାପ୍ରକାର ଲାଭଜନକ ଫଳଚାଷ ଯଥା ଆମ୍ବ, ନଡ଼ିଆ, କଦଳୀ, କାଜୁବାଦାମ, ପିଜୁଳି, ସପେଟା, ଅମୃତଭଣ୍ଡା ଇତ୍ୟାଦି କରାଯାଇପାରିବ। ଫଳଚାଷରେ ଅଧିକ ଲାଭ ପାଇବା ପାଇଁ ଉଚ୍ଚ ଗଡ଼ାଣିଆ ବା ଅନୁର୍ବର ଜମି ଚୟନ କରନ୍ତୁ। ପ୍ରଥମେ ଜମିକୁ ଭଲଭାବେ ପରିଷ୍କାର କରି ଦୁଇ ତିନି ଓଡ଼ ଚାଷ କରିଦେବା ଉଚିତ। ବର୍ଷାଋତୁ ଆରମ୍ଭରେ ଗଛ ଲଗାଇବାକୁ ହେଲେ ଖରାଦିନରୁ ଗାତ ଖୋଳି ରଖିବା ଦରକାର। ଗାତରୁ ଖୋଳା ହୋଇଥିବା ମାଟି ଓ ଗାତ ଖରା ଖାଇଗଲେ ଭଲ। ଆମ୍ବ, କମଳା, ନଡ଼ିଆ, ପିଜୁଳି, ପଣସ, ଲିଚୁ ଇତ୍ୟାଦି ପାଇଁ ୧ ମିଟର ଗଭୀର ଓ ୧ ମିଟର ଗୋଲେଇର ଗାତ, କଦଳୀ ଓ ଅମୃତଭଣ୍ଡା ପାଇଁ ଅଧ ମିଟର ଗଭୀର ଓ ଅଧ ମିଟର ଗୋଲେଇର ଗାତ ଦରକାର। ସପୁରି ପାଇଁ ୩୦ ସେମି ଚଉଡ଼ା ଓ ୧୫ସେମି ଗଭୀରରେ ନାଳି ଖୋଳାଯାଏ।



## କୁଜି ସାରୁ

ଜଳସେଚନର ସୁବିଧା ଥିଲେ ଏବଂ କୁଜିସାରୁ ଚାଷ କରୁଥିଲେ ତେଲିଆ, ମୁକ୍ତାକେଶୀ, ଟୋପି, ସାତମୁଖ ଓ ଝାଙ୍କଡି ଆଦି କିସମ ଲଗାନ୍ତୁ। ସାଧାରଣତଃ ସାରୁ ପୁଆ ବିହନ ଆକାରରେ ବ୍ୟବହାର କରାଯାଏ । ପୁଆଗୁଡ଼ିକ ୧୫ରୁ ୨୦ଗ୍ରାମ୍ ଓଜନର ସୁସ୍ଥ ନୀରୋଗ ସାରୁ ଲଗାନ୍ତୁ। ଏକ ଏକର ଫସଲ ପାଇଁ ୪ କୁଇଣ୍ଟାଲ ବିହନ ବ୍ୟବହାର କରନ୍ତୁ। ପ୍ରତି କିଗ୍ରା ସାରୁ ବିହନକୁ ୨ଗ୍ରାମ୍ ମେଟାଲାକ୍ସିଲ୍ ଓ ମାଙ୍କୋଜେବ୍ ମିଶ୍ରଣରେ ବିଶୋଧନ କରି ଲଗାନ୍ତୁ। ଜମିର ପ୍ରକାର ଅନୁସାରେ ୨ରୁ ୩ ଓଡ଼ ଗଭୀର ଚାଷ କରି ମଇ ଦେଇ ମାଟି ଭଲ ଭାବରେ ଗୁଣ୍ଡ କରି ସମତୁଲ କରନ୍ତୁ। ଶେଷ ଓଡ଼ ଚାଷ ପୂର୍ବରୁ ଏକର ପ୍ରତି ୪ରୁ ୫ ଟନ୍ ଶଢ଼ା ଗୋବର ଖତ ମାଟି ସହ ଭଲ ଭାବରେ ମିଶାଇ ଦିଅନ୍ତୁ। ବିହନ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ, ୨୪ କିଗ୍ରା ଫସ୍‌ଫରସ୍,୧୬ କିଗ୍ରା ପଟାସ୍ ପ୍ରୟୋଗ କରନ୍ତୁ। ପରେ ଗଜା ବାହାରିବାର ୭ରୁ ୧୦ଦିନ ପରେ ୨୦କିଗ୍ରା ଯବକ୍ଷାରଜାନ, ୨୦କିଗ୍ରା ପଟାସ୍ ସାର ପ୍ରୟୋଗ କରନ୍ତୁ।

## ଡାଲିଜାତୀୟ ଫସଲ ଅମଳ କରୁଥିଲେ...

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରିଦିଅନ୍ତୁ। ଛୁଇଁ ଅଧିକ ଶୁଖିଗଲେ ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡ଼ି ହୋଇପଡ଼େ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇ ଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷକରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ। ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ୧୦% କମ୍ ଜଳୀୟଅଂଶ ରହିବା ଦରକାର। ଏହି ସମୟରେ ବିହନ କିଗ୍ରା ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶିତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।



## ନଳିତାର ଉନ୍ନତ କିସମ

ନଳିତା ମାର୍ଚ୍ଚ ମାସ ଶେଷରୁ ଆରମ୍ଭ କରି ଏପ୍ରିଲ ଶେଷ ପର୍ଯ୍ୟନ୍ତ ବୁଣାଯାଇଥାଏ। ଜେ.ଆର.ଓ-୫୨୪ (ନବୀନ) କିସମ ମଧୁର ନଳିତା ଆମ ରାଜ୍ୟ ପାଇଁ ଅନୁମୋଦିତ କିସମ। ଏହା ୧୩୦ରୁ ୧୪୦ ଦିନ ମଧ୍ୟରେ ଅମଳ ହୁଏ ଓ ଏହାର ହଳଦିଆ ଅଷ୍ଟପଦୀ ପୋକ ସହଣୀ ଶକ୍ତି ଅଛି। ଏହି କିସମର ତନ୍ତୁର ମାନ ଉନ୍ନତ ଓ ଏଥିରୁ ତନ୍ତୁ ବାହାର କରିବା ମଧ୍ୟ ଖୁବ୍ ସହଜ। ଫସଲରେ କାଣ୍ଡଶଢ଼ା ଓ ମୂଳଶଢ଼ା ରୋଗ ନ ହେବା ଲାଗି ପ୍ରତିଷେଧକ ସ୍ୱରୂପ ବିହନ ବିଶୋଧନ ନିତାନ୍ତ ଆବଶ୍ୟକ। ଜମିକୁ ଭଲଭାବେ ଗୁଣ୍ଡଚାଷ କରି ଘାସ ବାଛି ଦିଅନ୍ତୁ। ଏକର ପ୍ରତି ୫ଗାଡ଼ି ଗୋବର ଖତ ଚାଷ ବେଳେ ପ୍ରୟୋଗ କରନ୍ତୁ। ଶେଷ ଓଡ଼ ଚାଷରେ ଏକର ପ୍ରତି ପିତା ନଳିତାରେ ୧୨ କିଗ୍ରା ଯବକ୍ଷାରଜାନ, ୧୨କି.ଗ୍ରା ଫସ୍‌ଫରସ ଓ ୧୨କିଗ୍ରା ପଟାସ୍ ଏବଂ ମଧୁର ନଳିତାରେ ୮ କିଗ୍ରା ଯବକ୍ଷାରଜାନ, ୮କିଗ୍ରା ଫସ୍‌ଫରସ ଓ ୮କିଗ୍ରା ପଟାସ୍ ମୂଳସାର ଆକାରରେ ପ୍ରୟୋଗ କରନ୍ତୁ।



## ପ୍ରାଣୀଙ୍କ ପ୍ରତିଷେଧକ ଟିକା



ଗୋରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍.ଏମ୍.ଡି ଭାକ୍ସିନ୍ ଓ ଛେଳିମାନଙ୍କ ପିପିଆର ରୋଗ ଲାଗି ପିପିଆର ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାମାନଙ୍କର ନାଳିଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ୧ ଲିଟର ପାଣିରେ ମିଶାଇ ୩ ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମା ରୋଗର ନିୟନ୍ତ୍ରଣ ସକାଶେ ୭ ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇବିଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁ ପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତ ଦାଉରୁ ରକ୍ଷା କରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିସିଆର ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

## ସବୁଜ ଗୋଖାଦ୍ୟ ଫସଲ

ବର୍ତ୍ତମାନ ସମୟରେ ମକା ଓ ବରଗୁଡ଼ିର ମିଶ୍ରିତ ଫସଲ ସବୁଜ ଗୋଖାଦ୍ୟ ଲାଗି ଉପଯୁକ୍ତ ଅଟେ। ଶେଷଓଡ଼ ଚାଷରେ ଏକର ପ୍ରତି ୫ଗାଡି ଶଢ଼ା ଗୋବର ଖତ, ୪୦କିଗ୍ରା ଯବକ୍ଷାରଜାନ, ୪୦କିଗ୍ରା ଫସ୍‌ଫରସ୍ ଓ ୪୦କିଗ୍ରା ପଟାସ ସାର ପ୍ରୟୋଗ କରନ୍ତୁ। ଉଇ ଲାଗିବାର ସମ୍ଭାବନା ଥିଲେ ଶେଷଓଡ଼ ଚାଷରେ ଏକର ପ୍ରତି ୧୦କିଗ୍ରା ୧.୫% କ୍ଲୋରୋପାଇରିଫସ୍ ଗୁଣ୍ଡ ପ୍ରୟୋଗ କରି ଭଲଭାବେ ମିଶାଇ ଦିଅନ୍ତୁ। ମକାର ଉପଯୁକ୍ତ ବିହନ କିସମ ହେଲା ଆଫ୍ରିକାନ୍ ଟଲ୍ ଓ ବରଗୁଡ଼ିର ଇସି ୪୨୧୬। ମିଶ୍ରିତ ଫସଲ ପାଇଁ ଏକର ପିଛା ୪୦କିଗ୍ରା ମକା ବିହନ ଓ ୨୦କିଗ୍ରା ବରଗୁଡ଼ି ବିହନ ଦରକାର ହୋଇଥାଏ। ଜମି ପ୍ରସ୍ତୁତ ହେଲା ପରେ ସିଆର ପଛରେ ପ୍ରତି ୨ଧାଡି ମକା ପରେ ୨ଧାଡି ବରଗୁଡି ବୁଣନ୍ତୁ। ବୁଣିବା ପରେ ଜମିରେ ହାଲୁକା ଜଳସେଚନ କରନ୍ତୁ।



ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ବୁଧବାର, ଏପ୍ରିଲ ୯/୨୦୨୫ Bhubaneswar, Wednesday, April 9/ 2025

# ଲକ୍ଷ୍ନୌ ୪ ରନ୍‌ରେ ଜିତିଲା



ଶଟ୍ ଖେଳିବା ଅବସରରେ ନିକୋଲସ ପୁରନ।

**କୋଲକାତା,୮।୪**

ଇଡେନ ଗାର୍ଡେନ୍ସରେ ମଙ୍ଗଳବାର ଅପରାହ୍ନରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ବିପକ୍ଷରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି) ଏକ ରୋମାଞ୍ଚକ ବିଜୟ ହାସଲ କରିଛି। ଏଲ୍‌ଏସ୍‌ଜି ଦ୍ୱାରା ପ୍ରଦତ୍ତ ୨୩୯ ରନର ଟାର୍ଗେଟର ଜବାବରେ ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କ ଅର୍ଦ୍ଧଶତକ ଓ ସୁନୀଲ ନାରିନ ଏବଂ ଭେଙ୍କଟେଶ ଆୟାରଙ୍କ ଲଢୁଆ ପାଳି ସତ୍ତ୍ୱେ କେକେଆର୍ ୭ ଉଇକେଟ ହରାଇ ୨୩୪ ରନ କରିବାକୁ ସକ୍ଷମ ହୋଇଥିଲା। ଏହା ଲକ୍ଷ୍ନୌର ତୃତୀୟ ବିଜୟ ହୋଇଥିବା ବେଳେ କୋଲକାତା ଲାଗି ତୃତୀୟ ପରାଜୟ। ଏହି ମ୍ୟାଚ ଭାରତୀୟ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁରଙ୍କ ଲାଗି ୧୦୦ତମ ଆଇପିଏଲ୍ ମ୍ୟାଚ୍ ଥିଲା।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଲକ୍ଷ୍ନୌକୁ ଏଡେନ ମାରକ୍ରାମ ଓ ମିଚେଲ ମାର୍ଶ ବିସ୍ଫୋରକ ଆରମ୍ଭ ଦେଇଥିଲେ। ଦୁହେଁ ୧୦.୨ ଓଭରରେ ୯୯ ରନ କରିଥିଲେ। ମାରକ୍ରାମ ୨୮ ବଲରେ ୪ ଚୌକା ଓ ୨ ଛକା ସହିତ ୪୭ ରନ କରି ପ୍ରଥମ ବ୍ୟାଟର ଭାବେ ଆଉଟ ହୋଇଥିଲେ। ତୃତୀୟ କ୍ରମରେ ଆସିଥିବା ନିକୋଲାସ ପୁରନଙ୍କ ସହ ମିଶି ମାର୍ଶ ଦ୍ୱିତୀୟ ଉଇକେଟରେ ୩୦ ବଲରେ ୭୧ ରନ ଯୋଡ଼ିଥିଲେ। ମାର୍ଶ ୮୧ (୬ ଚୌକା ଓ ୫ ଛକା) ରନ କରି ଆନ୍ଦ୍ରେ ରସେଲଙ୍କ ବଲରେ କ୍ୟାଚ ଆଉଟ ହୋଇଥିଲେ। ପୁରନ ୩୬ ବଲରେ ଧୂଆଁଧାର ୮୭ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ତାଙ୍କ ଇନିଂସରେ ୭ ଚୌକା ଓ ୮ ଛକା ସାମିଲ ଥିଲା। ଏଥିଯୋଗୁ ଲକ୍ଷ୍ନୌ ୨୦ ଓଭରରେ ୩ ଉଇକେଟ ହରାଇ ୨୩୮ ରନ କରିଥିଲା। କେକେଆର୍ ପକ୍ଷରୁ ହର୍ଷିତ ରାଣା ଦୁଇଟି ଓ ରସେଲ ଗୋଟିଏ ଉଇକେଟ ନେଇଥିଲେ। ଜବାବରେ କେକେଆର୍ ଆରମ୍ଭରୁ କ୍ୱିଣ୍ଟନ ଡି କକ୍ (୧୫)ଙ୍କ ଉଇକେଟ ହରାଇଥିଲା। ଅଧିନାୟକ ରାହାନେ ଓ ସୁନୀଲ ନାରିନ ଦ୍ୱିତୀୟ ଉଇକେଟରେ ୫୪ ରନ ଯୋଡ଼ିଥିଲେ। ନାରିନ ୧୩ ବଲରେ ୪ ଚୌକା ଓ ୨ ଛକା ସହିତ ୩୦ ରନ କରି ଆଉଟ ହୋଇଥିଲେ। ଏହାପରେ ଭେଙ୍କଟେଶ ଓ ରାହାନେ ତୃତୀୟ ଉଇକେଟରେ ୪୦ ବଲରେ ୭୧ ରନ କରି ଦଳକୁ ସୁବିଧାଜନକ ସ୍ଥିତିରେ ପହଞ୍ଚାଇଥିଲେ। ଏକଦା ୧୩ ଓଭର ସୁଦ୍ଧା ଦଳ ୩ ଉଇକେଟ ହରାଇ ୧୬୨ ରନ କରିଥିଲା। ହେଲେ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବାରୁ କେକେଆର ୨୦ ଓଭରରେ ୭ ଉଇକେଟ ହରାଇ ୨୩୪ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ରାହାନେ ୬୧ (୮ ଚୌକା ଓ ୨ ଛକା), ଭେଙ୍କଟେଶ ୪୫ (୬ ଚୌକା ଓ ୧ ଛକା) ଓ ରିଙ୍କୁ ସିଂ ୩୮ (୬ ଚୌକା ଓ ୨ ଛକା) ରନ କରିଥିଲେ। ଏଲ୍‌ଏସ୍‌ଜି ପାଇଁ ଆକାଶ ଦୀପ ଓ ଠାକୁର ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୨୩୮/୩ (ନିକୋଲସ ପୁରନ-୮୭*, ମିଚେଲ ମାର୍ଶ-୮୧, ଏଡେନ ମାରକ୍ରାମ-୪୭, ହର୍ଷିତ ରାଣା-୨/୫୧, ଆନ୍ଦ୍ରେ ରସେଲ-୧/୩୨)। କୋଲକାତା ନାଇଟ୍ ରାଇଡର୍ସ: ୨୦ ଓଭରରେ ୨୩୪/୭ (ଅଜିଙ୍କ୍ୟ ରାହାନେ-୬୧, ଭେଙ୍କଟେଶ ଆୟର-୪୫, ରିଙ୍କୁ ସିଂ-୩୮*, ସୁନୀଲ ନାରିନ-୩୦, ଶାର୍ଦ୍ଦୁଳ ଠାକୁର-୨/୫୨, ଆକାଶ ଦୀପ-୨/୫୫, ଆଭେଶ ଖାନ-୧/୪୫)।

# ପ୍ରିୟାଂଶଙ୍କ ଶତକରେ ପଞ୍ଜାବ ବିଜୟୀ



ଶତକ ହାସଲ ପରେ ପ୍ରିୟାଂଶ ଆର୍ଯ୍ୟ।

**ମୁଲାନପୁର,୮।୪**

ପ୍ରିୟାଂଶ ଆର୍ଯ୍ୟଙ୍କ ଧୂଆଁଦାର ଶତକ ବଳରେ ମଙ୍ଗଳବାର ସନ୍ଧ୍ୟାରେ ଖେଳାଯାଇଥିବା ମ୍ୟାଚରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ୧୮ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ପରାସ୍ତ କରିଛି। ପଞ୍ଜାବ ଦ୍ୱାରା ପ୍ରଦତ୍ତ ୨୨୦ ରନର ଟାର୍ଗେଟ ଆଗରେ ସିଏସ୍‌କେ ୨୦୧ ରନ କରିବାକୁ ସକ୍ଷମ ହୋଇଥିଲା। ଏହା ପଞ୍ଜାବର ତୃତୀୟ ବିଜୟ ହୋଇଥିବା ବେଳେ ଚେନ୍ନାଇର ଏହା କ୍ରମାଗତ ଚତୁର୍ଥ ପରାଜୟ।

ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ ପାଇଁ ଆରମ୍ଭରୁ ଗୋଟିଏ ପକ୍ଷରେ ଓପନର ପ୍ରିୟାଂଶ ଆଟାକିଂ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପଟେ କ୍ରମାଗତ ଉଇକେଟ ପତନ ଜାରି ରହିଥିଲା। ଦଳ ଏକଦା ୮ ଓଭରରେ ୮୩ ରନରେ ୫ ଉଇକେଟ ହରାଇ ସଙ୍କଟରେ ଥିଲା। ଏଭଳି ପରିସ୍ଥିତିରେ ପ୍ରିୟାଂଶ ଓ ଶଶାଙ୍କ ସିଂ ଷଷ୍ଠ ଉଇକେଟରେ ୭୧ ରନ ଯୋଡ଼ିଥିଲେ। ଦଳୀୟ ସ୍କୋର ୧୫୪ ହୋଇଥିବା ବେଳେ ପ୍ରିୟାଂଶ ପ୍ୟାଭିଲିଅନ ଫେରିଥିଲେ। ସେ ଆଉଟ ହେବା ପୂର୍ବରୁ ୪୨ ବଲରେ ୭ ଚୌକା ଓ ୯ ଛକା ସହିତ ୧୦୩ ରନ କରିଥିଲେ। ଶେଷ ଆଡ଼କୁ ଶଶାଙ୍କ ଓ ମାର୍କୋ ଜାନସେନ ଅବିଭାଜିତ ସପ୍ତମ ଉଇକେଟରେ ୬୨ ରନ ଯୋଡ଼ିଥିଲେ। ଶଶାଙ୍କ ୩୬ ବଲରେ ୫୨ (୨ ଚୌକା ଓ ୩ ଛକା) ଓ ଜାନସେନ ୧୯ ବଲରେ ୩୪ (୨ ଲେଖାଏ ଚୌକା ଓ ଛକା) ରନ କରି ଅପରାଜିତ ରହିଥିଲେ। ପଞ୍ଜାବ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୯ ରନ କରିଥିଲା। ସିଏସକେ ପକ୍ଷରୁ ଖଲିଲ ଅହମ୍ମଦ ଓ ରବିଚନ୍ଦ୍ରନ ଅଶ୍ୱିନ ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସିଏସ୍‌କେକୁ ଡେଭନ କନୱେ ଓ ରାଚିନ ରବୀନ୍ଦ୍ରଙ୍କ ଓପନିଂ ଯୋଡ଼ି ୬୧ ରନର ଆରମ୍ଭ ଦେଇଥିଲା। ଏହାପରେ ଦଳ ଗୋଟିଏ ଓଭରର ବ୍ୟବଧାନରେ ରବୀନ୍ଦ୍ର (୩୬) ଓ ଅଧିନାୟକ ଋତୁରାଜ ଗାଏକ୍ୱାଡ(୧)ଙ୍କ ଉଇକେଟ ହରାଇଥିଲା। ଚତୁର୍ଥ କ୍ରମରେ ଆସିଥିବା ଶିବମ ଦୁବେଙ୍କ ସହ ମିଶି କନୱେ ତୃତୀୟ ଉଇକେଟ ଲାଗି ୮୯ ରନ ଯୋଡ଼ିଥିଲେ। ଦୁବେ ୪୨ ରନ କରି ଆଉଟ୍ ହୋଇଥିବା ବେଳେ କନୱେ ୬୯ (୬ ଚୌକା ଓ ୨ଛକା) ରନ କରି ରିଟାୟର୍ଡ ଆଉଟ ହୋଇଥିଲେ। ଶେଷ ଆଡ଼କୁ ମହେନ୍ଦ୍ର ସିଂ ଧୋନୀ ୧୩ ବଲରେ ୧ ଚୌକା ଓ ୩ ଛକା ସହିତ ୨୭ ରନ କରିଥିଲେ। ହେଲେ ତାହା ଯଥେଷ୍ଟ ହୋଇନଥିଲା। ଚେନ୍ନାଇ ୨୦ ଓଭରରେ ୫ ଉଇକେଟ ହରାଇ ୨୦୧ ରନ କରିପାରିଥିଲା। ପଞ୍ଜାବ ପାଇଁ ଲୋକି ଫର୍ଗୁସନ ଦୁଇ ଉଇକେଟ ନେଇଥିବା ବେଳେ ଗ୍ଲେନ ମ୍ୟାକ୍ସୱେଲ ଗୋଟିଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ: ୨୦ ଓଭରରେ ୨୧୯/୬ (ପ୍ରିୟାଂଶ ଆର୍ଯ୍ୟ-୧୦୩, ଶଶାଙ୍କ ସିଂ-୫୨*, ମାର୍କୋ ଜାନସେନ-୩୪*, ଖଲିଲ ଅହମ୍ମଦ-୨/୪୫, ରବିଚନ୍ଦ୍ରନ ଅଶ୍ୱିନ-୨/୪୮, ମୁକେଶ ଚୌଧାରୀ-୧/୨୧, ନୁର ଅହମ୍ମଦ- ୧/୩୨ )। ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୨୦୧/୫ (ଡେଭନ କନୱେ-୬୯, ଶିବମ ଦୁବେ-୪୨, ରାଚିନ ରବୀନ୍ଦ୍ର-୩୬, ମହେନ୍ଦ୍ର ସିଂ ଧୋନୀ-୨୭, ଲୋକି ଫର୍ଗୁସନ-୨/୪୦, ଗ୍ଲେନ ମାକ୍ସୱେଲ -୧/୧୧, ଯଶ୍ ଠାକୁର-୧/୩୯)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ଗୁଜରାଟ
ବନାମ ରାଜସ୍ଥାନ
ସ୍ଥାନ: ଅହମଦାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୩ | ୦ | ୬ | +୧.୨୫୭ |
| ଗୁଜରାଟ ଟାଇଟନ୍ସ | ୪ | ୩ | ୧ | ୬ | +୧.୦୩୧ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୪ | ୩ | ୧ | ୬ | +୧.୦୧୫ |
| ପଞ୍ଜାବ କିଙ୍ଗ୍ସ | ୪ | ୩ | ୧ | ୬ | +୦.୨୮୯ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୫ | ୩ | ୨ | ୬ | +୦.୦୭୮ |
| କୋଲକାତା ନାଇଟ ରାଇଡର୍ସ | ୫ | ୨ | ୩ | ୪ | +୦.୦୫୬ |
| ରାଜସ୍ଥାନ ରୟାଲ୍ସ | ୪ | ୨ | ୨ | ୪ | -୦.୧୮୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୫ | ୧ | ୪ | ୨ | -୦.୦୧୦ |
| ଚେନ୍ନାଇ ସୁପର କିଙ୍ଗ୍ସ | ୫ | ୧ | ୪ | ୨ | -୦.୮୮୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୫ | ୧ | ୪ | ୨ | -୧.୬୨୯ |




# କର୍ନାଟକ, ସିଆର୍‌ପିଏଫ୍, ଏସ୍‌ଏସ୍‌ବିର ବୃହତ୍ ବିଜୟ

**ସର୍ବଭାରତୀୟ ପୋଲିସ ହକି**

**ଭୁବନେଶ୍ୱର, ୮।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ୭୩ତମ ସର୍ବଭାରତୀୟ ପୋଲିସ ହକି ଚାମ୍ପିୟନଶିପ୍‌ରେ ମଙ୍ଗଳବାର କର୍ନାଟକ, ସିଆର୍‌ପିଏଫ୍ ଓ ଏସ୍‌ଏସ୍‌ବି ଦଳ ବୃହତ୍ ବିଜୟ ହାସଲ କରିଛି। କର୍ନାଟକ ୨୦-୧ ଗୋଲରେ ଗୁଜରାଟକୁ ହରାଇଥିବାବେଳେ ସିଆର୍‌ପିଏଫ୍ ୨୧-୧ ଗୋଲରେ ପୁଡୁଚେରୀ ପୋଲିସ ଦଳକୁ ପରାସ୍ତ କରିଛି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଉତ୍ତର ପ୍ରଦେଶ ୯-୦ରେ ମହାରାଷ୍ଟ୍ର ଓ ତେଲଙ୍ଗାନା ୯-୧ ଗୋଲରେ କେରଳକୁ ହରାଇଛି ଏବଂ ଉତ୍ତର ପ୍ରଦେଶ ମହିଳା ପୋଲିସ ଦଳ ତାମିଲନାଡୁକୁ ୬-୧ ଗୋଲରେ ପରାସ୍ତ କରିଛି। ସନ୍ଧ୍ୟାରେ ଅନୁଷ୍ଠିତ ୨ଟି ମ୍ୟାଚରେ ପଞ୍ଜାବ ୭-୧ ଗୋଲରେ ମଧ୍ୟ ପ୍ରଦେଶ ଏବଂ ଏସ୍‌ଏସ୍‌ବି ୧୮-୦ ଗୋଲରେ ହରିୟାଣାକୁ ହରାଇ ଦେଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭାସ୍କର ଜ୍ୟୋତି ଶର୍ମା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀ, ଏସ୍‌ସିଆର୍‌ବି ନିର୍ଦ୍ଦେଶକ ସନ୍ତୋଷ ବାଲା, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା ବିଭାଗ) ଅରୁଣ ବୋଥ୍ରା ଏବଂ ଖୋର୍ଦ୍ଧା ଏସ୍‌ପି ସାଗରିକା ନାଥ ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ଦୟାଲ ଗଙ୍ଗୱାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ସଶସ୍ତ୍ର) ତଥା ଆୟୋଜନ କମିଟିର ଉପାଧ୍ୟକ୍ଷ ରାଜେଶ କୁମାର, ଆଇଜି ( ତାଲିମ) ତଥା ଆୟୋଜନ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରମୁଖ ବିଭିନ୍ନ ମ୍ୟାଚଗୁଡିକରେ ଅତିଥି ଭାବେ ଅଂଶ ଗ୍ରହଣ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଲିଗ୍ କମ୍ ନକ୍‌ଆଉଟ ଫର୍ମାଟରେ ଖେଳାଯିବାକୁ ଥିବା ଏହି ଟୁର୍ନାମେଣ୍ଟରେ ବିଭିନ୍ନ ରାଜ୍ୟ ପୋଲିସ ଓ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବାହିନୀ ଦଳ ଅଂଶଗ୍ରହଣ କରିଛନ୍ତି। ୯ଟି ମହିଳା ଓ ୨୬ଟି ପୁରୁଷ ଦଳ ଏହି ଚାମ୍ପିୟନଶିପରେ ଭାଗ ନେଉଛନ୍ତି।

# ଚାମ୍ପିୟନ ଦଳକୁ ମିଳିବ ୨ଲକ୍ଷ

**କଳାହାଣ୍ଡି କପ୍ କ୍ରିକେଟ**

**ଭୁବନେଶ୍ୱର, ୮।୪ (ବିଜୟ ରଣା)**

ଓଡ଼ିଶା କ୍ରିକେଟ ଆନୁକୂଲ୍ୟରେ ପ୍ରତିବର୍ଷ ଆୟୋଜିତ ହୋଇ ଆସୁଥିବା ସିନିୟର ପୁରୁଷ ଆନ୍ତଃଜିଲା କଳାହାଣ୍ଡି କପ୍ କ୍ରିକେଟ ଟୁର୍ନାମେଣ୍ଟର ଚାମ୍ପିୟନ ଓ ରନର ଅପ୍ ଦଳ ପାଇଁ ପୁରସ୍କାର ରାଶି ଘୋଷଣା କରାଯାଇଛି। ଚାମ୍ପିୟନ ଦଳକୁ ୨ ଲକ୍ଷ ଏବଂ ରନରଅପ୍ ଦଳକୁ ୧ଲକ୍ଷ ଟଙ୍କା ମିଳିବ। ରବିବାର କଟକ ବାରବାଟୀ ଷ୍ଟାଡିୟମରେ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ କଟକ 'ଏ' ଓ ସୁନ୍ଦରଗଡ଼ ମଧ୍ୟରେ ହେବ। ଏହାର ଅପରାହ୍ନ ୧ଟା ୩୦ରୁ ଆରମ୍ଭ ହେବ। ଉଦ୍‌ଯାପନୀ ଉତ୍ସବ ରାତି ୮ଟାରେ ଅନୁଷ୍ଠିତ ହେବ।

# ପଟିଦାରଙ୍କୁ ୧୨ ଲକ୍ଷ ଜରିମାନା

**ମୁମ୍ବାଇ, ୮।୪ (ପି.ଟି.)**

ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଗୋଟିଏ ସ୍ଲୋ ଓଭର ରେଟ୍ ପାଇଁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଅଧିନାୟକ ରଜତ ପଟିଦାରଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଛି। ଏଠାରେ ସୋମବାର ଅନୁଷ୍ଠିତ ଏହି ମ୍ୟାଚରେ ଆର୍‌ସିବି ୧୨ ରନରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି। ମ୍ୟାଚରେ ପଟିଦାର ୩୨ ବଲ୍‌ରୁ ୬୪ରନ କରିବା ଦ୍ୱାରା ତାଙ୍କ ଦଳର ସ୍କୋର ୨୨୧/୫ରେ ପହଞ୍ଚି ପାରିଥିଲା। ପରେ ଏହି ଦଳ ମୁମ୍ବାଇ ଇଣ୍ଡିଆନ୍ସକୁ ୨୦୯/୯ରେ ସୀମିତ କରି ଦେଇଥିଲା। ଆଇପିଏଲ୍ ଆଚରଣ ସଂହିତାର ଧାରା ୨.୨ ଅଧୀନରେ ଚଳିତ ସିଜନରେ ତାଙ୍କ ଦଳର ଏହା ହେଉଛି ପ୍ରଥମ ଅପରାଧ। ସର୍ବନିମ୍ନ ଅପରାଧ ପାଇଁ ପଟିଦାରଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଥିବା ଆଇପିଏଲ୍ ମିଡିଆ କହିଛି। ବେଙ୍ଗାଲୁରୁ ବର୍ତ୍ତମାନ ୬ ପଏଣ୍ଟ ସହ ବର୍ତ୍ତମାନ ଟେବୁଲରେ ତୃତୀୟ ସ୍ଥାନରେ ରହିଛି। ଦଳ ବର୍ତ୍ତମାନ ଏହାର ଘରୋଇ ଗ୍ରାଉଣ୍ଡରେ ଚଳିତ ସିଜନରେ ତା'ର ୫ମ ମ୍ୟାଚ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳିବ। ଏହି ମ୍ୟାଚ ଏପ୍ରିଲ ୧୦ରେ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳାଯିବ।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ